76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ସୀମାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୩୦୬ ● କଟକ ● ଶୁକ୍ରବାର ● ୨୩ ଜୁନ୍-୨୦୨୩ ● କର୍କଟ ୦୭ ● ସାଲ୍ ୧୪୩୦

CUTTACK ● FRIDAY ● 23 JUNE-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

# ହ୍ୱାଇଟ୍ ହାଉସ୍‌ରେ ପ୍ରଧାନମନ୍ତ୍ରୀଙ୍କୁ ଐତିହାସିକ ସ୍ୱାଗତ ସମ୍ବର୍ଦ୍ଧନା



ନୂଆଦିଲ୍ଲୀ: ଆମେରିକାକୁ ପ୍ରଥମଥର ରାଷ୍ଟ୍ରୀୟ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହ୍ୱାଇଟ ହାଉସରେ ଭବ୍ୟ ସ୍ୱାଗତ କରିଛନ୍ତି ରାଷ୍ଟ୍ରପତି ଜୋ ବାଇଡେନ ଓ ପ୍ରଥମ ମହିଳା ଜିଲ ବାଇଡେନ। ଦୁଇ ଦେଶର ଜାତୀୟ ସଂଗୀତ ସହ ୧୯ ତୋପ ସଲାମୀ ଦ୍ୱାରା ମୋଦିଙ୍କୁ ହ୍ୱାଇଟ ହାଉସରେ ସ୍ୱାଗତ କରାଯାଇଛି। ସ୍ୱାଗତ ସମ୍ବର୍ଦ୍ଧନା ପରେ ଦୁଇ ଦେଶର ରାଷ୍ଟ୍ର ମୁଖ୍ୟ ହ୍ୱାଇଟ ହାଉସ ଲନ୍‌ରେ ଉପସ୍ଥିତ ଥିବା ଭାରତୀୟ ବଂଶୋଭ ଆମେରିକୀୟଙ୍କୁ ସମ୍ବୋଧନ କରିଛନ୍ତି। ପରସ୍ପରର ପ୍ରଶଂସା କରିଛନ୍ତି। ଆଜି ହ୍ୱାଇଟ ହାଉସରେ ମୋଦି ଓ ବାଇଡେନ ଦୁଇ ପାକ୍ଷିକ ଆଲୋଚନା କରିବେ। ସେହିପରି ଭାରତୀୟ ସମୟ ରାତି ୧୨.୩୦ରେ ମୋଦି ଆମେରିକା ସଂସଦର ଯୁଗ୍ମ ଅଧିବେଶନକୁ ସମ୍ବୋଧନ କରିବେ। ହ୍ୱାଇଟ ହାଉସ୍‌ରେ ମୋଦିଙ୍କୁ ସ୍ୱାଗତ କରି ବାଇଡେନ କହିଛନ୍ତି, "ଆମେ ଏକାଠି ଅନେକ ସମୟ ବିତାଇଛୁ। ମୁଁ ଉପ ରାଷ୍ଟ୍ରପତି ଥିବା ସମୟରୁ ଆମର ସମ୍ପର୍କ ରହିଛି। ମୁଁ ରାଷ୍ଟ୍ରପତି ହେବା ପରେ ଆମେ ବିଶ୍ୱାସର ସମ୍ପର୍କକୁ ମଜବୁତ କରିଛୁ। ବିଶ୍ୱର ବର୍ତ୍ତମାନ ସ୍ଥିତି ଯାହା ଭାରତ-ଆମେରିକା ଏକାଠି କାମ କରିବା ଜରୁରୀ। ଗରିବୀ ଦୂରିକରଣ, ଜଳ ବାୟୁ ପରିବର୍ତ୍ତନର ସମାଧାନ, ସ୍ୱାସ୍ଥ୍ୟସେବାର ବିସ୍ତାର, ଖାଦ୍ୟ ସୁରକ୍ଷାର ସମାଧାନ ଦିଗରରେ ଭାରତ-ଆମେରିକା କାର୍ଯ୍ୟ କରୁଛନ୍ତି। ସବୁ କିଛି ଆମେରିକା, ଭାରତ ପାଇଁ ଓ ବିଶ୍ୱ ପାଇଁ। ଆମେ ଆଜି ଯେଉଁ ନିଷ୍ପତ୍ତି ନେଉଛୁ, ତା'ର ପ୍ରଭାବ ଭବିଷ୍ୟତରେ ପଡ଼ିବ। ହ୍ୱାଇଟ ହାଉସକୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପୁଣିଥରେ ସ୍ୱାଗତ।" ମୋଦି ମଧ ତାଙ୍କ ସମ୍ବୋଧନରେ ଭବ୍ୟ ସ୍ୱାଗତ ପାଇଁ ରାଷ୍ଟ୍ରପତି ବାଇଡେନ ଓ ତାଙ୍କ ପତ୍ନୀ ଜିଲ୍ ବାଇଡେନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଆଜି ହ୍ୱାଇଟ ହାଉସରେ ଯେଉଁ ଭଳି ସ୍ୱାଗତ ମିଳିଲା, ତାହା ୧୪୦ କୋଟି ଭାରତୀୟଙ୍କ ପାଇଁ ସମ୍ମାନର ବିଷୟ। ୩ ଦଶନ୍ଧି ତଳେ ଜଣେ ସାଧାରଣ ଲୋକ ଭାବେ ମୁଁ ଆମେରିକାକୁ ଆସିଥିଲି। ସେତେବେଳେ ମୁଁ ବାହାରେ ଛିଡ଼ା ହୋଇ ହ୍ୱାଇଟ ହାଉସକୁ ଦେଖିଥିଲି। ମୁଁ ପ୍ରଧାନମନ୍ତ୍ରୀ ହେବା ପରେ ଅନେକ ଥର ହ୍ୱାଇଟ ହାଉସକୁ ଆସିଛି। ହେଲେ ପ୍ରଥମଥର ପାଇଁ ହ୍ୱାଇଟ ହାଉସର ଦ୍ୱାର ଏତେ ସଂଖ୍ୟକ ଭାରତୀୟ ବଂଶୋଭବ ଆମେରିକୀୟଙ୍କ ପାଇଁ ଖୋଲା ଯାଇଛି। ଏଥିପାଇଁ ରାଷ୍ଟ୍ରପତି ବାଇଡେନ ଓ ଜିଲ୍ ବାଇଡେନଙ୍କୁ ଧନ୍ୟବାଦ। ସ୍ୱାଗତ ପାଇଁ ହୃଦୟରୁ ଧନ୍ୟବାଦ। ରାଷ୍ଟ୍ରପତି ବାଇଡେନଙ୍କୁ ବନ୍ଧୁତା ପାଇଁ ଧନ୍ୟବାଦ। ରାଷ୍ଟ୍ରପତି ବାଇଡେନ ଓ ମୁଁ ଆଉ କିଛି ସମୟ ପରେ ଭାରତ-ଆମେରିକା ସମ୍ପର୍କ ଉପରେ ବିସ୍ତୃତ ଭାବେ ଚର୍ଚ୍ଚା କରିବୁ। ମୋର ବିଶ୍ୱାସ ସବୁଥର ଭଳି ଏଥର ମଧ ଆମର ଆଲୋଚନା ସକାରାତ୍ମକ ଓ ଉପଯୋଗୀ ରହିବ।

## ଝାରସୁଗୁଡାରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା

ଝାରସୁଗୁଡା: ଆଜିଠାରୁ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କ ଦୁଇଦିନିଆ ଓଡିଶା ଗସ୍ତ ଆରମ୍ଭ ହୋଇଛିଷ ଆଜି ଅପରାହ୍ନ ସାଢେ ୪ଟା ବେଳେ ଶ୍ରୀ ନଡ୍ଡା ଏକ ସ୍ୱତନ୍ତ୍ର ବିମାନ



ଯୋଗେ ଝାରସୁଗୁଡା ବିମାନ ବନ୍ଦରରେ ଅବତରଣ କରିଛନ୍ତି । ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଓଡିଶା ପ୍ରଭାରୀ ଡି ପୁରନ୍ଦେଶ୍ୱରୀ, ସାଂସଦ ସୁରେଶ ପୂଜାରୀ ପ୍ରମୁଖ ସ୍ୱାଗତ କରିଛନ୍ତି । ବିମାନବନ୍ଦରରୁ ପଣ୍ଡ୍ରି ପଥରସ୍ଥିତ ଜିଲ୍ଲା ବିଜେପିର ନୂତନ କାର୍ଯ୍ୟାଳୟ ଯିବା ବାଟରେ କିସାନ ଛକଠାରେ ଦଳୀୟ କର୍ମକର୍ତ୍ତା ଶ୍ରୀ ନଡ୍ଡାଙ୍କୁ ସ୍ୱାଗତ କରିଛନ୍ତି । ନୂତନ ଜିଲ୍ଲା କାର୍ଯ୍ୟାଳୟ ଉଦଘାଟନ ପରେ ଏଠାରେ ବରଗଡ଼ ଲୋକସଭାସ୍ତରୀୟ ନେତାଙ୍କୁ ନେଇ ଆଲୋଚନା କରିବେ ଶ୍ରୀ ନଡ୍ଡା । ଏହାପରେ ସଡ଼କ ପଥରେ ବୁର୍ଲା ଅଭିମୁଖେ ବାହାରିଯିବେ ।

# ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ମିଳିତ ଅଭିଯାନ କରିବେ ଭାରତ-ଆମେରିକା

ୱାଶିଂଟନ : ଭାରତ-ଆମେରିକା ୨୦୨୪ ପାଇଁ ମିଳିତ ମହାକାଶଚାରୀ ମିଶନ ଘୋଷଣା କରିଛି। ହ୍ୱାଇଟ ହାଉସ ଗୁରୁବାର କହିଛି ଯେ ଆର୍ଟେମିସ ଚୁକ୍ତିରେ ଯୋଗଦେବାକୁ ଭାରତ ନିଷ୍ପତ୍ତି ନେଇଛି ଏବଂ ଆମେରିକାର ସ୍ପେସ ଏଜେନ୍ସି (ନାସା) ଏବଂ ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ) ୨୦୨୪ରେ ଇଣ୍ଟରନ୍ୟାଶନାଲ ସ୍ପେସ ଷ୍ଟେଶନ(ଆଇଏସଏସ) ପାଇଁ ଏକ ମିଳିତ ମିଶନ ପଠାଇବାକୁ ରାଜି ହୋଇଛନ୍ତି। ଆର୍ଟେମିସ ଚୁକ୍ତିନାମା ହେଉଛି ନିୟମର ଏକ ସମୂହ, ଯାହା ଦେଶ ଅନୁସନ୍ଧାନ ଏବଂ ବ୍ୟବହାର କରିବା ସମୟରେ ଅନୁସରଣ କରେ। ଏହି ନିୟମ ପୁରାତନ ଚୁକ୍ତି ଉପରେ ଆଧାରିତ, ଯେଉଁଥିରେ ବାହ୍ୟ ସ୍ପେସ ଚୁକ୍ତି ୧୯୬୭(ଓଏସ୍ଟି)କୁହାଯାଏ। ଏହା ଏକ ରୋଡମ୍ୟାପ ପରି ଯାହା ଦେଶଗୁଡ଼ିକୁ ମହାକାଶ ପ୍ରକଳ୍ପରେ ଏକାଠି କାମ କରିବାରେ ସାହାଯ୍ୟ କରେ। ଆର୍ଟେମିସ ଚୁକ୍ତିନାମାକୁ ଆମେରିକା ନେତୃତ୍ୱ ନେଇଛି। ଆମେରିକାର ସ୍ପେସ ଏଜେନ୍ସି ନାସା ୨୦୨୫ ସୁଦ୍ଧା ଲୋକଙ୍କୁ ପୁନର୍ବାର ଚନ୍ଦ୍ରକୁ ଯିବାକୁ ସାହାଯ୍ୟ କରିବାକୁ ଚାହୁଁଛି। ଭବିଷ୍ୟତରେ ମଙ୍ଗଳ ଭଳି ମହାକାଶରେ ଅନ୍ୟାନ୍ୟ ସ୍ଥାନ ଅନୁସନ୍ଧାନ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏପର୍ଯ୍ୟନ୍ତ ୨୫ଟି ଦେଶ ଆର୍ଟେମିସ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ସେ କହିଛନ୍ତି ଯେ ଏହି ଚୁକ୍ତିନାମା ସ୍ୱାକ୍ଷର କରିବାରେ ଭାରତ ୨୬ତମ ଦେଶ ହୋଇପାରେ।



ଇସ୍ରୋ ଏବଂ ନାସା ଏ ପର୍ଯ୍ୟନ୍ତ ୧.୫ ବିଲିୟନ ଡଲାର ମୂଲ୍ୟର ନିସାର ଉପଗ୍ରହ ପ୍ରକଳ୍ପରେ ଏକାଠି କାମ କରିଛନ୍ତ। ନିସାର ହେଉଛି ବିଶ୍ୱର ସବୁଠାରୁ ମହଙ୍ଗା ଆର୍ଥ ଅବଜରଭେଶନ ସାଟେଲାଇଟ ପୋଗ୍ରାମ। ଆସନ୍ତା ବର୍ଷ ଏହାର ଶୁଭାରମ୍ଭ ପରେ ଏହା ପୃଥିବୀର ପରିବର୍ତ୍ତିତ ଇକୋସିଷ୍ଟମ, ଗତିଶୀଳ ବୃଦ୍ଧି ଏବଂ ବରଫ ପର୍ବତଗୁଡ଼ିକର ତରଳିବା ଉପରେ ନଜର ରଖିବ। ଏଥି ସହିତ ନାସା ଭାରତର ଚନ୍ଦ୍ରଯାନ -୧ରୁ ନିଜର ଉପକରଣ ଚନ୍ଦ୍ରକୁ ପଠାଇଥିଲା। ଯାହା ପ୍ରଥମ ଥର ପାଇଁ ଚନ୍ଦ୍ରରେ ଜଳର ପ୍ରମାଣ ଖୋଜିଥିଲା।

## ପୂର୍ବତନ ଡିଏସ୍‌ଡବ୍ଲ୍ୟୁଓ ଜୟନ୍ତୀ ବେହେରାଙ୍କ ଘରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର: ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭଦ୍ରକର ପୂର୍ବତନ ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରାଙ୍କ ୧୧ଟି ସ୍ଥାନରେ ଭିଜିଲାନ୍ସ ଏକକାଳୀନ ଚଢ଼ଉ କରୁଛି । ସୂଚନା ଅନୁସାରେ ଭଦ୍ରକ ଫିରିଙ୍ଗପାଟଣାରେ ଥିବା ଜୟନ୍ତୀ ବେହେରାଙ୍କ ୩ ମହଲା ବିଶିଷ୍ଟ ବାସଭବନ, ବାଲେଶ୍ୱର ସିଦ୍ଧେଶ୍ୱର କଲୋନିରେ ୩ ମହଲା ଓ ଦୁଇ ମହଲା ବିଶିଷ୍ଟ ଘର, ଭୁବନେଶ୍ୱର ଗୌତମ ନଗର ଅଞ୍ଚଳରେ ଫ୍ଲାଟ୍, ଓଲଡ ଟାଉନ ଅଞ୍ଚଳରେ ଥିବା ଫ୍ଲାଟରେ ଚଢ଼ଉ ଚାଲିଛି ।

# ଆଡ଼ପ ମଣ୍ଡପକୁ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି







## ଆଜି ମିଳିବ ଆଡ଼ପ ଅବଢା

ପୁରୀ : ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ଚତୁର୍ଦ୍ଧାମୂର୍ତି ନବଦିନାତ୍ମକ ଯାତ୍ରାରେ ବାହାରିବାର ତୃତୀୟ ଦିନରେ ଚତୁର୍ଦ୍ଧାମୂର୍ତିଙ୍କ ଆଡ଼ପ ମଣ୍ଡପ ବିଜେ କରିଛନ୍ତି । ମହାପ୍ରଭୁ ଇନ୍ଦ୍ର ପୁଷ୍ପ ବୃଷ୍ଟି କରି ଝିପିଝିପି ବର୍ଷା ସହ ଭକ୍ତମାନେ ପହଣ୍ଡି ବିଜେ ଦର୍ଶନ କରୁଥିଲେ । ପ୍ରଥମେ ଶ୍ରୀସୁଦର୍ଶନ ମହାପ୍ରଭୁ ଗୋଟି ପହଣ୍ଡିରେ ଜନ୍ମବେଦି ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ପରେ ପରେ ପ୍ରଭୁ ବଳଭଦ୍ର ,ଦେବୀ ସୁଭଦ୍ରା ଓ ଶେଷରେ କାଳିଆ ଠାକୁର ଧିରେ ଧିରେ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିଥିଲେ । କାଳିଆର ପହଣ୍ଡି ସମୟରେ ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳିରେ ଶରଧାବାଲି ପରିସର ପ୍ରକମ୍ପିତ ହୋଇଥିଲା । ବିଜେ କାହାଳୀ, ଘଂଟ ଘଂଟା ବାଜିବା ପରେ ମହାପ୍ରଭୁଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ଟାହିଆ ଲଗାଇ ଝୁଲି ଝୁଲି ଯାଉଥିବା ବେଳେ ଅତି ଆକର୍ଷଣୀୟ ଦେଖା ଯାଉଥିଲେ। ଦୁଇ ଭାଇ ଜଗାବଳିଆ । ଝିପି ଝିପି ବର୍ଷା ସ୍ୱତେ ହଜାର ହଜାର ଭକ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଏକତ୍ରିତ ହୋଇଥିଲେ । ଦୁଇ ହାତ ଟେକି ଭକ୍ତମାନେ ଜୟ ଜଗନ୍ନାଥ କହୁଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୫ଟା ୩୦ରୁ ପହଣ୍ଡି ଆରମ୍ଭ ହୋଇଥିଲା । ଗୋଟି ପହଣ୍ଡି ହୋଇଥିବାରୁ ଜଣେ ଠାକୁର ଆଡ଼ପ ମଣ୍ଡପରେ ବିଜେ କରିବା ପରେ ଆଉ ଜଣେ ଠାକୁର ପ୍ରବେଶ କରିଥିଲେ। ଶୁକ୍ରବାର ଶ୍ରୀଗୁଣ୍ଡିଚା ମନ୍ଦିର ଆନନ୍ଦବଜାରରେ ଆଡ଼ପ ଅବଢା ଭକ୍ତ ପ୍ରାପ୍ତ ହେବେ। ଏହି ଆଡ଼ପ ଅବଢା ଭକ୍ତ ପାଇବା ଓ ବ୍ରାହ୍ମଣ ଦାନ କଲେ ମହାପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଶରଧାବାଲି ଚାରିପଟେ ବିଭିନ୍ନ ପ୍ରକାର ଷ୍ଟଲ ସହ ଦୀପ ଦେକାନ, ଖେଳଣା ଦୋକାନ ଓ ଖାଦ୍ୟ ପସରା ପଡ଼ିଥିବା ଦେଖିବାକୁ ମିଳିଥିଲା । ମେଡ଼ିକାଲ ଛକରୁ ପୋଲିସ ଠିଆ ହୋଇ ଗାଡ଼ିମଟର ଚଳାଚଳରେ କଟକଣା କରିଛି । ଭାବବିନୋଦିଆ କାଳିଆ ଠାକୁରଙ୍କ ଭାବରେ ବୁଡ଼ି ଭାବବିହ୍ୱଳ ହୋଇଛନ୍ତି ଭକ୍ତ। ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଦର୍ଶନ ସହ ଆଖିରେ ଆଖି ମିଶାଇବା ପାଇଁ ଭକ୍ତଙ୍କ ମଧ୍ୟରେ ବ୍ୟାକୁଳତା ଦେଖିବାକୁ ମିଳିଥିଲା। ପୋଲିସ ପକ୍ଷରୁ ରଥାରୁଢ ଚତୁର୍ଦ୍ଧାମୂର୍ତିଙ୍କ ଚାରିପଟେ ବ୍ୟାରିକେଡ଼ କରାଯାଇ ଶୃଙ୍ଖଳିତ ଭାବରେ ଭକ୍ତମାନଙ୍କୁ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

## ବାହାନଗା ହାଇସ୍କୁଲର ପୁନଃନିର୍ମାଣ ହେବ

ଭୁବନେଶ୍ୱର: ବାଲେଶ୍ୱର ଜିଲ୍ଲାର ବାହାନଗା ହାଇସ୍କୁଲର ୫ଟି ଉପକ୍ରମରେ ପୁନଃନିର୍ମାଣ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଦୁଇ କୋଟି ୪୯ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ଅର୍ଥ ମଞ୍ଜୁର କରାଯାଇଛି । ସୂଚନାଯୋଗ୍ୟ ଯେ ଗତ ୨ ତାରିଖରେ ବାହାନଗା ରେଳଷ୍ଟେସନଠାରେ ସଂଗଠିତ ଭୟାବହ ରେଳ ଦୁର୍ଘଟଣା ପରବର୍ତ୍ତୀ ସମୟରେ ଜନସାଧାରଣ ଓ ବାହାନଗା ହାଇସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀମାନେ ଉଦ୍ଧାର ଓ ସେବା କାର୍ଯ୍ୟରେ ଯୋଗ ଦେଇଥିଲେ । ସେମାନଙ୍କୁ ଉତ୍ସାହିତ କରିବା ପାଇଁ ବାହାନଗା ହାଇସ୍କୁଲକୁ ୫-ଟି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

## ଯନ୍ତ୍ରୀଙ୍କୁ ଘୁଷୁରୀ ହାଡ଼ର ମାଳ ପିନ୍ଧାଇବାକୁ ପୂର୍ତ୍ତ ବିଭାଗ ଅଫିସ୍‌ରେ ପଶିଲେ ପୂର୍ବତନ ସାଂସଦ

ବାରିପଦା: ବିଭିନ୍ନ ଦୁର୍ନୀତି ପ୍ରସଙ୍ଗକୁ ନେଇ ପୂର୍ତ୍ତ ବିଭାଗ ଅଫିସ୍‌ରେ ଯନ୍ତ୍ରୀଙ୍କୁ ପିନ୍ଧାଇବାକୁ ଘୁଷୁରୀ ହାଡ଼ର ମାଳ ଧରି ପହଞ୍ଚିଲେ ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ। ତାଙ୍କ ରାଗ ଦେଖି ଗାଡ଼ିରେ ଆସୁଥିବା ଯନ୍ତ୍ରୀ ଛାନିଆ ହୋଇ ଅଫିସ୍ ଗେଟ୍ ଆଗରୁ ପଳାଇଥିବା ବେଳେ ମୁଖ୍ୟ କିରାଣୀ ଝାଳନାଳ ହୋଇଛନ୍ତି। ବାରିପଦା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଏହି ଘଟଣା ଦେଖିବାକୁ ମିଳିଥିଲା। ସେ ପରମ୍ପରିକ ବେଶ ପୋଷାକରେ ଥିଲେ। ହାତରେ ଏକ ରୁଲ୍‌ବାଡ଼ି ମଧ ଧରିଥିଲେ। ସାଙ୍ଗରେ ଥିବା ତାଙ୍କ ସହଯୋଗୀମାନେ ମଧ ଘୁଷୁରୀ ହାଡ଼ ମାଳ ନେଇ ଆସିଥିଲେ। ଶ୍ରୀ ଟୁଡୁ କାର୍ଯ୍ୟାଳୟରେ ପଶିବା ବେଳେ ରାଗରେ ତମତମ ହୋଇ ଜେଇଙ୍କୁ ଖୋଜିଥିଲେ। ନପାଇବାରୁ ମୁଖ୍ୟ କିରାଣୀଙ୍କୁ ଖୋଜିଥିଲେ। ଜେଇ କୁଆଡ଼େ ଗଲେ



ପଚାରିବା ସହ ତାଙ୍କୁ ଡାକିବାକୁ କହିଥିଲେ। ତାଙ୍କ ଫୋନ୍‌କୁ ଜେଇ କାଟିଦେବା ସହ ଏସ୍‌ଏମ୍‌ଏସ୍‌ର ଉତ୍ତର ଦେଉନଥିବା କିରାଣୀକୁ ଜଣାଇଥିଲେ। ତାଙ୍କର ଏଭଳି ରାଗ ଦେଖି ମୁଖ୍ୟ କିରାଣୀ ଚେୟାର ଛାଡ଼ି ଶ୍ରୀ ଟୁଡୁଙ୍କୁ ବସିବାକୁ କହିଥିଲେ ଓ ଜେଇଙ୍କୁ ଫୋନ୍ କରି ଅଫିସ୍‌ର ସ୍ଥିତି ଜଣାଇଥିଲେ। ସେପଟେ ବହୁ ସମୟ ଅପେକ୍ଷା କରିଥିଲେ ହେଁ ସ୍ଥିତି ଜାଣିବା ପରେ ଜେଇ ଅଫିସ୍ ଆସି ନ ଥିଲେ। ଜେଇ କେଉଁଠି କିରାଣୀ ମଧ ସ୍ପଷ୍ଟ କହିନଥିଲେ। ଶ୍ରୀ ଟୁଡୁ ରାଗରେ ତମତମ ହୋଇ ପ୍ରାୟ ଅଧ ଘଣ୍ଟା ଧରି କାର୍ଯ୍ୟାଳୟ ସମ୍ମୁଖରେ ଯନ୍ତ୍ରୀଙ୍କୁ ଅପେକ୍ଷା କରିଥିଲେ।

## ଆହାର କେନ୍ଦ୍ର ପରିଚାଳନା କମିଟିକୁ ୨୦ କୋଟି ମଞ୍ଜୁର

ଭୁବନେଶ୍ୱର: ରାଜ୍ୟର ବିଭିନ୍ନ ସ୍ଥାନରେ ଆହାର କେନ୍ଦ୍ର ପରିଚାଳନା ପାଇଁ ଗଠିତ ରାଜ୍ୟସ୍ତରୀୟ ଆହାର କମିଟିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ।ସୂଚନାଯୋଗ୍ୟ ଯେ ୨୦୧୫-୧୬ରୁ ୨୦୨୧-୨୨ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆହାର କାର୍ଯ୍ୟକ୍ରମ ପାଇଁ ୨୨୮.୭୬ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା ।ସହର ମାନଙ୍କରେ ହସ୍ ?ପିଟାଲ, ବସଷ୍ଟାଣ୍ଡ ଏବଂ ଅନ୍ୟାନ୍ୟ ଗହଳି ସ୍ଥାନରେ ଜରୁରୀ କାର୍ଯ୍ୟ ପାଇଁ ଯାଇଥିବା ଗରିବ ଲୋକମାନେ ଏହାଦ୍ୱାରା ମାତ୍ର ୫ ଟଙ୍କାରେ ସୁଷମ ଓ ସ୍ୱାସ୍ଥ୍ୟପ୍ରଦ ଆହାର ପାଇପାରୁଛନ୍ତି ।

## ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ

## ପ୍ରଜାତନ୍ତ୍ର ପାଠଚକ୍ର-୩୬୬

**ସମୟ : ୨୪।୬।୨୦୨୩ ଶନିବାର ସନ୍ଧ୍ୟା ୬ଟା**

**ସ୍ଥାନ : ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷ, ବିହାରୀବାଗ, କଟକ**

**ବିଷୟ : 'ବଳକା ବିଦ୍ୟୁତ ରାଜ୍ୟ' ବିଜୁଳି ବିଭ୍ରାଟ**

ସଭାପତି : ଶ୍ରୀଯୁକ୍ତ ଅରୁଣ କୁମାର ପଣ୍ଡା
ବରିଷ୍ଠ ସାମ୍ବାଦିକ

ସମ୍ମାନିତ ବକ୍ତା : ଶ୍ରୀଯୁକ୍ତ ପଞ୍ଚାନନ କାନୁନ୍‌ଗୋ
ପୂର୍ବତନ ମନ୍ତ୍ରୀ, ଓଡ଼ିଶା

: ଶ୍ରୀଯୁକ୍ତ ସୌମେନ୍ଦ୍ର କୁମାର ଘୋଷ
ଆଡଭୋକେଟ୍, ଓଡ଼ିଶା ହାଇକୋର୍ଟ
ପୂର୍ବତନ ମେୟର, ସିଏମସି

: ଶ୍ରୀଯୁକ୍ତ ସତ୍ୟବ୍ରତ ପଣ୍ଡା
ରାଜ୍ୟ ବିଜେପି ମୁଖପାତ୍ର

*ଆଗ୍ରହୀ ଶ୍ରୋତାଗଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ।*

ଆବାହକ :
ଡାକ୍ତର ରବିରଞ୍ଜନ ସାହୁ
ମୋ: ୯୪୩୭୩-୧୦୧୭୧
ଶ୍ରୀ ସନ୍ତୋଷ କୁମାର ପତି

// ନିବେଦକ //
ଶ୍ରୀ ଭର୍ତ୍ତୃହରି ମହତାବ
ଅଧ୍ୟକ୍ଷ

## ସମ୍ପାଦକୀୟ

ହିଂସା ବନାମ ଗଣତନ୍ତ୍ର

## ବାଟେଘାଟେ



ବିଜୁଳି ଶାସନ ଗଲାଣି ହୁଗୁଳି
ଚାଲିଛି ବିଜୁଳି କାଟ
ତଥାପି ଏବେଳେ କାମ କରୁନାହିଁ
ସଚିବ ବାବୁଙ୍କ ଛାଟ
ବସିଛି ଶୁଖୁଆ ହାଟ
ଏସି ଘରେ ରହି ବିଜୁଳି ମନ୍ତ୍ରୀ
ଛାଡ଼ନ୍ତି ରଡି କୁହାଟ
ନ ଦିଶଇ ବୁଦ୍ଧି ବାଟ
କମ୍ପାନୀ ପାଇଁ କି ଓକିଲାତି କରି
ଦେଖାଉ ଅଛନ୍ତି ଥାଟ
ବିରୋଧୀଦଳିଆ ହକ୍ କଥା କହି
ମାରି ନେବେ ସବୁ ଭୋଟ ।

-ରାହୀ

# ବିଜେଡ଼ି କେନ୍ଦ୍ରୀୟ ଯୋଜନାକୁ ହ୍ୟାକ୍ କରୁଛି :ବିଜେପି

ଭୁବନେଶ୍ୱର(ପିପିଏସ୍): ରାଜ୍ୟ ସରକାର ଓଡ଼ିଶାରେ ପୁଷ୍ଟି ଓ ସ୍ୱାସ୍ଥ୍ୟରେ ଉନ୍ନତି ପାଇ ଗତକାଲି "ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା"(ଏମଏସପିୱାଇ)କୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି । ଏହା ଘୋଷଣା ସର୍ବସ୍ୱ ରାଜ୍ୟ ସରକାରର ଆଉ ଏକ ଘୋଷଣା ବୋଲି ଜଣାପଡୁଛି । ରାଜ୍ୟ ସରକାର କେବଳ ଏହାର ନାଁ ବଦଳେଇ ଆଉ ଥରେ ଘୋଷଣା କରୁଛନ୍ତି । ତେବେ ପର ତିଅଣରେ ଅତିଥି ସତ୍କାର କରନ୍ତୁ ପଛେ ଯୋଜନାର ସଫଳ ରୂପାୟନ କରନ୍ତୁ । ଦୀର୍ଘ ୨୩ବର୍ଷ ସରକାରରେ ରହିବା ପରେ ଏବେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁଛି । ଯେଉଁ ସରକାର ମାଆମାନଙ୍କ ପାଇଁ ଉନ୍ନତି କାର୍ଯ୍ୟ କହି କେବଳ କୁମ୍ଭୀର କାନ୍ଦଣା କାନ୍ଦନ୍ତି ସେହି ସରକାରରେ ହେଉଥିବା ଯୋଜନାର ସୁଫଳ ଲୋକମାନଙ୍କୁ କେବେ ମିଳିବ, ତାହା ସମୟ କହିବ । ଏହି ଯୋଜନା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଏକ ଅଂଶ । କେନ୍ଦ୍ର ସରକାର ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟର ବିକାଶ ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ), ପୋଷଣ ଅଭିଯାନ, ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରି ଯୋଜନା କରିଛନ୍ତି ବୋଲି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରମ୍ବାର ଶିଶୁଙ୍କୁ ପୃଷ୍ଟିକର ଖାଦ୍ୟ, ମାଆମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଥରେ ନୁହେଁ ବାରମ୍ବାର ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପରେ ମୁଖ୍ୟମନ୍ତ୍ରୀଙ୍କର ଏବେ ଚେତା ପଶିଲା । ନେଡି ଗୁଡ କହୁଣୀକୁ ବୋହିବା, ସବୁଆଡୁ ସମାଲୋଚନାର ଶୀକାର ହେବା ପରେ ମୁଖ୍ୟମନ୍ତ୍ରୀ ଅନ୍ୟ କିଛି ବାଟ ନପାଇ ଗତକାଲି କ୍ୟାବିନେଟ୍‌ରେ ଏହି ଯୋଜନାକୁ ଅନୁମୋଦନ କରିଛନ୍ତି । ସବୁ ଯୋଜନା ଭଳି ମୁଖ୍ୟମନ୍ତ୍ରୀ ଏହି ଯୋଜନାର ରୂପରେଖ ସମ୍ପୂର୍ଣ୍ଣ ହେବ କି ନାହିଁ, ଏହା ସନ୍ଦେହଜନକ । ଏହାର ସୁଫଳ କେବେ ମିଳିବ, ଏହା ପ୍ରଶ୍ନବାଚୀ । ଯେତେବେଳେ ନିର୍ବାଚନ ପାଖେଇ ଆସୁଛି, ସେହି ସମୟରେ ଭୋଟ ବ୍ୟାଙ୍କ ପାଇଁ ଏପରି ମିଛ ଛଳନା କରୁଛନ୍ତି । ବିଭିନ୍ନ ଯୋଜନା କରି କେବଳ ନାଁକୁ ମାତ୍ର ପ୍ରହସନ କରୁଛନ୍ତି କିନ୍ତୁ ବାସ୍ତବରେ କାର୍ଯ୍ୟକାରିତା ଶୂନ ।

ବିଭିନ୍ନ ଗଣମାଧ୍ୟମ ଓ ସର୍ଭେ ସଂସ୍ଥା ତଥା ଏନଏଫଏଚଏସ ୫ ଅନୁଯାୟୀ ଓଡ଼ିଶାର ୧୯ପ୍ରତିଶତ ଶିଶୁ ଜନ୍ମବେଳେ କମ ଓଜନ ରହିଛି । ୩୧ପ୍ରତିଶତ ପୃଷ୍ଟିହୀନ ଯୋଗୁଁ ଷ୍ଟଂଟେଡ ଉଚ୍ଚତାର ଶୀକାର ହେଉଛନ୍ତି । ୧୮ପ୍ରତିଶତ ୱେଷ୍ଟେଡର ଶୀକାର ହେଉଛନ୍ତି ।

୬ପ୍ରତିଶତ ଗୁରୁତର ଭାବରେ ୱେଷ୍ଟେଡ ଓ ୬୪ପ୍ରତିଶତ ଶିଶୁ ରକ୍ତହୀନତାରେ ପୀଡିତ । ସେହିପରି ୬ମାସରୁ ୫୯ମାସର ୬୪.୨ପ୍ରତିଶତ ଶିଶୁ ଓ ୬୧.୮ପ୍ରତିଶତ ଗର୍ଭବତୀ ମହିଳା ରକ୍ତହୀନତାରେ ପୀଡିତ ଅଛନ୍ତି । ଓଡିଶାରେ ୨୧ପ୍ରତିଶତ ବାଳିକା ମଧ ନିର୍ଦ୍ଧାରିତ ଓଜନ ଅନୁସାରେ କମ ଓଜନର ରହିଛନ୍ତି । ଚିନ୍ତାର ବିଷୟ ୨୦୧୫-୧୬ରେ ୧୫ ରୁ ୧୯ବର୍ଷ ବୟସ ବର୍ଗର ବାଳିକାଙ୍କ ରକ୍ତହୀନତାର ଶିକାର ୫୧ପ୍ରତିଶତ ଥିବାବେଳେ ୨୦୨୦-୨୧ରେ ଏହାର ୬୪ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ।

ରାୟଗଡା, ନବରଙ୍ଗପୁର ଏବଂ ମାଲକାନଗିରିରେ ଅଧିକାଂଶ ଶିଶୁ ଷ୍ଟଂଟେଡ ଓ ୱେଷ୍ଟେଡର ଶୀକାର । ବହୁଳ ରକ୍ତହୀନତା ଓ କମ ଓଜନ ଯୋଗୁଁ ଓଡ଼ିଶାରେ ପ୍ରସୂତି ଓ ଶିଶୁ ମୃତ୍ୟୁ ମଧ ଚିନ୍ତାଜନକ । ମାତୃ ମୃତ୍ୟୁ ହାର ୧୧୯, ନବଜାତକ ମୃତ୍ୟୁ ହାର ୨୭, ଶିଶୁ ମୃତ୍ୟୁହାର ୩୬.୩, ୫ବର୍ଷରୁ କମ ଶିଶୁ ମୃତ୍ୟୁହାର ୪୧ସହ ଓଡ଼ିଶା ଦେଶରେ ପଛୁଆ ରାଜ୍ୟମାନଙ୍କ ମଧ୍ୟରୁ ଅନ୍ୟତମ । ୨୦୧୬-୧୭ ରୁ ୨୦୨୧-୨୨ରେ ୯୨,୯୨୪ଜଣ ପାଂଚ ବର୍ଷରୁ କମ ଶିଶୁ ମୃତ୍ୟୁବରଣ କରିଛନ୍ତି, ୨୦୨୧-୨୨ରେ ଖାଲି ୧୪,୨୨୮ଶିଶୁମୃତ୍ୟୁ ହୋଇଛି । ଆମର ଭବିଷ୍ୟତ ସନ୍ତାନ ଏବଂ ମାମାନେ ଯାହା ଆଶା କରୁଛୁ ତାହା ଠାରୁ ଯେଉଁ ଉନ୍ନତି ହୋଇଛି ତାହା ଏପର୍ଯ୍ୟନ୍ତ ବହୁତ ଦୂରରେ ଅଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ନିକଟରେ ଭାରତ ସରକାରଙ୍କ ଖାଦ୍ୟ ସୁରକ୍ଷା ସୂଚନାଙ୍କ ରିପୋର୍ଟରେ ପ୍ରକାଶିତ ହୋଇଛି ଯେ, ଓଡିଶା ୧୦୦ରୁ ୨୯ମାର୍କ ସ୍କୋର କରି ୧୫ନଂ ସ୍ଥାନ ରଖିଛି, ଯାହାକି ଚିନ୍ତାର ବିଷୟ । ତେଣୁ ରାଜ୍ୟ ସରକାର ଘୋଷଣା ସର୍ବସ୍ୱ ନହୋଇ କେନ୍ଦ୍ର ସରକାରଙ୍କ ସହଯୋଗରେ ଶିଶୁ ଓ ମହିଳାଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ ଓ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରିବା ପାଇଁ ହେଉଥିବା ଯୋଜନାକୁ ସଠିକ କ୍ରିୟାନ୍ୱୟନା ଦାୟିତ୍ୱ ନେବା ଆବଶ୍ୟକ । ତତ୍‌ସହିତ ରାଜ୍ୟ ସରକାର ରାଜନୀତି ନକରି ଯୋଜନାର ସଠିକ କ୍ରିୟାନ୍ୱୟନ କରନ୍ତୁ । ମିଶନଶକ୍ତିର ଘୋଷଣା ପରି ଏହି ଯୋଜନାରେ ବ୍ୟୟବରାଦ କରିଥିବା ଅର୍ଥକୁ ଭୋଟ ବ୍ୟାଙ୍କର ଆକାର ନଦିଅନ୍ତୁ । ଆଜି ଜନ୍ମ ହେଉଥିବା ଶିଶୁଙ୍କୁ ନେଇ ଦେଶ ଅମୃତ ମହୋତ୍ସବ ପାଳନ କରୁଥିବ । ଶିଶୁଟି ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବା ସମୟରେ ସେ ୨୫ବର୍ଷର ଯୁବକ ହୋଇଥିବ । ସେହି ପିଲାର ଦୃଢ଼ ଇଚ୍ଛାଶକ୍ତି ବଳରେ ଓଡ଼ିଶା ପରିବର୍ତ୍ତନର ବଡ ଭରସା ହେବ ।




# ଜାତିସଂଘ ଲୋକସେବା ଦିବସ

ସାରା ବିଶ୍ୱରେ ୨୩ ଜୁନ୍‌କୁ ସଂଯୁକ୍ତ ରାଷ୍ଟ୍ର ଲୋକସେବା ଦିବସ ଭାବେ ପାଳନ କରାଯାଏ । ୨୦୦୨ରେ ସଂଯୁକ୍ତ ରାଷ୍ଟ୍ର ମହାସଭା ୨୦ଜୁନ୍‌କୁ ସଂଯୁକ୍ତ ରାଷ୍ଟ୍ର ଲୋକସଭା ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଥିଲେ। ଏହି ଦିନଟିରେ ସେହି ଲୋକମାନଙ୍କୁ ସମ୍ମାନିତ କରାଯାଏ, ଯେଉଁମାନେ ମାନବ ସେବାର ଭାର ଦ୍ୱୀକାର କରନ୍ତି ଏବଂ ଲୋକଙ୍କ ପାଇଁ ସେବା ସଂସ୍ଥାମାନଙ୍କରେ ଉତ୍କୃଷ୍ଟ ପ୍ରଦର୍ଶନ କରିବା ସହ ଭିନ୍ନକ୍ଷମଙ୍କ ପାଇଁ ଅଙ୍ଗଦାନ କରିଥାନ୍ତି। ପ୍ରତିବର୍ଷ ଏହି ଦିନରେ ସଂଯୁକ୍ତ ରାଷ୍ଟ୍ର ଜନସେବା ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥାଏ। ସଂଯୁକ୍ତ ରାଷ୍ଟ୍ର ପ୍ରତିବର୍ଷ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଉତ୍କୃଷ୍ଟ କାର୍ଯ୍ୟ କରୁଥିବା ସଂସ୍ଥାଗୁଡିକୁ ଏହି ପୁରସ୍କାରରେ ସମ୍ମାନିତ କରିଥାଏ।




# ଚିକେନ ମୋମୋ

ଆବଶ୍ୟକ ସାମଗ୍ରୀ: ମଇଦା, ଲୁଣ, ବୋନ୍ ଲେସ ଚିକେନ, କଟା ଅଦା, କଟା ରସୁଣ, କଟା କଞ୍ଚା ଲଙ୍କା ,କଟା ପିଆଜ ଓ କ୍ୟାପସିକମ୍, ସୟା ସସ୍, ଟମାଟୋ ସସ୍, ଚିଲି ସସ୍ , ଗୋଲମରିଚ ଗୁଣ୍ଡ ଓ ଭିନେଗାର ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କିଛି ମଇଦା ନିଅନ୍ତୁ। ସେଥିରେ ଅଳ୍ପ ତେଲ ଓ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ସେଥିରେ ପାଣି ମିଶାଇ ଚକଟି ଦିଅନ୍ତୁ। ଚକଟି ସାରିବା ପରେ ତା' ଉପରେ ଅଳ୍ପ ରିଫାଇନ ତେଲ ପକାଇ ଢାଙ୍କି ଦିଅନ୍ତୁ। ଏହା କରିବା ଦ୍ୱାରା ମଇଦାଟି ସଫ୍ଟ ହେବ । ଏହାପରେ ବଜାରରୁ ଆଣି ରଖିଥିବା ବୋନ୍ ଲେସ ଚିକେନକୁ ଧୋଇ ତାକୁ ଗ୍ରାଇଣ୍ଡି କରି ଦିଅନ୍ତୁ। ତାକୁ ଏକ ପାତ୍ରରେ ରଖନ୍ତୁ। ପରେ ମୋମୋ ପାଇଁ ମସଲା ପ୍ରସ୍ତୁତ କରନ୍ତୁ। କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲେ ସେଥିରେ କଟା ଅଦା, କଟା ରସୁଣ, କଟା କଞ୍ଚା ଲଙ୍କା ,କଟା ପିଆଜ ଓ କ୍ୟାପସିକମ୍ ପକାଇ କିଛି ସମୟ ପର୍ଯ୍ୟନ୍ତ ଭାଜନ୍ତୁ। ପରେ ସେଥିରେ ଗ୍ରାଇଣ୍ଡି କରି ରଖିଥିବା ଚିକେନ ପକାଇ ଦିଅନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ସୟା ସସ୍, ଟମାଟୋ ସସ୍, ଚିଲି ସସ୍ , ଗୋଲମରିଚ ଗୁଣ୍ଡ ଓ ଭିନେଗାର ପକାଇ କିଛିସମୟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ଏହା ପରେ କରେଇକୁ ତଳକୁ ଓହ୍ଲାଇ ଦିଅନ୍ତୁ ଓ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପରେ ଚକଟି ରଖିଥିବା ମଇଦାକୁ ପୁରି ଆକାରରେ ବେଲନ୍ତୁ। ତା' ଭିତରେ ମସଲାକୁ ପୁରାଇ ମୋମୋ ଆକାରରେ ଗଢ଼ନ୍ତୁ। ପରେ ଇଟଲି ଛାଞ୍ଚରେ ତେଲ ମାରି ଗଢ଼ି ରଖିଥିବା ମୋମୋକୁ ରଖି ଢାଙ୍କି ଦିଅନ୍ତୁ।

# ଅନ୍ତର୍ଜାତୀୟ ବିଧବା ଦିବସ

ବିଧବାମାନଙ୍କ ଦୁଃଖ, ଦୈନ୍ୟ ତଥା ସେମାନଙ୍କ ପ୍ରତି କରାଯାଉଥିବା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି, ସମସ୍ୟାର ସମାଧାନ କରିବା ହେଉଛି ଆନ୍ତର୍ଜାତୀୟ ବିଧବା ଦିବସର ମୁଖ୍ୟ ଉଦ୍ଦେଶ୍ୟ । ମିଳିତ ଜାତିସଂଘ ଦ୍ୱାରା ସ୍ୱୀକୃତ ଏହି ଦିବସ ବିଶ୍ୱ ସାରା ପ୍ରତିବର୍ଷ ଜୁନ୍ ୨୩ ତାରିଖରେ ପାଳିତ ହୁଏ । ବିଧବାମାନଙ୍କର ବୈଧବ୍ୟଜନିତ ଯନ୍ତ୍ରଣା ତଥା ଦୈନ୍ୟତା ବିରୁଦ୍ଧରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆନ୍ତର୍ଜାତୀୟ ବିଧବା ଦିବସର ପ୍ରଚଳନ ଲୁମ୍ବା ଫାଉଣ୍ଡେସନ ଦ୍ୱାରା କରାଯାଇଥିଲା । ୧୯୫୪ ମସିହା ଜୁନ୍ ୨୩ତାରିଖରେ ଲୁମ୍ବା ଫାଉଣ୍ଡେସନର ସଂସ୍ଥାପକଙ୍କ ମା ବିଧବା ହୋଇଗଲେ । ଉକ୍ତ ଫାଉଣ୍ଡେସନର ମୁଖ୍ୟ ଲକ୍ଷ ହେଲା ବୈଧବ୍ୟ ଜନିତ ଜନ୍ତ୍ରଣାର ଗୁପ୍ତ ଦୁଃଖକୁ ସମାଜର ଦୃଷ୍ଟିକୁ ଆଣିବା ତଥା ଏହାର ସମାଧାନ ଉପାୟ ବାହାର କରିବା । ଲୁମ୍ବା ଫାଉଣ୍ଡେସନ ଏକ ତଥ୍ୟ ଅନୁସାରେ ବିଶ୍ୱର ୨୪୫ ମିଲିୟନ ବିଧବାଙ୍କ ମଧ୍ୟରୁ ପ୍ରାୟ ୧୧୫ ମିଲିୟନ ବିଧବା ଅତ୍ୟନ୍ତ ଦୁଃଖ ଓ ଦାରିଦ୍ରରେ ସାମାଜିକ ତଥା ବାସନ୍ଦର ଶୋଷଣ ମଧ୍ୟରେ ବଞ୍ଚିଛନ୍ତି । ଲୁମ୍ବାଇ ଫାଉଣ୍ଡେସନ ଜନ ସଚେତନତା ଅଭିଯାନ ଅବସରରେ ଏହ ସବୁ ତଥ୍ୟ ମିଳିତ ଜାତିସଂଘର ତତ୍କାଳୀନ ମହା ସଚିବ ବାନ୍ କି ମୁନ୍‌ଙ୍କୁ ୨୨ ଜୁନ୍ ୨୦୧୦ରେ ପ୍ରଦାନ କରାଯାଇଥିଲା । ଆନ୍ତର୍ଜାତୀୟ ବିଧବା ବିବସ ପ୍ରଥମ ଥର ପାଇଁ ୨୦୦୫ ମସିହାରେ ଲୁମ୍ବା ଫାଉଣ୍ଡେସନର ଅଧ୍ୟକ୍ଷଙ୍କ ଦ୍ୱାରା ପାଳିତ ହୋଇଥିଲା । ୨୧ ଡିସେମ୍ବର ୨୦୧୦ରେ ମିଳିତ ଜାତିସଂଘର ସାଧାରଣ ପରିଷଦ ଜୁନ୍ ୨୩କୁ ଆନୁଷ୍ଠାନିକ ଭାବେ ଆନ୍ତର୍ଜାତୀୟ ବିଧବା ଦିବସ ଭାବରେ ସ୍ୱୀକୃତି ଦେଲେ ଏହାକୁ ବିଶ୍ୱ ସାରା ପାଳନ କରିବା ପାଇଁ ସର୍ବ ସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା ।



# ବଳକା ଔଷଧ ସେବନ କରୁଥିଲେ ସାବଧାନ

ଜ୍ୱର, ଥଣ୍ଡା, କାଶ କିମ୍ବା ହାଲ୍‌କା ମୁଣ୍ଡବିନ୍ଧାରୁ ରକ୍ଷା ପାଇବାକୁ ଅଧିକାଂଶ ଲୋକଙ୍କ ଫାଷ୍ଟଏଡ୍ ବକ୍ସରେ ଔଷଧ ଭାବେ କିଛି ଆଣ୍ଟିବାୟୋଟିକ୍ ଥାଏ। ଡାକ୍ତରଙ୍କ ବିନା ପରାମର୍ଶରେ ସେସବୁକୁ ସେବନ କରାଯାଏ। ଏହାଦ୍ୱାରା ତୁରନ୍ତ ଆରାମ ମିଳିଯାଉଥିବାରୁ ପରିବାରର ଯିଏ ବି ଥଣ୍ଡା କାଶରେ ପୀଡ଼ିତ ହୁଅନ୍ତି, ତାଙ୍କୁ ଏହି ବଳକା ଔଷଧ ଦେଇଦିଆଯାଏ। କିନ୍ତୁ ଜାଣନ୍ତି, ଏହାଦ୍ୱାରା କିଛି ସମୟର ସୁସ୍ଥତା ଭବିଷ୍ୟତରେ ବଡ଼ ସମସ୍ୟା ଆଡ଼କୁ ଟାଣିନେଇପାରେ। ଏକ ଗବେଷଣାରୁ ଏହା ସ୍ପଷ୍ଟ ହୋଇଛି। ଆମେରିକାନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ନ୍ୟାସନାଲ୍ କନ୍‌ଫରେନ୍ସ ଆଣ୍ଡ୍ ଏକ୍‌ଜିଭିଶନ୍‌ର ଏକ ଗବେଷଣା ପତ୍ରିକାରେ ଏହା ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ ରହିଛି, ବଳିପଡ଼ିଥିବା ଆଣ୍ଟିବାୟୋଟିକ୍ ସେବନ ଦ୍ୱାରା ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ଇନ୍‌ଫେକ୍‌ସନ୍ ହେବାର ସମ୍ଭାବନା ଥାଏ। ଗବେଷଣାରୁ ମୁଖ୍ୟ ଡକ୍ଟର ମିଲାନାଇକ୍‌ଙ୍କ ମତରେ, ବିନା ଡାକ୍ତରୀ ପରାମର୍ଶରେ ଯେଉଁମାନେ ଏଭଳି ଔଷଧ ସେବନ କରିଥାନ୍ତି, ସେମାନଙ୍କ ଶରୀରରେ ଆଣ୍ଟିବାୟୋଟିକ୍ ରୋଗ ପ୍ରତି ଲଢ଼ିବା କ୍ଷମତା ହରାଇବସେ। ଯଦ୍ଦ୍ୱାରା ଅନ୍ୟ ରୋଗର ସଂକ୍ରମଣ ଶରୀରରେ ବ୍ୟାପିଯାଏ।



# ଆଜିର ରାଶିଫଳ

**ମେଷ** – ବ୍ୟବସାୟ କ୍ଷେତ୍ରରେ କଠିନ ପରିଶ୍ରମ ଫଳରେ ଆଶାତୀତ ଲାଭ ପାଇବେ । ପିତାମାତାଙ୍କଠାରୁ ସହଯୋଗ ମିଳିବ । ପରିବାର ଓ ପତି ପତ୍ନୀଙ୍କ ମଧ୍ୟରେ ଭଲ ବୁଝାମଣା ରହିବ । ଉଚ୍ଚଶିକ୍ଷା କ୍ଷେତ୍ରରେ ସଫଳ ହେବେ ।

**ବୃଷ** – ପାରିବାରିକ ସମସ୍ୟାଗୁଡ଼ିକୁ ସୁଧାରି ନେବା ଉଚିତ । ରାଜନୀତି କାର୍ଯ୍ୟରେ ସାମାଜିକ ଉତ୍ସବରେ ଯୋଗଦେଲେ ସଫଳତା ମିଳିବ । ବ୍ୟବସାୟ କ୍ଷେତ୍ରରେ ପୁରୁଣା ଧନଲାଭ ହେବାରୁ ଖୁସି ହେବେ । ନିଜ ଆତ୍ମୀୟ ଲୋକଙ୍କ ସହ ସାକ୍ଷାତ ହେବ ।

**ମିଥୁନ** – କୌଣସି ଶୁଭ ସମାଚାର ଶୁଣିବାକୁ ମିଳିବ । ନୂତନ ଯୋଜନା ପ୍ରସ୍ତୁତ କରି ବ୍ୟବସାୟରେ ଆୟ ଉପାର୍ଜନର ବୃଦ୍ଧି ହେବ । ଜାଗା, ଜମି, ବାସଗୃହ ଓ ଯାନବାହନ କ୍ରୟ କରିବାର ସୁବିଧା ପାଇବେ । ବନ୍ଧୁଙ୍କୁ ଆପ୍ୟାୟିତ କରିବାରେ ସମର୍ଥ ହେବେ ।

**କର୍କଟ** – ପଢ଼ାପଢ଼ିରେ ମନଦେବେ ଉଚ୍ଚଶିକ୍ଷା ସମ୍ମିଳନୀରେ ଯୋଗଦେବେ । ଶତ୍ରୁବାଧା ଦୂରେଇ ଯିବ ଓ ଋଣରୁ ମୁକ୍ତି ପାଇବା ପାଇଁ ଚେଷ୍ଟା କରିବେ । କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ । ଆନୁଷ୍ଠାନିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ ।

**ସିଂହ** – ପଛକଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍‌ନା କରିବାକୁ ଚେଷ୍ଟା କରିବେ। ପିଲାମାନଙ୍କ ବିବାହ ସମ୍ପର୍କୀୟ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ପଥପ୍ରାନ୍ତେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା** – ବ୍ୟବସାୟରେ କ୍ଷତି ସହିବେ। ଗୃହକାର୍ଯ୍ୟରେ ଲିପ୍ତ ରହିବେ। ନ୍ୟାୟୋଚିତ୍ତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ତୁଳା** – ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ଯେତେ ଭଲ କାମ କରିଲେ ମଧ୍ୟ ପ୍ରଶଂସା ବଦଳରେ ଖାଲି ଅଭିଯୋଗ ପାଇବେ।

**ବିଛା** – ସୁପରାମର୍ଶ କଥା କହି ଦିନଟି ଆନନ୍ଦ ପାଇବେ। କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବେ। ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ। ସେଥିପାଇଁ ଅନ୍ୟମାନଙ୍କୁ କୈଫିୟତ୍ ଦେବାକୁ ପଡ଼ିବ।

**ଧନୁ** – ଅର୍ଥ ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ। ମହିଳାମାନେ ବୁଦ୍ଧି ପ୍ରୟୋଗ କରି କାମ କରିବେ। ଛୋଟପିଲାମାନେ ପଢ଼ାପଢ଼ିରେ ମନ ଦେବେ।ସମ୍ପର୍କକୁ କେନ୍ଦ୍ର କରି ବିତର୍କ।

**ମକର** – କୌଣସି ପରିସ୍ଥିତିରେ ମଧ୍ୟ ଯାହା କହିବେ ଟିକିଏ ଭାବିଚିନ୍ତି କୁହନ୍ତୁ ଅଭାବ ପୂରଣ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବେ। ସ୍ତ୍ରୀ, ପ୍ରତିଦ୍ୱନ୍ଦ୍ୱୀ, ଦାମ୍ପତ୍ୟ ଓ ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ। ଅପରାହ୍ନରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**କୁମ୍ଭ** – ଗୃହିଣୀମାନେ ନିଜ କାର୍ଯ୍ୟରେ ଲାଗି ରହିବେ। ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଗୃହକାର୍ଯ୍ୟରେ ମନ ଦେବେ। ନିଜ ଲୋକଙ୍କ ଦ୍ୱାରା ଅପଦସ୍ଥ ହୋଇପାରନ୍ତି। ଶତ୍ରୁ ଆଗରେ ନହେଲେ ମଧ୍ୟ ପଛରେ ନାନା ପ୍ରକାର କଥା କହିବେ

**ମୀନ** – ବ୍ୟବସାୟରେ ଆଗକୁ ବଢ଼ିବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। କଳା, ସାହିତ୍ୟରେ ସମସ୍ୟାର ସମାଧାନ ହୋଇଯିବ। ଆର୍ଥିକ ସ୍ଥିତି ଦୁଃଶ୍ଚିନ୍ତାର କାରଣ ହେବ। ମହିଳାମାନେ ମାନସିକ ଅଶାନ୍ତି ମଧ୍ୟରେ ସମୟ କଟାଇବେ।

# ମସ୍ତିଷ୍କରେ ଅଧିକ କୋଷିକା ଥିଲେ କ୍ୟାନସର୍ ଆଶଙ୍କା

ଯେଉଁ ବ୍ୟକ୍ତିଙ୍କ ମସ୍ତିଷ୍କରେ ଅଧିକ କୋଷିକା ଥାଏ, ସେମାନଙ୍କୁ ବ୍ରେନ୍ କ୍ୟାନସର୍ ଆଶଙ୍କା ୫୫ ପ୍ରତିଶତ ପର୍ଯ୍ୟନ୍ତ ରହିଥାଏ। ଏକ ଗବେଷଣାରୁ ବୈଜ୍ଞାନିକମାନେ ଏହା ସ୍ପଷ୍ଟ କରିଛନ୍ତି। ମସ୍ତିଷ୍କରେ ଅଧିକ କୋଷିକା ରହିବା ଦ୍ୱାରା ବିଭାଜନ ସୃଷ୍ଟି ହୋଇଥାଏ। ଏହି ବିଭାଜନ ସମୟରେ ଦୋଷ ତ୍ରୁଟି ପରିଲକ୍ଷିତ ହୁଏ। ଏହାଦ୍ୱାରା କୌଣସି ଜିନ୍‌ର ଡିଏନ୍‌ଏରେ ସ୍ଥାୟୀ ପରିବର୍ତ୍ତନ ହେବା ଫଳରେ କ୍ୟାନସର୍ ଆଶଙ୍କା ବୃଦ୍ଧି ପାଏ। ନର୍ବିଜନ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲଜିର ପିଏଚ୍‌ଡି କରୁଥିବା ଇବେନ୍ ହୋବିଗ୍‌ଙ୍କ ମତରେ, ତୀବ୍ର ଗତିରେ ବୃଦ୍ଧି ପାଉଥିବା ବ୍ରେନ୍ କ୍ୟାନସର୍ ଦୁର୍ଲଭ କ୍ୟାନସର୍ ହୋଇଥାଏ। ଥରେ ଯଦି ଏହା ବ୍ୟକ୍ତିକୁ ଗ୍ରାସ କରେ, ତେବେ ସେଥିରୁ ବର୍ତ୍ତିବା ସମ୍ଭାବନା ବହୁତ କମ୍। ଅନେକ ଗବେଷଣାରୁ ଏହା ଜଣାପଡ଼ିଛି, କ୍ୟାନସର୍ ଉତ୍ପନ୍ନ ପାଇଁ ବିଭିନ୍ନ ଅଙ୍ଗର ଆକାର ଏକ ମହତ୍ତ୍ୱପୂର୍ଣ୍ଣ କାରକ ହୋଇଥାଏ। ଗବେଷଣାରୁ ଜଣାପଡ଼ିଛି, ମହିଳାଙ୍କ ତୁଳନାରେ ପୁରୁଷଙ୍କଠାରେ କ୍ୟାନସର୍ ଆଶଙ୍କା ଅଧିକ ଥାଏ। କାରଣ ସେମାନଙ୍କ ମସ୍ତିଷ୍କ ଆକାର ମହିଳାଙ୍କଠାରୁ ବଡ଼ ଥାଏ।



# ବଜାରକୁ ଆସିବ ଟୋୟୋଟାର ଦମଦାର୍ ଇ-କାର୍

ବିଗତ କିଛି ଦିନ ହେବ ବିଭିନ୍ନ କାର୍ ନିର୍ମାତା ଇ-କାର୍ ଉପରେ ଫୋକସ୍ କରୁଛନ୍ତି । ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସେମାନେ ନାନା ଫିଚର୍ ଓ ଡିଜାଇନର ଇ-ଯାନ ମଧ୍ୟ ନିର୍ମାଣ କରୁଛନ୍ତି । ଏହି ରେସରେ ପଛରେ ନାହିଁ ଅଗ୍ରଣୀ କାର୍ ନିର୍ମାତା ଟୋୟୋଟା । ଟୋୟୋଟା ଓ ଲେକ୍ସସ୍ ୨୦୩୦ ସୁଦ୍ଧା ୩୦ଟି ନୂଆ ଇ-ଯାନ୍ ଲଞ୍ଚ୍ କରିବାକୁ ଯୋଜନା କରୁଛି । କମ୍ପାନୀ ଗତ ବର୍ଷ ପ୍ରାୟ ୧୫ଟି ଯାନର ସୋ କେସ୍ ମଧ୍ୟ କରିଥିଲା । ଏଥିରେ ଟୋୟୋଟା କମ୍ପାକ୍ଟ କ୍ରୁଜର୍ ଇଭି ମଧ୍ୟ ସାମିଲ ରହିଛି ।ଏହି କାରକୁ କମ୍ପାନୀ ଭବିଷ୍ୟତର କାର୍ ଭାବେ ଦର୍ଶାଇଥିଲା । କମ୍ପାନୀର କମ୍ପାକ୍ଟ କ୍ରୁଜର୍ ଇଭି ଇଟାଲୀରେ କନସେପ୍ଟ ଭେଇକିଲ୍ସ ପାଇଁ କାର୍ ଡିଜାଇନ୍ ଆୱାର୍ଡ ୨୦୨୨ ଜିତି ସାରିଛି । ଅଡି ସ୍କାଇସ୍ପିୟର, ପୋର୍ସ ମିଶନ୍ ଆର୍ସ ଭଲଭୋ କନସେପ୍ଟ ରିଚାର୍ଜ, ପୋଲଷ୍ଟାର୍ ଓ ୨ ଆଦି କାରକୁ ପଛରେ ପକାଇ ଟୋୟୋଟା ବାଜି ମାରିଥିଲା । କମ୍ପାକ୍ଟ କ୍ରୁଜର୍ ଇଭିକୁ ଫ୍ରାନ୍ସର ଡେଭଲପମେଣ୍ଟ୍ ସେଣ୍ଟରରେ ତିଆରି କରାଯାଇଛି । ତେବେ ଏହାକୁ ଏବେ ଲଞ୍ଚ୍ କରାଯିବ ନାହିଁ । ଏହାର କେବଳ ପ୍ରୋଟୋଟାଇପ୍ ମଡେଲ୍ ହିଁ ଆସିଛି । ଏହାକୁ କମ୍ପାନୀ ଆଗାମୀ ପୀଢ଼ିର ଏସୟୁଭି କହୁଛି । ତେବେ ନୂଆ ଇଭି କାର୍ ୨୦୦୬ରେ କମ୍ପାନୀ ଲଞ୍ଚ୍ କରିଥିବା ଏଫଜେ କ୍ରୁଜର୍ ଭଳି ମନେହୁଏ । କାରଣ ନୂଆ ଇଭିପେ ଏଫଜେ କ୍ରୁଜର ଭଳି ରେଟ୍ରୋ ଥିମ୍ ଓ ହରିଜୋଣ୍ଟାଲ୍ ଏଲଇଡି ଲାଇଟ୍ ରହିଛି । ଏହାସହ କିସ୍କୁ ଗ୍ରୀଲ୍, ଟୋୟୋଟା ଲିଟରିଂ, ଅଫ୍ ହ୍ୱିଲ୍ ଆର୍ଚ୍ ରହିଛି । ଯାହା ଅଫ୍ ରୋଡିଂ ପାଇଁ ସାହାଯ୍ୟ କରିବ ।




# ମ୍ୟାଲେରିଆ ଚିହ୍ନଟ କରିବ କୁକୁର

ବ୍ରିଟେନ୍ ଏବଂ ଗାମ୍ବିଆର ବୈଜ୍ଞାନିକଙ୍କ ମତରେ, ପ୍ରଥମଥର ଏଭଳି ଏକ ଉପାୟର ସନ୍ଧାନ ହୋଇଛି, ଯଦ୍ଦ୍ୱାରା କୁକୁରମାନେ ମ୍ୟାଲେରିଆ ଭଳି ରୋଗର ଚିହ୍ନଟ କରିବାରେ ସାହାଯ୍ୟ କରିପାରିବେ। ଅନୁସାରେ, କୁକୁରଙ୍କୁ ସଂକ୍ରମିତ ବ୍ୟକ୍ତିର ପୋଷାକ ଶୁଙ୍ଘି ମ୍ୟାଲେରିଆ ଚିହ୍ନଟ କରିବାର ପ୍ରଶିକ୍ଷଣ ଦିଆଯାଉଛି। ଏଥିପାଇଁ ୟୁନିଭର୍ସିଟିର କିଛି କୁକୁରଙ୍କୁ ପ୍ରଶିକ୍ଷଣରେ ନିୟୋଜିତ କରାଯାଇଛି। ଆଶା କରାଯାଉଛି, ଏମାନଙ୍କ ସହାୟତାରେ ମ୍ୟାଲେରିଆ ରୋକିବା ଏବଂ ନିବାରଣ ଦିଗରେ ଉନ୍ନତ ପଦକ୍ଷେପ ଗ୍ରହଣ କରାଯାଇପାରିବ। ଗବେଷଣା ଏବେ ପ୍ରାରମ୍ଭିକ ଚରଣରେ ରହିଛି। ଗବେଷଣାରେ କୁହାଯାଇଛି, ଯେତେବେଳେ କୌଣସି ବ୍ୟକ୍ତି ମ୍ୟାଲେରିଆରେ ପୀଡ଼ିତ ହୁଅନ୍ତି, ତାଙ୍କ ଶରୀରର ବାସ୍ନା ଅଲଗା ପ୍ରକାରର ହୋଇଯାଏ। ଏମିତିରେ କୁକୁରଙ୍କ ସହାୟତାରେ ଶରୀରରେ ମ୍ୟାଲେରିଆ ଚିହ୍ନଟ ସମ୍ଭବ ହୋଇପାରିବ।



## ଫିଲ୍ମ ଟକ୍

# ବିବାହ କରିବେ କଙ୍ଗନା ରଣାୱତ !

ବଲିଉଡ ଅଭିନେତ୍ରୀ କଙ୍ଗନା ରଣାୱତ। ବିବାଦ ସହି ତାଙ୍କ ସମ୍ପର୍କ ଖୁବ୍ ପୁରୁଣା । ସବୁବେଳେ ଜାଙ୍କ ବୟାନବାଜିକୁ ନେଇଇ ଚର୍ଚ୍ଚାରେ ଥା'ନ୍ତି। ଗୋଟିଏ ପଟେ ଅଭିନେତ୍ରୀ ତାଙ୍କର ପ୍ରତିଟି ଅଭିନୟ ଦମଦାର ପ୍ରଦର୍ଶନ କରୁଥିବାବେଳେ ଅନ୍ୟ ପଟେ ବି-ଟାଉନ ସେଲିବ୍ରେଟିଙ୍କ ସମାଲୋଚନା କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ନବାଜୁଦ୍ଦିନଙ୍କ ସହ ତାଙ୍କର ଆଗାମୀ ଫିଲ୍ମ 'ଟିକୁ ୱେଡ୍ସ ସେରୁ' ରିଲିଜ୍ ହେବାକୁ ଯାଉଛି। ତେବେ ନିକଟରେ କଙ୍ଗନାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ପାପାରାଜିଙ୍କୁ ଖୁସି ଖବର ଦେଉଥିବାର ନଜର ଆସିଛନ୍ତି। ସୋସିଆଲ ମିଡିଆରେ ବହୁତ ଆକ୍ଟିଭ୍ ଥିବା କଙ୍ଗନା ନିକଟରେ ଏକ ଭିଡିଓ ସେୟାର କରିଛନ୍ତି। ଯେଉଁଥିରେ ତାଙ୍କ 'ମଣିକର୍ଣ୍ଣିକା ଫିଲ୍ମ ପ୍ରଡକ୍ସନ' ହାଉସ୍‌କୁ ସଜାଯାଇଥିବା ଦେଖିବାକୁ ମିଳିଛି। ଏଥିରେ ସେ ବ୍ରାଇଡାଲ ବେଶରେ ସଜବାଜ ହୋଇଛନ୍ତି। ଭିଡିଓ ଦେଖି ପ୍ରଶଂସକମାନେ ଅନୁମାନ କରୁଛନ୍ତି ଯେ, କଙ୍ଗନା ବିବାହ କରିବାକୁ ଯାଉଛନ୍ତି। ଏହି ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ବହୁ ପ୍ରଶଂକ ଏଥିରେ କମେଣ୍ଟ ଦେଉଛନ୍ତି। ତେବେ ଏନେଇ କଙ୍ଗନା କହିଛନ୍ତି, ସାଜସଜ୍ଜା ତାଙ୍କ ବିବାହ ପ୍ରସ୍ତୁତିର ନୁହେଁ ବରଂ 'ଟିକୁ ୱେଡ୍ସ ସେରୁ'ର ଟ୍ରେଲର ପାଇଁ ଏକ ପ୍ରମୋସନାଲ ଷ୍ଟଣ୍ଟ।






# ଆମେରିକାରେ ପ୍ରଧାନମନ୍ତ୍ରୀ ମୋଦୀ

## ବର୍ଷାରେ ଭିଜି ଗାଇଲେ ଜାତୀୟ ସଙ୍ଗୀତ ◆ ହ୍ୱାଇଟ୍ ହାଉସରେ ଗିଫ୍ଟ ଏକ୍ସଚେଞ୍ଜ

ୱାଶିଂଟନ : ପ୍ରଧାନମନ୍ତ୍ରୀ ମୋଦି ୱାଶିଂଟନରେ ପହଞ୍ଚିବା ପରେ ଜଏଣ୍ଟ ବେସ୍ ଆଣ୍ଡ୍ରିୟୁସ୍ରେ ଭାରତ ଓ ଆମେରିକାର ଜାତୀୟ ସଙ୍ଗୀନ ଗାନ କରାଯାଇଥିଲା । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ବର୍ଷାରେ ଭିଜି ଭାରତର ଜାତୀୟ ସଙ୍ଗୀନ ଗାନ କରୁଥିବା ଦେଖିବାକୁ ମିଳିଥିଲା । ୩ ଦିନିଆ ଆମେରିକା ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ମୋଦି ୱାଶିଂଟନ ଡିସିରେ ପହଞ୍ଚିଥିଲେ । ଆମେରିକାର ରାଷ୍ଟ୍ରପତି ଭବନ ହ୍ୱାଇଟ୍ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ନ୍ୟୁୟର୍କରୁ ୱାଶିଂଟନରେ ପହଞ୍ଚିବା ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଓ ତାଙ୍କ ପତ୍ନୀ ଜିଲ୍ ବାଇଡେନ ମୋଦିଙ୍କୁ ସ୍ୱାଗତ କରିଥିଲେ । ମୋଦିଙ୍କ ସମ୍ମାନାର୍ଥେ ରାଷ୍ଟ୍ରପତି ଦମ୍ପତି ଏକ ନୈଶ ଭୋଜି ରଖିଛନ୍ତି । ବାଇଡେନ ଦମ୍ପତିଙ୍କୁ ମୋଦି ଭେଟିବା ବେଳେ ଉଭୟଙ୍କ ମଧ୍ୟରେ ଦେଖା ଦେଇଥିଲା ବ୍ୟକ୍ତିଗତ ବନ୍ଧୁତାର ନିଦର୍ଶନ । ଜୋ ବାଇଡେନଙ୍କ ପତ୍ନୀ ଜିଲ୍ ବାଇଡେନଙ୍କୁ ସାଢ଼େ ୭ କ୍ୟାରେଟ୍ର ଏକ ସୁନ୍ଦର ସବୁଜ ହୀରା ଉପହାର ଦେଇଛନ୍ତି ମୋଦି । ଏହି ହୀରା ଏକ ସାଧାରଣ ହୀରା ନୁହେଁ । ଏହାକୁ ଲାବୋରେଟୋରୀରେ ବିକଶିତ କରାଯାଇଛି । ଏହି ସ୍ୱତନ୍ତ୍ର ହୀରାକୁ କେବଳ କୌଣସି ବାକ୍ସରେ ରଖାଯାଇପାରିବ ନାହିଁ, ବରଂ ଏହା ପାଇଁ ଏକ ବହୁତ ସୁନ୍ଦର ବାକ୍ସ ପ୍ରସ୍ତୁତ କରାଯାଇଛି । ଏହି ବାକ୍ସର ନାମ ହେଉଛି ପେପିଅର୍ ମ୍ୟାଚ । ଏହି ସବୁଜ ହୀରା କେବଳ ଏଥିରେ ରଖାଯାଏ । ଏହା କର-ଇ-



କଲାମଦାନୀ ନାମରେ ମଧ୍ୟ ଜଣାଶୁଣା । ଏଥି ସହିତ, ଏହି ସବୁଜ ହୀରା ଦାୟିତ୍ୱପୂର୍ଣ୍ଣ ବିଳାସର ପ୍ରତୀକ, ଭାରତର ୭୫ବର୍ଷର ସ୍ୱାଧୀନତା ଏବଂ ନିରନ୍ତର ଆନ୍ତର୍ଜାତୀୟ ସମ୍ପର୍କର ପ୍ରତୀକ ।ଏହା ସହିତ କାରୁକାର୍ଯ୍ୟପୂର୍ଣ୍ଣ ଚନ୍ଦନ କାଠ ବାକ୍ସ ମଧ୍ୟ ଉପହାର ଦେଇଛନ୍ତି । ଏଥିରେ ଏକ ଗଣେଶ ମୂର୍ତ୍ତି, ରୂପାର ଏକ ଦୀପ, ରୂପାର ନଡ଼ିଆ, ହାତବୁଣା ଟସର ସିଲକ କପଡ଼ା ମଧ୍ୟ ରହିଛି । ବାଇଡେନ୍ଙ୍କୁ ମୋଦୀ ଦେଇଥିବା ଚନ୍ଦନ କାଠ ନିର୍ମିତ 'ସିନ୍ଦୁକ'ଟି ହେଉଛି ବିଶେଷ ଉପହାର । କର୍ଣ୍ଣାଟକର ମହୀଶୂରରୁ ସଂଗ୍ରହ କରାଯାଇଥିବା ଚନ୍ଦନକାଠରେ ତିଆରି ଏହି ଛୋଟ ସିନ୍ଦୁକରେ ସୂକ୍ଷ୍ମାତିସୂକ୍ଷ୍ମ ଡାଳି ଓ ଲତିକା ଖୋଦେଇ କରିଛନ୍ତି ରାଜସ୍ଥାନ ଜୟପୁରର ବିଚକ୍ଷଣ କାରିଗରମାନେ । ଏହି ସିନ୍ଦୁକ ଭିତରେ ରହିଛି 'ଦଶ ଦାନମ୍' ବା 'ଦଶ ପ୍ରକାରର ଦାନ' । ଭାରତୀୟ ପରମ୍ପରା ଅନୁସାରେ 'ସହସ୍ର ପୂର୍ଣ୍ଣଚନ୍ଦ୍ର ଦର୍ଶନ' ପାଳନ ସମୟରେ ୧୦ ଦାନ ଦେବାର ପ୍ରଥା ଅଛି । ସେପଟେ ବାଇଡେନ ଦମ୍ପତି ମୋଦିଙ୍କୁ ଏକ ପ୍ରାଚୀନ ହାତରେ ତିଆରି ବହି ଉପହାର ଦେଇଛନ୍ତି । ଏହି ବହିଟି ବିଂଶ ଶତାବ୍ଦୀ ପ୍ରଥମ ଭାଗର ବୋଲି ଜଣାପଡ଼ିଛି । ତା'ସହିତ ଏକ ଭିଣ୍ଟେଜ୍ କ୍ୟାମେରା, ପ୍ରଥମ କୋଡାକ କ୍ୟାମେରାରେ ଉଠାଯାଇଥିବା ଫଟୋ, ଆମେରିକା ୱାଇଲ୍ଡ ଲାଇଫ ଫଟୋଗ୍ରାଫିର ବହି, ରବର୍ଟ ଫ୍ରଷ୍ଟଙ୍କ କବିତାର ପ୍ରଥମ ସଂସ୍କରଣର ବହି ମୋଦିଙ୍କୁ ଉପହାର ଦେଇଛନ୍ତି । ହ୍ୱାଇଟ୍ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ନୈଶ ଭୋଜିର ଆୟୋଜନ ହୋଇଛି । ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଓ ତାଙ୍କ ପତ୍ନୀ ଜିଲ୍ ବାଇଡେନ ମୋଦିଙ୍କ ସମ୍ମାନରେ ଏହି ନୈଶ ଭୋଜି ରଖିଥିଲେ । ଭୋଜନ ପରେ ଏକ ସଂଗୀତ ଆସର ମଧ୍ୟ ହୋଇଥିଲା । ବିଶ୍ୱବିଖ୍ୟାତ ସଂଗୀତଜ୍ଞ ଜୋଶୁଆ ବେଲ୍ ଏଥିରେ ସଂଗୀତ ପରିବେଷଣ କରିଥିଲେ । ଏହା ପରେ ମୋଦି ଓ ବାଇଡେନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ । ପ୍ରତିରକ୍ଷା ସହିତ ବାଣିଜ୍ୟ, ବିଶ୍ୱର ଅନ୍ୟ ପ୍ରମୁଖ ପ୍ରସଙ୍ଗ ଏଥିରେ ସ୍ଥାନ ପାଇବ ବୋଲି ଆଶା କରାଯାଉଛି । ଏହା ସହିତ ଆଜି ଆମେରିକାର କଂଗ୍ରେସକୁ ସମ୍ବୋଧନ କରିବେ ମୋଦି । ପ୍ରଥମ ଭାରତୀୟ ନେତା ଭାବେ ସେ ଆମେରିକା କଂଗ୍ରେସକୁ ଦ୍ୱିତୀୟ ଥର ସମ୍ବୋଧନ କରିବେ ।

# ଛତିଶଗଡ଼ରେ ସରକାର ଗଢ଼ିବ ଭାଜପା : ଶାହା

ରାୟପୁର : ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଛତିଶଗଡ଼ରେ ଭାରତୀୟ ଜନତା ପାର୍ଟି(ଭାଜପା)ର ନିର୍ବାଚନ ବିଗୁଲ ଫୁଙ୍କିଛନ୍ତି । ଦୁର୍ଗରେ ଗୁରୁବାର ସେ କହିଛନ୍ତି ୨୦୨୩ରେ ଛତିଶଗଡ଼ରେ ଭାଜପାର ସରକାର ଗଠନ କରିବାକୁ ହେବ । ପୂର୍ବତନ ମୁଖ୍ୟମନ୍ତ୍ରୀ ରମନ ସିଂଙ୍କୁ ଟାର୍ଗେଟ କରି ସେ କହିଛନ୍ତି, ଛତିଶଗଡ଼କୁ ରୋଗୀଣା ରାଜ୍ୟରୁ ବାହାର କରିବାକୁ ପଡିବ । ଏହାସହ ଶାହା ଆହ୍ୱାନ ଦେଇଛନ୍ତି ୨୦୨୪ରେ ପୁଣିଥରେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଗଠନ ହେବ । ୨୦୨୪ରେ ରାହୁଲ 'ବାବା' ଓ ନରେନ୍ଦ୍ର ମୋଦିଙ୍କ ମଧ୍ୟରୁ ମୋଦି ପ୍ରଧାନମନ୍ତ୍ରୀ ହେବେ । ଆଜିବି ଆମେରିକାରେ ମୋଦିଙ୍କ କାର୍ଯ୍ୟକ୍ରମ ଚାଲିଛି । କଂଗ୍ରେସକୁ ଟାର୍ଗେଟ କରି ଶାହା କହିଛନ୍ତି ସୋନିଆ ଗାନ୍ଧୀ ଓ ମନମୋହନ ସିଂଙ୍କ ସରକାର ସମୟରେ ଭ୍ରଷ୍ଟାଚାର ହେଉଥିଲା । ହେଲେ ମୋଦି ପାକିସ୍ତାନର ଘରେ ପଶି ଆତଙ୍କବାଦୀଙ୍କ ମୂଳୋତ୍ପାଟନ କଲେ । କଂଗ୍ରେସ ତା'ର କୋଳରେ ଧାରା ୩୭୦କୁ ବସାଇଥିଲା । ଆତଙ୍କବାଦୀମାନେ ଆକ୍ରମଣ କରି ଚାଲିଥିଲେ । ରାମ ମନ୍ଦିର ଅଯୋଧ୍ୟାରେ ହେବାର କଥା ହେଲେ କଂଗ୍ରେସ ଏହାକୁ ଅଟକାଉ ଥିଲା । ହେଲେ ୯ ବର୍ଷରେ ମୋଦି ବହୁତ



କିଛି ପରିବର୍ତ୍ତନ କରିଛନ୍ତି । କଂଗ୍ରେସର ୧୦ ବର୍ଷ ଶାସନ କାଳରେ ଭ୍ରଷ୍ଟାଚାର ବଢ଼ି ଚାଲିଥିଲା । କଂଗ୍ରେସ ୧୨ ଲକ୍ଷ କୋଟିର ଭ୍ରଷ୍ଟାଚାର କରିଛି । ମୋଦି ୯ ବର୍ଷର ଶାସନ କାଳ ମଧ୍ୟରେ ଏତେ ପାରଦର୍ଶୀ ସରକାର ଚଲାଇଛନ୍ତି ଯେ ବିରୋଧୀ ଭ୍ରଷ୍ଟାଚାରର ଅଭିଯୋଗ ଆଣି ପାରୁ ନାହାନ୍ତି ବୋଲି ଶାହା କହିଛନ୍ତି ।

# ମୋଦିଙ୍କ ଆମେରିକା ଗସ୍ତକୁ ନେଇ ଚିନ୍ତାରେ ପାକିସ୍ତାନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଆମେରିକାରେ ପହଞ୍ଚିଛନ୍ତି । ମୋଦିଙ୍କ ଏହି ଗସ୍ତ ଉପରେ ସାରା ବିଶ୍ୱର ନଜର ରହିଛି । ବିଶେଷ କରି ପାକିସ୍ତାନ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ବଢ଼ିବାକୁ ନେଇ ଚିନ୍ତାରେ ପଡି ଯାଇଛି । ପାକିସ୍ତାନ ଲୋକେ ଭୟ କରୁଛନ୍ତି ଯେ ଯଦି ଭାରତ ଆମେରିକା ମଧ୍ୟରେ ସମ୍ପର୍କ ଆହୁରି ମଜଭୁତ ହେବ ତେବେ ଏହାର କୁପ୍ରଭାବ ପାକିସ୍ତାନ ଉପରେ ନିଶ୍ଚିତ ଭାବେ ପଡିବ । ସୂଚନାଯୋଗ୍ୟ, ଆମେରିକାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହାକୁ ପାକିସ୍ତାନ ସହଜରେ ହଜମ କରି ପାରୁନାହିଁ । ଗୋଟିଏ ପଟେ ପାକିସ୍ତାନ ଅର୍ଥନୈତିକ ଦାରିଦ୍ରରେ ପୀଡିତ, ସେଠାରେ ଲୋକମାନେ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବାକୁ ଇଚ୍ଛା କରୁଛନ୍ତି, ଅନ୍ୟପଟେ ସାରା ବିଶ୍ୱରେ ଭାରତର ପ୍ରତିଷ୍ଠା ବଢ଼ୁଛି । ଏବେ ପାକିସ୍ତାନୀ ଲୋକମାନେ ନିଜେ ବିଶ୍ୱାସ କରିବା ଆରମ୍ଭ କରିଛନ୍ତି ଯେ ପାକିସ୍ତାନ ଭାରତ ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ । ସବୁ କ୍ଷେତ୍ରରେ ଭାରତ ପାକିସ୍ତାନକୁ ବହୁ ପଛରେ ପକାଇ ଦେଇଛି । ପାକିସ୍ତାନୀ ଲୋକମାନେ କହିଛନ୍ତି ଯେ ଆମେ ବର୍ତ୍ତମାନ ଭାରତ ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରିବୁ ନାହିଁ । ଭିଡିଓରେ ଲୋକମାନେ ଶୁଣିବାକୁ ପାଇଛନ୍ତି ଯେ ପାକିସ୍ତାନକୁ ବ୍ୟବହାର କରାଯାଉଥିବା ବେଳେ ଭାରତ ବିଶ୍ୱରେ ନିଜର ଛାପ ଛାଡିଛି । ରିୟଲ ଏଣ୍ଟରଟେନମେଣ୍ଟ ଟିଭି ନାମକ ୟୁଟ୍ୟୁବ ଚ୍ୟାନେଲରେ କଥାବାର୍ତ୍ତା କରି ପାକିସ୍ତାନୀ ଲୋକମାନେ କହିଛନ୍ତି ଯେ ଭାରତ ଦ୍ରୁତ ଗତିରେ ଆଗକୁ ବଢ଼ୁଛି । ସମଗ୍ର ବିଶ୍ୱରୁ ନିବେଶକମାନେ ଭାରତରେ ବିନିଯୋଗ କରୁଛନ୍ତି । ଅନ୍ୟପକ୍ଷରେ ନିବେଶକମାନେ ପାକିସ୍ତାନରୁ ପଳାୟନ କରୁଛନ୍ତି । ପାକିସ୍ତାନ ଅପେକ୍ଷା ଭାରତର ବୈଦେଶିକ ନୀତି ଭଲ । ପାକିସ୍ତାନ ଭାରତରୁ ଏକ ଶିକ୍ଷା ଗ୍ରହଣ କରିବା ଉଚିତ । ବର୍ତ୍ତମାନ ଉଭୟ ଆମେରିକା ଏବଂ ରୁଷିଆ ସହିତ ଭାରତର ସମ୍ପର୍କ ଭଲ ଅଛି । ବିଶ୍ୱର ଅଗ୍ରଣୀ ଦେଶମାନେ ପାକିସ୍ତାନଠାରୁ ଦୂରରେ ରହି ଭାରତ ସହିତ ସମ୍ପର୍କ ସ୍ଥାପନ କରିବାକୁ ଚାହୁଁଛନ୍ତି । ଭିଡିଓରେ ଜଣେ ପାକିସ୍ତାନୀ ବ୍ୟକ୍ତି କହିଛନ୍ତି ଯେ ଆମେ କୌଣସି କ୍ଷେତ୍ରରେ ଭାରତ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବୁ ନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାରରେ କାର୍ଯ୍ୟ କରିବାକୁ ପାକିସ୍ତାନ ଜଣେ ବ୍ୟକ୍ତି ଆବଶ୍ୟକ କରେ ।

# ଭାରତରେ ହେବ ଯୁଦ୍ଧ ବିମାନ ଇଞ୍ଜିନର ଉତ୍ପାଦନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ସମୟରେ ଆମେରିକାର କମ୍ପାନୀ ଜିଓ ଏରୋସ୍ପେସ୍ ଭାରତରେ ଯୁଦ୍ଧ ବିମାନ ଇଞ୍ଜିନର ମିଳିତ ଉତ୍ପାଦନ ପାଇଁ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷର କରିଛି । ଜିଓ ଏରୋସ୍ପେସ୍ ଗୁରୁବାର ଭାରତୀୟ ବାୟୁସେନାର ହାଲୁକା ଯୁଦ୍ଧ ବିମାନ ତେଜସ୍ ପାଇଁ ଜେଟ୍ ଇଞ୍ଜିନର ମିଳିତ ଉତ୍ପାଦନ ପାଇଁ ହାଲ୍ ସହିତ ଏକ ଚୁକ୍ତି କରିଛି । ଏହି ଚୁକ୍ତିନାମା ଏକ ମାଇଲଖୁଣ୍ଟ ଭାବରେ ବିବେଚନା କରାଯାଉଛି । ଆମେରିକାର କମ୍ପାନୀ ଏହାର ବିବୃତ୍ତିରେ କହିଛି ଯେ ଏହି ଚୁକ୍ତିରେ ଭାରତରେ ଜି ଏରୋସ୍ପେସର ଋ୪୧୪ ଇଞ୍ଜିନର ମିଳିତ ଉତ୍ପାଦନ ହେବାର ସମ୍ଭାବନା ରହିଛି ଏବଂ ଏହି ଉଦ୍ଦେଶ୍ୟରେ ଆବଶ୍ୟକ ରପ୍ତାନି ଅନୁମତି ପାଇବା ପାଇଁ ଜିଓ ଏରୋସ୍ପେସ ଆମେରିକା ସରକାରଙ୍କ ସହ କାର୍ଯ୍ୟ ଜାରି ରଖିବ । ଜିଓ ଏରୋସ୍ପେସର ସିଇଓ ତଥା ଜିଓର ସଭାପତି ଏଚ୍ ଲରେନ୍ସ କୁଲପଜର ଭାରତ ଏବଂ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ମଜବୁତ କରିବା ଦିଗରେ ହାଲ୍ ସହିତ ଏମଓୟୁକୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ବର୍ଣ୍ଣନା କରିଛନ୍ତି । ଏହାପୂର୍ବରୁ ହ୍ୱାଇଟ ହାଉସ କହିଥିଲା, ଏଠାରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ମଧ୍ୟରେ ଐତିହାସିକ ଶିଖର ବୈଠକରେ ଜେଟ ଇଞ୍ଜିନର ସହ-ଉତ୍ପାଦନ ସମେତ କିଛି ବଡ ପ୍ରତିରକ୍ଷା କାରବାର ହେବ ।




ବୁଧବାର ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ସଂସଦୀୟ ରାଜଭାଷା ସମିତି ପକ୍ଷରୁ ଆୟୋଜିତ ଭାରତୀୟ ଜନସଂସ୍ଥାନ ସହିତ ନିରୀକ୍ଷଣ ବୈଠକରେ ରାଜଭାଷା ସମିତିର ଉପାଧ୍ୟକ୍ଷ ଶ୍ରୀ ଭର୍ତ୍ତୃହରି ମହତାବ

# ଭାରତକୁ ଘାତକ ଯୁଦ୍ଧ ଯାନ 'ଷ୍ଟ୍ରାଇକର' ବିକିବ ଆମେରିକା



ୱାଶିଂଟନ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ଆମେରିକା ଗସ୍ତରେ ଅଛନ୍ତି । ମୋଦୀଙ୍କ ଏହି ଗସ୍ତ ଓ ଦୁଇ ଦେଶ ମଧ୍ୟରେ ବଢ଼ୁଥିବା ଘନିଷ୍ଠତା ଉପରେ ସାରା ବିଶ୍ୱର ନଜର ରହିଛି । ଏହି ଗସ୍ତ ସମୟରେ ଆମେରିକା ଭାରତକୁ ଆଠ ଚକିଆ ଯୁଦ୍ଧ ଯାନ 'ଷ୍ଟ୍ରାଇକର' ଏବଂ ଏମ୍ ୭୭୭ ତୋପ ଦେବାକୁ ପ୍ରସ୍ତାବ ଦେଇଛି । ନୂଆଦିଲ୍ଲୀ ଏବଂ ୱାଶିଂଟନର ଅଧିକାରୀଙ୍କ ବୟାନ ଦେଇ ହିନ୍ଦୁସ୍ତାନ ଖବରକାଗଜ ରିପୋର୍ଟ କରିଛି ଯେ ଏହି ଦୁଇଟିର ବିକ୍ରି ସଂପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ବାଇଡେନ୍ ପ୍ରଶାସନର ସର୍ତ୍ତ ଉପରେ ନିର୍ଭର କରେ । ତାଲିବାନର ମୁକାବିଲା ପାଇଁ ଏହି ଷ୍ଟ୍ରାଇକରଙ୍କୁ ଆଫଗାନିସ୍ତାନରେ ନିୟୋଜିତ କରାଯାଇଥିଲା ଏବଂ ବାଇଡେନ ତାଙ୍କୁ ୟୁକ୍ରେନ ପଠାଇବାକୁ ଯୋଜନା କରୁଥିବା ସୂଚନା ମିଳିଛି । ଭାରତର ଉତ୍ତର ସୀମାରେ ଅସ୍ତ୍ରଶସ୍ତ୍ରର ମୁକାବିଲା କରିବା ପାଇଁ ଆମେରିକା ହେୱିତଜର ଗନରେ ଲାଗୁଥିବା ଦୂରଗାମୀ ଗାଇଡେଡ୍ ଗୋଳା ପ୍ରଦାନ କରିବାକୁ ଆମେରିକା ପ୍ରସ୍ତାବ ଦେଇଛି । ଗାଇଡେଡ ଗୋଳାଗୁଡ଼ିକ ସଠିକ୍ ସ୍ଥାନରେ ମାଡ଼ କରିଥାଏ । ଭାରତରେ ପୂର୍ବରୁ ୧୪୫ଟି ଏମ୍ ୭୭୭ଟି ହେୱିତଜର ଥିବା ବେଳେ ସେଥିମଧ୍ୟରୁ ୧୨୦ଟି ଭାରତରେ ନିର୍ମାଣ କରାଯାଇଛି । ମୋଦୀଙ୍କ ଏହି ଗସ୍ତକାଳରେ ପ୍ରିଡେଟର ଡ୍ରୋନ ବିକ୍ରି ପାଇଁ ମଧ୍ୟ ଚୁକ୍ତି ହୋଇପାରେ । ଏହି ଚୁକ୍ତିକୁ ପ୍ରତିରକ୍ଷା ମନ୍ତ୍ରାଳୟ ଅନୁମତି ଦେଇସାରିଛି ।

# ଜଳୁଛି ମଣିପୁର, ଗୃହମନ୍ତ୍ରୀ ଡାକିଲେ ସର୍ବଦଳୀୟ ବୈଠକ

ଇମ୍ଫାଲ: ପ୍ରାୟ ଦେଢ ମାସରୁ ଉର୍ଦ୍ଧ୍ୱ ସମୟ ହେବ ମଣିପୁର ହିଂସା ଥମିବା ନାଁ ଧରୁନି । ବରଂ ଏହା ଦିନକୁ ଦିନ ଉଗ୍ର ରୂପ ଧାରଣ କରିବାକୁ ଲାଗୁଛି । ଏଥିଯୋଗୁ ବହୁ ଧନହାନୀ ହେଉଥିବା ବେଳେ ଏହାର ମୁକାବିଲା ନିମନ୍ତେ କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହ ଡାକିଛନ୍ତି ସର୍ବଦଳୀୟ ବୈଠକ । ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ ଏହି ବୈଠକ । ତେବେ ଏହି ବୈଠକରେ କ'ଣ ମାନସମନ୍ଥନ ହେଉଛି ଓ ତାହା ମଣିପୁର ହିଂସା ରୋକିବାକୁ ସଞ୍ଜିବନୀ କାମ କରି ପାରୁଛି ନା ନାହିଁ ତାହା ଉପରେ ସମଗ୍ର ଦେଶବାସୀଙ୍କ ନଜର । ଏନେଇ ବୁଧବାର ସନ୍ଧ୍ୟାରେ ଗୃହ ମନ୍ତ୍ରାଳୟ ପକ୍ଷରୁ ଏକ ଅଫିସିଆଲ ଟ୍ୱିଟ କରାଯାଇ ସୂଚନା ଦିଆଯାଇଛି । ଆସନ୍ତା ୨୪ ତାରିଖରେ ନୂଆଦିଲ୍ଲୀ ପାଲାର୍ମେଣ୍ଟ ଲାଇବ୍ରେରୀ ବିଲ୍ଡିଂରେ ଅପରାହ୍ନ ୩ଟାରେ ଏହି ମିଟିଂ ଅନୁଷ୍ଠିତ ହେବ । ଏଥିନିମନ୍ତେ ଶାହ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ଆମନ୍ତ୍ରିତ କରିଥିବା ତାଙ୍କ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ଆସାମ ମୁଖ୍ୟମନ୍ତ୍ରୀ ଗୃହ ମନ୍ତ୍ରୀ ଶାହଙ୍କୁ ଭେଟିବା ପରେ ଏପରି ଘୋଷଣା କରାଯାଇଛି । ମଣିପୁରରେ କୁକି ଓ ମୈଥି ସମ୍ପ୍ରଦାୟ ମଧ୍ୟରେ ଚାଲିଥିବା ସଂଘର୍ଷ ଦିନକୁ ଦିନ ଭୟଙ୍କର ରୂପ ଧାରଣ କରୁଛି । ଏଯାବତ ଏହି ହିଂସାକାଣ୍ଡରେ ଶହେରୁ ଅଧିକ ଜୀବନ



ଯାଇ ସାରିଥିବା ବେଳେ ୧୦ ହଜାର ଘରକୁ ଉତ୍ତ୍ୟକ୍ତ ଲୋକେ ପୋଡ଼ି ସାରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ୪୧୦୦ରୁ ଅଧିକ ହିଂସାମୂଳକ ଘଟଣା ସାମନାକୁ ଆସିଛି । ବହୁ ଲୋକ ଭୟରେ ଘରଦ୍ୱାରା ଛାଡ଼ି ଆସାମ ଓ ମିଜୋରାମରେ ଶରଣ ନେଇଛନ୍ତି । ପ୍ରାୟ ୫୦ ହଜାର ଲୋକ ରିଲିଫ ଶିବିରରେ ଆଶ୍ରୟ ନେଇଛନ୍ତି ।

ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ମଣିପୁରରେ କେନ୍ଦ୍ରୀୟ ସୁରକ୍ଷା ବଳର ୮୪ କମ୍ପାନୀ, ଆସାମ ରାଇଫଲ୍ସର ୧୦ ହଜାରରୁ ଅଧିକ ଯବାନ ମୁତୟନ ଅଛନ୍ତି । ଏହାସତ୍ତ୍ୱେ ସ୍ଥିତିରେ ନିୟନ୍ତ୍ରଣ ଆସି ପାରୁନି । ଏହି ରାଜ୍ୟରେ ଶାନ୍ତି ଫେରାଇବା ପାଇଁ ବାରମ୍ବାର ହେଉଥିବା ପ୍ରୟାସ ଫେଲ୍ ମାରିବାରେ ଲାଗିଛି । ଏପରିକି କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହ କିଛି ଦିନ ପୂର୍ବେ ମଣିପୁର ଗସ୍ତରେ ଯାଇ ବିଭିନ୍ନ ସମ୍ପ୍ରଦାୟ ସହ ଆଲୋଚନା କରିଥିଲେ । ଏଥିସହ ଅସ୍ତ୍ର ନ ଛାଡ଼ିଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ । ମାତ୍ର ଏହାର କିଛି ବି ଫରକ ଅନୁଭୂତ ହେଲାନି । ଏବେ ବି ମଣିପୁର ଜଳୁଛି । ମଣିପୁର ସ୍ଥିତି ଉପରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ନିମନ୍ତେ ଦୀର୍ଘ ଦିନ ହେଲା କଂଗ୍ରେସ ଦାବି କରି ଆସୁଛି । ଏପରିକି ସମାନ ବିଚାରଧାରାର ୧୦ଟି ପାର୍ଟି ଏହି ଆଲୋଚନାରେ ସାମିଲ ହେବାକୁ କଂଗ୍ରେସ କହିଛି । ହେଲେ ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରେ କାହିଁକି ନୀରବତା ଅବଲମ୍ବନ କରୁଛନ୍ତି ବୋଲି ବିରୋଧୀ ଟାର୍ଗେଟ କରୁଛନ୍ତି । କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧି ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ ଅପିଲ୍ କରିଛନ୍ତି ।

# ଲିଙ୍ଗ ପରିବର୍ତ୍ତନ କରିବେ ବୁଦ୍ଧଦେବଙ୍କ ଝିଅ

କଲିକତା: ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର କରାଇ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଝିଅ 'ସୁଚେତନା'ରୁ 'ସୁଚେତନ' ହେବାକୁ ନିଷ୍ପତ୍ତି ନେଇଥିବା କଥା 'ଇଣ୍ଡିଆ ଟୁଡେ' ରିପୋର୍ଟ କରିଛି । ଏଥିପାଇଁ ଆବଶ୍ୟକ ସମସ୍ତ ସାର୍ଟିଫିକେଟ୍ ଦାଖଲ କରିବା 'ସୁଚେତନା' ଆଇନଗତ ପରାମର୍ଶ ଗ୍ରହଣ କରିବା ସହିତ ସାନସିକ ରୋଗ ବିଶେଷଜ୍ଞମାନଙ୍କ ସହିତ ଯୋଗାଯୋଗ କରିଛନ୍ତି । ଅଳ୍ପ ଦିନ ପୂର୍ବେ 'ଏଲ୍ଜିବିଟିକ୍ୟୁ' କର୍ମଶାଳାରେ ଯୋଗ ଦେଇଥିବା 'ସୁଚେତନା' କହିଛନ୍ତି, ସେ ଜଣେ ପୁରୁଷ ବୋଲି ନିଜକୁ ନିଜେ ଚିହ୍ନି ସାରିଛନ୍ତି, ତେଣୁ ଶାରୀରିକ ଭାବେ ପୁରୁଷ ହେବାକୁ ଚାହୁଁଛନ୍ତି । ଗଣମାଧ୍ୟମକୁ 'ସୁଚେତନା' କହିଛନ୍ତି, ପିତାମାତାଙ୍କ ଓ ପରିବାରରୁ ମିଳିଥିବା ମୋର ପରିଚିତି ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ । 'ଏଲ୍ଜିବିଟିକ୍ୟୁ' ଆନ୍ଦୋଳନ ପାଇଁ ମୁଁ ଏଭଳି କରିବାକୁ ନିଷ୍ପତ୍ତି ନେଇଛି । ସବୁଦିନେ କିନ୍ନରଭାବେ ମୁଁ ଯେଉଁ ସାମାଜିକ ନିର୍ଯାତନାର ସମ୍ମୁଖୀନ ହେଉଛି, ତାହାର ଅବସାନ ଚାହେଁ । ମୁଁ ଜଣେ ପ୍ରାପ୍ତ ବୟସ୍କା । ଏବେ ମତେ ୪୧ ବର୍ଷ ହେଲାଣି । ତେଣୁ, ମୋ ଜୀବନ ସହିତ ଜଡ଼ିତ ସମସ୍ତ ନିଷ୍ପତ୍ତି ମୁଁ ନିଜେ ଗ୍ରହଣ କରିପାରିବି । ଦୟାପୂର୍ବକ ମୋର ପିତାମାତାଙ୍କୁ ଏ ପ୍ରସଙ୍ଗକୁ



ଆଣନ୍ତୁନାହିଁ । ମାନସିକ ଭାବେ ଯେ ନିଜକୁ ପୁରୁଷ ମନେକରେ, ସେ ମଧ୍ୟ ଜଣେ ପୁରୁଷ । ଯେମିତି, ମୁଁ ମନେ ମନେ ନିଜକୁ ପୁରୁଷ ବୋଲି ଭାବେ । ଏବେ ମୁଁ ଶାରୀରିକ ଭାବେ ପୁରୁଷ ହବାକୁ ଚାହୁଁଛି ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ପିଲାକାଳରୁ ମୋ ସ୍ୱଭାବ ବିଷୟରେ ବାପା ଅବଗତ ଥିବାରୁ ମୋର ଏହି ନିଷ୍ପତ୍ତିକୁ ନିଶ୍ଚୟ ସମର୍ଥନ କରିବେ ବୋଲି ମନେହେଉଛି । ମୁଁ ନିଷ୍ପତ୍ତି ନେଇଛି ମାନେ ସଂଘର୍ଷ କରିବି । ମୋର ସେ ସାହସ ଅଛି ।

# ବ୍ରିଜଭୂଷଣ ମାମଲା: ୨୭ରେ ଶୁଣାଣି

ନୂଆଦିଲ୍ଲୀ : କୁସ୍ତିଯୋଦ୍ଧାମାନେ ଭାଜପା ଏମପି ତଥା ରେସଲିଂ ଫେଡେରେଶନ ଅଫ ଇଣ୍ଡିଆର ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ବିରୋଧ ପ୍ରଦର୍ଶନ ଜାରି ରହିଛି । ଅନେକ ମହିଳା କୁସ୍ତିଯୋଦ୍ଧା ବ୍ରିଜଭୂଷଣ ସିଂଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ତଥା ଅନ୍ୟାନ୍ୟ ଅଭିଯୋଗ କରିଛନ୍ତି । ଏହି ପ୍ରସଙ୍ଗରେ ଦିଲ୍ଲୀ ପୋଲିସ ୧୫୦୦ ପୃଷ୍ଠାର ଚାର୍ଜସିଟ ଦାଖଲ କରିଥିଲା, ଯାହା ଜୁନ ୨୭ ଅପରାହ୍ନ ୨ଟାରେ ରୋଜ୍ ଏଭେନ୍ୟୁ କୋର୍ଟରେ ଏହି ଚାର୍ଜଶିଟ ଉପରେ ଶୁଣାଣି ହେବ ।

# ମହାରାଷ୍ଟ୍ରରେ ହୋର୍ଡିଂ ରାଜନୀତି : ଉଦ୍ଧବଙ୍କ ସହ ଔରଙ୍ଗଜେବଙ୍କ ଫଟୋ ଭାଇରାଲ

ମୁମ୍ବାଇ : ସମ୍ପ୍ରତି ମୁମ୍ବାଇ ରାଜନୀତିରେ ଔରଙ୍ଗଜେବଙ୍କ ନାମକୁ ନେଇ ରାଜନୀତି ତୀବ୍ର ହେବାରେ ଲାଗିଛି । ଏନେଇ ବିଭିନ୍ନ ସ୍ଥାନରେ ହିଂସା ଦେଖାଦେଇଥିବାବେଳେ ଏବେ ଏହାକୁ ନେଇ କିଛି ବ୍ୟକ୍ତି ହୋର୍ଡିଂ ରାଜନୀତି ଆରମ୍ଭ କରିଛନ୍ତି । ଏବେ କେତେକ ସ୍ଥାନରେ ବିବାଦୀୟ ହୋର୍ଡିଂ ଲଗାଯାଇଛି । ଯେଉଁଥିରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଏବଂ ଔରଙ୍ଗଜେବଙ୍କ ଫଟୋ ସହିତ ଦୃଶ୍ୟମାନ ହେଉଛନ୍ତି । ସୋସିଆଲ ମିଡିଆରେ ହୋର୍ଡିଂର ଫଟୋ କ୍ରମାଗତ ଭାବରେ ଭାଇରାଲ ହେବାରେ ଲାଗିଛି । କୁହାଯାଉଛି ମୁମ୍ବାଇର ମାହିମ ଅଞ୍ଚଳରେ ହୋର୍ଡିଂ ଲଗାଯାଇଛି । ଏଥିରେ ମହାରାଷ୍ଟ୍ରର ପୂର୍ବତନ ସିଏମ ଉଦ୍ଧବ ଠାକରେ ଏବଂ ବଞ୍ଚିତ ବହୁଜନ ଅଘାଡି ମୁଖ୍ୟ ପ୍ରକାଶ ଆମ୍ବେଡକରଙ୍କୁ ଔଙ୍ଗଜେବଙ୍କ ଫଟୋ ସହିତ ଦେଖିବାକୁ ମିଳୁଛି । କୁହାଯାଉଛି ଏହି ପୋଷ୍ଟରଗୁଡ଼ିକ ରାତିରେ ଲଗା ଯାଇଥିଲା । କିଏ ଏହାକୁ ଲଗାଇଛି ତାହା ମଧ୍ୟ ଜଣା ପଡିନାହିଁ । ତେବେ ମୁମ୍ବାଇ ପୋଲିସ କହିଛି ଏହି ହୋର୍ଡିଂଗୁଡ଼ିକୁ ହଟାଇ ଦିଆଯାଇଛି । ଏ ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯାଇ ନାହିଁ । ଯଦି ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିଯାଏ, ତେବେ ପୋଲିସ ଅଜ୍ଞାତ ଲୋକଙ୍କ ବିରୋଧରେ ଏଫଆଇଆର ପଞ୍ଜିକରଣ କରିବ ।ମାତ୍ର ହୋର୍ଡିଂକୁ ନେଇ ରାଜନୀତି ଆରମ୍ଭ ହୋଇଛି । କୋଲହାପୁରର ସଂରକ୍ଷକ ମନ୍ତ୍ରୀ ଦୀପକ କେସରକର କହିଛନ୍ତି ଔରଙ୍ଗଜେବଙ୍କ ପାଇଁ ଉଦ୍ଧବ ଠାକରେଙ୍କ ନୂଆ ପ୍ରେମ ଦେଖିବାକୁ ମିଳୁଛି । ସେ କହିଛନ୍ତି ଯେଉଁମାନେ ହିନ୍ଦୁତ୍ୱ ସହିତ ଆପୋଷ ବୁଝାମଣା କରୁଛନ୍ତି ସେମାନଙ୍କୁ ଛତ୍ରପତି ଶିବାଜୀ ମହାରାଜ କ୍ଷମା କରିବେ ନାହିଁ ।

## ଚାକିରି ପାଇଁ ମିଥ୍ୟା ପ୍ରତିଶ୍ରୁତିର ଶିକାର ଛେଳିଆ ଗ୍ରାମବାସୀ
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ଅନୁଗୋଳ, (ପିପିଏସ) : ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଯୁକ୍ତି ବିଳମ୍ବ ହେତୁ ଛେଳିଆ ଗ୍ରାମବାସୀ ଙ୍କ ଗଣଧାରଣା । ସୂଚନା ଯେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଛେଳିଆ ଗ୍ରାମବାସୀଙ୍କର୍ ଜାଗା କଣିହାଁ ମାଇନ୍ସ ଅଧିଗ୍ରହଣ କରିଛି , ଯେଉଁଥିପାଇଁ ସେମାନଙ୍କୁ ଚାକିରୀ ମିଳିବା କଥା। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଜାନୁଆରୀ



ପହିଲା ୨୦୨୦ ଠାରୁ ଦୁଇ ବର୍ଷ କଟ ଅଫ ଡେଟ୍ ବା ଧାର୍ଯ୍ୟ ସମୟ ସେମାନଙ୍କୁ ଉପ ଜିଲ୍ଲାପାଳ ତାଳଚେର, ବିଧାୟକ, ଭୁ ଅର୍ଜନ ଅଧିକାରୀ ଅନୁଗୁଳ, ଏମ ସି ଏଲ ର ବରିଷ୍ଟ ଅଧିକାରୀ ଆଦି ଙ୍କ ଉପସ୍ଥିତିରେ ଦିଆ ଯାଇଥିଲା ନିଯୁକ୍ତି ପାଇଁ। କିନ୍ତୁ ଧାର୍ଯ୍ୟ ସମୟ ଯିବା ପରେ ମଧ ନିଯୁକ୍ତି ନ ମିଳିବାରୁ ସେମାନେ ୪.୪.୨୨ ରେ ଆମରଣ ଅନଶନରେ ବସିଥିଲେ। କିନ୍ତୁ ଦିନେ ପରେ ସେମାନଙ୍କୁ ଆସନ୍ତା ଏକ ବର୍ଷ ମଧରେ ଏମ ସି ଏଲ ର ଜେନେରାଲ ମ୍ୟାନେଜର ଓ ଅନ୍ୟାନ୍ୟ ଅଧିକାରୀଙ୍କ ପକ୍ଷରୁ ଚାକିରୀ ଦିଆଯିବାର ଲିଖିତ ପ୍ରତିଶ୍ରୁତି ଦିଆଗଲା। ଏବେ ପୁଣି ସେହି ଏକ ବର୍ଷ ଅବଧି ପୁରିଯିବା ପରେ ମଧ ଗ୍ରାମବାସୀଙ୍କୁ ଚାକିରୀ ନ ମିଳିବାରୁ ସେମାନେ ଆଜିଠାରୁ ଅନୁଗୁଳ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଆଗରେ ଗଣ ଧାରଣା ଦେଇଛନ୍ତି। ଏହା ସହିତ ଯଦି ସେମାନଙ୍କର କିଛି ଅସୁବିଧା ହୁଏ ତେବେ ସମ୍ବଧୟ ଅଧିକାରୀ ଆଦି ମାନେ ଦାୟୀ ରହିବେ ବୋଲି ଗ୍ରାମବାସୀ କହିଛନ୍ତି।

## ଘରୋଇ କମ୍ପାନୀରେ କାର୍ଯ୍ୟରତ ଶ୍ରମିକଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା, (ହି.ସ) : ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଶ୍ରମିକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ଶ୍ରମିକ ହେଲେ ଜଗତସିଂହପୁରର ଅନିରୁଦ୍ଧ ସ୍ୱାଇଁ (୩୩)। ସୂଚନା ମୁତାବକ, ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା କୟଥପଲ୍ଲୀ ସ୍ଥିତ ଫାଲକନ ଫିଡ଼ସରେ ଅନିରୁଦ୍ଧ କୌଣସି କାରଣକୁ ନେଇ ଗତକାଲି ରାତିରେ ତାଙ୍କ କୋଠରୀ ଝରକାରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବାର ସନ୍ଦେହ ହେଉଛି। ତେବେ ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିଛି। ମୃତକଙ୍କ ପରିବାର ପକ୍ଷରୁ ଏ ନେଇ କୌଣସି ଅଭିଯୋଗ ହୋଇନଥିବାର ଟାଙ୍ଗୀ ଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଅବଧି ସରିଲା, ଆଗକୁ ମୌସୁମୀ ବର୍ଷା
# ଅଧାରେ ଅଟକିଛି ଗ୍ରାମ ଉନ୍ନୟନ ବିଭାଗ ରାସ୍ତା, କାର୍ଯ୍ୟ ସରିବା ନେଇ ପ୍ରଶ୍ନବାଚୀ

କୋରେଇ, (ହି.ସ.) : ଗ୍ରାମ୍ୟ ଉନ୍ନୟନ ରାସ୍ତା କାମ ସରିବା ନେଇ ଏବେ ଉଠିଛି ପ୍ରଶ୍ନବାଚୀ । ଅବଧି ସରିବ କିନ୍ତୁ ଭୁଇଁରୁ ଉଠିନି ପୋଲ କାମ। ଫଳରେ ୪ଟି ଗ୍ରାମର ଗ୍ରାମବାସୀ ଏବେ ଚିନ୍ତାରେ। ବର୍ଷା ହେଲେ ଯାତାୟତ ସମ୍ପୂର୍ଣ୍ଣ ଠପ ହେବ। ପୋଲ କାମ ବନ୍ଦ ଥିବାରୁ ଉଭୟ ଗ୍ରାମ ମଧ୍ୟରେ ଯାତାୟତ ସମ୍ପୂର୍ଣ୍ଣ ଠପ ହେବ। ବାରମ୍ବାର ତାଗିଦ ସତ୍ୱେ ଠିକାଦାରଙ୍କ ଖାମଖିଆଲି ନିତୀ ଯୋଗୁ କାମ ବନ୍ଦ ହୋଇ ପଡିଛି। ଅବଧି ସରିବାକୁ ମାତ୍ର ଦୁଇ ଦିନ ବାକି ରହିଛି। କିନ୍ତୁ ଠିକାଦାର କାମ ନକରି ସମ୍ପୂର୍ଣ୍ଣ କାମ ବନ୍ଦ ରଖିଛି । ଏନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଠାରୁ ବିଧାୟକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କଲା ପରେ ମଧ୍ୟ ଆଜି କାଲି କହି କାମ ବନ୍ଦ ରହିଛି। ବର୍ଷା ଦିନ ଆସିବାକୁ ବସିଲାଣି । ତ୍ୱରିତ କାମ ନସାରିଲେ ଗ୍ରାମବାସୀଙ୍କ ଯାତାୟତ ଠପ ହେବ । ପ୍ରକାଶଯେ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଲରୀ ନହକା ରାସ୍ତାର ଓଚିନ୍ଦା, ମୁଲରୀ, ଖସାଗଡିଆ, ତାଜପୁର ଗ୍ରାମ ଦେଇ ଯାଇଥିବା ରାସ୍ତାଟି ପିଚୁ ଓ କଂକ୍ରିଟ ହୋଇଥିଲା । ଏହାର ପ୍ରଶସ୍ତି କରଣ ପାଇଁ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଅନ୍ତର୍ଭୁକ୍ତ କରାଯିବା ସହ ଓଚିନ୍ଦା ମୁଲରୀ ମଧ୍ୟରେ ଏକ ପୋଲ କାମ କରାଯିବାକୁ ନିଷ୍ପତି ହୋଇଥିଲା । ପାଣିକୋଇଲି ପୂର୍ବକୋଟ ପିଡବ୍ଲ୍ୟୁଡି ରାସ୍ତା ଠାରୁ ଏନ,ଏଚ ୨୧୫ ଭାୟା ଓଚିନ୍ଦା, ମୁଲର. ବେଗନା, ମୃତ୍ୟୁଞ୍ଜୟପୁର ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ପ୍ୟାକେଜ ନମ୍ବର ଓଆର ୧୩-୩୧୭୬ରେ ନିଷ୍ପତି କରାଥିଲା । ଏନେଇ କାମ ଆରମ୍ଭ ହୋଇଥିଲା। ରାସ୍ତାର ଦୈର୍ଘ୍ୟ ୫.୭୭୦କିମି, ନିର୍ମାଣ ଅଟକଳ ୩୫.୪୭ ଲକ୍ଷ କରାଯାଇଛି । ପାଂଚ ବର୍ଷିୟା ରକ୍ଷଣା ବେକ୍ଷଣ ପାଇ ୨୦.୬୫ ଲକ୍ଷ ଅଟକଳ କରାଯାଇଥିଲା । ନିର୍ମାଣ ଅବଧି ୨୦୨୨ ଅଗଷ୍ଟ ୨୫ରୁ ଆରମ୍ଭ କରାଯାଇ ୨୦୨୩ ଜୁନ ୨୫ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସ୍ଥିର ହୋଇଥିଲା। ଯାହା ସୂଚନା ଫଳରେରେ ସୂଚିତ କରାଯାଇଛି । ହେଲେ ରାସ୍ତାରେ ଯେଉଁଠାରେ କଂକ୍ରିଟ କରାଯିବା କଥା ତାହା କରାଯାଇଛି । ଓଚିନ୍ଦା -ମୁଲରୀ ପୋଲ କାମ କେବଳ ପ୍ଲିନ୍ଥ ପକାଯାଇ ଛାଡି ଦିଆଯାଇଛି । ପିଚୁ ଥିବା ସ୍ଥାନ ଗୁଡିକୁ ଖୋଳାଯାଇ ପ୍ରଶସ୍ତିକରଣ କରାଯାଇ ମେଂଟାଲ ଦିଆଯାଇଛି। କିନ୍ତୁ ପିଚୁ କରାଯାଉ ନାହିଁ। ଫଳରେ ମେଂଟାଲ ଉଠି ଯାତାୟତ ବାଧାପ୍ରାପ୍ତ ହେଉଛି । ଏମିତିକି ପୋଲ ନିକଟରେ କରାଯାଇଥିବା ଅସ୍ଥାୟୀ ରାସ୍ତାରେ ଅସରାଏ ବର୍ଷା ହେଲେ ଯାତାୟତ ଠପ ହୋଇଯାଉଛି । ଆଗକୁ ବର୍ଷା ଦିନ ଆସୁଛି। ତ୍ୱରୀତ ପୋଲ କାର୍ଯ୍ୟ ନସାରିଲେ ଓଚିନ୍ଦା, ମୁଲରୀ ଗ୍ରାମ ମଧ୍ୟରେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଲୋକମାନେ ଚାଷ କାର୍ଯ୍ୟ କରିବାକୁ ଆସିପାରିବେନି । ଏଭଳି ସ୍ଥିତିରେ ଠିକାଦାରରଙ୍କ କାମ ଛାଡି ଯିବା ଓ ବିଭାଗୀୟ ଉଦାସିନତାର ଶିକାର ହେବେ ୪ଖଣ୍ଡି ଗ୍ରାମବାସୀ । ଯଦି ଏକ ସପ୍ତାହ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାନଯାଏ ତାହେଲେ ୪ଗ୍ରାମର ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ଜିଲ୍ଲା କଳାକାର ସଂଘ ପକ୍ଷରୁ ସଂସ୍କୃତି ଅଧିକାରୀଙ୍କ ବଦଳି ଦାବି

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡ଼ା ଜିଲ୍ଲା କଳାକାର ସଂଘ ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ବଦଳି ଦାବି କରାଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ଜିଲ୍ଲାର କଳାକାର ମାନଙ୍କ ପ୍ରତି ଦୁଃବ୍ୟବହାର କରିବା ସହିତ ସେମାନଙ୍କ କୌଣସି କାର୍ଯ୍ୟ ନକରିବା, ବରିଷ୍ଠ କଳାକାରମାନଙ୍କୁ ସମ୍ମାନ ନଦେବା ଆଦି ଅଭିଯୋଗ କରାଯାଇଛି। ଦୀର୍ଘ ୮ ମାସ ହେଲା କଳାକାରମାନଙ୍କ ଭତା ପଡି ରହିଛି । ବର୍ଷକୁ ୨୦ଥର ସଂସ୍କୃତି ଅଧିକାରୀ କଳାକାରମାନଙ୍କ ଜୀବିତ ପ୍ରମାଣପତ୍ର ମାଗୁଛନ୍ତି । କଳାକାର ମାନେ ତାଙ୍କ ସହିତ କଥାବାର୍ତା ହେଲାବେଳେ ସଂସ୍କୃତି ଅଧିକାରୀ କୌଣସି ସନ୍ତୋଷ ଜନକ ଉତର ଦେଉନଥିବା ଏବଂ ସେମାନଙ୍କ କଥାକୁ ବେଖାତିର କରୁଥିବା ସଂଘ ପକ୍ଷରୁ ଅଭିଯୋଗ କରି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଅଭିଯୋଗ ପାଇବା ପରେ ସଂସ୍କୃତି ଅଧିକାରୀଙ୍କ ସହ ଆଲୋଚନା କରି କଳାକାର ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବେବୋଲି କଳାକାର ମାନଙ୍କୁ ପ୍ରତିଶୃତି ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଗଗନ ବିହାରି ସିଂହ, ଗୋବିନ୍ଦ ଚନ୍ଦ୍ର ବାରିକ, ଗଙ୍ଗାଧର ରାୟ, ଏକାମ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଭଦ୍ରକ ଶ୍ରମବିଭାଗ ଜରିଆରେ ଶିଶୁ ଶ୍ରମିକ ନିରାକରଣ ଶୋଭାଯାତ୍ରା ଆୟୋଜିତ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଭଦ୍ରକ ଶ୍ରମବିଭାଗର ମଣ୍ଡଳ ଶ୍ରମ ଆୟୁକ୍ତ ସଚିଦାନନ୍ଦ ଜେନା, ସହ ଶ୍ରମ ଅଧିକାରୀ ଶ୍ରୀ ରତ୍ନାକର ମଲିକ ଏବଂ ଶ୍ରୀମତୀ ପ୍ରେମମଞ୍ଜରୀ ନାୟକ, ଚାଇଲ୍ଡ ଲାଇନ୍ ଆସିଆନାର ସଂଯୋଜକ ରିଆଜ ଅହମଦ, ଚାଇଲ୍ଡ ଲାଇନ୍ ସଂଯୋଜକ ରମାକାନ୍ତ ଜେନା, ଚାଇଲ୍ଡ ଲାଇନ୍ ସବ୍‌ସେଣ୍ଟର ଚାନ୍ଦବାଲିର ବନସ୍ମିତା ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗରୁ ସୁବ୍ରତ ଦାସ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ, ଦେବରାଜ ପାଣିଗ୍ରାହୀ, ଭାରତୀ ରାଉତ, ସଦସ୍ୟ ଅମର ବାରିକ ଶ୍ରମ ସଂଗଠନର କର୍ମକର୍ତା ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ। ଶୋଭାଯାତ୍ରା ଭଦ୍ରକ ଶ୍ରମକାର୍ଯ୍ୟାଳୟରୁ ଆରମ୍ଭ ହୋଇ ସହର ପରିକ୍ରମା କରି ସମାଜକୁ ଶିଶୁ ଶ୍ରମମୁକ୍ତ କରିବାର ବାର୍ତା ପ୍ରଚାର ଏବଂ ପ୍ରସାର କରାଯାଇଥିଲା ଏବଂ ଶିଶୁ ଶ୍ରମିକ ନିଯୁକ୍ତି ଦାତାଙ୍କୁ ଦଣ୍ଡବିଧାନର ବାର୍ତା ପ୍ରଚାର କରାଯାଇଥିଲା। ଜିଲ୍ଲା ପୋଲିସ୍ ବିଭାଗର ସହଯୋଗରେ ଏହି ଶୋଭାଯାତ୍ରା ସଫଳଭାବରେ ସମ୍ପୂର୍ଣ୍ଣ ହୋଇଥିଲା।

# ଅକ୍ଷୟ ସ୍ମାରକୀ ପୁରସ୍କାର ପାଇବାକୁ ମନୋନୀତ ନିର୍ମଳଙ୍କୁ ଅଭିନନ୍ଦନ

କୁଜଙ୍ଗ, (ପିପିଏସ) : ସୁ ଲେଖିକା ପ୍ରତୀଭା ରାୟଙ୍କ ସ୍ୱାମୀ ତଥା ପୂର୍ବତନ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀ ସ୍ୱର୍ଗତ ଅକ୍ଷୟ ରାୟଙ୍କ ପୂଣ୍ୟ ସ୍ମୃତିରେ ପ୍ରତୀଭା ରାୟ ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀ ପକ୍ଷରୁ ଦ୍ୱିତିୟ ଅକ୍ଷୟ ସ୍ମାରକୀ ଉପନ୍ୟାସ ପୁରସ୍କାର ଘୋଷିତ ହୋଇଛି । ଜୁଲାଇ ୨୦ ତାରିଖ ସନ୍ଧ୍ୟା ୬ଟାରେ ଜୟଦେବ ଭବନ ପରିସରରେ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ଚୟନ କରିବା ପାଇଁ ୫୦ବର୍ଷରୁ କମ ଲେଖକଙ୍କଠାରୁ ପ୍ରାପ୍ତ ୨୦ଟି ଉପନ୍ୟାସ ମଧରୁ ୬ଟି ଉପନ୍ୟାସକୁ ବିଚାରକୁ ନିଆଯାଇଥିଲା । ସେଥି ମଧରୁ କୁଜଙ୍ଗ ଅଂଚଳର ସ୍ୱନାମ



ଧନ୍ୟ ଶବ୍ଦ ଶିଳ୍ପୀ ନିର୍ମଳ ରାଉତଙ୍କ ଐତିହାସିକ ଉପନ୍ୟାସ ଗଲାଣି ତ ଗଲା କଥା ପୁରସ୍କାର ନିମନ୍ତେ ମନୋନୀତ ହୋଇଛି। ମାନପତ୍ର ସହ ଲେଖକଙ୍କୁ ୫୧ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଟ୍ରଷ୍ଟର ଉପସଭାପତି ଆଦ୍ୟାଶା ଦାସ ପ୍ରକାଶ କରିଛନ୍ତି । କୁଜଙ୍ଗ ମାଟିର ଗର୍ବ ଓ ଗୌରବ ବିଶିଷ୍ଟ ଶବ୍ଦଶିଳ୍ପୀ ତଥା ସୁଦକ୍ଷ ପ୍ରଶାସକ ନିର୍ମଳ ରାଉତ ଙ୍କ ନାମ ପୁରସ୍କାର ପାଇବା ନିମନ୍ତେ ମନୋନୀତ ହୋଇଥିବାରୁ ବିଶିଷ୍ଟ ସାହିତ୍ୟିକ ହରିଗୁରୁ ଦାସ, ସୁଲେଖିକା ନିତମ୍ବିନି ସାମନ୍ତରାୟ, ଗୋଲାପରାଣୀ ସାହୁ, ମିନର୍ଭା ସ୍ୱାଇଁ, ଅକ୍ଷୟ ରାଉତ, ସୁବାଷ ସେନାପତି, ପ୍ରବିର ପ୍ରଧାନ, ବାପୁଜୀ ସାହୁ, ଅଶୋକ ସ୍ୱାଇଁ ପ୍ରମୁଖ ଶ୍ରୀ ରାଉତଙ୍କୁ ଶୁଭେଚ୍ଛା ଜଣାଇବା ସଂଗେ ସଂଗେ ଟ୍ରଷ୍ଟର ସମସ୍ତ କର୍ମ କର୍ତାଙ୍କୁ କୃତଜ୍ଞତା ଜଣାଉଛୁ ।

# ଡ. ନିତ୍ୟାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧନା

ଯାଜପୁର, (ପିପିଏସ) : ଯାଜପୁର ସହରର ଅମ୍ବିକାଇ ସ୍ଥିତ ରୋଟାରୀ କ୍ଲବ ପରିସରରେ ଯାଜପୁର ବିକାଶ ମଂଚ ଯାଜପୁର ଓ ରୋଟାରୀ କ୍ଲବ ଯାଜପୁର ପକ୍ଷରୁ ଏକ ସମ୍ବଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡାକ୍ତର ରାଜ କିଶୋର ପଣ୍ଡା ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଯାଜପୁର ବିକାଶ ମଂଚର ସଭାପତି ଅଖୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବଦ୍ଧନା ସଭାରେ ମୁଖ୍ୟ ବକ୍ତା ଭାବେ ରୋଟାରୀ କ୍ଲବର ସଭାପତି ସୁବାସ ଚନ୍ଦ୍ର ମହାପାତ୍ର , ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସଭା ପାରମ୍ଭରେ ପ୍ରଦୀପ ପଜ୍ୱଳନ ପରେ ପରେ ଜାତୀୟ ସଂଗୀତ ଗାନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ପରେ ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ରଙ୍କୁ ଉପସ୍ଥିତ ସମସ୍ତ ଅତିଥି ମାନେ ତାଙ୍କର ଡକ୍ଟରେଟ ଉପାଧିର ଉପଲବ୍ଧି ନିମନ୍ତେ ସମସ୍ତ ଅତିତିଗଣ ସମ୍ବଦ୍ଧିତ କରିଥିଲେ। ମାନପତ୍ର ପଜ୍ୱଳନ ସହ ଉକ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଉପସ୍ଥିତ ଅତିଥିଗଣ ଡ. ଶ୍ରୀ ମିଶ୍ରଙ୍କୁ ସମ୍ମାନିତ କରିଥିଲେ। ବିଶ୍ୱ ମାନବ ଅଧିକାର କମିସିନର ପକ୍ଷରୁ




ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ରଙ୍କୁ ମିଳିଥିବା ଡକ୍ଟର ଉପାଧୀ ଜିଲ୍ଲାପାଇଁ ଏକ ଗର୍ବର ବିଷୟ ବୋଲି ଉପସ୍ଥିତ ଅତିଥିଗଣ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟତମ ବକ୍ତା ଭାବେ ବିକାଶ ମଂଚର ସଭ୍ୟ ତଥା ରୋଟାରୀଆନ ଗିରିଶ ମିଶ୍ର , କଲ୍ୟାଣୀ ଦାସ ଯାଜପୁର ବିକାଶ ମଂଚର ବରିଷ୍ଠ ସଦସ୍ୟ ସୁବାସ ତ୍ରିପାଠୀ , ପୁର୍ବତନ ସମ୍ବାଦକ ନିରଞ୍ଜନ ନାୟକ , ନିଳମଣୀ ନାୟକ , ବରିଷ୍ଠ ସାମ୍ବାଦିକ ତଥା ବିକାଶ ମଂଚର ସଭ୍ୟ କୈଳାଶ ନାୟକ , ବରିଷ୍ଠ ସାମ୍ବାଦିକ ସମରଜିତ ମହାନ୍ତି , ବିକାସ ମଂଚର ସଭ୍ୟା ଶ୍ରୀମତୀ କଲ୍ୟାଣୀ ଦାସ ପ୍ରଭୃତି ନିଜର ବକ୍ତବ୍ୟରେ ଶ୍ରୀଯୁକ୍ତ ମିଶ୍ର ଜଣେ ଉଚ୍ଚ କୋଟୀର ଶିକ୍ଷା ବିତ ଭାବେ ଆଜିର ବ୍ୟବସାୟୀକ ଶିକ୍ଷା କ୍ଷେତ୍ରରୁ ନିଜକୁ ଦୂରେଇ ରଖି ଏକ ମୂଲ୍ୟ ବୋଧ ଶିକ୍ଷାର ପରମ୍ବରା ସୃଷ୍ଟି କରିପାରିଛନ୍ତି ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ। ଉକ୍ତ ସଭାରେ ପାରମ୍ଭିକ ସୂଚନା ବିକାଶ ମଂଚର ଆବାହକ ତରୁଣ କୁମାର ନନ୍ଦ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ପୁର୍ଣ୍ଣଚନ୍ଦ୍ର ସାହୁ ମଂଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ମଂଚର ସଭ୍ୟ ଦେବାଶିଷ ରାଉତରାୟ , ବରିଷ୍ଠ ସଦସ୍ୟ କିଶୋର କୁମାର ଦାସ , ରୋଟାରୀଆନ ପ୍ରମୋଦ କୁମାର ନାୟକ , ରୋଟାରୀଆନ କେଦାର ରାଉତ , ପ୍ରେମଲତା ପଣ୍ଡା , ବିନ୍ଦୁରେଖା ନନ୍ଦ , କଳ୍ପନା ମିଶ୍ର , ଗିତାରାଣୀ ଦାସ , ତୃପ୍ତିମାଳା ନାୟକ , ୟୁପାଲି ଦାସ , ଅଳକା ନନ୍ଦ ରଥ , ପ୍ରଦିପ କୁମାର ଜେନା , ଆଲୋକ ଦାସ , ଅଶୋକ ବିଶ୍ୱାଳ ପ୍ରଭୃତି ଯୋଗ ଦେଇଥିଲେ। ଜବିକାଶ ମଚଂର ସଭାପତି ଅଖୟ କୁମାର ଦାସ ଓ ରୋଟାରୀ କ୍ଲବର ସମ୍ପାଦକ କେଦାର ଚନ୍ଦ୍ର ରାଉତ ଯୋଗ ଦେଇ ଶିକ୍ଷାବିତ ନିତ୍ୟାନନ୍ଦ ମିଶ୍ରଙ୍କ ଡକ୍ଟର ଉପାଧି ନିମନ୍ତେ ପୁଷ୍ପଗୁଚ୍ଛ ମାନପତ୍ର ଉପଲୋଗନ ପ୍ରଦାନ ପୁର୍ବକ ସମ୍ବଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଯାଜପୁର ପ୍ରେସ କ୍ଲବ ରିଟାରୀ କ୍ଲବ ଓ ବିକାଶ ମଂଚର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।

# ବାଙ୍କୀ ବିଜେପି କାର୍ଯ୍ୟାଳୟଠାରେ ଆନ୍ତର୍ଜାତିକ ଯୋଗଦିବସ ପାଳିତ

ବାଙ୍କୀ, (ପିପିଏସ) : ବାଙ୍କୀ ବିଜେପି କାର୍ଯ୍ୟାଳୟ ଠାରେ ଆର୍ନ୍ତଜାତିକ ଯୋଗଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଯୋଗଶିବିରକୁ ବରିଷ୍ଠ ବିଜେପି ନେତା ଶୁଭ୍ରାଂଶୁ ମୋହନ ପାଢୀ ଉଦ୍‌ଘାଟନ କରିବା ସହିତ କହିଲେ ଯୋଗ ଭାରତୀୟ ସଂସ୍କୃତିରେ ବହୁପୁରାତନ ଯୁଗରୁ ପ୍ରଚଳିତ। ଆଜିର କରୋନା ମହାମାରୀ ବିଭିଷିକା ସମୟରେ



ଯୋଗର ପ୍ରାସଙ୍ଗିକତା ଓ ଗୁରୁତ୍ୱ ଅନେକ ବଢ଼ି ଯାଇଛି। ଯୋଗକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ପ୍ରଥମଟି ବ୍ରହ୍ମଯୋଗ ଓ ଦ୍ୱିତୀୟଟି କର୍ମଯୋଗ। ଯୋଗଦ୍ୱାରା ମନ ଓ ଶରୀର, ବିଚାର ଓ କର୍ମ ମଧରେ ଏକାତର ଭାବନା ସୃଷ୍ଟି ହୁଏ। ପ୍ରକୃତି ସହ ସମନ୍ୱୟ ରକ୍ଷା କରି ଚଳିବାରେ ସାହାଯ୍ୟ କରେ। ଏହା ମଣିଷର ସାମଗ୍ରୀକ ବିକାଶ ଲାଗି ଉଦ୍ଦିଷ୍ଟ ଓ ଜୀବନଶୈଳୀକୁ ପରିବର୍ତ୍ତନ ସହିତ ଆତ୍ମଚେତନାର ଜାଗ୍ରତ ଏହାର ଲକ୍ଷ୍ୟ ବୋଲି ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି। ବିପିନି ବିହାରୀ ସ୍ୱାଇଁ ଯୋଗ ପ୍ରଶିକ୍ଷକ ଭାବରେ ଯୋଗଦେଇ ବିଭିନ୍ନ ପ୍ରକାର ଯୋଗ ପ୍ରଶିକ୍ଷଣ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମା'ଚର୍ଚ୍ଚିକା ପ୍ରଭାତ ଶାଖାର ସମସ୍ତ ସଦସ୍ୟବୃନ୍ଦ- ପ୍ରସନ୍ନ ପଣ୍ଡା, ଉଦୟନାଥ ସ୍ୱାଇଁ, ସର୍ବେଶ୍ୱର ନାୟକ, ପ୍ରଦୀପ କୁମାର ସାମନ୍ତରାୟ, ବିପ୍ରବର ଲେଙ୍କା, ଜଗନ୍ନାଥ ନାୟକ, ସୁଶାନ୍ତ ମହାପାତ୍ର, ସୁନୀଲ୍ ସାହୁ, ମୁନା ସାହୁ, ଶିବପ୍ରସାଦ ମାଝୀ, ପ୍ରସନ୍ନ ମନ୍ତ୍ରୀ, ସାଇଶୁଭଶ୍ରୀ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ଅଜିତ୍ ସୁବୁଦ୍ଧିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିଶ୍ୱ ସଙ୍ଗୀତ ଦିବସ ଅବସରରେ ଗଠିତ ହେଲା ସଙ୍ଗୀତାନୁଷ୍ଠାନ 'ସଙ୍ଗୀତଧାରା'

ନୟାଗଡ଼, (ପିପିଏସ) : ଜୁନ ୨୧ ବିଶ୍ୱ ସଙ୍ଗୀତ ଦିବସ ଅବସରରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ସଙ୍ଗୀତାନୁଷ୍ଠାନ ମାନଙ୍କୁ ନେଇ ଗଠିତ ହେଲା 'ସଙ୍ଗୀତଧାରା' । ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରେ ଥିବା ଲୁକ୍କାୟିତ ସଙ୍ଗୀତ ପ୍ରତିଭୂ ମାନଙ୍କୁ ଲୋକ ଲୋଚନକୁ ଆଣି ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ ସହିତ ସେମାନଙ୍କୁ ଉତ୍ସାହିତ କରିବା ସଙ୍ଗୀତଧାରାର ମୁଖ୍ୟ ଲକ୍ଷ୍ୟ ରଖାଯାଇଛି। ବିଧିବଦ୍ଧ ଭାବେ ଗଠିତ ହୋଇଥିବା ସଙ୍ଗୀତ ଧାରାର ମୁଖ୍ୟ ପୃଷ୍ଠପୋଷକ ଭାବେ ସମାଜସେବୀ ପ୍ରମୋଦ ପଟ୍ଟନାୟକ ରହିଥିବା ବେଳେ ଉପଦେଷ୍ଟା ଭାବେ ସଙ୍ଗୀତ ଗୁରୁ ରଜନୀକାନ୍ତ ମହାପାତ୍ର ଏବଂ ଲକ୍ଷ୍ମୀଧର ମହାପାତ୍ର ରହିଛନ୍ତି। ସେହିପରି ସଭାପତି ଭାବେ ଡ. ବିଜୟ ଚୌଧୁରୀ, ଉପସଭାପତି ଡ. ନିର୍ମଳ ଶୁରଦେଓ, ସମ୍ପାଦକ ପ୍ରଶାନ୍ତ ଦାଶ, ସହ ସମ୍ପାଦକ ବିଜୟାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଏବଂ ଗଣମାଧ୍ୟମ ସଂଯୋଜକ ଭାବେ ଲକ୍ଷ୍ମୀଧର ସାହୁ ପ୍ରମୁଖ ସଙ୍ଗୀତଧାରାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ ଗୁରୁ ପ୍ରଭାତ ଦାଶ, ଶେଖ ଅବଦୁଲ ଖାଲିକ,ଅଶୋକ ମଲ୍ଲ,ଗୋପୀନାଥ ସେଠି, ରଂଜନ ରଶ୍ମି ଜେନା,ଜୟଶ୍ରୀ ଦେବୀ, ଡ. ଆଶୁତୋଷ ମିଶ୍ର,ପ୍ରଦୀପ୍ତ ରଥ ପ୍ରମୁଖ ରହିଛନ୍ତି। ଆଗାମୀ ଦିନରେ ଏହି ସଙ୍ଗୀତନୁଷ୍ଠାନକୁ ପଞ୍ଜିକୃତ କରି ବର୍ଷର ବିଭିନ୍ନ ସମୟରେ ସଙ୍ଗୀତ ପରିବେଷଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ବାଙ୍କୀ କଲେଜର ଶିକ୍ଷାଦାନ ସଂପର୍କରେ ସମୀକ୍ଷା ବୈଠକ

ବାଙ୍କୀ, (ପିପିଏସ) : ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ଚଳିତ ନୂତନ ଶିକ୍ଷାବର୍ଷ ଅବସରରେ ଏକ ସମୀକ୍ଷା ବୈଠକ କଲେଜ ଦୃଶ୍ୟ ଶ୍ରାବ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରି ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଶଭେଚ୍ଛା ଜଣାଇବା ସହ ଚଳିତ ଶିକ୍ଷାବର୍ଷରେ କଲେଜରେ ନୂତନ ଭାବେ ଖୋଲାଯାଇଥିବା ସ୍ନାତକ ଓ ସ୍ନାତକତ୍ତୋର ପାଠ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। +୨ ଅଧକ୍ଷ ରାଜକିଶୋର ପାଲ୍ ବୈଠକର ଆଭିମୁଖ୍ୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଚଳିତ ନୂତନ ଶିକ୍ଷାବର୍ଷରେ ସ୍ଥଗିତ



ଥିବା ସମସ୍ତ ସ୍ନାତକ ଓ ସ୍ନାତକତ୍ତୋର ପରୀକ୍ଷା କିପରି ସୂଚାରୁ ରୂପେ ହୋଇ ପାରିବ, ନୂତନ ରୋଟିନ୍ ଅନୁସାରେ ପାଠ ପଢ଼ା ଓ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସୂଚାରୁ ରୂପେ ହେବାପାଇଁ ପରାମର୍ଶ ଦେଇଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ନିରଞ୍ଜନ ମହାନ୍ତି ଯୋଗଦାନ କରି ଆଗାମୀ ବର୍ଷରେ କିପରି ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଭଲ ନମ୍ବର ରଖିବେ ସେଥି ପାଇଁ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ଦୃଷ୍ଟି ଦେବାପାଇଁ କହିଥିଲେ। ଆଲୋଚନା ଚକ୍ରରେ କ୍ୟପଟେନ୍ ଗୁରୁବାରୀ ସାହୁ ଭାଗନେଇ ଏନ୍.ସି.ସି ପାଠ୍ୟକ୍ରମ ଚଳିତ ବର୍ଷ ଠାରୁ ଖୋଲିବା ପାଇଁ କହିଥିଲେ। ଅଧ୍ୟାପକ ଯୋଗୀନାଥ ମଲ୍ଲିକ , ପ୍ରଭାତ କୁମାର ବଳିୟାର ସିଂହ ସେମାନଙ୍କ ନିଜସ୍ୱ ମତ ରଖିଥିଲେ। ଡକ୍ଟର ଶୈଳେନ୍ଦ୍ର ନାରାୟଣ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଡ଼ପ ମଣ୍ଡପକୁ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

ପୁରୀ, (ହି.ସ.) : ନବଦିନାତ୍ମକ ଯାତ୍ରାର ଆଜି ତୃତୀୟ ଦିନରେ ଚତୁର୍ଦ୍ଧାମୂର୍ତି ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥ ଉପରୁ ଦିନତମାମ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିବା ବେଳେ ସନ୍ଧ୍ୟାରେ ରଥରୁ ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି । ଆଜି ସକାଳୁ ରଥ ଉପରେ ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହୋଇଛି। ଆଜି ସକାଳ ୬ଟା ୨୫ ରୁ ୭ଟା ମଧ୍ୟରେ ଚତୁର୍ଦ୍ଧାମୂର୍ତିଙ୍କ ମଙ୍ଗଳଆଳତୀ ଅନୁଷ୍ଠିତ ହୋଇଛି । ୭ଟାରୁ ୭ଟା ୧୦ ମଧ୍ୟରେ ମଇଲମ ଓ ତଡ଼ପ ଲାଗି, ୭ଟା ୧୦ରୁ ୭ଟା ୫୫ ମଧ୍ୟରେ ଅବକାଶ ପୂଜା, ୮ଟା ୧୦ ରେ ବେଶ ଶେଷ ହୋଇଛି । ୮ଟା ୪୦ରୁ ୯ଟା ୨୦ ମଧ୍ୟରେ ତିନି ରଥ ଉପରେ ଶ୍ରୀଜୀଉମାନଙ୍କ ଗୋପାଳ ବଲ୍ଲଭ ନୀତି ଅନୁଷ୍ଠିତ ହୋଇଛି । ପରେ ପରେ ୯ଟା ୨୫ରୁ ୧୦ଟା ୩୫ ମଧ୍ୟରେ ସକାଳ ଧୂପ ଅନୁଷ୍ଠିତ ହୋଇ ମଇଲମ ହୋଇଛି । ମଇଲମ ପରେ ୧୦ଟା ୫୫ରେ ମହାସ୍ନାନ, ୧୧ଟା ୫ରେ ସର୍ବାଙ୍ଗ, ୧୧ଟା ୨୦ ରେ ବେଶ ଶେଷ ହୋଇଛି । ହଜାର ହଜାର ସଂଖ୍ୟାରେ ଭକ୍ତ ରାତିତମାମ ଓ ସକାଳୁ ତିନି ରଥରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରିଛନ୍ତି। ସକାଳୁ ଝିପିଝିପି ବର୍ଷା ସତ୍ୱେ ରଥ ନିକଟରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଏଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅପରାହ୍ନ ସାଢ଼େ ୫ଟାରେ ପ୍ରଥମେ ଶ୍ରୀସୁଦର୍ଶନଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ପରେ ପରେ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ । ଶ୍ରୀବିଗ୍ରହ ମାନେ ଗୋଟି ପହଣ୍ଡିରେ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିଥିଲେ । ଆସନ୍ତାକାଲି ଠାରୁ ଭକ୍ତ ମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଡ଼ପ ଅବଢ଼ା ପାଇପାରିବେ ।

## ଚାରିଟେବୁଲ ଟ୍ରଷ୍ଟ ସଂଯୁକ୍ତ ପକ୍ଷରୁ ରଥଦାଣ୍ଡରେ ଖାଦ୍ୟ ବଣ୍ଟନ

କେନ୍ଦ୍ରାପଡ଼ା, (ହି.ସ.) : ପବିତ୍ର ରଥଯାତ୍ରା ଉପଲକ୍ଷେ ଚାରି ଟେବୁଲ ଟ୍ରଷ୍ଟ ସଂଯୁକ୍ତ ତରଫରୁ ଇଚ୍ଛାପୁର ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ଦେଖିବାକୁ ଆସିଥିବା ଭକ୍ତମାନଙ୍କୁ ଟଷ୍ଟ ତରଫରୁ ଦେୟମୁକ୍ତ ଖାଦ୍ୟ ପଦାର୍ଥ, ବିଭିନ୍ନ ପ୍ରକାର ସରବତ୍, ଦହି, ଲେମ୍ବୁ ପାଣି, ଗୋଲାପ ଜଳ ବଂଟନ କରାଯାଇ ଥିଲା। ଚଳଚ୍ଚିତ୍ର ଜଗତର ଶ୍ରଦ୍ଧା ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିବା ବେଳେ ଟ୍ରଷ୍ଟର ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

# ୪୨ମୌଜା ମିର୍ଜାଇପୁରରେ ରାମଲୀଳା ଉଦ୍‌ଯାପିତ, ଶେଷରାତ୍ରିରେ ଭକ୍ତ ଦଶାନନ ପରିବେଷଣ

ବୟାଳିଶମୌଜା, (ପିପିଏସ) : କଟକସଦର ୪୨ମୌଜା କୂଳସରିଚୁଆଁ ଗ୍ରାମପଂଚାୟତସ୍ଥିତ ମିର୍ଜାଇପୁରର ସର୍ବ ପୁରାତନ ରାମଲୀଳା ଅନୁଷ୍ଠାନ ମା' ଜାଗୁଳାଇ ରାମଲୀଳା ସମିତି ଚଳିତ ବର୍ଷ ରଜପର୍ବର ପ୍ରଥମ ରଜନୀରୁ ମହାପ୍ରଭୂ ରାମଙ୍କ ରାମଲୀଳା ପରିବେଷଣ ହୋଇଯାଇଅଛି । କାର୍ଯ୍ୟକ୍ରମର ଉଦ୍‌ଯାପନି ଉତ୍ସବରେ ପ୍ରାରମ୍ଭରେ ମାଷ୍ଟର ଦେବେନ୍ଦ୍ର ନାଥ ବାରିକଙ୍କ ବଳିଷ୍ଟ ନିର୍ଦ୍ଦେଶନାରେ ସଙ୍ଗୀତ ଓ ମହାନ ରାମାୟଣ ନାଟକ 'ଭକ୍ତ ଦସାନନ' ପରିବେଷଣ ହୋଇଥିଲା । ଯୁବନାଟ୍ୟ ନିର୍ଦ୍ଦେଶକ ସନ୍ତୋଷ କୁମାର ପତିଙ୍କ ନିର୍ଦ୍ଦେଶନା ଦେଇଥିଲେ। ପ୍ରଥମେ ରାମ ବନ୍ଦନା ଗ୍ରାମବାସୀମାନଙ୍କ ଦ୍ୱାରା ପରିବେଷଣ ହୋଇ ରାମ, ଲକ୍ଷ୍ମଣ , ହନୁ, ଭରତ, ଶତ୍ରୁଘ୍ନଙ୍କୁ ଖୋଳ ଓ ଝାଞ୍ଜ ବାଦ୍ୟ ଦ୍ୱାରା ନୃତ୍ୟ



ପରିବେଷଣ କରାଯାଇଥିଲା । ଗ୍ରାମର ବାଳିକାମାନେ 'ଗୃହକ ଶବର' ନୃତ୍ୟ ନାଟିକାରେ ଅଭିନୟ କରିଥିଲେ । ଏହି କାର୍ଯ୍ୟକ୍ରମରେ କେଳୁଚରଣ ମହାରଣା, କୃଷ୍ଣଚନ୍ଦ୍ର ଜେନା, ଇଶ୍ୱର ଚନ୍ଦ୍ର ଓଝା, ନାରାୟଣ ମହାରଣା, ସଦାନନ୍ଦ ଭୋଇ, ଉପଦେଷ୍ଟା ମଣ୍ଡଳୀ ଓ ସମସ୍ତ ଗ୍ରାମବାସୀ , ଯୁବକମାନଙ୍କ ସହଯୋଗରେ ଦୀର୍ଘ ବର୍ଷ ହେବ ଏହି ରାମଲୀଳା ପରିବେଷଣ ହେଉଥିବାରୁ ଅଂଚଳବାସୀ ବହୁତ ଖୁସି ବ୍ୟକ୍ତ କରିଥିଲେ । ବହୁ ସଂଖ୍ୟାରେ ୪୨ମୌଜା ତଥା ପଂଚାୟତ ଏବଂ ଗ୍ରାମବାସୀ, ଶ୍ରଦ୍ଧାଳୁ, ସନାତନ ଜୟ ଶ୍ରୀରାମ ପ୍ରେମୀ ଭକ୍ତମାନେ ଉପସ୍ଥିତ ରହିଥିଲେ । ପୂଜା ଅର୍ଚ୍ଚନା ପରେ ଶେଷରେ ଅନ୍ନ ପ୍ରସାଦ ସହିତ ଭୋଗ ଓ ପରେ ସମସ୍ତ କଳାକାର ଓ ଅତିଥି ତଥା ଦେଖଣାହାରୀମାନଙ୍କୁ ସାଧୁବାଦ ଦିଆ ହୋଇ ସମସ୍ତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

## ଚଳଚଞ୍ଚଳ ଶରଧାବାଲି, ଜଗା ଦର୍ଶନରେ ଭକ୍ତଙ୍କ ଗହଳି

ପୁରୀ, (ହି.ସ.) : ଭକ୍ତ ପ୍ରିୟ ଭଗବାନ । ଚଳଚଂଚଳ ହୋଇଉଠିଛି ଶରଧାବାଲି । ବଡ଼ଠାକୁର ତାଳଧ୍ୱଜ ରଥରେ ବିରାଜମାନ କରୁଥିବା ବେଳେ ଦର୍ପଦଳନ ରଥରେ ଦେବୀ ମା ସୁଭଦ୍ରା ଓ ନନ୍ଦିଘୋଷ ରଥରେ ଶ୍ରୀଜଗନ୍ନାଥ ବିରାଜମାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ତିନିରଥ ସୁସଜ୍ଜିତ ଥିବାବେଳେ ସୁସଜ୍ଜିତ ଶ୍ରୀଗୁଣ୍ଡିଚା ମନ୍ଦିର ସଜେଇ ହୋଇ ମହାପ୍ରଭୁଙ୍କ ଚାହିଁ ରହିଛି । ତିନି ରଥରେ ଶ୍ରୀବିଗ୍ରହମାନଙ୍କର ଦୈନନ୍ଦିନ ନୀତିକାନ୍ତି ସମ୍ପନ୍ନ ହୋଇଛି। ସେବାୟତମାନେ ଶ୍ରୀବିଗ୍ରହଙ୍କୁ ସକାଳୁ ରଥ ଉପରେ ମଙ୍ଗଳଆଳତି ସହ ତଡ଼ପଲାଗି, ଅବକାଶ ପୂଜା ଓ ବେଶ କରିଥିଲେ। ହରିବୋଲ,ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ଶରଧାବାଲି । ମହାପ୍ରଭୁଙ୍କ ରଥ ପାଖରେ ଭକ୍ତମାନେ ଦୀପ ଲଗାଇ ଦୁଇ ହାତ ଯୋଡ଼ି ପ୍ରଣିପାତ କରୁଥବା ଦେଖିବାକୁ ମିଳିଥିଲା । ଭକ୍ତମାନେ ରଥ ସମ୍ମୁଖରେ ଦିବ୍ୟ ଦର୍ଶନ ପାଇ ବହୁତ ଖୁସି ଅନୁଭବ କରୁଥିବା ଦେଖିବାକୁ ମିଳିଥିଲା। ଆଖି ଛଳ ଛଳ କରି ଭକ୍ତ ଭଜନ ଗାଉଛି ତ କିଏ ମହାପ୍ରଭୁଙ୍କ ଜଣାଣ କରୁଛି । ଆଜି ଗୋଟି ପହଣ୍ଡିରେ ଚତୁର୍ଦ୍ଧାମୂର୍ତି ଆଡ଼ପ ମଣ୍ଡପକୁ ବିଜେ କରିବେ। ମେଡ଼ିକାଲ ଛକରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଲାଗିଛି ହଜାର ହଜାର ଭକ୍ତଙ୍କ ଗହଳି । ଶ୍ରୀବିଗ୍ରହଙ୍କୁ ଦର୍ଶନ ପାଇଁ ରଥ ଚାରିପାଖରେ ବି ଭକ୍ତଙ୍କ ଗହଳି ଲାଗିରହିଛି । ଭକ୍ତମାନେ ରଥାରୁଢ ଚତୁର୍ଦ୍ଧାମୂର୍ତିଙ୍କୁ ମନଖୋଲା ଦର୍ଶନ କରୁଛନ୍ତି । ଭାବବିନୋଦିଆ କାଳିଆ ଠାକୁରଙ୍କ ଭାବରେ ବୁଡ଼ି ଭାବବିହ୍ୱଳ ହୋଇଛନ୍ତି ଭକ୍ତ। ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଦର୍ଶନ ସହ ଆଖିରେ ଆଖି ମିଶାଇବା ପାଇଁ ଭକ୍ତଙ୍କ ମଧ୍ୟରେ ବ୍ୟାକୁଳତା ଦେଖିବାକୁ ମିଳିଥିଲା । ଶରଧାବାଲି ଚାରିପଟେ ବିଭିନ୍ନ ପ୍ରକାର ଷ୍ଟଲ ସହ ଦୀପ ଦେକାନ, ଖେଳଣା ଦୋକାନ ଓ ଖାଦ୍ୟ ପସରା ପଡ଼ିଥିବା ଦେଖିବାକୁ ମିଳିଥିଲା । ମେଡ଼ିକାଲ ଛକରୁ ପୋଲିସ ଠିଆ ହୋଇ ଗାଡ଼ିମଟର ଚଳାଚଳରେ କଟକଣା କରିଛି । ପୋଲିସ ପକ୍ଷରୁ ରଥାରୁଢ ଚତୁର୍ଦ୍ଧାମୂର୍ତିଙ୍କ ଚାରିପଟେ ବ୍ୟାରିକେଡ଼ କରାଯାଇ ଶୃଙ୍ଖଳିତ ଭାବରେ ଭକ୍ତମାନଙ୍କୁ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ।

## ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, (ହି.ସ.) : ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ୫ଦଫା ଦାବିପତ୍ର ଜିଲ୍ଲାପାଳଙ୍କ ନିକଟକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ପଠାଯାଇଛି । ଏହି ଦାବିପତ୍ର ରେ ସରକାର ପଠାଇଥିବା ଶାଢୀ ଓ ୨୮ ମାସର ବାକି ପାଇସାରେ ଅନେକ ପାଚିକା ମାନଙ୍କର ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ଦାବି କରାଯାଇଛି । ସ୍କୁଲ ବନ୍ଦ ଓ ମିଶ୍ରଣ ପରେ ବାଦ୍ ପଡିଥିବା ପାଚିକା ମାନଙ୍କୁ ତୁରନ୍ତ ନିଯୁକ୍ତି ଦେବା, ପାଚିକା ମାନଙ୍କୁ ୧୦ ମାସ ପରିବର୍ତେ ୧୨ ମାସର ଦରମା ପ୍ରଦାନ କରିବା ଆଦି ଦାବି ଗୁଡିକ ରହିଛି । ଏହିଦ ଦାବିପତ୍ର ପ୍ରଦାନ ସମୟରେ କେନ୍ଦ୍ରାପଡା ଜିଲ୍ଲା କମିଟି ସଭାପତି ସୁହାନା ବେଗମଙ୍କ ନେତୃତ୍ୱରେ ଶୋଭାଗିନୀ ପତି, ଲକ୍ଷ୍ମୀପ୍ରିୟା ରାଉତ, ଜ୍ୟୋସ୍ନାରାଣୀ ଦାସ, ଲକ୍ଷ୍ମୀ ମାହାଳି ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରମ ଅଫିସ୍ ସମ୍ମୁଖରେ ସେବା କାଗଜକଳ ଅବସରପ୍ରାପ୍ତ ଶ୍ରମିକଙ୍କ ଧାରଣା

ଜୟପୁର,(ହି.ସ.) : ସେବା କାଗଜ କଳ ର ଅବସରପ୍ରାପ୍ତ ଶ୍ରମିକ ଓ ମୃତ ଶ୍ରମିକଙ୍କ ବିଧବା ପତ୍ନୀ ଏବଂ କାର୍ଯ୍ୟରତ ଶ୍ରମିକମାନେ ସେମାନଙ୍କ ନ୍ୟାୟ ପାଇବା ଆଶାରେ ଶ୍ରମ ମନ୍ତ୍ରୀଙ୍କୁ ଡିଏଲସି ଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରି ଆଜି ଠାରୁ ଏକ ଘଂଟିଆ ଧାରଣା ଆରମ୍ଭ କରିଛନ୍ତି । ପ୍ରତିଦିନ ସକାଳ ଘ ୧୦.୦୦ ରୁ ୧୧.୦୦ ପର୍ଯ୍ୟନ୍ତ ଦାବି ସମ୍ବଳିତ ବ୍ୟାନର ଧରି ଶ୍ରମ ମନ୍ତ୍ରୀଙ୍କୁ ଗୁହାରି ଜଣାଇ ବସିବେ । ଶ୍ରମ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଏହି ଦାବି ପତ୍ର ରେ ଉଲ୍ଲେଖ ରହିଛି ଯେ ୨୦୨୦ ଫେବୃଆରୀରୁ କାରଖାନା ମଦର ଆର୍ଥ୍ ରିସୋର୍ସ କମ୍ପାନୀ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ବଳରେ ହାତକୁ ନେଇଛି । ଏହି କାରଖାନାକୁ ଚଲେଇବା ପାଇଁ କାରଖାନା ନାଁ ରେ ୧୫୦ କୋଟି ଟଙ୍କା ଋଣ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କରୁ ନେଇଛି । କମ୍ପାନୀ ହାତକୁ ନେବା ପୂର୍ବରୁ ଏବଂ ଋଣ ନେବା ବେଳେ ମଧ ରାଜ୍ୟ ସରକାରଙ୍କ ପାଖରୁ କୌଣସି ଏନ୍ ଓ ସି ନେଇନଥିଲା । ୨୦୨୦ ଜୁନ୍ ଆଠ ତାରିଖରେ ଋଣ ନେଇ ସେଥିରୁ ୧୦୦ କୋଟି ଟଙ୍କା ପୁରୁଣା ମାଲିକ ଗୌତମ ଥାପରଙ୍କୁ ଦେଇଦେଲେ ଅଥଚ ଶ୍ରମିକ ମାନଙ୍କ ପ୍ରୋଭିଡେଂଟ ଫଣ୍ଡ୍ ଟଙ୍କା ବନ୍ଧା ହେଲା ନାହିଁ । ୨୦୨୦ ରୁ ଶ୍ରମିକ ମାନେ ଜମା ଟଙ୍କା ଉଠାଇ ପାରୁନାହାନ୍ତି କି ପେନସନ ସୁବିଧା ପାଇପାରୁ ନାହାନ୍ତି । ଗ୍ରାଚ୍ୟୁଇଟି ବକେୟା ପାଉଣା ପାଇଁ ଅପେକ୍ଷା କରି ରହିଥିଲେ ମଧ ମ୍ୟାନେଜମେଂଟ ଫାଙ୍କି ଚାଲିଛି । ଶ୍ରମ ଅଧିକାରୀ ଗ୍ରାଚ୍ୟୁଇଟି କେସ୍ ଫୈସଲା କରି ଅର୍ଡର୍ ଦେବାପରେ ମଧ ମ୍ୟାନେଜମେଂଟ ଦେଉନାହିଁ । କାରଖାନା ଚାଲିଛି, କାଗଜ ଉତ୍ପାଦନ ହେଉଛି, ବିକ୍ରି ହେଉଛି କିନ୍ତୁ ଶ୍ରମିକ ମାନଙ୍କୁ ପି ଏଫ୍ , ପେନସନ , ଗ୍ରାଚ୍ୟୁଇଟି, ବକେୟା ପାଉଣା ରୁ ବଂଚିତ କରାଯାଉଛି । ଆଶ୍ଚର୍ଯ୍ୟର କଥା କାର୍ଯ୍ୟରତ ଶ୍ରମିକମାନଙ୍କୁ ଅଧା ଦରମା ଅଗ୍ରୀମ ଆକାରରେ ଦେଉଛି ତାହା ମଧ ୨/୩ ମାସରେ ଥରେ , କଂଟ୍ରାକ୍ଟର ଲେବର, ସେକ୍ୟୁରିଟୀ ଗାର୍ଡ ମାନଙ୍କୁ ୪/୫ ମାସରେ ଥରେ ଦରମା ମିଳୁଛି । ଅନବରତ ଚାଲୁଥିବା କାରଖାନା ଶ୍ରମିକଙ୍କୁ ନିର୍ଦ୍ଦିଷ୍ଟ ତାରିଖରେ ପ୍ରତି ମାସରେ ଦରମା ଦେବା ପାଇଁ ଆଇନ ଅଛି । ଏଭଳି ଶ୍ରମିକ ଶୋଷଣ ବିରଳ । ନ୍ୟାୟ ପାଇଁ ଦାବି କଲେ ମ୍ୟାନେଜମେଂଟ ଧମକ ଦେଉଛି କାରଖାନା ବନ୍ଦ କରିଦେବ । ଏ କିଭଳି ବ୍ୟବସ୍ଥା ? ଏ ପ୍ରଶ୍ନ ର ସମାଧାନ କେବଳ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ହିଁ କରିପାରିବେ । ଏଣୁ ଶ୍ରମ ମନ୍ତ୍ରୀ ଙ୍କୁ ଗୁହାରି କରିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ହସ୍ତକ୍ଷେପ କରି ଶ୍ରମିକ ମାନଙ୍କ ସମସ୍ୟା ସମାଧାନ କରାଯାଉ । ଏହି ଧାରଣା ଶାନ୍ତି ପୁର୍ଣ୍ଣ ଭାବେ ସମସ୍ୟା ସମାଧାନ ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଆଜିର ଧାରଣା ରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ବସନ୍ତ ବେହେରା, ସରୋଜ ସୁଆର,ଅଲେଖ ପାତ୍ର, ବିଚିତ୍ର ରାଉତରାୟ, ଏମ୍ ଭି ରାବଣା ,ଜୟରାମ ପ୍ରସାଦ, ରୁକ୍ମିଣୀ ସଉରା,କୁନୀ ମାଣ୍ଡି,ରାନୀ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।

# ମାଲକାନଗିରି ସଦରମହକୁମା ଉପ - କାରାଗାରରେ ବିଶ୍ୱ ଯୋଗ ଦିବସ ପାଳିତ




ମାଲକାନଗିରି, (ହି. ସ.) : ଆଜି ବିଶ୍ୱ ଯୋଗ ଦିବସ ପାଳନ ଅବସରରେ ବିଶ୍ୱର ବିଭିନ୍ନ ଦେଶ ରେ ଏହି ଦିବସ ପାଳନ ହୋଇଛି। ଏପରି ମାଲକାନଗିରି ଜିଲ୍ଲା ସଦରମହକୁମା ଉପ କାରାଗାରରେ ଏହି ବିଶ୍ୱ ଯୋଗ ଦିବସ କାରାଗାରର କର୍ମଚାରୀ ଓ କଏଦୀ ମାନଙ୍କ ସହ ପାଳନ କରାଯାଇଛି କ୍ଷଭାରତ ସ୍ୱାଭିମାନ ଟ୍ରଷ୍ଟ ର ଜିଲ୍ଲା ପ୍ରଭାରୀ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଜିଲ୍ଲା ସ୍ୱଦେଶୀ ପ୍ରଚାରକ ମନୋଜ କୁମାର ସୁବୁଦ୍ଧି ଓ ଯୋଗ ଶିକ୍ଷକ ଶ୍ରୀ ରାମ କୃଷ୍ଣ ଚୌଧୁରୀ ଉପସ୍ଥିତ ଥିଲେ। ଶିବିରରେ ଏକଶହ ରୁ ଅଧିକ କଏଦୀ ନିଜ ଇଚ୍ଛାରେ ଆସି ୨ ଘଣ୍ଟା ଦୃତ ବ୍ୟାୟାମ, ଯୋଗ, ଆସନ ଓ ପ୍ରାଣାୟମ ଶିକ୍ଷା ଗ୍ରହଣ କରିଥିଲେ। ଯୋଗ ଦ୍ୱାରା କେବଳ ଶରୀର ହିଁ ନୁହଁ ମାନସିକ ସୁସ୍ଥତା ଲାଭହୋଇ ପାରିବ ବୋଲି ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରକାଶ କରିଥିଲେ । ପ୍ରାଣାୟମ ଦ୍ୱାରା ମନ ସ୍ଥିର ହୁଏ ଏକାଗ୍ରତା ହୁଏ। ଉତ୍ତମ ବିଚାର ପରିବାରରେ ଆନନ୍ଦ ଆଣିଥାଏ ବୋଲି ମୋନଜ ସୁବଦ୍ଧି କହିଥିଲେ। ସୂର୍ଯ୍ୟ ନମସ୍କାର, ଭସ୍ତ୍ରିକା, କପାଳଭାତି, ଅନୁଲୋମା ବିଲୋମ, ବାହ୍ୟ ଓ ଅନ୍ତଃ ପ୍ରାଣାୟମ ର ଅଭ୍ୟାସ ସମସ୍ତେ କରିଥିଲେ କ୍ଷହାସ୍ୟାସନ, ସିଂହାସନ ପରୀ ଅନେକ ଆସନ ମଧ ଏହି ଶିବିରରେ ଶିଖା ଯାଇଥିଲା କ୍ଷନିୟମିତ ଅଭ୍ୟାସ ଆମକୁ ବିକଶିତ ମନ ଓ ସୁସ୍ଥ ଶରୀର ପ୍ରଦାନ କରିବ ଏଣୁ ଏହାର ଅଭ୍ୟାସ ଦରକାର ବୋଲି ଭାର ପ୍ରାପ୍ତ ଉପ କାରାଗାର ଅଧିକାରୀ କହିଥିଲେ !

# ବିଭିନ୍ନ ଅନୁଷ୍ଠାନ ତରଫରୁ ଯୋଗ ଦିବସ ପାଳିତ



ଜୟପୁର,(ହି.ସ.) ବିଭିନ୍ନ ଅନୁଷ୍ଠାନ ତରଫରୁ ଜୟପୁର ରେ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଛି । ପତଞ୍ଜଳି ଯୋଗ ସମିତି ତରଫରୁ ଜୟପୁର ଠାରେ ୯ମ ଆନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଛି । ଜୟନଗର ପାର୍କ ଠାରେ ସମତି ତରଫରୁ ଜିଲାସ୍ତରିୟ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଛି । ଏଠାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହୀନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦ୍ୱିପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧରେ ସମିତିର ସଭାପତି ଆମ୍ବିକା ପାଣିଗ୍ରାହୀ, ମଦନ ମୋହନ ନାୟକ, ହରିହର କରସୁଧା ପଟ୍ଟନାୟକ, ଜାନକି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଏବେ ବିଶ୍ୱ ଦରବାରରେ ପହଂଚାଇବାକୁ ପ୍ରୟାସ ଆରମ୍ଭ ହୋଇଛି । ଭାରତରଏହି ପ୍ରୟାସ ବିଶ୍ୱର କୋଣ ଅନୁକୋଣରେ ପହଂଚି ପାରିଛି । ଏହି ବର୍ଷ ଆନ୍ତର୍ଜାତିୟ ଯୋଗ ଦିବସ ୧୯୩ଟି ଦେଶରେ ପାଳନ ହୋଇଛି । ଯୋଗ ଦ୍ୱାରା ଶରୀର ସୁସ୍ଥ ରହିବା ସହ ମନକୁ ମଧ ଶାନ୍ତି ମେଳିଥାଏ ବୋଲି ବିଧାୟକ ବାହିନିପତି କହିଛନ୍ତି। ସେହିପରି ଯୋଗ ପରିବାର ତରଫରୁ ଜୟପୁର ଟାଉନ ହଲ ଠାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି । ଏଠାରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହୃଦଘାତ, ଅଣ୍ଟା ବଥା ଓ ମଧୁମେହ ପରି ରୋଗରୁ ମୁକ୍ତି ପାଇବାକୁ ଯୋଗ ହିଁ ଏକ ମାତ୍ର ମାଧମ ବୋଲି କହିଛନ୍ତି । ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି ।

# ଚାଉଳରେ କ୍ଷୁଦ୍ରାକୃତି ରଥ ଗଢ଼ିଲେ ଏନ୍. ପ୍ରତ୍ୟୁଷ

କନ୍ଧମାଳ,(ହି.ସ.) : ଅରୁଆ ଚାଉଳରେ, ପୃଥିବୀର କ୍ଷୁଦ୍ରାକୃତି ରଥ ଗଢି ସମସ୍ତଙ୍କୁ ଚକିତ କରିଛନ୍ତି ଫୁଲବାଣୀ ନଦୀଖଣ୍ଡି ସାହିର ଯୁବଶିଳ୍ପୀ ଏନ୍. ପ୍ରତ୍ୟୁଷ କୁମାର ଚୌଧୁରୀ । ସେ ୪ ଦିନର ଅକ୍ଲାନ୍ତ ପରିଶ୍ରମ କରି, ୧୦୧ଟି ଚାଉଳରେ ଓ ୪୮ଟି ଧଳା ସୋରିଷରେ ଗଢିଛନ୍ତି ଏହି କ୍ଷୁଦ୍ର ନନ୍ଦିଘୋଷ ରଥ । ଚାଉଳରେ ରଥକୁ ପ୍ରସ୍ତୁତ କରିଥିବା ବେଳେ ଧଳା ଶୋରିଷ ରେ, ରଥର ଚକ ସବୁ କରିଛନ୍ତି ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି ପ୍ରତ୍ୟୁଷ। ତେବେ ଏହି ରଥର ଉଚ୍ଚତା ମାତ୍ର ୨ ସେଣ୍ଟିମିଟର ରହିଥିବା ବେଳେ ଚଉଡା ୧.୫ ଓ ଦୈର୍ଘ୍ୟ ୧.୯ ସେ.ମି ରହିଛି ।

ପୂର୍ବରୁ ପ୍ରତ୍ୟୁଷ ଚକଖଡିରେ, ଏକ ୨.୪ ସେ.ମିର ରଥ ଗଢି ରେକର୍ଡ କରିଥିଲେ। ଏବେ ସେ ନିଜ ରେକର୍ଡ ଭାଙ୍ଗିଥିବା ଦାବି କରିଛନ୍ତି । ଏହି ବିରଳ କଳାକୃତିକୁ ବିଭିନ୍ନ ରେକର୍ଡ ବୁକକୁ ପଠାଇବା ପାଇଁ ଯୋଜନା ରଖିଥିବା ସେ ପ୍ରକାଶ କରିଛନ୍ତି । ଫୁଲବାଣୀ ନଦୀଖଣ୍ଡି ସାହି ନିବାସୀ ଅବସରପ୍ରାପ୍ତ ସେନା କର୍ମଚାରୀ ଏନ ପ୍ରେମ ଚୌଧୁରୀ ଓ ମମତା ଚୌଧୁରୀଙ୍କ ପୁଅ ପ୍ରତ୍ୟୁଷ, ଖଲ୍ଲିକୋଟ ଆର୍ଟ ଏଣ୍ଡ କ୍ରାଫ୍ଟ କଲେଜରୁ ଭିଜୁଆଲ ଆର୍ଟସରେ ପାଠ୍ୟକ୍ରମ ସାରିବା ପରେ ଏବେ ଅହମ୍ମଦାବାଦ ଠାରେ ଗ୍ରାଫିକ ଡିଜାଇନିଙ୍ଗରେ ମାଷ୍ଟର କୋର୍ସ କରୁଛନ୍ତି । ପୂର୍ବରୁ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ପ୍ୟାସନ ଏକ୍ସପ୍ଲୋଜନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲେ । ନିଜର ବିରଳ ପ୍ରତିଭା ପାଇଁ ସେ ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ମଧ ସ୍ଥାନ ପାଇଛନ୍ତି । ଯୁବ ପ୍ରତିଭା ପ୍ରତ୍ୟୁଷଙ୍କ ଏହି ଅନନ୍ୟ କଳାକୃତି ସମସ୍ତଙ୍କୁ ଚକିତ କରିଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି ।

# ଜୟପୁରରେ କଡା ସୁରକ୍ଷା ବଳୟରେ ହେଲା ରଥଟଣା



ଜୟପୁର, (ହି.ସ.) : ଜୟପୁର ରଥଯାତ୍ରାରେ କଡା ସରୁକ୍ଷା ବଳୟରେ ପାରମ୍ପରିକ ରିତି ନିତି ଅନୁଯାଇ ଆଜି ରଥ ଟଣା ଆରମ୍ଭ କରାଯାଇଛି । ସାରା ରାଜ୍ୟରେ ଗତ କାଲି ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଜୟପୁରରେ ତା ପରଦିନ ରଥ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଗତକାଲି ତିନି ଠାକୁରୁଙ୍କୁ ପହଣ୍ଡି କରାଯାଇ ରଥା ରୁଡ କରାଯାଇଥିବା ବେଳେ ଆଜି ଅପରାହ୍ନ ସାଢେ ୩ ଘଂଟା ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ କରାଯାଇ ଥିଲା । ରଜାନହର ଠାରୁ ରଥଟଣା ଆରମ୍ଭ କରାଯାଇ ଥିବା ବେଳେ ବାଙ୍କମଠ ଠାରେ ହୋଇଥିବା ମାଉସୀମା ଘରେ ରଥ ରହିଛି । ବାଙ୍କମଠ ଠାରେ ପ୍ରଭୁ ତିନି ଠାକୁର ଦଶ ଅବତାରରେ ଦଶ ଦିନ ଭକ୍ତଙ୍କୁ ଦର୍ଶନ ଦେବେ । ବଡ ରଥକୁ ପରୁଷ ମାନେ ଟାଣି ଥିବା ବେଳେ ଛୋଟ ରଥ ଅର୍ଥାତ ପତିତପାବନଙ୍କ ରଥକୁ ମହିଳା ମାନେ ଟାଣି ଥିଲେ । ପୋଲିସ ତରଫରୁ କଡା ସୁରକ୍ଷା କରାଯାଇ ଥିବା ବେଳେ ୮ ପ୍ଲାଟୁନ ପୋଲିସ ସହ ୬୦ ଜଣ ଅଫିସର ମୁତୟନ ହୋଇଥିଲେ । ଭକ୍ତମାନେ ଯେପରି ସୁରୁଖୁରୁରେ ରଥ ଟାଣି ପାରିବେ ସେ ନେଇ ପ୍ରଶାସନ ତରଫରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇ ଥିଲା । ରଥ ଟଣା ସମୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଉପ ଜିଲାପାଳ ବେଦ ବର ପ୍ରଧାନ, ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଜୟପୁର ତହସିଲଦାର ସାଗରିକା ଷଡଙ୍ଗି ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଅନୁଶାସନରେ ଯୋଗ ଓ ପ୍ରାଣାୟାମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୁବର୍ଣ୍ଣପୁର,(ହି.ସ.) : ସୁବର୍ଣ୍ଣପୁର ନୂତନ ଟାଉନ ହଲ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ଯୋଗଦିବସ ପାଳିତ ହୋଇଯାଇଛି । ଜିଲ୍ଲା ପରିଷଦ ଓ ମିଳିତ ସହଯୋଗରେ ଆୟୋଜିତ ଜିଲ୍ଲା ପ୍ରଶାସନ ର ଏହି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯୋଗ ଓ ପ୍ରାଣାୟାମ ଜୀବନକୁ ଶୃଙ୍ଖଳିତ କରିବା ସହ ଶାରୀରିକ ଓ ମାନସିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଇଥାଏ ବୋଲି କହିବା ସହ ନିଜକୁ ସୁସ୍ଥ ରଖିବାକୁ ପ୍ରତ୍ୟହ ଯୋଗାସନ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଛନ୍ତି । ଶିବିରରେ ସୁବର୍ଣ୍ଣପୁର ଆରକ୍ଷୀ ଅଧିକାରୀ, ଅମରେଶ ପଣ୍ଡା,ସି ଡି ଓ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ନିହାର ରଞ୍ଜନ କହର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ମନୁଷ୍ୟ ଜୀବନରେ ଯୋଗାଭ୍ୟାସ ଓ ପ୍ରାଣାୟାମର ଗୁରୁତ୍ୱ ଉପରେ ଆଲୋକପାତ କରି ସାମ୍ପ୍ରତିକ ସ୍ଥିତିରେ ଏକ ଶୃଙ୍ଖଳିତ, ବ୍ୟବସ୍ଥିତ ତଥା ଅନୁଶାସିତ ଜୀବନ ବଂଚିବାରେ ଯୋଗ ଓ ପ୍ରାଣାୟାମର ଆବଶ୍ୟକତାକୁ ହୃଦୟଙ୍ଗମ ସହିତ ଆମେ ସମସ୍ତେ ନିୟମିତ ଭାବେ ନିର୍ଦ୍ଦିଷ୍ଟ କିଛି ସମୟ ଯୋଗ ଓ ପ୍ରାଣାୟାମ କରିବାକୁ ପରାମର୍ଶ ଦେଇଛନ୍ତି । ଅନୁଷ୍ଠିତ ଏହି ଯୋଗ ଶିବିରରେ ପତଞ୍ଜଳି ଯୋଗ ସମିତି ସୁବର୍ଣ୍ଣପୁର ଶାଖା, ଶ୍ରୀ ଗୋପାଳଜୀ ତଡିତ ମନ୍ତ୍ର ଶ୍ୱାସ ଯୋଗାଳୟ, ମାରୱାଡି ଯୁବାମଂଚ, ସ୍ୱଚ୍ଛ ଭାରତ, ଜିଲ୍ଲା ରକ୍ତ ଦାତା ସଂଘ, ବରିଷ୍ଠ ନାଗରିକ ସଂଘ, ପ୍ରଜାପିତା ବ୍ରହ୍ମକୁମାରୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ,ବୁଦ୍ଧିଜୀବୀ, ସରକାରୀ କର୍ମଚାରୀ, ଯୋଗ ସଂଗଠନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତା ପ୍ରମୁଖ ଯୋଗଦାନ କରି ଯୋଗ ପ୍ରଶିକ୍ଷକ ମନୋଜ ପଣ୍ଡାଙ୍କ ଯୋଗମୁଦ୍ରାର ତାଳେ ତାଳେ ସଭିଏଁ ଯୋଗାସନ ଓ ପ୍ରାଣାୟାମ ପ୍ରଦର୍ଶନ କରିଥିଲେ । ତେବେ ଦିନକୁ ଦିନ ଯୋଗର ପରିସର ଓ ଗୁରୁତ୍ୱ ବ୍ୟାପକ ହେଉଥିବା ବେଳେ,ଏ ବର୍ଷ 'ସମସ୍ତଙ୍କ ଘର ଅଗଣାରେ ଯୋଗ'ର ବାର୍ତା ପରିପ୍ରେକ୍ଷୀରେ ସହରର ବିଭିନ୍ନ ଅନୁଷ୍ଠାନ ସହ ଜିଲ୍ଲା ଫୌଜଦାରୀ ଓ ଦେୱାନୀ ଅଦାଲତ ସମେତ ବିଭିନ୍ନ ବିଦ୍ୟାଳୟରେ, ସମସ୍ତ ବ୍ଲକ ସ୍ତରରେ ଓ ପଂଚାୟତ ସ୍ତରରେ ବିଶ୍ୱ ଯୋଗ ଦିବସକୁ ବେଶ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରାଯାଇଛି କ୍ଷ ଶ୍ରୀମତୀ ଶୈବାଳିନୀ ପଟ୍ଟନାୟକ ଏପିଡି ଟ୍ରେନିଂ, ଜିଲ୍ଲାପରିଷଦଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଅନୁଷ୍ଠିତ ଯୋଗ ଶିବିରର ବିଭିନ୍ନ କାର୍ଯ୍ୟକ୍ରମକୁ ପରମାନନ୍ଦ ନାୟକ ପ୍ରଧାନ ଶିକ୍ଷକ କୋଶଲ ଉଚ୍ଚ ବିଦ୍ୟାଳୟ, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ, ସାମ୍ବାଦିକ ସଞ୍ଜୟ ସାହୁ ପରିଚାଳନା କରିଥିବା ବେଳେ ଶ୍ରୀ ପ୍ରଦୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓମ୍ ଶାନ୍ତି ଯୋଗପୀଠର ଯୋଗଦିବସ ପାଳନ

ବଲାଙ୍ଗୀର,(ହି.ସ.) : ସ୍ଥାନୀୟ ରାଜେନ୍ଦ୍ର ପାର୍କ ଠାରେ ସକାଳ ଘ.୬ ସମୟରେ ଓମ୍ ଶାନ୍ତି ଯୋଗପୀଠ ଦ୍ୱାରା ଆର୍ନ୍ତଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି । ସଭାପତି ନାରାୟଣ ପାଢୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଗଲା । ସଭାପତି ତାଙ୍କ ଅଭିଭାଷଣରେ ସମସ୍ତଙ୍କୁ ମନେ ପକାଇଥିଲେ ଯେ, ଦିର୍ଘ ୯ ବର୍ଷ ହେଲା ସାରା ବିଶ୍ୱରେ ଏହି ଦିନକୁ ଯୋଗ ଦିବସ ହିସାବରେ ପାଳନ କରାଯାଉଛି ।

ସଂପାଦକ ଚୁଡେନ୍ଦ୍ର କୁମାର ବେହେରା ସମସ୍ତ ସଭ୍ୟଙ୍କୁ ସକାଳେ ଠିକ୍ ସମୟରେ ଯୋଗ କେନ୍ଦ୍ରରେ ଉପସ୍ଥିତ ରହି ଯୋଗ କରିବା ପାଇଁ ନିବେଦନ କରିଥିଲେ ଏବଂ ଯୋଗ ଗୁରୁ ବିନୟ କୁମାର ମିଶ୍ରଙ୍କୁ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଯୋଗଶିକ୍ଷା ଦାନ କରିବା ପାଇଁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଚିତରଂଜନ ପଟେଲ, ମଦନ ମୋହନ ଅଗ୍ରୱାଲ, ଦାମୋଦର ହୋତା, ବିରେନ୍ଦ୍ର କୁମାର ବନ୍ଛୋର, ବିଧୁଭୂଷଣ ତ୍ରିପାଠୀ, ନବକୃଷ୍ଣ ସାହୁ, ବିଜୟ କୁମାର ବାଗ, ସୁରେନ୍ଦ୍ର ସିଂ, ସତ୍ୟାନନ୍ଦ ସାହୁ, ତ୍ରିଲୋଚନ ଦାଶ, ମନୋରଂଜନ ମିଶ୍ର, ଦେବୀ ପ୍ରସାଦ ଅଗ୍ରୱାଲ, ସୁଦାମ ପ୍ରସାଦ ଅଗ୍ରୱାଲ, ଚନ୍ଦ୍ର ପ୍ରକାଶ ଅଗ୍ରୱାଲ, ପ୍ରକାଶ କେଜ୍ରିୱାଲ, ପ୍ରମୋଦ ଗୁରୁ, ଜଗଦିଶ ପ୍ରସାଦ ଅଗ୍ରୱାଲ, ବିଜୟାନନ୍ଦ ମିଶ୍ର, ଅରୁପ କୁମ୍ଭାର, ଭିକାରୀ ସୁନା, ସୁବାଷ ଜେନା, ରାଜ କିଶୋର ସାହୁ, ସୀତାରାମ କୁମ୍ଭାର । ଶେଷରେ ସତ୍ୟନାରାୟଣ ନାଏକ ଟ୍ରେଜେରର ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଦେଇଥିଲେ ଓ ସଭାପତି ସଭାକାର୍ଯ୍ୟକୁ ସାଙ୍ଗ କରିଥିଲେ ।

# ସେଲ୍ ଆରଏସପି ପ୍ରୋତ୍ସାହିତ ଷ୍ଟାର୍ଟ ଅପ୍ ଦ୍ୱାରା ଏଲଡ଼ି ସ୍ଲାଗର୍ ଜୈବିକ ଖତ



ରାଉରକେଲା,(ପିପିଏସ୍):ସେଲ ରାଉରକେଲା ଇସ୍ପାତ କାରଖାନାର କର୍ପୋରେଟ୍ ସାମାଜିକ ଦାୟିତ୍ୱ କାର୍ଯ୍ୟଧାରା ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଉରକେଲାର ସହଭାଗିତାରେ 'ବର୍ଜ୍ୟରୁ ଐଶ୍ୱର୍ଯ୍ୟ' ଏବଂ ସ୍ୱାସ୍ଥ୍ୟ, ଚାଷ ଏବଂ ପରିବେଶ ଭଳି ଅନ୍ୟାନ୍ୟ ସିଏସଆର ଫୋକସ୍ କ୍ଷେତ୍ର ଉପରେ ଅନୁସନ୍ଧାନ ଏବଂ ବିକାଶ ପଦକ୍ଷେପ ସହିତ ଅଗ୍ରସର ହେଉଛି । ସମ୍ପ୍ରତି ଏହା ଷ୍ଟାର୍ଟ ଅପ୍ ଓଡିଶା, ଷ୍ଟାର୍ଟ ଅପ୍ ଇଣ୍ଡିଆ ଭଳି ସରକାରଙ୍କ ଫ୍ଲାଗସିପ୍ ପ୍ରୋଗ୍ରାମକୁ ପ୍ରୋତ୍ସାହିତ କରିବାରେ ନିଜର ସହଯୋଗର ହାତ ବଢାଇଛି ଯାହା ଭାରତୀୟ ଅର୍ଥନୀତିକୁ ମଜବୁତ କରିବା ଏବଂ ବର୍ଜ୍ୟବସ୍ତୁ ଓ ସ୍ଥାନୀୟ ଉତ୍ସ ବ୍ୟବହାର କରି ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ବାୟୋଟେକ୍ ଆଗ୍ରିନୋଭେସନ୍ ପ୍ରାଇଭେଟ ଲିମିଟେଡ୍ ଆରଏସପିର ପ୍ରୋତ୍ସାହନ ଲାଭ କରିଥିବା ଏହିଭଳି ଏକ ଷ୍ଟାର୍ଟ ଅପ୍ ଏବଂ ଏହା ଷ୍ଟାର୍ଟ ଅପ ଓଡିଶା ଏବଂ ଷ୍ଟାର୍ଟ ଅପ୍ ଇଣ୍ଡିଆ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ । ଏହାର ନିର୍ଦ୍ଦେଶକ ଡକ୍ଟର ଶିତାରଶ୍ମୀ ସାହୁ ଏବଂ ଅବସରପ୍ରାପ୍ତ ପ୍ରଫେସର ମୀନାକୁମାରୀ ମହାରାଣା, ତାଙ୍କର ବାୟୋଟେକ୍ନୋଲୋଜିଷ୍ଟ, ଇଞ୍ଜିନିୟର୍ ଏବଂ କୃଷକଙ୍କୁ ନେଇ ଗଠିତ ଏକ ଟିମ୍ ସହିତ ଧାନ, ପନିପରିବା, ଫୁଲଫଳ ଗଛ ଏବଂ ଇଣ୍ଡୋର ବୃକ୍ଷରାଜି ନିମନ୍ତେ ଜୈବିକ ଖତ ବିକାଶ ପାଇଁ ଇସ୍ପାତ ଶିଳ୍ପର ବର୍ଜ୍ୟବସ୍ତୁ ଏଲଡ଼ି ସ୍ଲାଗ୍କୁ ସଫଳତାର ସହ ବ୍ୟବହାର କରୁଛନ୍ତି । ଏହି ଦଳ ସେମାନଙ୍କ ଅଭିନବ କୌଶଳ ମାଧ୍ୟମରେ ବର୍ଜ୍ୟବସ୍ତୁକୁ ମୂଲ୍ୟଯୁକ୍ତ ଉତ୍ପାଦ ଯେପରିକି ଉଦ୍ଭିଦ ପୁଷ୍ଟିକର ବାୟୋ-ସାର, ଜୈବିକ ଖତ ଏବଂ ବାୟୋ-ଏନଜାଇମ୍ ଉତ୍ପାଦନ ପାଇଁ ବ୍ୟବହାର କରିବାକୁ ପ୍ରୟାସ କରିଥିଲା । ପ୍ରାଥମିକ ଏବଂ ମାଧ୍ୟମିକ (ମାକ୍ରୋ ଏବଂ ମାଇକ୍ରୋ) ଉଦ୍ଭିଦ ପୁଷ୍ଟିକର ଏବଂ ମୃତ୍ତିକା କଣ୍ଡିସନରକୁ ପରିବେଶ ସ୍ଥାୟୀ ଉପାୟରେ ଉତ୍ପାଦନ ନିମନ୍ତେ ସେମାନେ ଲକ୍ଷ୍ୟ ରଖିଛନ୍ତି । ଏହା ମଧ ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା-କୃଷି ଏବଂ ସହଯୋଗୀ କ୍ଷେତ୍ରର ପୁନଃସଞ୍ଚାରଣ ଯୋଜନା ଅନ୍ତର୍ଗତ ଅନୁଦାନ ପ୍ରାପ୍ତ ଅଟେ ।

# ସେଲ୍ ଆରଏସପିରେ ବୈଷୟିକ ବକ୍ତବ୍ୟ ଅନୁଷ୍ଠିତ



ରାଉରକେଲା,(ପିପିଏସ) : ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଟାଲସ୍, ରାଉରକେଲା ଅଧ୍ୟାୟ ଦ୍ୱାରା ଜୁନ୍ ୧୭ ତାରିଖରେ ଏଚଆରଡ଼ି କେନ୍ଦ୍ର ଠାରେ ଏକ ବୈଷୟିକ ବକ୍ତବ୍ୟ ଆୟୋଜିତ ହୋଇଯାଇଛି । ଉକ୍ତ ବୈଠକରେ ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତଥା ଆଇଆଇଏମ ରାଉରକେଲା ଅଧ୍ୟାୟର ଅଧକ୍ଷ ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଉକ୍ତ ବୈଠକରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ଶତପଥୀ ମଧ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଟାଲସ୍, ରାଉରକେଲା ଅଧ୍ୟାୟର ପ୍ରତିନିଧି ଓ ଆରଏସପିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ସୂର୍ଯ୍ୟବଂଶୀ କହିଥିଲେ ଯେ, ଶିଳ୍ପଗୁଡିକୁ ପରିବର୍ତ୍ତିତ ସମୟର ଆବଶ୍ୟକତା ମୁତାବକ ନିଜକୁ ସଂଗଠିତ କରିବା ସହ ପରିବେଶରେ ପରିବର୍ତ୍ତନର ମୁକାବିଲା ପୂର୍ବକ ବିଶ୍ୱ ବଜାରରେ ତିଷ୍ଠି ରହିବା ନିମନ୍ତେ ନିଜକୁ ପରିବର୍ତ୍ତିତ କରିବାକୁ ହେବ । ଏହି ଅବସରରେ ନୂତନ ଆଜୀବନ ସଦସ୍ୟମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା । ଏଥିରେ ପରାମର୍ଶଦାତା କମ୍ପାନୀ ମେଷର୍ସ ଆର୍ଣ୍ଣଷ୍ଟ ଆଣ୍ଡ ୟଙ୍ଗର ସୁଶ୍ରୀ ଆଲକା ଉପାଧ୍ୟାୟ "ଜଳବାୟୁ ପରିବର୍ତ୍ତନ ଓ ସ୍ଥିତିସ୍ଥାପକତ୍ୱ" ସନ୍ଦର୍ଭରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । ଏଥିରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଦୁଇ ସୂତ୍ରୀ ସମାଧାନ, ମଧବର୍ତ୍ତୀକାଳୀନ ଆହ୍ୱାନ ଓ ନେଟ୍ ଶୂନ୍ୟ ନିର୍ଗମନ ରଣନୀତି ଏବଂ ସ୍ଥିତିସ୍ଥାପକତ୍ୱର ବିକାଶ ବିଷୟରେ ତଥ୍ୟ ପ୍ରଦାନ କରାଯାଇଥିଲା ।

ଏହାପରେ ମତ ବିନିମୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଗୁଣବତ୍ତା ବିଭାଗର ସିଜିଏମ ତଥା ଆଇଆଇଏମ ରାଉରକେଲା ଅଧ୍ୟାୟର ଅବୈତନିକ ସଚିବ ଶ୍ରୀ ଆତିଶ ଚନ୍ଦ୍ର ସରକାର ସମାବେଶକୁ ସ୍ୱାଗତ କରିଥିଲେ । ଆରସିଏଲ୍ ବିଭାଗର ଜିଏମ ଶ୍ରୀ ଆଶିଷ ରଂଜନ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିବାବେଳେ କୋକ୍ ଓଭେନ୍ ବିଭାଗର ଜିଏମ ଶ୍ରୀ ବିଶ୍ୱଜିତ୍ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ୧୪ ଫୁଟ୍ର ଅଜଗର ଉଦ୍ଧାର



ଜୟପୁର, (ହି.ସ.) : ଜୟପୁର ବନାଞ୍ଚଳ ପକ୍ଷରୁ ୧୪ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର ହୋଇଛି । ଜୟପୁର ନିକଟ ଭଙ୍ଗାଛିଞ୍ଚିରେ ଅଜଗର ସାପଟି କୋକିଶିଆଳକୁ ଗିଳି ସାରିବା ପରେ କୁଆଡେ ଯାଇନପାରି ଗ୍ରାମ ନିକଟ ଏକ ପୋଖରୀ ପାଖରେ ରହିଯାଇଥିଲା । ପରେ ଅଜଗର ଗିଳିଥିବା କୋକିଶିଆଳକୁ ମୃତ ଅବସ୍ଥାରେ ବାହାର କରିଥିଲା । ଏହା ଦେଖି ଗ୍ରାମବାସୀମାନେ ଜୟପୁର ବନାଞ୍ଚଳ ବିଭାଗକୁ ଖବର ଦେଇଥିଲେ । ପରେ ଜୟପୁର ବନାଞ୍ଚଳ ଅଧିକାରି ସଚ୍ଚିଦାନନ୍ଦ ପରିଡା ଉକ୍ତ ପହଞ୍ଚି ସାପକୁ ଉଦ୍ଧାର କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଙ୍ଗଲ ଭିତରେ ଛଡ଼ା ଯାଇଥିବା ସୂଚନା ଦେଇଛନ୍ତି ।

# ଆରଏସପିର ସେଲ ହକି ଏକାଡେମୀର ଜୁନ୍ରେ କ୍ୟାଡେଟ ଚୟନ

ରାଉରକେଲା,(ପିପିଏସ୍) : ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ସେଲ୍ ହକି ଏକାଡେମୀରେ ନାମଲେଖା ପାଇଁ କ୍ୟାଡେଟ ଚୟନ ନିମନ୍ତେ ମନୋନୟନ ପରୀକ୍ଷା ୨୦୨୩ ଜୁନ ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ । ପ୍ରାର୍ଥୀମାନେ ବ୍ୟାଟେରୀ ଟେଷ୍ଟ ପାଇଁ ଯୋଗ୍ୟତା ହାସଲ ନିମନ୍ତେ ୦୧.୦୭.୨୦୨୩ ସୁଦ୍ଧା ୧୪ରୁ ୧୬ ବର୍ଷ ମଧ୍ୟରେ ହୋଇଥିବେ । ପ୍ରାର୍ଥୀମାନଙ୍କୁ ଆବେଦନ ଫର୍ମ ଓ ଗେଜେଟେଡ ଅଫିସରଙ୍କ ଦ୍ୱାରା ଆଟେଷ୍ଟେଡ ହୋଇଥିବା ଆବଶ୍ୟକୀୟ ପ୍ରମାଣପତ୍ର ସହ ଜୁନ ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ସେକ୍ଟର ୫ ରାଉରକେଲାରେ ରିପୋର୍ଟ କରିବା ଆବଶ୍ୟକ । ଜନ୍ମ ତାରିଖ ପ୍ରମାଣ ପାଇଁ ମ୍ୟାଟ୍ରିକ ସାର୍ଟିଫିକେଟ କିମ୍ବା ରେଜିଷ୍ଟ୍ରାର ଅଫ ବାର୍ଥ ଆଣ୍ଡ ଡେଥ/ ଉପଯୁକ୍ତ ସରକାରୀ ପଦାଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ପ୍ରମାଣପତ୍ର ତଥା ଆଧାର କାର୍ଡ ଗ୍ରହଣ କରାଯିବ । ଯାଞ୍ଚ ନିମନ୍ତେ ସମସ୍ତେ ନିଜର ମୂଳ ପ୍ରମାଣପତ୍ର ଦେଖାଇବାକୁ ହେବ । କୌଣସି ଅନୁଷ୍ଠାନ, ଆସୋସିଏସନ କିମ୍ବା ପ୍ଲାଣ୍ଟ ଗୁଡିକ ସର୍ବାଧିକ ୪ ଜଣ ପୁରୁଷ ଖେଳାଳୀ ପଠାଇ ପାରିବେ । ଏ ବିଷୟରେ ବିଶଦବିବରଣୀ ପାଇଁ ଖେଳାଳୀ ମାନେ କ୍ରୀଡା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏବଂ ଇନ ଚାର୍ଜ ସେଲ ହକି ଏକାଡେମୀ, ଶ୍ରୀ ରଘୁ ନନ୍ଦନ ପାଢୀ ଓ ସେଲ ହକି ଏକାଡେମୀର ପ୍ରଶିକ୍ଷକ, ଶ୍ରୀ ରାଜୁ କାନ୍ତ ସାଇନିଙ୍କୁ ମୋବାଇଲ ନମ୍ବର ଯଥାକ୍ରମେ ୮୮୯୫୫୦୪୭୫୧ ଏବଂ ୮୯୧୭୪୫୩୬୪୯ ରେ ଯୋଗାଯୋଗ କରିପାରିବେ ।

*ସମାଜର ସବୁଠାରୁ ବଡ଼ ବିପଦ ହେଉଛି ବ୍ୟକ୍ତିଗତ ବା ଦଳଗତ ସ୍ୱାର୍ଥ ପାଇଁ ଦେଶର ସମୂହ ସ୍ୱାର୍ଥକୁ ବଳିଦେବା । ଏହି ବିପଦ ଭାରତୀୟ ସମାଜରେ ସ୍ୱରାଜ୍ୟ ପରେ ଯେପରି ଦେଖାଦେଉଛି, ଏପରି ପୂର୍ବେ ନଥିଲା ।*

(ଗାଁ ମଜଲିସ, ୭ମ ଖଣ୍ଡ, ପୃଷ୍ଠା-୪୩)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୨୩।୦୬।୨୦୨୩ ଶୁକ୍ରବାର

# ହିଂସା ବନାମ ଗଣତନ୍ତ୍ର

ଏବେ ଏକ ପ୍ରକାରରେ ନିଷ୍ପତ୍ତି ହୋଇଯାଇଛି ଯେ ପଶ୍ଚିମବଙ୍ଗର ଜୁଲାଇ ୮ ତାରିଖକୁ କେନ୍ଦ୍ରୀୟ ସୁରକ୍ଷା ବାହିନୀର ମୁତୟନରେ ପଞ୍ଚାୟତ ନିର୍ବାଚନ କରାଯିବ । ସୁପ୍ରିମ୍‌କୋର୍ଟ ଏ ସଂକ୍ରାନ୍ତରେ କଲିକତା ହାଇକୋର୍ଟର ଆଦେଶରେ ହସ୍ତକ୍ଷେପ କରିବ ନାହିଁ କହି ଟିପ୍ପଣୀ ଦେଇଛନ୍ତି ଯେ ରାଜନୈତିକ ଦଳମାନେ ଓ ନିର୍ବାଚନ କରାଉଥିବା ନିୟାମକ ବ୍ୟବସ୍ଥା ଏ ସଂକ୍ରାନ୍ତରେ ଗମ୍ଭୀରତାର ସହ ବିଚାର କରିବା ଦରକାର । ସୁପ୍ରିମ୍‌କୋର୍ଟ ଅତି ସ୍ପଷ୍ଟଭାବେ କହିଛନ୍ତି ନିର୍ବାଚନ କରାଇବା କଦାପି 'ହିଂସାକୁ ଲାଇସେନ୍ସ' ଦେବାଭଳି କଥା ହୋଇନପାରେ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ହେଉଛି ଏକ ପ୍ରମୁଖ ପ୍ରକ୍ରିୟା । ଯଦି ନିର୍ବାଚନକୁ ଧନବଳ, ବାହୁବଳ, ବା ଅନ୍ୟ କୌଣସି ଉପାୟରେ ପ୍ରଭାବିତ କରିବା ଲାଗି ଉଦ୍ୟମ ହୁଏ ତେବେ ସେ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଚିହ୍ନ ଲାଗିଯାଏ । ପଞ୍ଚାୟତ ନିର୍ବାଚନର ଘୋଷଣା ପରେ ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ବଢ଼ିବାରେ ଲାଗିଛି । ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଚାଲିଛି । ପ୍ରତ୍ୟେକ ଦିନ ହିଂସାକାଣ୍ଡ ଘଟୁଥିବା ଖବର ବି ଆସୁଛି ।

୨୦୧୮ରେ ପୌରସଂସ୍ଥା ନିର୍ବାଚନ କାଳରେ କେନ୍ଦ୍ରୀୟ ସୁରକ୍ଷା ବାହିନୀର ଯବାନଙ୍କୁ ମୁତୟନ କରାଯାଇ ନଥିଲା ଓ ଏକ ତୃତୀୟାଂଶରୁ ଅଧିକ ଆସନରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ଜିତିଯାଇଥିଲେ । ଅଧିକାଂଶ ଆସନରେ ବିରୋଧୀ ଦଳ ନିଜର ପ୍ରାର୍ଥୀ ମଧ୍ୟ ଦେଇ ପାରିନଥିଲେ । ଏଥର ସ୍ଥିତି କିଛି ମାତ୍ରାରେ ଭଲ ହୋଇଛି । ବିରୋଧୀ ଦଳମାନଙ୍କୁ ୩୪୧ଟି ବ୍ଲକ୍ ମଧ୍ୟରୁ ପ୍ରାୟ ୫୦ଟିରେ ଅସୁବିଧା ଭୋଗ କରିବାକୁ ପଡୁଛି । ହିଂସାକାଣ୍ଡର ନଗଦ ଘଟଣାକ୍ରମ ଅନୁଧ୍ୟାନ ଯୋଗ୍ୟ । ଜୁନ୍ ୧୫ରେ କଲିକତା ହାଇକୋର୍ଟ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ରୀୟ ସୁରକ୍ଷା ବାହିନୀର ଯବାନ୍ ମୁତୟନ ଲାଗି ନିର୍ଦ୍ଦେଶ ଦେଇଥିଲେ । ପଶ୍ଚିମବଙ୍ଗ ରାଜ୍ୟ ନିର୍ବାଚନ କମିଶନ ହାଇକୋର୍ଟଙ୍କ ଆଦେଶକୁ ଅପେକ୍ଷା କରିବା ଲାଗି ନିଷ୍ପତ୍ତି ନେଲା । ପୁଣି ରାଜ୍ୟ ସରକାର ଓ ରାଜ୍ୟ ନିର୍ବାଚନ କମିଶନ ସୁପ୍ରିମ୍‌କୋର୍ଟଙ୍କୁ ଗଲେ । କୌଣସି ନିଷ୍ପତ୍ତି ନେଇ ଅସନ୍ତୋଷ ହେଲେ ଉଚ୍ଚତମ ଅଦାଲତକୁ ଯିବା ଅଧିକାର ନୁହେଁ କିନ୍ତୁ ଏପରି କରିବା ଦ୍ୱାରା କ'ଣ ରାଜ୍ୟ ନିର୍ବାଚନ କମିଶନ ନିଜ ଦାୟିତ୍ୱ ବୋଧର ପ୍ରମାଣ ଦେଲେ ? କ'ଣ ନାଗରିକ ନିଶ୍ଚିନ୍ତ ହୋଇ ପାରୁଛନ୍ତି ଯେ ରାଜ୍ୟ ନିର୍ବାଚନ ଆୟୋଗର ନିରିକ୍ଷଣରେ ସେମାନେ ସୁବ୍ୟବସ୍ଥିତ ଢଙ୍ଗରେ ମତଦାନ କରିପାରିବେ ? ବରଂ ଉଚିତ୍ ହୋଇଥାଆନ୍ତା ଯେ ରାଜ୍ୟ ନିର୍ବାଚନ ଆୟୋଗ ସମ୍ବେଦନଶୀଳ ଅଞ୍ଚଳର ସୂଚୀ ପ୍ରସ୍ତୁତ କରିଥାଆନ୍ତେ ଓ ହିଂସା ଘଟଣା ଉପରେ ନିଜର ରଖିଥାଆନ୍ତେ ।

ରାଜନୈତିକ ପ୍ରଭାବ ଲାଗି ସବୁଦଳ ଅନେକ ପ୍ରକାରର କୌଶଳ ଅବଲମ୍ବନ କରିଥାଆନ୍ତି କିନ୍ତୁ ଏହାଦ୍ୱାରା କଅଣ ଗଣତାନ୍ତ୍ରିକ ବ୍ୟବସ୍ଥାର ଉଦ୍ଦେଶ୍ୟ ପୂରଣ ହୋଇଥାଏ ? ପଶ୍ଚିମବଙ୍ଗ ହେଉଛି ଏପରି ଏକ ରାଜ୍ୟ, ଯେଉଁଠି ପ୍ରତ୍ୟେକ ନିର୍ବାଚନରେ ବ୍ୟାପକ ହିଂସା ଘଟିଥାଏ । ସେଠାରେ ପଞ୍ଚାୟତ ନିର୍ବାଚନକୁ ନେଇ ଆରମ୍ଭ ହୋଇଥିବା ହିଂସା ଯେପରି ଥମିବାର ନାମ ନେଉନାହିଁ, ତହିଁରୁ ଯଦି କିଛି ସ୍ପଷ୍ଟ ହେଉଛି ତାହାହେଲା ରାଜ୍ୟ ସରକାର ଏ ହିଂସାକୁ ରୋକିବାକୁ ସମର୍ଥ ହେଉନାହିଁ । କିମ୍ବା ତାହାକୁ ରୋକିବା ଲାଗି ଇଚ୍ଛୁକ ନୁହେଁ । ଏହାର ସଙ୍କେତ ପ୍ରାର୍ଥୀପତ୍ର ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ ହିଁ ଯେପରି ହିଂସା ଓ ହତ୍ୟା କାଣ୍ଡରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସହଯୋଗୀଙ୍କ ବୟାନରୁ ମିଳୁଛି । ସେମାନେ ହିଂସାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରୁଛନ୍ତି କିମ୍ବା ଏଥିପାଇଁ ସବୁ ଦୋଷ ବିରୋଧୀ ଦଳ ଉପରେ ମାଡ଼ି ଦେଉଛନ୍ତି । ଏ ପ୍ରକାର ସମ୍ବେଦନଶୀଳ ଉଚ୍ଚାରଣ ଉଗ୍ରବାଦୀଙ୍କ ଦୁଃଶାହସ ବଢ଼ାଇ ଦେଉଛି । ତେଣୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଏବଂ ହାଇକୋର୍ଟଙ୍କ ରାୟ ହିଂସା ରୋକିବାରେ ସହାୟକ ହେବ ବୋଲି ଆଶା କରାଯାଏ । ❐❐

-ଭର୍ତ୍ତୃହରି ମହତାବ

# ଛପନ ପଉଟି ଭୋଗ ଓ ଶ୍ରୀଜୀଉଙ୍କ ରାଜଭୋଗ

ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥାଦି ବିଗ୍ରହମାନଙ୍କୁ ଅର୍ପିତ ହେଉଥିବା ବିଭିନ୍ନ ଭୋଗସାମଗ୍ରୀକୁ ସାଧାରଣରେ 'ଛପନପଉଟି ଭୋଗ' ବୋଲି କୁହାଯାଏ। କିନ୍ତୁ ପ୍ରକୃତରେ ଭୋଗ ସମାଗ୍ରୀଗୁଡ଼ିକର ସଂଖ୍ୟା ତା'ଠାରୁ ଅନେକ ବେଶୀ । ମାଦାଳାପାଞ୍ଜି ଅନୁସାରେ ୧୯୧୦ ମସିହା ବେଳକୁ ମୋଟ୍ ୪୩୫ ପ୍ରକାର ଥିଲା, ପରେ ତାହା କମି କମି ଆସି ପ୍ରାୟ ୧୫୦ଟି ଦ୍ରବ୍ୟ ରହିଛି । ମୋଟା, ସରୁ, ପତଳା, ସାନ, ବଡ଼ ଇତ୍ୟାଦି ଆକାର ପ୍ରକାର ଭୋଗକୁ ବାଦ୍ ଦେଲେ ପ୍ରକୃତରେ ଭୋଗଦ୍ରବ୍ୟର ସଂଖ୍ୟା ୫୬ ହିଁ ରହିଛି । ସେଥିସକାଶେ ଠାକୁରଙ୍କୁ 'ଛପନପଉଟି ଭୋଗଖିଆ ଠାକୁର' ବୋଲି କୁହାଯାଏ । ମୁଖ୍ୟତଃ ସେହି ୫୬ ପ୍ରକାର ଭୋଗ ହେଉଛି, ଯଥା - ୧. ଅଟକାଳି, ୨-ଅମାଲୁ, ୩-ଆରିସା, ୪- ଏଣ୍ଡୁରୀ, ୫-କଦମ୍ବ, ୬-କାକରା, ୭-କାନ୍ତି, ୮-ହଂସକେଳି, ୯-କୋରା, ୧୦-ଖଇରଚୂଳ, ୧୧-ଖଜା, ୧୨-ଖିରୀ, ୧୩-ଖିରିସା, ୧୪-ଖୁରୁମା, ୧୫-ଖେଚୁଡ଼ି, ୧୬-ଗଇଁଠା, ୧୭-ଗଜା, ୧୮-ଗୋଟାଳି, ୧୯-ଚକଟା, ୨୦-ଚକୁଳି, ୨୧-ଚିଡଉ, ୨୨-ଛୁଞ୍ଚିପତ୍ର, ୨୩-ଜଗନ୍ନାଥବଲ୍ଲଭ, ୨୪-ଜେନାମଣି, ୨୫-ଝିଲି, ୨୬-ତାକୁଆ, ୨୭-ଡାଳିମ୍ବ (ଦାନ୍ତଭଙ୍ଗା), ୨୮-ଛେନାତାଡ଼ିଆ, ୨୯-ତ୍ରିପୁରି, ୩୦-ଧଉଳା, ୩୧-ନାଡ଼ି, ୩୨-ପଣାସୁଆ, ୩୩-ପଣା, ୩୪-ଅଦାପାଚେଡ଼ି, ୩୫-ସରପାପୁଡ଼ି, ୩୬-ପାଲୁଅଖିରୀ, ୩୭-ପଖାଳ, ୩୮-ପିଠା (ପୋଡ଼, ସାତପୁରି, କାନ୍ତି, ସୁଆର, ମହାବୀର), ୩୯-ପୁରି, ୪୦-ସରପୁଳି, ୪୧-ଫେଣି, ୪୨-ବଡ଼ା, ୪୩-ବଳୀବାମନ, ୪୪-ଭଜା, ୪୫-ଖୁଅମଣ୍ଡା, ୪୬-ମନୋହରା, ୪୭-ମହାଦେଇ, ୪୮-ଛେନାମାଣ୍ଡୁଅ, ୪୯-ମୋହନଭୋଗ, ୫୦-ରସାବଳୀ, ୫୧-ଲଡୁ, ୫୨-ରାଧାବଲ୍ଲଭ, ୫୩-ଲହୁଣିଆ, ୫୪-ଲକ୍ଷ୍ମୀବିଳାସ, ୫୫-ସରସ୍ୱତିଆ ଓ ୫୬-ହଂସବଲ୍ଲଭ ପ୍ରଭୃତି ଅନ୍ୟତମ । ଏହି ଛପନଭୋଗ ଶ୍ରୀଜଗନ୍ନାଥଙ୍କ ମାନବୀୟ ଜୀବନଧାରାର ପରିଚାୟକ କହିଲେ ଅତ୍ୟୁକ୍ତି ହେବନାହିଁ।

ପୁରୀ ଶ୍ରୀମନ୍ଦିରରେ ଦୁଇ ଶ୍ରେଣୀର ଭୋଗ ହୁଏ । ଗୋଟିଏ ହେଲା କୋଠ ଭୋଗ ବା ରାଜଭୋଗ ଓ ଅନ୍ୟଟି ହେଲା ବରାଦି ତଥା ସୁପକାରମାନଙ୍କ ଦ୍ୱାରା ବିକ୍ରୟ ଉଦ୍ଦେଶ୍ୟରେ ଭୋଗ। କୋଠ ଭୋଗ ପ୍ରସ୍ତୁତି ପାଇଁ ଆବଶ୍ୟକ କଞ୍ଚାଦ୍ରବ୍ୟ, ଯଥା - ଘିଅ, ଚାଉଳ, ଗୁଡ଼, ଅଟା, ପନିପରିବା, ଜାଳେଣୀ କାଠ ଇତ୍ୟାଦି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଯୋଗାଇ ଦିଅନ୍ତି, କିନ୍ତୁ ବରାଦି ଭୋଗର କଞ୍ଚାମାଲ ଶ୍ରୀମନ୍ଦିର ପ୍ରଶାସନ ଯୋଗାନ୍ତି ନାହିଁ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପାଣ୍ଠିରୁ କିଛି ଖର୍ଚ୍ଚ କରାଯାଏ ନାହିଁ । କେବଳ ପୂଜା ଉପକରଣ ପ୍ରଶାସନ ବ୍ୟବହାର ପାଇଁ ଦିଅନ୍ତି । କେବଳ ପୂଜା ଉପକରଣ ପ୍ରଶାସନ ବ୍ୟବହାର ପାଇଁ ଦିଅନ୍ତି । ବରାଦି ଭୋଗମାନ 'ଭୋଗମଣ୍ଡପ'ରେ ପୂଜା ହୁଏ ଓ ଏହା ପଞ୍ଚଉପଚାରରେ ହୁଏ । କୋଠଭୋଗ 'ପୋଖରିଆ' ବା ରତ୍ନସିଂହାସନ ତଳେ ପୂଜା ହୁଏ । କିନ୍ତୁ କୋଠଭୋଗର ଗୋପାଳବଲ୍ଲଭ ଭୋଗ ଅଣସର ପିଣ୍ଡିରେ ହୁଏ । ଗୋପାଳବଲ୍ଲଭ ଓ ବଡ଼ସିଂହାର ଧୂପ ପଞ୍ଚଉପଚାରରେ ପୂଜା ହୁଏ । କିନ୍ତୁ ସକାଳ ଧୂପ, ମଧ୍ୟାହ୍ନଧୂପ ଓ ସଂଧ୍ୟାଧୂପ ଷୋଡ଼ଶ ଉପଚାରରେ ପୂଜା ହୁଏ । କୋଠ ଭୋଗ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ୮ଟି ଚୁଲା ଶ୍ରୀମନ୍ଦିର ରୋଷଘରେ ରହିଅଛି । ଏଥିପାଇଁ ସ୍ୱତନ୍ତ୍ର ସୁପକାର ନିଯୁକ୍ତ ଅଛନ୍ତି । ଦୈନିକ ପ୍ରାୟ ୯ହଜାର ଟଙ୍କା କୋଠଭୋଗ ବାବଦରେ ଖର୍ଚ୍ଚ ହୁଏ । ଭୋଗ ସମାପ୍ତି ପରେ କୋଠଭୋଗମାନ ସେ ଦିନର ସମସ୍ତ ପାଳି ଖଟୁଥିବା ସେବାୟତ ତଥା କେତେକ ନିର୍ଦ୍ଦିଷ୍ଟ ମଠ ଓ ମନ୍ଦିରମାନଙ୍କୁ ସେମାନଙ୍କ ପ୍ରାପ୍ୟ (ଖେଇ) ଭାବରେ ବଣ୍ଟନ କରାଯାଏ । ପୁରୀ ଗଜପତି ମହାରାଜା ମଧ୍ୟ ଏଥିରୁ ଅଂଶ ପାଆନ୍ତି । ଶ୍ରୀମନ୍ଦିର ପରିସରରେ ମହାଲକ୍ଷ୍ମୀ ମନ୍ଦିର ଓ ସୂର୍ଯ୍ୟମନ୍ଦିର ପାଇଁ ସେମାନଙ୍କର ସ୍ୱତନ୍ତ୍ର ରୋଷଘର ରହିଛି । ଏହି ରୋଷରେ ଭୋଗ ତିଆରି ସକାଶେ ଶ୍ରୀମନ୍ଦିର ପ୍ରଶାସନ ଦ୍ରବ୍ୟ ଯୋଗାଇଦିଅନ୍ତି । ଯଯାତି କେଶରୀଙ୍କ ସମୟରୁ ମହାପ୍ରସାଦର ପ୍ରଚଳନ ହୋଇଥିଲା ।

ବିଷ୍ଣୁରଞ୍ଜନ ପାଣିଗ୍ରାହୀ
ମହାପ୍ରବନ୍ଧକ
(ବିଏସଏନଏଲ), ଭୁବନେଶ୍ୱର

# ବ୍ରହ୍ମ ଦାରୁ ମୁରାରୀ

**ଡ. ସତ୍ୟ ନାରାୟଣ ମିଶ୍ର**

ଏକଦା ମହର୍ଷି ଶ୍ରୀ ସୁତଙ୍କ ମନରେ ଗୋଟିଏ ପ୍ରଶ୍ନ ଉଦ୍ରେକ ହେଲା ଯେ – ମହାପ୍ରଭୁ ଧାତୁ ବା ପ୍ରସ୍ତରରେ ହୋଇପାରି ଥାନ୍ତେ ମାତ୍ର ତା ନ ହୋଇ ଦାରୁ କାହିଁକି ହେଲେ। ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସ୍ୱୟଂ ମହାପ୍ରଭୁ ଶ୍ରୀ ସୂତଙ୍କୁ କହିଛନ୍ତି – ପ୍ରଥମ ପରାର୍ଦ୍ଧରେ ମୁଁ 'ନୀଳମାଧବ'। ସେତେବେଳେ ନୀଳ ଇନ୍ଦ୍ରମଣି ରୂପେ ଦେବତା ମାନଙ୍କ ଦ୍ୱାରା ଉପାସିତ ହେଉଥିଲି । ଦ୍ୱିତୀୟ ପରାର୍ଦ୍ଧରେ ମାନବ ବା ମନୁଷ୍ୟ ପାଇଁ ମୁଁ ଦିବ୍ୟ ଦାରୁମୟ ରୂପ ଧାରଣ କରିଅଛି ଯାହା ଚର୍ମ ଚକ୍ଷୁରେ ଦର୍ଶନ ପାଇଁ ଉଦ୍ଦିଷ୍ଟ। ଦାରୁ ବିଗ୍ରହ ସଂଗ୍ରହ କରିବା ପାଇଁ ଇନ୍ଦ୍ରଦ୍ୟୁମ୍ନ କରିଥିଲେ ଦଶାଶ୍ୱମେଧ ଯଜ୍ଞ। ସେଥିରେ ଲେଖା ଅଛି ଯେ ବିଦ୍ୟାପତି ସୁନା କୁରାଢ଼ିରେ ଦାରୁ ଛେଦନ କରନ୍ତି ଓ ବିଶ୍ୱାବସୁ ରୂପା କୁରାଢ଼ିରେ ଦାରୁ ଛେଦନ କରନ୍ତି। ପ୍ରଥମେ ଚୟନ ହୋଇଥିବା ଦାରୁକୁ କୁହାଯାଏ 'ଦାରୁବୃକ୍ଷ'। ଏହି ଦାରୁକୁ ପୂଜା କରି ଛେଦନ ପରେ ଚଉପଟ କରାଗଲେ ହୁଅନ୍ତି 'ମହାଦାରୁ'। ସେହି ଦାରୁ ଶଗଡ଼ିରେ ଆସି ଶ୍ରୀ ମନ୍ଦିର କୋଇଲି ବୈକୁଣ୍ଠ ବା ମହାଶ୍ମଶାନରେ ପହଞ୍ଚିଲେ ସେ ହୁଅନ୍ତି 'ମହାସୁଗନ୍ଧ ତରୁ' । ବିଗ୍ରହ ନିର୍ମାଣ ହେବା ପରେ ତାଙ୍କ ନାମ ହୁଏ 'ଶ୍ରୀ ପୁରୁଷୋତ୍ତମ ଦାରୁ'। ଆଉ ବ୍ରହ୍ମ ସ୍ଥାପନା ହେବା ପରେ ସେ ପାଲଟି ଯାଆନ୍ତି 'ଦାରୁବ୍ରହ୍ମ'। ପ୍ରକୃତରେ ଗଛକୁ ଦାରୁ କୁହାଯାଏ। ତେବେ ଏହି ଗଛ କେତେବେଳେ ଦାରୁ ତ ପୁଣି କେତେବେଳେ କାଠ ଓ କେତେବେଳେ ସମିଧ ହୋଇଥାଏ । 'ଦାରୁ' ବା ବିଗ୍ରହ ନିର୍ମାଣ ପାଇଁ ଖଇର, ଚନ୍ଦନ, ନିମ୍ବ, ବର, ମହୁଲ ଓ ଅଶ୍ୱତଥ ବୃକ୍ଷକୁ ଆଧାର କରାଯାଏ। 'ସମିଧ' ଯାହା ଦେବଦେବୀ ମାନଙ୍କ ଯଜ୍ଞରେ ଆବଶ୍ୟକ ହୋଇଥାଏ ତାହା କ୍ଷୀର ଯୁକ୍ତ ବୃକ୍ଷ ହୋଇଥାଏ ଯଥା – ଅଶ୍ୱତଥ, ଆମ୍ର, ପଳାସ, ଉଡମ୍ବର, ଶେଷରେ 'କାଠ' ଯାହା ଦେବଦେବି ମାନଙ୍କ ନୈବେଦ୍ୟ ପ୍ରସ୍ତୁତିରେ ଆବଶ୍ୟକ ହୋଇଥାଏ। ପୁରୁଷୋତ୍ତମ କ୍ଷେତ୍ରର ଅନ୍ୟନାମ ନୀଳଶୈଳ । ଭାରତରେ 'ଗୟା କ୍ଷେତ୍ର'ରେ ଯଦି ଜଣେ ପାପ କରେ ତାହା 'ରାମ କ୍ଷେତ୍ର'ରେ ମୋଚନ ହୁଏ । 'ରାମ କ୍ଷେତ୍ର'ରେ ଯଦି ଜଣେ ପାପ କରେ ତାହା 'ମଣି କୁଟ କ୍ଷେତ୍ର'ରେ କ୍ଷୟ ହୁଏ।



କିନ୍ତୁ ଯଦି ଜଣେ 'ମଣି କୁଟ କ୍ଷେତ୍ର'ରେ ପାପ କରେ ତାହା କେବଳ 'ନୀଳଶୈଳ' ପୀଠରେ ନଷ୍ଟ ହୁଏ । ନୀଳଶୈଳରେ ଯଦି ଜଣେ ପାପ କର୍ମ କରେ ତେବେ ତାହା କ୍ଷୟ ହୁଏ ନାହିଁ। ନୀଳଶୈଳରେ ଯେଉଁ ପାପ କରାଯାଏ, ତାହାର ଆଉ ଚଳନ ହୁଏ ନାହିଁ। ସେହିପାପ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ରହିଯାଏ । ପ୍ରଳୟ କାଳରେ ଏହି କ୍ଷେତ୍ରର ଚଳନ ହୋଇ ନଥିବା ବା ଜଳମଗ୍ନ ହୋଇ ନଥିବାରୁ ଏହା ଅଚଳ ବା 'ନୀଳାଚଳ' ନାମରେ ଖ୍ୟାତ। ତେବେ ନବକଳେବର ହେଉଛି ଭଗବାନଙ୍କର ଜୀର୍ଣ୍ଣ ଶରୀରର ପରିବର୍ତ୍ତନ। ବର୍ତ୍ତମାନ ପର୍ଯ୍ୟନ୍ତ ମହାପ୍ରଭୁଙ୍କର ୨୪ ଥର ନବକଳେବର ହୋଇଛି। ମହାପ୍ରଭୁଙ୍କର ନବକଳେବର କେବେଠାରୁ ହୋଇଅଛି ତାର ପ୍ରମାଣ ନଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଓଡିଶା ଇତିହାସରେ ଗତ ୨ଶହ ବର୍ଷ ମଧ୍ୟରେ ଭୋଇ ବଂଶର ୧୯ଜଣ ଗଜପତି ସମୟରେ ନବକଳେବର ହୋଇଅଛି। ତେଣୁ ମହାପ୍ରଭୁଙ୍କର ନବକଳେବର ଏକ ଐଶରିୟ ଆଜ୍ଞା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଉଚତା ୮୪ ଯବ । ସେଥିରେ ଶ୍ରୀ ମସ୍ତକରୁ ଶ୍ରୀ ମୁଖ ପର୍ଯ୍ୟନ୍ତ ୩୪.୭୫ ଯବ, ବକ୍ଷ ୯ ଯବ, କଟି ୧୦.୫୦ ଯବ, କଟି ଠାରୁ ନିମ୍ନ ଅଂଶ ୧୫.୭୫ ଯବ । ଶ୍ରୀ ବଳଭଦ୍ରଙ୍କ ଉଚତା ୮୫ ଯବ, ସେଥିରୁ ନିମ୍ନାଂଶ ୧୮.୧/୨ ଯବ, କଟି ୧୦.୧/୨ ଯବ, ପ୍ରସାର ୧୧ ଯବ, ବକ୍ଷ ୯ ଯବ, ମୁଖ ୪୭ ଯବ, ଆଧାର ୧୧ ଯବ, ମୁଖରୁ କପାଳ ୩୧ ଯବ, କପାଳରୁ ମଥା ୫ ଯବ । ଦେବୀ ସୁଭଦ୍ରାଙ୍କ ଉଚତା ୫୨ ଯବ, ଶ୍ରୀ ମସ୍ତକରୁ ୧୭ ଯବ, ମୁଖରୁ ଗ୍ରୀବା (ବେକ) ୫ ଯବ, ବକ୍ଷ ୩ ଯବ,କଟି ୧୦ ଯବ, କଟି ଠାରୁ ନିମ୍ନାଂଶ ୧୭ ଯବ । ଶ୍ରୀ ସୁଦର୍ଶନଙ୍କ ଉଚତା ୮୪ ଯବ ।

ବିଶ୍ୱକର୍ମାମାନେ ଶ୍ରୀ ବିଗ୍ରହଙ୍କର ନିର୍ମାଣ କାର୍ଯ୍ୟ ସମ୍ପାଦନ କରିସାରିବା ପରେ ଅନ୍ୟ ଏକ ସୋପାନରେ ଶ୍ରୀ ବିଗ୍ରହଙ୍କର ଅଙ୍ଗାବରଣ ହୋଇଥାଏ । ଗୋଟିଏ ପରେ ଗୋଟିଏ କରି ସପ୍ତାବରଣ ମଧ୍ୟରେ ଠାକୁରଙ୍କର ଶ୍ରୀ ଅଙ୍ଗରେ ସପ୍ତଧାତୁ ସନ୍ନିବେଶିତ କରାଯାଏ । ମଣିଷ ଶରୀରରେ ଚର୍ମ, ରକ୍ତ ମାଂସ,ମେଦ, ଅସ୍ଥି,ମଜ୍ଜା,ଶୁକ୍ର ଆଦି ସପ୍ତ ଧାତୁ ରହିଛି। ସେହିପରି ଶ୍ରୀ ବିଗ୍ରହରେ ଶ୍ରୀ ଅଙ୍ଗରେ ହାଡ ହେଉଛି ଦାରୁ, ହାଡ ମଧ୍ୟସ୍ଥ ମଜ୍ଜା ହେଉଛି ଚନ୍ଦନ, ରକ୍ତ ହେଉଛି ନେତ ପାଟ, ମାଂସ ହେଉଛି ସଜଳ ସମେଦିନୀ ସୁବାସ ତୈଳ, ଶୁକ୍ର ହେଉଛି ଅଷ୍ଟକାଳି ଓ ଚର୍ମ ହେଉଛି ବସ୍ତ୍ର। ତେଣୁ ଏହି ସପ୍ତବରଣ ବା ସପ୍ତ ଧାତୁରେ ଶ୍ରୀ ବିଗ୍ରହଙ୍କର ଅଙ୍ଗାବରଣ କାର୍ଯ୍ୟ ସମାପନ ହୋଇଥାଏ । ତତପଶ୍ଚାତ ଅନେକ ଗୁଡିଏ ସୋପାନ ଦେଇ ସର୍ବ ଶେଷରେ ନବଯୌବନ ଦର୍ଶନରେ ପ୍ରଭୁ ବାଇଶି ପାହାଚ ଦେଇ ଭକ୍ତ ମାନଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି । ପ୍ରସାଦର ଷଡଙ୍ଗ ସଂସ୍କାର ଦ୍ୱାରା ଅନ୍ନତ୍ୱର ବିଲୋପ କରାଯାଇ ବ୍ରହ୍ମତ୍ୱର ଆରୋପ କରା ଯିବାରୁ ଏହାକୁ ମହାପ୍ରସାଦ କହନ୍ତି । ଦୈନିକ ରନ୍ଧନ ପୂର୍ବରୁ ବଇସବଗ୍ନି ସଂସ୍କାର କରାଯାଏ । ଏହି ସଂସ୍କାର ନବଚକ୍ର ଉପରେ କରାଯାଏ। ରୋଷ ଘରେ ଚୂଲିର 'ଛଅ' ଟି ଝିଙ୍କା ଥାଏ । ଏହି 'ଛଅ'ଟି ଝିଙ୍କା ହେଉଛି ଷଟ କୋଣାତ୍ମକ ଅଗ୍ନି ଯନ୍ତ୍ର । ଏଥିରେ ଏକା ଥରକେ ନଅ ଗୋଟି ହାଣ୍ଡି ବସେ। ଏହି 'ନଅ' ଟି ମହାପ୍ରସାଦର ମହତ୍ୱ । ଶ୍ରୀ କ୍ଷେତ୍ରସ୍ଥ ପ୍ରସାଦ ତିନି ବ୍ରହ୍ମଙ୍କର ମିଳନାବସ୍ଥାରେ ହେଉଥିବାରୁ ଏହା ମହାପ୍ରସାଦ । ସ୍ୱୟଂ ଲକ୍ଷ୍ମୀ ଏହି ଅନ୍ନକୁ ରନ୍ଧନ କରନ୍ତି ଓ ବିଷ୍ଣୁ ଭୋଜନ କରନ୍ତି । ଶ୍ରୀ ଜଗନ୍ନାଥ ଯେଉଁ ରତ୍ନ ବେଦିରେ ବିରାଜମାନ କରନ୍ତି ତାହା କୋଟି ସଂଖ୍ୟକ ଶାଳଗ୍ରାମ ଉପରେ ଅବସ୍ଥିତ । ଏହା ରତ୍ନ ବେଦି ଉପରେ ଶାକ୍ତ ଧର୍ମର ପ୍ରଭାବିତ ଯନ୍ତ୍ର ଅଛି । ଏହି ଯନ୍ତ୍ର ଉପରେ ଦାରୁ ବ୍ରହ୍ମ ବିରାଜମାନ । ଏହି ଦାରୁ ବ୍ରହ୍ମଙ୍କ ମଧ୍ୟରେ ବ୍ରହ୍ମ ଶିଳା ବା ଜୀବନ୍ତ ଶାଳଗ୍ରାମ ବ୍ରହ୍ମ ପଦାର୍ଥ ରୂପେ ବିରାଜମାନ । ତେଣୁ ଏହିପରି ପରମ ପବିତ୍ର ବ୍ରହ୍ମଙ୍କୁ ଅର୍ପିତ ନୈବେଦ୍ୟ ହେଉଛି ମହାପ୍ରସାଦ । ବେଦ ବିହିତ ଯଜ୍ଞରେ ଯେଉଁ ଅନ୍ନ ପାକ ହୋଇ ବ୍ରହ୍ମଙ୍କୁ ଅର୍ପଣ କରାଯାଏ ସେହି ବ୍ରହ୍ମାର୍ପିତ ଅନ୍ନ ହେଉଛି ମହାପ୍ରସାଦ । ମାଆ ପ୍ରସାଦରୁ ମହାପ୍ରସାଦ । କାରଣ ଜଗନ୍ନାଥାଦି ଦାରୁ ବ୍ରହ୍ମଙ୍କୁ ନିବେଦିତ ଅନ୍ନ ମା' ବିମଳାଙ୍କୁ ସମର୍ପଣ କରାଯିବା ପରେ ମହାପ୍ରସାଦ ହୁଏ ।

ବ୍ରହ୍ମା ବିଶ୍ୱକର୍ମା ବେଶରେ ପ୍ରଥମେ ବିଗ୍ରହ ନିର୍ମାଣ କରିବା ପରେ ପ୍ରଥମେ ନବମୀ ତିଥିରେ ଦର୍ଶନ କରାଯାଇଥିଲା। ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ବିଗ୍ରହ ନିର୍ମାଣ କରାଯାଇଥିଲା। ଜନ୍ମସ୍ଥଳୀକୁ କରୁଥିବା ଶ୍ରୀ ଗୁଣ୍ଡିଚା ଯାତ୍ରା ନବଦିନାତ୍ମକ ଯାତ୍ରା ବୋଲି କୁହାଯାଏ। ଉପାସନାରେ ନଅ ପ୍ରକାର ବଡକୁ ସମ୍ବୋଧନ କରାଯାଇଅଛି – ସେ ହେଉଛନ୍ତି ବଡ ଠାକୁର, ବଡ ଦେଉଳ, ବଡ ସିଂହାର, ବଡ ଦାଣ୍ଡ, ବଡ ଦୁଆର, ବଡ ଶଙ୍ଖ, ବଡ ପଣ୍ଡା, ରଥ ରେ ତାଙ୍କର ହେଉଥିବା ସୁନା ବେଶ ହେଉଛି ବଡ ତଡାଉ ବେଶ, ମନ୍ଦିରରେ ଅନୀତି ହେଲେ ଯେଉଁ ସୋଧ ହୁଏ ତାହା ବଡ ମହାସ୍ନାନ। ଉପାସନାରେ ମହା ଶବ୍ଦ ମଧ୍ୟ ୯ ଟି – ନବକଳେବରରେ ହୁଏ ମହା ଅଣସର, ଏକାଦଶୀ ଦିନ ଶ୍ରୀ ମନ୍ଦିର ଚୂଡାକୁ ଉଠୁଥିବା ଦୀପକୁ ମହାଦୀପ କୁହାଯାଏ। ମହାବାହୁ, ମହାପ୍ରସାଦ, ମହା ନାୟକ,ଠାକୁର ରାଜା ପ୍ରଥମ ସେବକଙ୍କୁ କୁହାଯାଏ ମହାଶ୍ରମ, କୋଠ ଭୋଗ ରାନ୍ଧିବା ସେବକ ହେଉଛି ମହା ସୁଆର, ଅନିତ୍ୟ ହେଲେ ହୁଅନ୍ତି ମହାସ୍ନାନ,ପଦ ଦେଶରେ ଅଛି ମହୋଦଧି, ରଥ ଉପରେ ତାଙ୍କୁ ଲାଗି ହେଉଥିବା ଅଧର ପଣାରେ ୯ ହାଣ୍ଡି ଲାଗି ହୁଏ, ସେଥିରେ ୯ ପ୍ରକାର ଦ୍ରବ୍ୟ ଥାଏ । ତାଙ୍କ ଉପାସନାରେ ପ୍ରଚଳିତ ହୁଏ ନବ ଗୁଞ୍ଜର । ନବଗ୍ରହ ତାଙ୍କ ଶ୍ରୀ ଅଙ୍ଗର ଅବସ୍ଥାନ କରୁଛନ୍ତି । ନଅଟି ଭକ୍ତିରେ ତାଙ୍କୁ ଉପାସନା କରାଯାଏ ତାହା 'ନବଧାଭକ୍ତି' । ମହାପ୍ରଭୁ ବ୍ୟବହାର କରୁଥିବା ନିଧି ହେଉଛି ନବନିଧି । ଗୌଡ଼ିୟ ବୈଷ୍ଣବ ମାନେ ୯ ଟି ରାଧା ଶବ୍ଦ ଲଗାଇ ଉପାସନା କରନ୍ତି – ରାଧାରମଣ, ରାଧାକାନ୍ତ, ରାଧାକୃଷ୍ଣ, ରାଧାବଲ୍ଲଭ, ରାଧାମୋହନ, ରାଧାମାଧବ, ରାଧାଶ୍ୟାମ, ରାଧାକିଶୋର, ଓ ରାଧାଚରଣ । ତେଣୁ ଦାରୁ, ବ୍ରହ୍ମ ଓ ରଥ ହେଉଛି ଆତ୍ମା ଓ ଶରୀର, ଭକ୍ତ ଓ ଭଗବାନ,ଦିନ ଓ ରାତି,ହସ ଓ କାନ୍ଦ। ଜଗତର କଲ୍ୟାଣ ପାଇଁ ଏହି ଦାରୁ ଓ ବ୍ରହ୍ମଙ୍କ ନିକଟରେ ସମର୍ପଣ ହିଁ ବିଗ୍ରହଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା। ତେଣୁ ବ୍ରହ୍ମ ଏକ ସ୍ଥିତି ଅନେକ।

ଅଭିଲେଖାଧିକାରୀ
ଜାତୀୟ ଅଭିଲେଖାଗାର,
ଭାରତ ସରକାର, ଭୁବନେଶ୍ୱର,
ମୋ – ୯୯୩୭୩୪୫୯୦୦

# ଜଳବାୟୁ ପ୍ରଦୂଷଣ ଓ ବେକାରୀ ସମସ୍ୟା

**ଅଜୟ କୁମାର ବେହେରା**

ଜାପାନ ଶିଳ୍ପପତିଙ୍କୁ ଓଡ଼ିଶା ଆଣିବା ପୂର୍ବରୁ ଭାବନ୍ତୁ। ଶିଳ୍ପ ପାଇଁ ଭିତ୍ତିଭୂମି ପାଇଁ ସ୍ଥାନ, ସ୍ଥାନକୁ ରାସ୍ତା ପଥ, ଶିଳ୍ପକୁ କଞ୍ଚାମାଲ, ଜଳ, ବିଦ୍ୟୁତ ଯୋଗାଇବାକୁ ପଡ଼ିବ। ଶିଳ୍ପ ଜାତ ଦ୍ରବ୍ୟକୁ କଞ୍ଚାମାଲର ଉତ୍ସ ଖଣି। ଖଣିରୁ ଉତ୍ତୋଳନ ଦ୍ରବ୍ୟ ଯାହା ମିଳିବ ତାହା ସେ ଶିଳ୍ପରେ ପୂର୍ଣ୍ଣ ଲାଗିବ ନା ତାର ଅଂଶ ତାଙ୍କ ଦେଶକୁ ଆଳ କରି ରପ୍ତାନୀ କରିବେ। ପୁଣି ଉତ୍ପାଦିତ ଶିଳ୍ପଜାତ ଦ୍ରବ୍ୟକୁ ପୂର୍ଣ୍ଣ ଭାରତ ଭୂଖଣ୍ଡରେ ବିକ୍ରୟ ବ୍ୟବସ୍ଥା ରଖିବେ ନା ଉତ୍ପାଦିତ ବସ୍ତୁର ଅର୍ଦ୍ଧ ପ୍ରସ୍ତୁତକୁ ପୁଣି ତାଙ୍କ ଦେଶକୁ ପଠାଇ ସେଠାରୁ ଦରକାରୀ ଷ୍ଟିଲର ପୁଣି ଆମ ଦେଶକୁ ବିକ୍ରୟ କରିବେ। ଯେମିତି କମ୍ପାନୀମାନେ ଆମ ଦେଶରୁ ଲୁଣ ଧଳାକୁ ବନ୍ଦ କରି ତାଙ୍କ ଦେଶରୁ ଲୁଣ ଆଣି ଆମକୁ ବାଧ୍ୟକରି ବିକ୍ରୟ କଲେ ଆମ ମାଟିଆ ଲୁଣକୁ ସଫାକରି ବିକ୍ରୟ କରି ଧନ୍ଦା ଚାଳନା କରୁଥିଲେ। ପୁଣି ଏ ସମୟ ଅଟୋମେଟିକ ମେସିନ ବହୁ ଶ୍ରମିକଙ୍କର ବୃତ୍ତି ରଦ୍ଧ କରୁଛି। ଏପରି ଅଟୋମେଟିକ ମେସିନର ଅପରେଟର ଏ ପର୍ଯ୍ୟନ୍ତ ଆମ ଦେଶରେ ବହୁତ ତିଆରି ନାହାଁନ୍ତି ଯାହା ସେମାନଙ୍କର ଦେଶର ବା ଅନ୍ୟ ରାଜ୍ୟରୁ ଏପରି ବିଶେଷଜ୍ଞ ଆସି ଆମ ରାଜ୍ୟରେ ଶିଳ୍ପ ସଞ୍ଚାଳନ କରିବେ ଫଳରେ ସ୍ଥାନୀୟ ଲୋକେ ଠିକ କର୍ମ ନିଯୁକ୍ତି ପାଇବେ ବି ? ଅନେକ ସଂସ୍ଥା ଠିକ ଶ୍ରମିକ ବା କର୍ମଚାରୀ କିଛି ବର୍ଷ ପାଇଁ ରଖି ତାଙ୍କୁ ଛଟେଇ କରୁଛନ୍ତି। ଯୌବନକାଳର ରୋଜଗାର ବାଧା କି କଷ୍ଟକର ଅନୁଭବୀ ହିଁ ଜାଣି ପାରିବେ। ଏପରି ଅସ୍ଥାୟୀ ମୁତୟନ କରିବେ କି ? ଲୁହା କାରଖାନାକୁ ହାର୍ଡ଼କୋକ ବା ସଫ୍ଟକୋକ କୋଇଲା ନହେଲେ ଲୁହା ତରଳା ଚୁଲ୍ଲୀ ଚାଲି ପାରିବ ନାହିଁ। ଲୁହା ଯେତେ ତାପରେ ତରଳେ ବା ପଥରକୁ ଗୁଣ୍ଡକରି ତାକୁ ଚୁଲ୍ଲୀରେ ତରଳାଇ ଲୁହାପିଣ୍ଡ କାଢ଼ିବାବେଳେ ଯେ ଉତ୍ତାପ ବିକିରଣ ହେବ ତାହା ଯେଉଁଠି କାରଖାନା ହେବ ସବୁ ଋତୁରେ ବହୁଥିବା ପବନରେ ବିଭିନ୍ନ ଦିଗକୁ ଯିବ ନାହିଁ। ସ୍ଥାନ ଗରମରୁ ସ୍ଥାନର ପାଣିପାଗ ଉପରେ ପ୍ରକୃତି ଉପରେ ପ୍ରଭାବ ପଡ଼ିବ କି ନାହିଁ ? ଓଡ଼ିଶାର ସ୍ୱାଧିନତା ପୂର୍ବରୁ ଯେ ଜଳ ବାୟୁ ଥିଲା ଏବେ ସେପରି କାହିଁକି ନାହିଁ ? ପୂର୍ବେ ଲୋକେ ଏତେ ପ୍ରକାର ରୋଗ ଭୋଗୁଥିଲେ କି ? ପ୍ରଦୂଷିତ ବାୟୁମଣ୍ଡଳ ଓ ତାପବୃଦ୍ଧି କେତେ ହିଂସା ଚିନ୍ତା ଲୋକଙ୍କୁ ଘାରୁଛି। ଏତେ ପୋଲିସ ଥିଲେ କି ? ଏତେ ଥାନା ଥିଲା କି ? କେତେ ବୃକ୍ଷ ଏବେଳରେ ଶିଳ୍ପ ନାମରେ ରାସ୍ତା ନିର୍ମାଣରେ କ୍ଷୟ ଶିଳ୍ପକୁ ରାସ୍ତା, ରେଲରାସ୍ତା ପାଇଁ କେତେ ଶସ୍ୟ କ୍ଷେତ୍ର କ୍ଷୟ ଏକଥା କଣ ବିଜ୍ଞମାନେ ଜାଣି ପାରୁନାହାଁନ୍ତି ? ଏକଦା ଗଡ଼ଜାତ ମୟୂରଭଞ୍ଜ ରାଜ୍ୟରେ ବାଦାମ ପାହାଡ଼ରେ ଲୁହା ଖଣିର ସନ୍ଧାନ ମିଳିଥିଲା। ତାହା ଟାଟା କମ୍ପାନୀଙ୍କ ଦ୍ୱାରା ନିର୍ମାଣ ହେବା ପାଇଁ ସ୍ଥାନ ଖୋଜାରେ କଣ ମୟୂରଭଞ୍ଜର ବଡ଼ ସହର ବାରିପଦା ରାଜାଙ୍କ ରାଜଧାନୀ ପାଖରେ ହୋଇପାରି ନଥାନ୍ତା। ରାଜ୍ୟରେ କଣ ଶ୍ରମିକ ନା ସ୍ଥାନ ଅଭାବ ଥିଲା ତେବେ ବିହାର, ସିଂହଭୂମର ବର୍ଗମକର ଜାମସେଦପୁରକୁ କାହିଁକି ସ୍ଥାନାନ୍ତର ହୋଇଥିଲା ? ଏବେ ବିହାରର ଭଙ୍ଗ ହୋଇ ଏବେ ଝାରଖଣ୍ଡ ରାଜ୍ୟରେ ଏବେ ଆସିଗଲାଣି। ଝାରଖଣ୍ଡ ଅର୍ଥ ବନାଞ୍ଚଳ ରାଜ୍ୟ ଯେଉଁଠି ବହୁତ ବୃକ୍ଷଲତା ଭରି ରହିଥିଲା। ଏହି କାରଖାନା ପରେ ଅନ୍ୟକ ଆନୁସଙ୍ଗିକ କାରଣରୁ ବହୁ ଜଙ୍ଗଲ ପଦା ବହୁ ପଶୁପକ୍ଷୀ ବିଲୁପ୍ତ। ଲୋକଙ୍କୁ ଅର୍ଥ ମିଳିବ ମାତ୍ର ଖାଇବା ପଦାର୍ଥ ଅନ୍ନ ଧାନ୍ୟ ପନିପରିବା ମହରଗ ହୋଇଯିବା ନିଶ୍ଚିନ୍ତ।

ଆମର କଳିଙ୍ଗ ନଗର ଶିଳ୍ପାଞ୍ଚଳ କଟକର ଉତ୍ତର ଦିଗରେ ପୁରୀ ଖୋର୍ଦ୍ଧା, ଭୁବନେଶ୍ୱର ଏ ସ୍ଥାନରୁ ଦକ୍ଷିଣରେ ଏପରିକି ବଙ୍ଗୋପସାଗର ଦକ୍ଷିଣ ପୂର୍ବ ସମ୍ବନ୍ଧରେ ରହିଛି। ଶିଳ୍ପାଞ୍ଚଳରେ ଧୂ ଧୂ ଜଳୁଥିବା ଚିମିନୀର ନିଆଁ ସ୍ଥାନକୁ ସର୍ବଦା ଗରମ କରୁଛି ଯାହା ବର୍ଷା ଋତୁ ଶେଷ ସେପ୍ଟେମ୍ବରରୁ ନଭେମ୍ବର ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ବାୟୁ ପ୍ରବାହ ଯେଉଁ ମହାବାତ୍ୟା ସୃଷ୍ଟି କରୁଛି ଏହା ଏକ ବଡ଼ କାରଣ। ଏହି କାରଣ ସହିତ କେନ୍ଦ୍ରାପଡ଼, ଜଗତସିଂହପୁରରେ ନିର୍ମାଣକୁ ଜାପାନ ଶିଳ୍ପପତିଙ୍କୁ ଅଣାଯିବା ଯଦି ଭବିଷ୍ୟତକୁ ଏ ଅଞ୍ଚଳ ଜଳବାୟୁକୁ କ୍ଷତି ନହେବ ତାହା ଚିନ୍ତା କରାଯାଉ। ଜାପାନୀ ଦ୍ରବ୍ୟ ଆମ ଦେଶରେ ଅନେକ ଯହିଁରେ ବ୍ୟାଟ୍ରୀ ଆଇସି, ମୋବାଇଲ ଫୋନ, ଇଲେକ୍ଟ୍ରନିକ ଖେଳନା ବ୍ୟବହାର ପ୍ରତି ଘରେ ଜଳୁଥିବା ବଲବ୍ ଏମିତି ଜିନିଷ ଏକ ପ୍ରକାର ଛୋଟ ଛୋଟ ଶିଳ୍ପରେ ପ୍ରସ୍ତୁତ ପୁଣି ଏମାନଙ୍କର ଛୋଟ ଶିଳ୍ପମାନେ ପରସ୍ପର ସହଯୋଗ ଏହାକୁ ନିର୍ମାଣ କରି ଅନେକ ଲୋକଙ୍କୁ ବୃତ୍ତିରେ ରଖି ପାରୁଛନ୍ତି। ସେ ଦେଶ ୧୯୪୫ ପରେ ସମୃଦ୍ଧ ହୋଇଛି। କେବଳ ପରସ୍ପର ସହଯୋଗ ତାଙ୍କର ମୂଳ ପୁଞ୍ଜିକୁ କାରିଗରୀ ଜ୍ଞାନ କୌଶଳ ତାଙ୍କର ଦୁଇ ପ୍ରୟୋଗାତ୍ମକ ବିଦ୍ୟା ଆମର କୌଳିକ ବୃତ୍ତି ରଦ୍ଧ କରି ସମସ୍ତଙ୍କୁ ବେକାର କରାଯାଇଛି। ଶିକ୍ଷା ଖାଲି ଚାକିରୀ ପାଇଁ ଉଦ୍ଦିଷ୍ଟ। ନୂଆ ଛାଞ୍ଚରେ ଲୋକଙ୍କୁ ସେ ଦେଶ ପରି ଶିକ୍ଷା, କାରିଗରୀ ଜ୍ଞାନରେ ଦେଲେ ଶୀଘ୍ର ବେକାରୀ ହଟନ୍ତା। ଲୋକେ ସହଜରେ ଚଳି ପାରନ୍ତେ ନିଜ ଭିଟାମାଟି ଛାଡ଼ି ସ୍ଥାନାନ୍ତର ପସନ୍ଦ କରନ୍ତେ ନାହିଁ ପାରିବାରିକ ଜୀବନ ସୁଖପ୍ରଦ ହୁଅନ୍ତା। ଚାଷଜମି ଠିକ ଚାଷ ହୁଅନ୍ତା। ସରକାର ଯାନ୍ତ୍ରିକ ଦ୍ୱିଚକ୍ର ତ୍ରିଚକ୍ର ବାହାର କରି ଦ୍ୱିଚକ୍ର ସାଇକେଲକୁ ଆସ୍ତେ ଆସ୍ତେ ବନ୍ଦ କରି ଦେଲେ ତ୍ରିଚକ୍ର ରିକ୍ସା ସହରରେ କାଁ ଭାଁ ଟ୍ରାକ୍ଟର ଟ୍ରଲି ଲଗାଇ ମାଲବୁହା ଚାଲିଲାଣି। ଶଗଡ଼ ଅଦୃଶ୍ୟ, ହଳ ପାଇଁ ହଳ ଲଙ୍ଗଳ ମଇର ଦରକାର ନାହିଁ ଏଣୁ ବଳଦ ଆଉ ଦୃଶ୍ୟ ନୁହଁନ୍ତି। ଏସବୁ ପାଇଁ ପ୍ରଗତିର ବିରୁଦ୍ଧ ଆମେ ଚାହୁଁନା ଗ୍ରାମାଞ୍ଚଳ ମଟରସାଇକେଲ ସ୍କୁଟି ଅଟୋରିକ୍ସା ଟ୍ରାକ୍ଟର ପାୱାର ଟିଲର ପରି ଯାନ ମରାମତି ଶିକ୍ଷା ଦେଇ ଲୋକଙ୍କୁ ଏଥିରେ ବ୍ରତୀ କଲେ କଣ ବେକାରୀ ହଟିବ ନାହିଁ। ସମସ୍ତେ ଲୁଗା ଯାମା ପ୍ୟାଣ୍ଟ ପିନ୍ଧୁଛନ୍ତି। ଗାମୁଛା ବ୍ୟବହାର କରୁଛନ୍ତି ଏସବୁ ପ୍ରସ୍ତୁତି ନୂଆ ରୂପରେ କଣ ଗ୍ରାମରେ କରାଯାଇ ପାରିବ ନାହିଁ। କମାର କାମର ସଂସ୍କାରରେ ଗ୍ୟାସ ବିଦ୍ୟୁତର ଝଲେଇ କାମରେ କାରିଗର ସଂକ୍ଷିପ୍ତ ତାଲିମ ଦେଇ ଗ୍ରାମାଞ୍ଚଳର ଗୃହ ଉପକରଣ କଣ ପ୍ରସ୍ତୁତ କରି ହେବନାହିଁ ? ଏମିତି ଅନେକ ଶିଳ୍ପ ମଧ୍ୟରେ କୃଷି ଜାତ ଦ୍ରବ୍ୟର ପ୍ରକ୍ରିୟାକରଣ। ଏହା ଗ୍ରାମେ ଗ୍ରାମେ କଣ ହୋଇପାରିବ ନାହିଁ ? ଏହାଦ୍ୱାରା ସରକାର କଣ ଟିକସ ପାଇବେ ନାହିଁ। ଶ୍ରମିକ ସମସ୍ୟା ତୁଟିବ ବେକାରୀ ସମସ୍ୟା ତୁଟିଯିବ ଏହା ଚିନ୍ତାଶୀଳମାନେ ଭାବନ୍ତୁ।

'ବରେଣ୍ୟ ବାଣୀ' ପିସି
ସରକାର ଲେନ୍, ଅରୁଣୋଦୟ
ମାର୍କେଟ, କଟକ, ମୋ :
୯୪୩୭୦୩୧୨୫୩

# ସଂସ୍କୃତିର ସୁରକ୍ଷା ଦାୟିତ୍ୱ ଆମର

**ଡକ୍ଟର ମନୋରଞ୍ଜନ ବିଷୋୟୀ**

ସଂସ୍କୃତି ହେଉଛି ଏକ ପ୍ରେରଣା– ବ୍ୟକ୍ତିଗତ ଓ ସାମୂହିକ ଆତ୍ମ ଆବିଷ୍କାରର ପ୍ରେରଣା । ସଂସ୍କୃତି ହେଉଛି ଏକ ଗୁଣାତ୍ମକ ଆସ୍ପୃହା । ପ୍ରକୃତପକ୍ଷେ କହିବାକୁ ଗଲେ ସଂସ୍କୃତି ଏକ ଅନ୍ୱେଷଣ, ଏକ ସତତ ଉଦ୍ୟମ, ସତତ ଆହ୍ୱାନଗୁଡ଼ିକୁ ଆବିଷ୍କାର କରି ସେଗୁଡ଼ିକର ସମ୍ମୁଖୀନ ହେବାର ଏକ ଉଦ୍ୟମ। ଜନ୍ମ ସହ ସାଂସ୍କୃତିକ ବିଚାର ବା ଅବବୋଧ ଯୋଡ଼ି ହୁଏନାହିଁ । ବ୍ୟକ୍ତିର ସାମର୍ଥ୍ୟ ଉପରେ ଏହା ନିର୍ଭରଶୀଳ । ପୁରୁଷାନୁକ୍ରମେ ଧାରାବାହିକ ଭାବରେ ମାନବଗୋଟିଏ ଗୋଷ୍ଠୀର ଅଂଶ ଭାବରେ ସାଉଁଟି ନେଇଥିବା ଅନୁଭୂତି ଓ ଅଭିଜ୍ଞତାର ପୁଂଜିକୁ ଆଧାର କରି ପରମ୍ପରା 'ସଂସ୍କୃତି' ଭାବରେ ପରିଚିତ ହୁଏ । ପ୍ରତ୍ୟେକ ମାନବ ଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ଆଚରଣବିଧି ରହିଥାଏ। ଜନ୍ମ ପରବର୍ତ୍ତୀ ସମୟରେ ମାନବ ଏହାକୁ ଅନୁକରଣ କରିବା ନିମନ୍ତେ ବାଧ୍ୟ ହୁଏ । ଏହାର ପରିସର ମଧ୍ୟ ପରିବ୍ୟାପ୍ତ। ସଂକ୍ଷେପରେ କହିଲେ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ ସଂସ୍କୃତି କୁହାଯାଏ।

ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି। ବହୁ ଚିନ୍ତା, ବହୁ ବିଶ୍ୱାସ ଏବଂ ବହୁ ଆଚରଣର ସମନ୍ୱୟ ଭିତରେ ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ। ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ଥାଏ ଜୀବନର ଲକ୍ଷ୍ୟ । ତେଣୁ ସଂଭ୍ରାନ୍ତ ବଣିକ କିମ୍ବା ପ୍ରତାପୀ ରାଜା ମହାରାଜା ଅପେକ୍ଷା ଏଇ ସଂସ୍କୃତିର ମୂଳ ଆଧାର ମୁନି ଋଷିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଲକ୍ଷ୍ୟ କରିହୁଏ ।

ପ୍ରକୃତପକ୍ଷେ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ। ଏହା କୌଣସି ଧର୍ମର ପ୍ରଚାର କରେନାହିଁ। ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର। ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ । କାରଣ ବିଶ୍ୱକଲ୍ୟାଣ ହିଁ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ । ଆଜି କିନ୍ତୁ ସମୟର ବିକାଶ ଧାରାରେ ବଦଳି ଯାଇଛି ଦୃଷ୍ଟିଭଙ୍ଗୀ। ଗତାନୁଗତିକ ଧାରାରୁ ନିଜକୁ ମୁକୁଳାଇ ଏକ ନୂଆଧାରାରେ ଆପଣାକୁ ପ୍ରକାଶ କରିବା ନିମନ୍ତେ ଚାଲିଛି ପ୍ରଚେଷ୍ଟା । ଅବଶ୍ୟ ଏହାରି ଅନ୍ତରାଳରେ ମାନବର ବୌଦ୍ଧିକ ସଫଳତାକୁ ସ୍ୱୀକାର କରାଯାଇପାରେ। ଏପରିକି ପ୍ରବୃତ୍ତି ଦୃଷ୍ଟିରୁ ମଧ୍ୟ ରୂପାନ୍ତରଣ ପ୍ରକ୍ରିୟା ହେଉଛି ମାନବର ସହଜାତ । ତେଣୁ ମାନବ ସଦାସର୍ବଦା ରୂପାନ୍ତରିତ ହେବା ନିମନ୍ତେ ଉଦ୍ୟମ କରିଆସିଛି । କିନ୍ତୁ ଏ ରୂପାନ୍ତରଣ ସଂସ୍କୃତି ସହ ନିବିଡ଼ ସଂପୃକ୍ତି ମଧ୍ୟ ଦେଇ ହେବା ଆବଶ୍ୟକ। କାରଣ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ ସଂସ୍କୃତି କୁହାଯାଏ। ତେଣୁ ତ ସଂସ୍କୃତିର ପ୍ରତିକୂଳ ନୁହେଁ ବରଂ ସଂସ୍କୃତିର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ ପ୍ରସାରିତ କରିଥାଏ । କାରଣ ଆଜିର ମାନବ ହେଉଛି ଆତ୍ମସଚେତନ , ସମୟ ସଚେତନ ତଥା ଐତିହ୍ୟ ସଚେତନ । ତା'ପାଇଁ ପରମ୍ପରା ଓ ସଂସ୍କୃତି; ଅତୀତ ପ୍ରତି ଏକ ବିହ୍ୱଳ ସଂପୃକ୍ତି କେବଳ ନୁହେଁ। ଏହା ହେଉଛି ମାନବ ଜୀବନର ସାରତତ୍ତ୍ୱ। ତେଣୁ ତ ସମସ୍ତ ପ୍ରକାର ପରିବର୍ତ୍ତନ ଓ ପ୍ରଗତି ସତ୍ତ୍ୱେ ପରମ୍ପରାର ଅନୁରଣନ ସମସ୍ତ ପ୍ରକାର ପ୍ରଗତି ଅନ୍ତରାଳରେ ସୁସ୍ପଷ୍ଟ ।

ବାସ୍ତବିକ କହିବାକୁ ଗଲେ ସଂସ୍କୃତି ରୂପକ ଏକ ସାମୂହିକ ଚେତନାକୁ ସ୍ୱୀକାର କରି ଅନାୟାସରେ କାଳାତିପାତ କରୁଥିଲା ମାନବ। ଆଜି କିନ୍ତୁ ସମୟର ଧାରାରେ ମାନବ ଏପରି ଏକ ଉପତ୍ୟକାର ଅଧିବାସୀ ସାଜିଛି; ଯେଉଁଠାରେ ଆପଣାର ଅନିଚ୍ଛା ସତ୍ତ୍ୱେ ମଧ୍ୟ ସେ ଦୁଃଖ ଓ ଦୁର୍ବିପାକର ଅଂଶୀଦାର ହେବା ପାଇଁ ବାଧ୍ୟ । ଆଜି କେଉଁଠାରେ ପରମାଣୁ ପରୀକ୍ଷଣ ଘଟିଲେ ବଦଳିଯାଏ, ସମଗ୍ର ବିଶ୍ୱର ଜଳବାୟୁ । କେଉଁଠାରେ ଯୁଦ୍ଧର ଆୟୋଜନ ହେଲେ ଛାତିରେ ପଶେ ଛନ୍‌କା। ଆଜି ସମଗ୍ର ବିଶ୍ୱ ଏପରି ଏକ ସୂତ୍ରରେ ବନ୍ଧା ଯାହା କ୍ଷଣିକ ମଧ୍ୟରେ ସର୍ବତ୍ର ଆଣିପାରେ ପରିବର୍ତ୍ତନ। ବିଶ୍ୱକୁ ଧ୍ୱଂସ କରିବାର ସାମର୍ଥ୍ୟ ନେଇ ଆମେ ଭସ୍ମାସୁରରେ ରୂପାନ୍ତରିତ ହୋଇସାରିଲେଣି । ତେଣୁ ତ ଆମ ସ୍ୱପ୍ନରେ– ସମ୍ଭାବନାରେ– ସାମର୍ଥ୍ୟରେ; ବିପର୍ଯ୍ୟୟ ଭଳି ଏକ ସତ୍ୟକୁ ଅଣଦେଖା କରିହେବ ନାହିଁ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ: ୮୮୯୫୧୪୧୬୨୭

## ସଂପାଦକଙ୍କୁ ପତ୍ର

### ଅଂଶୁଘାତକୁ ପ୍ରାକୃତିକ ବିପର୍ଯ୍ୟୟରେ ସାମିଲ କରାଯାଉ

ମହାଶୟ,

ବନ୍ୟା, ବାତ୍ୟା, ବରୁଡ଼ି, ଭୂମିକମ୍ପ, ସୁନାମୀ, ଅଗ୍ନିକାଣ୍ଡ ଭଳି ୧୦ ଗୋଟି ବିପତ୍ତିକୁ ପ୍ରାକୃତିକ ବିପର୍ଯ୍ୟୟରେ ସାମିଲ କରାଯାଇଥିବା ବେଳେ ଅଂଶୁଘାତକୁ ଏଥିରେ ସାମିଲ କରାଯାଇ ନଥିବାରୁ ମୃତକଙ୍କୁ ଉପଯୁକ୍ତ ଅନୁକମ୍ପା ମୂଳକ ସହାୟତା କେନ୍ଦ୍ର ସରକାରଙ୍କୁ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ସରକାର ଅନୁରୋଧ କରିଥିଲେ। କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଏ ସମ୍ପର୍କରେ ହସ୍ତକ୍ଷେପ କରୁନାହାନ୍ତି। ବିଶେଷ କରି ରାଜ୍ୟ ସରକାରଙ୍କ ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ନିରବ ରହିବା ଦୁର୍ଭାଗ୍ୟଜନକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ଗୁଡ଼ିକୁ ରାଜ୍ୟ ସରକାର ଯାଞ୍ଚକରି ୫୦ ହଜାର ଟଙ୍କା ଅନୁକମ୍ପା ମୂଳକ ସହାୟତା ଦେବାକୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ ବ୍ୟବସ୍ଥା କରିଥିବା ବେଳେ କେନ୍ଦ୍ର ସରକାରଙ୍କ ନିରବତା ଯୋଗୁଁ ମୃତକଙ୍କ ପରିବାର ଅଧିକ ରାଶି ପାଇପାରୁ ନାହାନ୍ତି। ତେଣୁ ଅଂଶୁଘାତକୁ ପ୍ରାକୃତିକ ବିପର୍ଯ୍ୟୟରେ ସାମିଲ ପାଇଁ ଦାବି ହେଉଛି ।

ବିଷ୍ଣୁ ପ୍ରସାଦ ମହାରଣା
ବାଜିଚୌକ, ଢେଙ୍କାନାଳ

### ମୌସୁମୀର ଲୁଚକାଳି ଖେଳକୁ ନେଇ ଚାଷୀ ନିରାଶ

ମହାଶୟ,

ବର୍ତ୍ତମାନ ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। କେତେକ ଅଞ୍ଚଳରେ ଧାନ ବୁଣା ସରିଲାଣି। ଜୁନ୍ ୨୨ ତାରିଖ ହୋଇ ସାରିଥିଲେ ମଧ୍ୟ ମାତ୍ର ମୌସୁମୀ ବର୍ଷାର ଦେଖା ନାହିଁ। ଫଳରେ ଚାଷୀ ନିରାଶ ହୋଇ ବୋଲି ବସି ରହିଛି। ଏଭଳି ସ୍ଥିତିରେ ସରକାରୀ ସ୍ତରରେ ଚାଷୀଙ୍କୁ ଉପଯୁକ୍ତ ବିହନ ଯୋଗାଇ ଦେବାର ଆବଶ୍ୟକତା ରହିଛି। ଯଦି ଚାଷୀ ଉପଯୁକ୍ତ ବିହନ ନ ପାଏ ତେବେ ଚାଷ କାର୍ଯ୍ୟରେ ବାଧା ଉପୁଜିବ। ତେଣୁ ଚାଷୀମାନେ ସରକାରୀ ହାଇବ୍ରିଡ୍ ଧାନ ବିହନକୁ ଅନାଇ ରହିଛନ୍ତି। ଏଥିପାଇଁ ବିହନ ନିଗମକୁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଚାଷୀ କିନ୍ତୁ ଠିକ୍ ସମୟରେ ବିହନ ପାଇ ପାରୁନାହିଁ। ସେଥିପାଇଁ ସରକାରୀ ବିହନ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।

ରବୀନ୍ଦ୍ର ପ୍ରଧାନ
ଅଥଗଡ଼, କନ୍ଦରପୁର, କଟକ

# ଜଳକ୍ଲିଷ୍ଟ ସ୍ଥିତିରେ ଖୋର୍ଦ୍ଧା ଜିଲ୍ଲାର ୪୩ଟି ଗାଁ

ଖୋର୍ଦ୍ଧା : ଦେଶରେ ସ୍ୱାଧୀନତାର ୭୫ ବର୍ଷ ପାଳନ ହେବାକୁ ଯାଉଛି, କିନ୍ତୁ ରାଜ୍ୟ ରାଜଧାନୀର ଜିଲ୍ଲା ଖୋର୍ଦ୍ଧାର ୪୩ଟି ଏଭଳି ଗାଁ ରହିଛି ଯେଉଁଠାର ବାସିନ୍ଦା ପାନୀୟ ଜଳ ସୁବିଧାରୁ ଆଜି ଯାଏଁ ବଂଚିତ ହୋଇ ରହିଛନ୍ତି । ବର୍ତମାନ ଜଳବାୟୁ ପରିବର୍ତନ, ଜଙ୍ଗଲର ହ୍ରାସ ଓ ବେଆଇନ ଖନନ ଯୋଗୁଁ ଆଗକୁ ଏହି ଜଳସଂକଟ ବୃଦ୍ଧି ପାଇବା ସମ୍ଭାବନା ରହିଛି । ଜିଲ୍ଲା ଜଳ ଯୋଗାଣ ଓ ପରିମଳ ମିଶନ ପକ୍ଷରୁ ମିଳିଥିବା ସୂଚନାରେ ଜିଲ୍ଲାରେ ୧୩୫୮ଟି ଗାଁରେ ୨୦୨୧-୨୨ରେ ମୋଟ ୧୬୦୪୬ଟି ନଳକୂପ ରହିଥିଲା । ୨୦୨୨-୨୩ରେ ଏହା ୧୬୮୬୯କୁ ବୃଦ୍ଧି ପାଇଛି । ସେହିଭଳି କାର୍ଯ୍ୟକ୍ଷକ ପାଇପ ଜଳ ଯୋଗାଣ ପ୍ରକଳ୍ପ ଦୁଇ ବର୍ଷ ମଧ୍ୟରେ ୫୨୧ରୁ ୫୨୩କୁ ବୃଦ୍ଧି ପାଇଛି । କିନ୍ତୁ ଜିଲ୍ଲାର ଚିଲିକା, ଟାଙ୍ଗୀ, ବୋଲଗଡ଼ ବ୍ଲକର ୪୩ଟି ଏଭଳି ଗାଁ ରହିଛି ଯେଉଁଠି ଏଯାଏଁ ପିଇବା ପାଣି ପାଇଁ କୌଣସି ବିଧିବଦ୍ଧ ବ୍ୟବସ୍ଥା ହୋଇପାରିନାହିଁ । କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନର ସୂଚନାନୁସାରେ, ଜିଲ୍ଲାର ୨ଲକ୍ଷ ୭୭ହଜାର ୮୧୩ ପରିବାର ମଧ୍ୟରୁ ୧ ଲକ୍ଷ ୮୩ହଜାର ୫୪୬



ପରିବାରକୁ ପାଇପ ଜଳ ଯୋଗାଣ ହୋଇଥିବା ବେଳେ ବର୍ତମାନ ସୁଦ୍ଧା ୯୪ ହଜାର ୨୬୭ ପରିବାରକୁ ପାଇପ ଜଳ ଯୋଗାଣରୁ ବଂଚିତ ହୋଇରହିଛନ୍ତି । ମଇ ୨୦୨୩ ସୁଦ୍ଧା ଏହି ସମସ୍ତ ପରିବାରଗୁଡ଼ିକୁ ପାଇପ ଜଳ ଯୋଗାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୩ ହଜାର ୧୨୫ଟି ଗାଁରେ ପାଇପ ଜଳ ଯୋଗାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇପାରିଛି । ଜିଲ୍ଲାରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ୬ଟି ବୃହତ ପାଇପ ଜଳଯୋଗାଣ ପ୍ରକଳ୍ପରୁ ଲୋକଙ୍କୁ କେବେ ପାଣି ମିଳିବ ତାହା ଅସ୍ପଷ୍ଟ । ଯଦିବା ପାଣି ଯୋଗାଇ ଦିଆଯାଏ ତେବେ ପରିବେଶ ଅସନ୍ତୁଳନ ଯୋଗୁଁ ନଦୀଗୁଡ଼ିକ ଯେଉଁଭଳି ବର୍ଷକର ୫-୬ ମାସ ଶୁଖିଲା ପଡୁଛି ଆଉ ୪-୫ ବର୍ଷ ପରେ ଏହି ନଦୀ (ଭୂପୃଷ୍ଠଜଳ) ଉପରେ ନିର୍ଭରଶୀଳ ଜଳଯୋଗାଣ ପ୍ରକଳ୍ପରୁ ଆବଶ୍ୟକ ପାଣି ମିଳିବ କି ନାହିଁ ସନ୍ଦେହ । ଏଭଳି ପରିସ୍ଥିତିରେ ଗ୍ରାମାଂଚଳରେ ନଳକୂପ ଉପରେ ହିଁ ଭରସା କରାଯାଉଛି । ଏହି କଥା ପଂଚାୟତ ସମିତି ବୈଠକ ଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ଉନ୍ନୟନ ବୈଠକରେ ନିର୍ବାଚିତ ପଂଚାୟତ ପ୍ରତିନିଧିମାନେ ଉଠାଇ ଅଧିକ ନଳକୂପ ପାଇଁ ଦାବି କରୁଛନ୍ତି । କିନ୍ତୁ ବର୍ତମାନର ଆବଶ୍ୟକତା ପାଇଁ ଅବିଚାରିତ ନଳକୂପ ଖନନ ଆଗାମୀ ଦିନରେ ସମସ୍ୟା ସୃଷ୍ଟି କରିବ ବୋଲି ଖୋଦ୍ ସରକାରଙ୍କ ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରାଯାଇଛି । କେନ୍ଦ୍ର ସରକାରଙ୍କ ଭୂତଳ ଜଳ ସର୍ବେକ୍ଷଣର ୨୦୨୧ ରିପୋର୍ଟରେ ଖୋର୍ଦ୍ଧା ଜିଲ୍ଲାରେ ଭୂତଳ ଜଳ ସୃଷ୍ଟି ୨୧ହଜାର ୮୦୫ ହାମ (ହେକ୍ଟର ମିଟର) ହୋଇଥିବା ବେଳେ ୨୦୨୫କୁ ବେଳକୁ ଏହା ହ୍ରାସ ପାଇବା ଓ ବୋଲଗଡ଼ ବ୍ଲକରେ ଭୂତଳଜଳ ସର୍ବାଧିକ ବିପଦଜନକ ଅବସ୍ଥାରେ ରହିଥିବା ଜଣାଯାଇଛି । କେବଳ ଏହାନୁହେଁ ବର୍ଦ୍ଧିତ ଜନସଂଖ୍ୟାର ଜଳର ଆବଶ୍ୟକତା ଦୃଷ୍ଟିରୁ ଭୂତଳ ଜଳ ପର୍ଯ୍ୟାପ୍ତ ହୋଇପାରିବ ନାହିଁ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି । ବୋଲଗଡ଼ରେ ସଂରକ୍ଷିତ ଭୂତଳ ଜଳରୁ ୭୮.୯୪ ପ୍ରତିଶତ ବ୍ୟବହୃତ ହୋଇସାରିଥିବା ବେଳେ ଭୁବନେଶ୍ୱରରେ ଏହା ୬୪.୯୪ ପ୍ରତିଶତ, ବାଲିପାଟଣାରେ ୬୬.୩୪ ପ୍ରତିଶତ, ଓ ଖୋର୍ଦ୍ଧାରେ ୫୩.୨୭ ପ୍ରତିଶତ ବ୍ୟବହୃତ ହୋଇସାରିଛି । ଏଭଳି ପରିସ୍ଥିତିରେ ଏହି ଅଂଚଳରେ ଅଧିକ ନଳକୂପ କିମ୍ବା ଭୂତଳ ଜଳ ଉତ୍ତୋଳନ ଉପରେ ସତର୍କତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି ।

## ମନମୁଖୀ ଚାଲିଛି ଠିକା କାମ

# ଉଜୁଡ଼ିବାକୁ ବସିଲାଣି ଲକ୍ଷାଧିକ ଟଙ୍କାର ବଗିଚା

ବରଗଡ଼ : ସମ୍ବଲପୁର ଜିଲ୍ଲା ଭୁକ୍ତା ସିଏଚ୍‌ସିରେ ଚାଲିଥିବା ମନମୁଖୀ ଠିକାଦାରିକୁ ନେଇ ବଡ଼ ବିବାଦ ମୁଣ୍ଡ ଟେକିଛି । ପ୍ରଥମତଃ, ଏଠାରେ ଯେଉଁ କାମ ଚାଲିଛି, ସେଥିରେ ଛତିଶଗଡ଼ର ସିମେଣ୍ଟ, ବାଲି ଏବଂ ଅନ୍ୟ ସାମଗ୍ରୀ ବ୍ୟବହାର ହେଉଛି । ତାହା ପୁଣି ଯନ୍ତ୍ରୀଙ୍କ ଜାଣତରେ । ଏବେ ନୂଆ ଏକ ତଥ୍ୟ ସାମନାକୁ ଆସିଛି । ପୂର୍ବରୁ ସିଏଚ୍‌ସି ପରିସରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ବଗିଚା କରାଯାଇଥିଲା । ବିଧିବଦ୍ଧ ଆଦେଶ ନଥିଲେ ହେଁ ବଗିଚାକୁ ସଂପୂର୍ଣ୍ଣ ନଷ୍ଟ କରାଯାଇଛି । ସୂଚନା ମୁତାବକ, ଗତବର୍ଷ ନଭେମ୍ବର ୨୨ ତାରିଖ ଏହି ସିଏଚ୍‌ସିର ଉନ୍ନତୀକରଣ ପାଇଁ ଚିଠି ସଂଖ୍ୟା ୧୧୮୮୩ରେ ନିର୍ଦ୍ଦେଶ ଜାରି ହୋଇଥିଲା । ଯେଉଁଥିରେ ପୁରୁଣା ଆଇପିଡି, ଶୌଚାଳୟ, ଚକ୍ଷୁ ରୋଗ ଚିକିତ୍ସା ପାଇଁ ଥିବା କୋଠା, ଆୟୁଷ ୟୁନିଟ୍ ଏବଂ କୁଷ୍ଠରୋଗ ପାଇଁ



ଉଦ୍ଦିଷ୍ଟ କୋଠା ଭାଂଗିବାକୁ ନିର୍ଦ୍ଦେଶ ରହିଛି । ଉକ୍ତ କୋଠା ସଂଲଗ୍ନ ଗଛ କାଟିବା ସମେତ ନୂଆ ଆପ୍ରୋଚ୍ ରୋଡ୍, କର୍ମଚାରୀଙ୍କ କ୍ୱାର୍ଟର ଚାରିପଟେ ପାଚେରୀ ନିର୍ମାଣ ଏବଂ ସବୁ ଝରକାରେ ମଶାରି ଜାଲି ଲଗାଇବାକୁ କୁହାଯାଇଛି । କିନ୍ତୁ ଏଥିରେ ବଗିଚାକୁ ନଷ୍ଟ କରିବା ପାଇଁ କିଛି ଗାଇଡ୍‌ଲାଇନ୍ ଦିଆଯାଇନାହିଁ । କିନ୍ତୁ ଠିକାଦାର ସଂପୂର୍ଣ୍ଣ ଭାବେ ବଗିଚା ଉଜାଡ଼ି ସାରିଛନ୍ତି । ବିଭାଗୀୟ ଯନ୍ତ୍ରୀଙ୍କ ହାତରେ ଗାଇଡ୍‌ଲାଇନ୍‌ଯୁକ୍ତ ନିର୍ଦ୍ଦେଶନାମା ଥିଲେ ହେଁ ସେ କାହିଁକି ନିରବଦ୍ରଷ୍ଟା, ତାହା ବୁଝାପଡୁନି । ଅନ୍ୟପକ୍ଷରେ ଏହି ନିର୍ମାଣାଧୀନ ପ୍ରକଳ୍ପରେ ବ୍ୟାପକ କେଳେଙ୍କାରୀ ଚାଲିଥିଲେ ହେଁ ଏହାର ତଦନ୍ତ ନ ଆଗେଇବା ଆଶ୍ଚର୍ଯ୍ୟର କଥା । ଜାତୀୟ ସ୍ୱାସ୍ଥ୍ୟ ମିସନ ଅନୁଦାନରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସହଚର୍ଚ୍ଚିତାରେ ୧୦ କୋଟି ୭୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଚାଲିଛି । କିନ୍ତୁ ଏଠାରେ ବ୍ୟବହାର ହେଉଛି ଛତିଶଗଡ଼ର ବାଲି, ସିମେଣ୍ଟ, ଚିପ୍‌ସ । ଓଡ଼ିଶାରେ ସବୁ ସାମଗ୍ରୀ ମହଜୁଦ ଥାଇ ବାହାର ରାଜ୍ୟରୁ ସାମଗ୍ରୀ ଆଣିବାକୁ କିଏ ଅନୁମତି ଦେଲା, ତାହା ବି ତଦନ୍ତ ସାପେକ୍ଷ । ସେହିପରି କୋଟି କୋଟି ଟଙ୍କାର ପ୍ରକଳ୍ପ ବିନା ଯନ୍ତ୍ରୀଙ୍କ ତଦାରଖ, ପରୀକ୍ଷାନିରୀକ୍ଷାରେ ଚାଲିଛି । ମାମଲାର ଉଚ୍ଚସ୍ତରୀୟ ତଦନ୍ତ ବଦଳରେ ଏହାକୁ ଅତି ହାଲୁକା ଭାବେ ଗ୍ରହଣ କରାଯାଉଛି ।

# କମୁଛି ପରିବା ରପ୍ତାନି, ଆଖୁ ଚାଷ କାଁ ଭାଁ

ବରଗଡ଼ : ମଣ୍ଡି ଅବ୍ୟବସ୍ଥା, ମିଲର୍ସ ମନମାନି ଏବଂ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଉଭୟ ରବି ଓ ଖରିଫ୍ ଋତୁରେ ଚାଷୀର ଧାନ ବରବାଦ୍ ହୋଇଯାଉଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ସିଧାସଳଖ ପାରମ୍ପରିକ ଧାନ ଚାଷ ଉପରେ ପଡୁଛି । ଫଳରେ ଚାଷୀଙ୍କୁ ବିକଳ୍ପ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଛି । କିନ୍ତୁ



ତାହା କେବଳ କାଗଜ କଲମରେ ସୀମିତ ରହୁଛି । ବିକଳ୍ପ ଚାଷ ପ୍ରତି ଚାଷୀଙ୍କ ଅନାଗ୍ରହ ବଢ଼ିବାରେ ଲାଗିଛି । ପରିସଂଖ୍ୟାନ ବି ଏହାର ହିସାବ ଦେଉଛି । ଜିଲ୍ଲାରେ ପୂର୍ବରୁ ଟମାଟୋ, ବାଇଗଣ, ପୋଟଳ, କଲରା ଏବଂ ଭେଣ୍ଡି ବମ୍ପର ଉତ୍ପାଦନ ହେଉଥିଲା । ସ୍ୱାଭାବିକ ଋତୁରେ ଏସବୁ ଅନୁଗୁଳ, ଯାଜପୁର, ବାଲେଶ୍ୱର, କଟକ, ଭୁବନେଶ୍ୱର ଏବଂ ଛତିଶଗଡ଼କୁ ରପ୍ତାନୀ ହୁଏ । ପାଖାପାଖି ଦୈନିକ ୧୫୦ ଟନ୍ ପରିବା ରପ୍ତାନୀ ହେଉଥିଲା । କିନ୍ତୁ ଏବେ ଏହା ୧୦୦ରୁ ୧୨୦ ଟନ୍ ପାଖାପାଖି ସୀମିତ ରହିଛି । ବରଗଡ଼ ଭଳି କୃଷି ପ୍ରଧାନ ଜିଲ୍ଲାରେ ଶୀତଳ ଭଣ୍ଡାର ନଥିବାରୁ ପରିବା ଚାଷରୁ ଚାଷୀ ବିମୁଖ ହେଉଛନ୍ତି । ଚାଷୀ ଭଲ ଉତ୍ପାଦନ କଲେ ବି ତାକୁ ଦୀର୍ଘ ଦିନ ସଂରକ୍ଷିତ ରଖିବାକୁ କୌଣସି ବ୍ୟବସ୍ଥା ନାହିଁ । ଫଳରେ ପୂର୍ବରୁ ତରଭୁଜ, କଖାରୁ ଚାଷୀ ନିଜ ବିଲରେ ଟ୍ରାକ୍ଟର ମଡ଼ାଇ ଦେଉଥିବା ଭଳି ଘଟଣା ନଜରକୁ ଆସିଛି । ସେହିପରି, ଏକଦା ବରଗଡ଼ ଜିଲ୍ଲା ଆଖୁଚାଷ ପାଇଁ ପ୍ରସିଦ୍ଧ ଥିଲା । କିନ୍ତୁ ଆଖୁ ଚାଷୀ ଏବେ ସଂକଟରେ । ଆଖୁ ପାଇଁ କିଛି ବଜାର ବ୍ୟବସ୍ଥା ନଥିବାରୁ ଚାଷୀଙ୍କୁ ଉଚିତ ପାଉଣା ମିଳୁନାହିଁ । ଫଳରେ ଜିଲ୍ଲାର ଅଧିକାଂଶ ଚାଷୀ ଏବେ ଆଖୁଚାଷ ପାଇଁ ବିମୁଖ ହେଉଥିବା ପରିଲକ୍ଷିତ ହେଉଛି । ସ୍ଥିତି ଏଭଳି ଯେ, ଆଖୁ କିଆରିରେ ଉଇ ଲାଗି ଯାଉଛି । ବରଗଡ଼ ଚିନି କଳ ଚାଲୁଥିବା ବେଳେ ସ୍ଥାନୀୟ ଆଖୁ ଚାଷୀ ସିଧାସଳଖ ମିଲ୍‌କୁ ଆଖୁ ପଠାଉଥିଲେ । କିନ୍ତୁ ଚିନିକଳ ଠପ୍ ହେବା ଦିନରୁ ଆଖୁ ଚାଷ ଢେର୍ କମିଛି । କାଁ ଭାଁ ଗୁଡ଼ ପାଇଁ କିଛି ଅଂଚଳରେ ଆଖୁଚାଷ ହେଉଛି । ୨୦୨୦ ଖରିଫ ଋତୁରେ ଜିଲ୍ଲାରେ ୧୦୧ ହେକ୍ଟର ଜମିରେ ଆଖୁ ଚାଷ ହୋଇଥିଲା । ୨୦୨୧ରେ ୩ ଶହ ହେକ୍ଟରରେ ଚାଷ କରିବାକୁ ନୀତି ନିର୍ଦ୍ଧାରଣ ହୋଇଥିଲେ ହେଁ ଚାଷୀ ଏତିକି ଜମିରେ ଆଖୁଚାଷ କରିନଥିଲେ । ଗାଁ ଗଣ୍ଡାରେ ଆଖୁ ଚାଷ କେବଳ ସ୍ଥାନୀୟ ବଜାରର ଚାହିଦା ମେଣ୍ଟାଇବା ପାଇଁ କରାଯାଉଛି । ନଚେତ ନିଜ ପାଇଁ ଚାଷୀ ଗୁଡ଼ ପ୍ରସ୍ତୁତ କରି ସନ୍ତୁଷ୍ଟ ରହୁଛନ୍ତି । ଧାନ ତୁଳନାରେ ଆଖୁ ହେଲା ଲାଭକରୀ ଫସଲ । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଧାନ ଚାଷ ଉଜୁଡ଼ି ଯାଉଛି । କିନ୍ତୁ ଆଖୁ ଚାଷ ଉପରେ ଏହାର କିଛି ଫରକ୍ ପଡ଼େ ନାହିଁ । କିନ୍ତୁ ଚାଷୀ ଆଖୁ ଚାଷ କରି ବିକିବ କେଉଁଠି ? ମୋଟାମୋଟି କହିବାକୁ ଗଲେ, ଚାଷୀକୁ ବିକଳ୍ପ ଚାଷରୁ ବି କିଛି ଫାଇଦା ମିଳୁନାହିଁ ।

# ୨୫ ବର୍ଷରେ ୯ ହଜାରରୁ ଅଧିକ ଧାନ ପ୍ରଜାତି ବିଲୁପ୍ତ





ବରଗଡ଼ : ୨୫ବର୍ଷ ତଳେ ପଶ୍ଚିମ ଓଡ଼ିଶାରେ ପ୍ରାୟ ୧୦ ହଜାରରୁ ଅଧିକ ପ୍ରଜାତିର ଧାନ ଦେଖିବାକୁ ମିଳୁଥିଲା । ଏବେ ଏହି ସଂଖ୍ୟା ୪ ଶହକୁ ଖସିଆସିଛି । ପର୍ଯ୍ୟାପ୍ତ ବର୍ଷା ନହେବାରୁ ଆଉ କିଛି ପ୍ରଜାତିର ଧାନ ବଂଚିବା ସମ୍ଭବ ହେଉନାହିଁ । ଯଦ୍ୱାରା ପଶ୍ଚିମ ଓଡ଼ିଶାର ପ୍ରମୁଖ ଫସଲ ଧାନର ଅନେକ ପ୍ରଜାତି ବିଲୁପ୍ତ ହେବାକୁ ଲାଗିଛି । ସ୍ୱଳ୍ପ ବର୍ଷାରେ ଖାପ ଖୁଆଇ ପାରୁଥିବା ଫସଲ ହିଁ ବଂଚି ପାରୁଛନ୍ତି । ଅନ୍ୟ ଫସଲ ବର୍ଷାଭାବ ଯୋଗୁଁ ତିଷ୍ଠି ପାରୁନାହାନ୍ତି । ଏଥି ପାଇଁ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରାଯାଉଛି । ପ୍ରାୟ ଗୋଟିଏ ଦଶନ୍ଧି ହେଲା ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାରେ ବର୍ଷା କମିଛି । ବାର୍ଷିକ ବୃଷ୍ଟିପାତ ହାର ସବୁ ଜିଲ୍ଲାରେ କ୍ରମଶଃ ଖସିବାରେ ଲାଗିଛି । ବିଗତ ୧୦ ବର୍ଷର ପରିସଂଖ୍ୟାନ ଦେଖିଲେ ସ୍ଥିତି ଉଦ୍‌ବେଗଜନକ ଥିବା ସ୍ପଷ୍ଟ ବାରି ହେଉଛି । ଏହି ଅବଧି ମଧ୍ୟରେ ଅସ୍ୱାଭାବିକ ପାଣିପାଗ, ମୌସୁମୀ ଗାଏବ୍ ହେବା ଭଳି ଅନେକ ଦୃଷ୍ଟାନ୍ତ ରହିଛି । ଚାଷବାସ ଗୋଟିଏ ହିସାବରେ କେବଳ ଲଘୁଚାପ ବର୍ଷା ଉପରେ ହିଁ ନିର୍ଭରଶୀଳ । ଖରାର ଅବଧି ବଢୁଥିବା ବେଳେ ଶୀତ ଏବଂ ବର୍ଷା ଦିନ ସଂଖ୍ୟା କମୁଛି । ଫଳରେ ପଶ୍ଚିମ ଓଡ଼ିଶାକୁ ଅନେକ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡୁଛି । ବର୍ଷାଭାବ ସହ ଭୂତଳ ଜଳସ୍ତର ମଧ୍ୟ କ୍ରମାଗତ ଭାବେ ଖସୁଛି । ଯାହାର ସିଧାସଳଖ ପ୍ରଭାବ କୃଷି କ୍ଷେତ୍ରରେ ପଡ଼ିଛି । ଜଳାଭାବ ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ମରୁଡ଼ି ପରିସ୍ଥିତିର ସାମନା କରିବାକୁ ପଡୁଛି । ରେକର୍ଡ ଅନୁସାରେ, କେବଳ ଜୁନ ମାସରେ ହେଉଥିବା ବର୍ଷାରେ ହିଁ ପଶ୍ଚିମ ଓଡ଼ିଶାର ଚାଷକାର୍ଯ୍ୟ ତିଷ୍ଠି ରହିଛି । ଏହି ଅବଧିରେ ବର୍ଷା ଅନୁପାତ କମିଗଲେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି । ବିଶ୍ୱରେ ୧୮୫୦ ମସିହା ପରେ ଗ୍ରିନ ହାଉସ୍ ଗ୍ୟାସ୍‌ର ପ୍ରଭାବ ବଢ଼ିଚାଲିଛି । ବିଭିନ୍ନ ରାସାୟନିକ ବିକିରଣ ସହ ଭୂପୃଷ୍ଠ ଅତ୍ୟଧିକ ଉତ୍ତପ୍ତ ହେବା ଯୋଗୁଁ ବାୟୁମଣ୍ଡଳ ଉପରେ



ଏହାର କୁପ୍ରଭାବ ପଡ଼ିଛି । ଫଳରେ ବର୍ଷାଭାବ ଏବଂ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ଗତ ୫୦ବର୍ଷ ମଧ୍ୟରେ ପଶ୍ଚିମ ଓଡ଼ିଶାର ପାଖାପାଖି ୩୦ ପ୍ରତିଶତ ଜଂଗଲ ନଷ୍ଟ ହୋଇଥିବା ଗୋଟିଏ ବିଦେଶୀ ସଂସ୍ଥାର ସର୍ଭେ ରିପୋର୍ଟ କହୁଛି । ଏହାସହିତ ଶିଳ୍ପାନୁଷ୍ଠାନ ଏବଂ ଯାନବାହାନର ମାତ୍ରାଧିକ ଚଳାଚଳ ଯୋଗୁଁ ଓଜନ ସ୍ତର କମିବାକୁ ଲାଗିଛି । ତେଣୁ ସମସ୍ତ ଜିଲ୍ଲାର ସ୍ୱାଭାବିକ ତାପମାତ୍ରା ପ୍ରତି ୩୫ ବର୍ଷରେ ୧ରୁ ୩ ଡିଗ୍ରି ଲେଖାଏଁ ବୃଦ୍ଧି ପାଇଥିବା ରେକର୍ଡ ସୂଚାଉଛି । ତେଣୁ ଅସ୍ୱାଭାବିକ ତାପମାତ୍ରା ଓ ପରିବେଶ ଯୋଗୁଁ ପାରମ୍ପରିକ ଧାନ କିସମ ଏବଂ ପନିପରିବା ଉଜୁଡ଼ି ଯାଉଛି ବୋଲି ବିଶେଷଜ୍ଞଙ୍କ ମତ ପ୍ରକାଶ କରିଛନ୍ତି ।

# ମୃତ୍ୟୁର ଉପତ୍ୟକା ପାଲଟିଛି କଳାହାଣ୍ଡି ରତ୍ନପଥର ଖଣି

ଭବାନୀପାଟଣା: କଳାହାଣ୍ଡି ଜିଲ୍ଲାର ରତ୍ନପଥର ଖଣି ଗୁଡିକ ବର୍ତ୍ତମାନ ମୃତ୍ୟୁର ଉପତ୍ୟକାରେ ନିଜର ପରିଚୟ ଖୋଜୁଛି । ବେଆଇନ ଭାବରେ ବିପଦସଙ୍କୁଳ ଅବସ୍ଥାରେ ରତ୍ନ ପଥର ଖୋଳା ଚାଲିଛି । ଏହି ରତ୍ନପଥର କଳାହାଣ୍ଡିରୁ କଣ୍ଟାବାଞ୍ଜି ଦେଇ ରାଜସ୍ଥାନ ଚୋରାଚାଲାଣ ହେଉଥିବା ବେଳେ ଓଡ଼ିଶା ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ଖଣି ବିଭାଗ ଓ ପୁଲିସ ପର୍ଯ୍ୟନ୍ତ ସମସ୍ତଙ୍କ ଜ୍ଞାତ ସାରରେ ବେଆଇନ ରତ୍ନପଥର ଖଣି ଖୋଳା ଯାଉଛି । ସମସ୍ତଙ୍କ ଜ୍ଞାତ ସାରରେ ଏହି କାରବାର ଚାଲିଥିବା ବେଳେ ଅତି ବିପଦପୂର୍ଣ୍ଣ ଅବସ୍ଥାରେ କିଛି ଟଙ୍କା ରୋଜଗାର କରିବା ପାଇଁ ଶିଶୁଠାରୁ ଶ୍ରମିକାମାନଙ୍କ ପର୍ଯ୍ୟନ୍ତ ନିଜ ଜୀବନକୁ ବାଜି ଲଗାଉଛନ୍ତି । ରାଜସ୍ଥାନର ବେପାରୀମାନେ ଅଧିକ ଟଙ୍କା ଦେଇ ସ୍ଥାନୀୟ ଲୋକମାନଙ୍କୁ ଶ୍ରମିକ ଭାବେ ଲଗାଇ ରତ୍ନପଥର ଖୋଳୁଥିବା ବେଳେ ସୁଡ଼ଙ୍ଗ ଭିତରେ ଅନେକଙ୍କ ପ୍ରାଣହାନୀ ମଧ୍ୟ ଘଟୁଛି । ପୁଲିସ ଭୟରେ ଏହି ଘଟଣା ଗୁଡିକ ଗାଁ ଭିତରେ ଚାପି ରହିଯାଉଛି । ଅନ୍ୟପଟେ ବେଆଇନ ରତ୍ନପଥର ଚାଲାଣ କରି ବ୍ୟବସାୟୀମାନେ ମାଲାମାଲ ହେଉଥିବା ବେଳେ ମୃତ୍ୟୁର ଉପତ୍ୟକାରେ ନିରୀହ ଶ୍ରମିକମାନେ



ବିପଦ ସହିତ ଖେଳୁଛନ୍ତି । କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ମହକୁମାରୁ ମାତ୍ର ୧୫ କିମି ଦୂରରେ ରତ୍ନପଥର ଖନନ ଚାଲିଛି । କର୍ଲାପାଟ ଅଭୟାରଣ୍ୟର ଜୁନାଗଡ଼ ଓ ଭବାନୀପାଟଣା ବନ ବିଭାଗ ରେଞ୍ଜ ଅଧୀନରେ ବହୁ ସ୍ଥାନରେ ବେଆଇନ ଖନନ ନିମନ୍ତେ ବଜାର ଭଳି ଲୋକଙ୍କ ଏକାଠି ହେବା ଦେଖିବାକୁ ମିଳିଛି । ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବଣ୍ଡୋଗୁଡା, ଜିଲିଙ୍ଗଦର, ରାବଣଡଙ୍ଗର, ଲାଇନଡଙ୍ଗରରେ ରତ୍ନପଥର ବେଆଇନ ଭାବେ ଖୋଳାଚାଲିଛି । ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଲାବଣ୍ୟସର, ଓଲବାହାଲି, କାଶୀପଦର, କେନ୍ଦୁକୁପଲା, କୁନକୁତା, ଭାଲୁଚୁଆଁ, ମାକରଚୁଆଁ, ଉଡ଼ରୁଙ୍ଗ, ଓଲମା, ବାନ୍ଧନଡ଼ଙ୍ଗରରେ ରତ୍ନପଥର ଖଣି ଲୁଟ୍ ଚାଲିଛି । ଥୁଆମୂଳ ରାମପୁର ବ୍ଲକର କିଛି ଅଞ୍ଚଳରେ ରତ୍ନପଥର ଖଣି ଉପରେ ମାଫିଆମାନଙ୍କ ଲୋଲୁପ ଦୃଷ୍ଟି ରହିଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ କ୍ୱାର୍ଟସାଇଜ, ନିଲମ, ମାଣିକ୍ୟ, ମୁନଷ୍ଟନ, ରୁବି, ପନ୍ନା ଭଳି ମୂଲ୍ୟବାନ ରତ୍ନପଥର ଅବାଧରେ ଚୋରାରେ ଖଣି ଲୁଟ୍ ଚାଲିଛି । ଜୁନାଗଡ଼ ଅଞ୍ଚଳର ହିଂଜିଳିବାହାଲି ଓ ଜିଲିଙ୍ଗଦର ରତ୍ନପଥର ଖଣିକୁ ଗତ ୩୦ ବର୍ଷ ଟିକେ ଓଏମ୍‌ସି କମ୍ପାନି ଖଣି ଖନନ କରୁଥିଲା । ପରେ ଏହି ଖଣିକୁ ଜେମକୋ ନାମକ ଏକ କମ୍ପାନି ଖନନର ଦାୟିତ୍ୱ ନେଇଥିଲା । ବର୍ତ୍ତମାନ ସମସ୍ତ ଖଣି ଖନନ ବନ୍ଦ ଅଛି ଏବଂ ଏହାର ସୁରକ୍ଷା ଦାୟିତ୍ୱ ରାଜ୍ୟ ସରକାରଙ୍କ ହାତରେ ରହିଛି । ସଂରକ୍ଷିତ ଜଙ୍ଗଲ, ପ୍ରସ୍ତାବିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ପ୍ରଭୃତି ଅଞ୍ଚଳରେ



ଚୋରାରେ ଖଣି ଖଦାନ ଖୋଳା ଯାଉଛି । ବିପଦଜନକ ଅବସ୍ଥାରେ ଖୋଲାଖୋଲି ଭାବରେ ବେଆଇନ ରତ୍ନପଥର ଲୁଟ ନେଇ ଜିଲ୍ଲା ପ୍ରଶାସନ, ଖଣି ବିଭାଗ ଓ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଯୋଗୁଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରତ୍ନପଥର ଦଲାଲମାନେ ପ୍ରଶାସନଠାରୁ ଆରମ୍ଭ କରି ପୁଲିସ ପର୍ଯ୍ୟନ୍ତ ସମସ୍ତଙ୍କୁ ନିଜ କବଜାରେ ରଖିଥିବା ଯୋଗୁଁ କେହି ମଧ୍ୟ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଏହି ଅଞ୍ଚଳକୁ ସରଜମିନ ତଦନ୍ତ କରିବା ପାଇଁ ମଧ୍ୟ ଯାଉନାହାନ୍ତି । ତୁରନ୍ତ ରାଜ୍ୟ ସରକାର ଏକ ସ୍କ୍ୱାଡ୍ ଗଠନ କରି ବେଆଇନ ରତ୍ନପଥର ଲୁଟ୍ ଉପରେ ଚଢ଼ଉ କରାଯିବାକୁ ସାଧାରଣରେ ଦାବି ହୋଇଛି । ଏନେଇ ଜିଲ୍ଲା ଖଣି ବିଭାଗ ଉପନିର୍ଦ୍ଦେଶକଙ୍କୁ ପଚାରିବାରୁ ଜିଲ୍ଲାପାଳଙ୍କ ସହିତ ଏନେଇ ଆଲୋଚନା ହୋଇଛି । ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

# ବଢୁଛି ରକ୍ତଶିକୁଳି ରୋଗୀ ସଂଖ୍ୟା

ଭଞ୍ଜନଗର : ବଢ଼ିବାରେ ଲାଗିଛି ରକ୍ତଶିକୁଳି ତଥା ସିକ୍ ?ଲସେଲ୍ ରୋଗୀଙ୍କ ସଂଖ୍ୟା । ଏହା ଏକ ବଂଶଗତ ରୋଗ । କ୍ରମାଗତ ଭାବେ ଗତ କିଛିବର୍ଷ ଧରି ଏହି ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ବହୁଗୁଣରେ ବୃଦ୍ଧି ପାଇବାରେ ଲାଗିଛି । ନିୟମିତ ବ୍ୟବଧାନରେ ରକ୍ତଶିକୁଳି, ଥାଲେସେମିଆ ଓ ହିମୋଫୋଲିଆ ରୋଗୀଙ୍କ ପାଇଁ ରକ୍ତର ଆବଶ୍ୟକତା ପଡୁଛି । କିନ୍ତୁ, ସେହି ଅନୁପାତରେ ଶିବିର ମାଧ୍ୟମରେ ରକ୍ତର ଯୋଗାଡ଼ ହୋଇପାରୁନି । ବିଶେଷକରି ଗର୍ଭବତୀ ଏବଂ ଦୁର୍ଘଟଣାରେ ଆହତ ଏଭଳି ଦୁରାରୋଗ୍ୟରେ ପୀଡ଼ିତ ହୋଇଥିଲେ ସେମାନଙ୍କ ପାଇଁ ଆବଶ୍ୟକସ୍ଥଳେ ରକ୍ତ ଯୋଗାଡ଼ ଚିନ୍ତାର କାରଣ ପାଲଟିଛି । ବର୍ତ୍ତମାନ ଶିଶୁମାନେ ମଧ୍ୟ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ହେଉଛନ୍ତି ।



ଅନେକ ଗ୍ରାମାଞ୍ଚଳରେ ପିଲାମାନେ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ହେଲେ ମଧ୍ୟ ସଚେତନତା ଅଭାବରୁ ସଠିକ୍ ସମୟରେ ଚିକିତ୍ସା ସେବା ପାଇ ପାରୁନଥିବାରୁ ଅକାରଣରେ ଜୀବନ ଚାଲିଯାଉଛି । ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟର କଥାକୁ ବିଚାରରେ ନେଲେ, ଏଠାରେ ଗତ ୭ ବର୍ଷ ମଧ୍ୟରେ ୯୧୭ ଜଣ ରକ୍ତଶିକୁଳି ରୋଗୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି । ୨୦୧୬ରୁ ଅକ୍ଟୋବର ୨୦୧୮ ମସିହା ପର୍ଯ୍ୟନ୍ତ ଡାକ୍ତରଖାନାରେ ୨୭୫ ଜଣ ରକ୍ତଶିକୁଳି ରୋଗୀ, ୮ ଜଣ ଥାଲାସେମିଆ ଏବଂ ଜଣେ ହେମୋଫୋଲିଆ ରୋଗୀ ପଞ୍ଜୀକୃତ ହୋଇଥିଲେ । ନଭେମ୍ବର ୨୦୧୮ରୁ ୨୦୧୯ ମଧ୍ୟରେ ୫୦୨ ଜଣ ରକ୍ତଶିକୁଳି, ୮ ଜଣ ଥାଲାସେମିଆ ଏବଂ ୨ଜଣ ହେମୋଫୋଲିଆ ରୋଗୀ ପଞ୍ଜୀକୃତ ହୋଇଥିଲେ । ତେବେ କୋଭିଡ୍ ସମୟରେ ଏହି ସଂଖ୍ୟା ହ୍ରାସ ପାଇଥିଲା । ୨୦୨୦ ରେ ୭ ଜଣ ରକ୍ତଶିକୁଳି ରୋଗୀ, ଥାଲାସେମିଆ ଓ ହେମୋଫୋଲିଆରେ ଆକ୍ରାନ୍ତ ୨ଜଣ ଲେଖାଏଁ ରୋଗୀ ନାମ ପଞ୍ଜୀକରଣ କରିଥିଲେ । ୨୦୨୧ରେ ୨୩ ଜଣ ରକ୍ତଶିକୁଳି, ୫ ଜଣ ଥାଲାସେମିଆ ଏବଂ ୨୦୨୨ରେ ୪୯ ଜଣ ରକ୍ତଶିକୁଳି ରୋଗୀ, ୨ଜଣ ଥାଲାସେମିଆ ଓ ଜଣେ ହେମୋଫୋଲିଆ ରୋଗୀ ପଞ୍ଜୀକୃତ ହୋଥିଲେ । ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୨୮ଜଣ ରକ୍ତଶିକୁଳି ରୋଗୀ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି । ଉକ୍ତ ରୋଗରେ ଆକ୍ରାନ୍ତଙ୍କୁ ଚିହ୍ନଟ ପାଇଁ ଇଲୋକ୍ଟ୍ରୋଫରେସିସ୍ ଯନ୍ତ୍ରରେ ଏଚପି ଏଲସି ପରୀକ୍ଷା କରିବା ଜରୁରୀ ହୋଇଥାଏ । ପୂର୍ବରୁ ବ୍ରହ୍ମପୁର ଠାରେ ଏହି ପରୀକ୍ଷା କରାଯାଉଥିବା ବେଳେ ଗତ ୫ ମାସ ହେଲା ଭଞ୍ଜନଗର ମେଡିକାଲ୍‌ରେ ମଧ୍ୟ କାର୍ଯ୍ୟକାରୀ ହୋଇଥିବା ବେଳେ ପଞ୍ଜୀକୃତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ତେବେ, ଏହି ବଂଶଗତ ରୋଗର ନିରାକରଣ ଓ ଚିକିତ୍ସା ପାଇଁ ସରକାର ବହୁ ପଦକ୍ଷେପ ନେଲେ ମଧ୍ୟ ଗ୍ରାମାଞ୍ଚଳରେ ଅଧିକ ସଚେତନତାର ଆବଶ୍ୟକତା ରହିଛି । ରକ୍ତଶିକୁଳି ରୋଗ ହେଲେ ରକ୍ତରେ କଣିକା ଗୁଡିକର ବୃଦ୍ଧି ଘଟେ ନାହିଁ । ଯାହାଫଳରେ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେବା ସହ ରକ୍ତହୀନତା ଦେଖାଦିଏ । ଅନେକସମୟରେ ମେଡିସିନ୍ ଦ୍ୱାରା ଚିକିତ୍ସା କରାଯାଉଥିବା ବେଳେ ଗୁରୁତର ହେଲେ ରକ୍ତ ନିୟମିତ ବ୍ୟବଧାନରେ ଦେବାକୁ ପଡ଼େ । ବିଶେଷକରି ରକ୍ତଶିକୁଳି ସାଙ୍ଗକୁ ଥାଲାସେମିଆ ଓ ହିମୋଫୋଲିଆ ଆକ୍ରାନ୍ତ ରୋଗୀମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । ଉକ୍ତ ରୋଗରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହେବା ପରେ ରୋଗୀଙ୍କ ପଞ୍ଜୀକରଣ କରିବା ସହ ସେମାନଙ୍କୁ ମାସିକ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଉଛି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନିୟମିତ ନଜର ରଖିବା ପାଇଁ ଡାକ୍ତରଙ୍କ ପରମର୍ଶ ମଧ୍ୟ ଦିଆଯାଉଛି । କିନ୍ତୁ ସଚେତନ ଅଭାବରୁ ଅନେକ ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ଏହି ସେବାରୁ ବଞ୍ଚିତ ରହୁଛନ୍ତି ।

# ବଲାଣି ରେଳ ସାଇଡିଂରେ ଶ୍ରମିକ ଅଶାନ୍ତି

## ରୁଙ୍ଗ୍‌ଟା କମ୍ପାନୀ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଲେ ଶତାଧିକ ଶ୍ରମିକ

ବଲାଣି, (ହି.ସ) - ବଲାଣି ରେଳ ସାଇଡିଂ ରେ ରୁଙ୍ଗଟା କମ୍ପାନୀର କୋଇଲା ଅନଲୋଡିଙ୍ଗକୁ ନେଇ ଶ୍ରମିକ ଅଶାନ୍ତି ଦେଖା ଦେଇଛି । ଶ୍ରମିକ ମାନେ କାମ ହରାଇ ବସିଥିବାରୁ ଆନ୍ଦୋଳନକୁ ଓହ୍ଲାଅଛନ୍ତି । ଏ ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବଲାଣି ରେଳ ସାଇଡିଂରେ ଶ୍ରମିକ ଭାବରେ ନିଯୁକ୍ତ ଶତାଧିକ ଶ୍ରମିକ । ବଲାଣି ଠିକା ମଜଦୂର ସଂଘର କାର୍ଯ୍ୟକାରୀ ସଭାପତି କମଳା ପତି ଯାଦବଙ୍କ ନେତୃତ୍ୱ ରେ ବୁଧବାର ଠାରୁ ବଲାଣି ରେଳ ସାଇଡିଂ ରେ ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଶ୍ରୀ ଯାଦବ କହିଛନ୍ତି ଯେ ଗତ ୩ ମାସ ହେଲା ବଲାଣି ରେଳ ସାଇଡିଂ ରେ ନିଯୁକ୍ତ ୮୦୦ରୁ ଉର୍ଦ୍ଧ୍ୱ ଶ୍ରମିକ କାମ ହରାଇ ବସିଛନ୍ତି । ଫଳରେ ଶ୍ରମିକଙ୍କ ଜୀବନ ଦୁର୍ବିସହ ହୋଇ ପଡିଛି । ଏଠାରେ ନିଯୁକ୍ତ ଥିବା ୮୦୦ ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ପରିବାର ନିମନ୍ତେ ପେଟକୁ ଦୁଇ ଓଳି ର ଖାଦ୍ୟ ସଂଗ୍ରହ କରିବା କଷ୍ଟକର ହୋଇ ପଡିଛି । ରୁଙ୍ଗଟା କମ୍ପାନୀର କୋଇଲା ରେକ ବଲାଣି ରେଳ ସାଇଡିଂ ରେ ଉକ୍ତ ଶ୍ରମିକଙ୍କ ଦ୍ୱାରା ଖାଲି କରାଯାଉଥିବା ବେଳେ ଗତ ୩ ମାସ ହେଲା ରୁଙ୍ଗଟା କମ୍ପାନୀ ବଲାଣି ରେଳ ସାଇଡିଂକୁ ରେଳ ଯୋଗେ କୋଇଲା ପରିବହନ କରିବା ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛି । ସେ ଅଭିଯୋଗ କରି କହିଛନ୍ତି ଯେ ରୁଙ୍ଗଟା କମ୍ପାନୀ ବଲାଣି ରେଳ ସାଇଡିଂ ପରିବର୍ତ୍ତେ ସମସ୍ତ ରେଳ ଡବା କୁ ବଡ଼ବିଲ ରେଳ ସାଇଡିଂ ରେ ମେସିନ ସାହାଯ୍ୟରେ ଖାଲି କରାଯାଉଛି । ଏହା ଦ୍ୱାରା ବଲାଣି ରେଳ ସାଇଡିଂ ରେ କାର୍ଯ୍ୟ କରୁଥିବା ୮୦୦ ରୁ ଉର୍ଦ୍ଧ୍ୱ ଶ୍ରମିକ କାମରୁ ବଂଚିତ ହୋଇଛନ୍ତି । ଶ୍ରୀ ଯାଦବ ଦାବି କରିଛନ୍ତି ଯେ ବଲାଣି ରେଳ ସାଇଡିଂ ରେ ଥିବା ରୁଙ୍ଗଟା ସାଇଡିଂ ରେ ଯଦି ରେଳ ଡବାରୁ କୋଇଲା ଖାଲି କରିବାକୁ ନଦିଆଯାଏ ତେବେ ଉକ୍ତ ସାଇଡିଂ ମେସିନ ସାହାଯ୍ୟରେ ଲୌହ ପଥର ବୋଝେଇ କାର୍ଯ୍ୟ ସାଇଡିଂ ରେ ନିଯୁକ୍ତ ଶ୍ରମିକଙ୍କ ଦ୍ୱାରା କରାଯାଉ । ତେବେ ପ୍ରଥମ ଦିନରେ ରୁଙ୍ଗଟା କମ୍ପାନୀ ପକ୍ଷରୁ କୌଣସି ପ୍ରତିନିଧି ଶ୍ରମିକଙ୍କ ସହ ଆଲୋଚନା କରି ନଥିବା ବେଳେ ସକାଳ ୯ ଟା ଠାରୁ ଦିନ ୧୨ ଟା ପର୍ଯ୍ୟନ୍ତ ଶ୍ରମିକ ମାନେ ଆନ୍ଦୋଳନ କରିଥିଲେ । ଶ୍ରମିକଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବା ସହିତ ଆଗାମୀ ଦିନରେ ଶ୍ରମିକ ମାନେ ରେଳ ଧାରଣାରେ ବସି ରେଳ ପରିବହନ କୁ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ରୋଗୀ ମୃତ୍ୟୁ ନେଇ ଉତ୍ତେଜନା

## ୧୩ ଘଣ୍ଟା ଧରି ସଂସ୍କାର ହୋଇପାରିଲାନି ମୃତଦେହ, ଡାକ୍ତର ଅଭାବ ନେଇ ପୁଣି ଉଠିଲା ପ୍ରଶ୍ନ





ଟିଟିଲାଗଡ଼,(ପିପିଏସ୍): ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ବୁଧବାର ମଧ୍ୟରାତ୍ରରେ ଜଣେ ରୋଗୀଙ୍କ ମୃତ୍ୟୁ ପରେ ଦୀର୍ଘ ୧୩ ଘଣ୍ଟା ଧରି ମୃତଦେହ ଡାକ୍ତରଖାନା ବାହାରେ ପଡି ରହିଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ମୁତାବକ ସହରର ମଦଭାଟି ପଡାର ନାରାୟଣ ହୋତା ବୁଧବାର ରଥଯାତ୍ରାରେ ବଜାରରୁ କିଛି ଚାଟ ଖାଇଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ରାତି ପ୍ରାୟ ୧୨ଟାରେ ଆଉଟଡୋରରେ ରୋଗୀ ଦେଖୁଥିବା ଶିଶୁ ରୋଗ ବିଭାଗ ବିଶେଷଜ୍ଞ ଡା. ବିଜୁ ଅଗ୍ରୱାଲ ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପରିବାର ଲୋକେ ବିଶ୍ୱାସ ନକରିବାରୁ ଡା. ଅଗ୍ରୱାଲ ଆଉ ଜଣେ ଡାକ୍ତର କୃଷ୍ଣଚନ୍ଦ୍ର ପାଳଙ୍କୁ ଡାକିଥିଲେ । ହେଲେ ଡା. ପାଳ ମଧ ରୋଗୀଙ୍କୁ ମୃତ ଘୋଷଣା କରିବା ନେଇ ପରିବାର ତଥା ପାଖ ପଡୋଶି ବ୍ୟଥିତ ହୋଇ କିଛି ସମୟ ହୋହଲ୍ଲା କରିଥିଲେ । ତେବେ ଘଟଣା ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ମୃତଦେହ ଡାକ୍ତରଖାନାରୁ ନଛାଡିବା ବ୍ୟଥିତ କରିଛି । ଶବ ବ୍ୟବଚ୍ଛେଦ ହେଲା ପରେ ଯିବ ବୋଲି କହି ବୁଧବାର ଅପରାହ୍ନ ପ୍ରାୟ ୧ଟା ପର୍ଯ୍ୟନ୍ତ ମୃତଦେହ ଛଡା ଯାଇନଥିବା ଦେଖାଯାଇଥିଲା । ଏପରିକି ବଲାଙ୍ଗିରରେ ଶବ ବ୍ୟବଚ୍ଛେଦ ହେବ ବୋଲି ଡାକ୍ତର କହିଥିବା ଅଭିଯୋଗ ହୋଇଛି । ମୃତଦେହଟି ଏକ ଖୋଲା ପରିତ୍ୟକ୍ତ ସ୍ଥାନରେ ରହିଥିବା ବେଳେ ମୃତକଙ୍କ ପତ୍ନୀ, ୧୦ ବର୍ଷର ପୁଅ ଗୁରୁବାର ଅପରାହ୍ନ ପର୍ଯ୍ୟନ୍ତ ସେଠାରେ ବସି ରହିଥିବାର ହୃଦୟ ବିଦାରକ ଦୃଶ୍ୟ ସହରର ନାଗରିକଙ୍କ ମହଲରେ ତୀବ୍ର ଆକ୍ରୋଶ ସୃଷ୍ଟି ହୋଇଥିଲା । ଟିଟିଲାଗଡ ନଗର ବିଜେପି ସଭାପତି ପ୍ରଶାନ୍ତ ଷଡଙ୍ଗୀ, ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସଂଯୋଜକ ନରସିଂ ସିଂ ଘଟଣାର ଖବର ପାଇ ଡାକ୍ତରଖାନାରେ ପହଞ୍ଚି ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାଯାଇଛି । ଟିଟିଲାଗଡ ନିର୍ବାଚନ ମଣ୍ଡଳିର ବିଧାୟକ ଟୁକୁନି ସାହୁ ରାଜ୍ୟ ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି । ହେଲେ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ଆବଶ୍ୟକ ୧୮ ଜଣ ଡାକ୍ତରଙ୍କ ସ୍ଥାନରେ ରାଜ୍ୟ ସରକାର ମାତ୍ର ୫ ଜଣ ନିଯୁକ୍ତି ଦେଇଛନ୍ତି । ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଟିଟିଲାଗଡ ବ୍ଲକର ଲୁଥୁରବନ୍ଧ ଏବଂ ଭାଟିପଡାର ଡାକ୍ତରଙ୍କୁ ଏଠାରେ କାମ କରିବାକୁ ଡେପୁଟେସନରେ ଅଣାଯାଇଥିବା ନେଇ ସେହି ଅଞ୍ଚଳରେ ଅସନ୍ତୋଷ ବ୍ୟାପୁଛି । ସେହିପରି ଟିଟିଲାଗଡ ଡାକ୍ତରଖାନାରେ ସର୍ଜରୀ, ଔଷଧ ବିଶେଷଜ୍ଞ, ଶଲ୍ୟ ବିଶେଷଜ୍ଞ ଆଦି ଅନେକ ପଦବିରେ ବିଶେଷଜ୍ଞ ଡାକ୍ତର ନାହାନ୍ତି । ରାଜ୍ୟ ସରକାର ଟିଟିଲାଗଡ ସହରର ଯେଉଁ ଘରୋଇ କ୍ଲିନିକକୁ ପ୍ରସୂତିଙ୍କ ଅସ୍ତ୍ରୋପଚାର କରି ସନ୍ତାନ ପ୍ରସବ ପାଇଁ ଅନୁମତି ଦେଇଛନ୍ତି ସେହି କ୍ଲିନିକର ମାଲିକ ଆସିଲେ ହିଁ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ପ୍ରସୂତି ମହିଳାଙ୍କ ଜରୁରି ଅସ୍ତ୍ରୋପଚାର ସମ୍ଭବ ହେଉଥିବା ଜଣାଯାଇଛି । ବୁଧବାର ରାତ୍ରିରେ ସମ୍ପୃକ୍ତ ଡାକ୍ତର କୃଷ୍ଣଚନ୍ଦ୍ର ପାଳ ଉପରେ ଆକ୍ରମଣ ଉଦ୍ୟମ ହୋଇଥିଲା । ମୋ ଉପରେ ଆକ୍ରମଣ ନୁହେଁ ଆକ୍ରମଣ ଉଦ୍ୟମ ହୋଇଥିଲା ବୋଲି ଡା. ପାଳ ଗଣମାଧ୍ୟମକୁ କହିଛନ୍ତି । ଡା. ପାଳଙ୍କୁ ଅନେକ ଥର କିଛି ଲୋକ ବଦନାମ କରିବା ପାଇଁ ପ୍ରଚେଷ୍ଟା କରିଛନ୍ତି । ହେଲେ ଏହି ଘଟଣା ନେଇ ଡା. ପାଳ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତରଙ୍କ ସଂଖ୍ୟା କମ୍ ରହୁଥିବାରୁ ସମସ୍ୟା ହୋଇଥିବା କହିଛନ୍ତି । ଜିଲା ସାସ୍ଥ୍ୟ ବିଭାଗ ପକ୍ଷରୁ ଠିକାଦାର ଜରିଆରେ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ୩୫ ଜଣ ସୁରକ୍ଷା କର୍ମଚାରୀ ନିୟୋଜିତ ରହିଛନ୍ତି । ହେଲେ ବୁଧବାର ରାତିରେ ଡାକ୍ତରଙ୍କ ସହ ରୋଗୀଙ୍କ ପରିଜନ ତଥା ପଡାବାସୀଙ୍କ ସହ ବଚସା ନେଇ ସୁରକ୍ଷା କର୍ମୀ କୋଉଠି ଥିଲେ ବୋଲି ପ୍ରଶ୍ନ ଉଠିଛି । କେବଳ ପ୍ରୋଟୋକଲ ପାଇଁ ସୁରକ୍ଷା କର୍ମଚାରୀ ନିଯୁକ୍ତ ରହିଛନ୍ତି ନା ପ୍ରକୃତରେ ଡାକ୍ତରଖାନା ଭିତରେ ଡାକ୍ତରଙ୍କ ସୁରକ୍ଷା ତଥା ଆଇନଶୃଙ୍ଖଳା ପାଇଁ ନିୟୋଜିତ ହୋଇଛନ୍ତି ତାହାକୁ ନେଇ ନାଗରିକ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷରେ ସୁରକ୍ଷା କର୍ମୀ ନିଯୁକ୍ତ କରିଥିବା ଠିକାଦାରଙ୍କୁ ଉପଖଣ୍ଡ ମୁଖ୍ୟ ସାସ୍ଥ୍ୟାଧିକାରୀ କୈଫିୟତ ତଲବ କରିଥିବା ଡାକ୍ତରଖାନାର ଅତିରିକ୍ତ ପରିଚାଳକ ଦିପ୍ତିକାନ୍ତ ପଧାନ କହିଛନ୍ତି । ଟିଟିଲାଗଡ ନାଗରିକ ମଞ୍ଚ ସଭପତି ରଧାକାନ୍ତ ପାଢୀ ଡାକ୍ତରଙ୍କ ସମର୍ଥନରେ ବୟାନ ଦେଇଛନ୍ତି । ହେଲେ ଡାକ୍ତର ଅଭାବ ନେଇ ସମସ୍ତେ ଗୋଳେଇଘାଣ୍ଟି ହେଉଥିବାବେଳେ ପ୍ରତ୍ୟେହ ଶହଶହ ସଂଖ୍ୟାରେ ଏଠାକୁ ଆସୁଥିବା ରୋଗୀ ତଥା ପରିଜନ ସେହି ସତ୍ୟତା ବୁଝିବାକୁ ନାରାଜ ବୋଲି ଉପଖଣ୍ଡ ମୁଖ୍ୟ ସାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ନାୟକ କହିଛନ୍ତି । ଅନ୍ୟପକ୍ଷରେ ଡାକ୍ତରଙ୍କ ସହ କଳିଗୋଳ ନେଇ ଖୋଦ ଉପଖଣ୍ଡ ମୁଖ୍ୟ ସାସ୍ଥ୍ୟ ଅଧିକାରୀ ଡା. ନାୟକ ଗତକାଲି ରାତ୍ରୀକାଳିନ ଡ୍ୟୁଟିରେ ରହିଥିବା ଡା. ବିଜୁ ଅଗ୍ରୱାଲ, ଡା. କୃଷ୍ଣଚନ୍ଦ୍ର ପାଳ ଏବଂ ଡାକ୍ତରଖାନାର କର୍ମଚାରୀଙ୍କ ସହ ଆଜି ଟିଟିଲାଗଡ ଥାନାକୁ ଯାଇ ଥାନା ଅଧିକାରୀ ମନୋଜ ପଧାନଙ୍କ ନିକଟରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ତାଙ୍କ ଅଭିଯୋଗ ନେଇ ପୁଲିସ ପକ୍ଷରୁ ଜଣକୁ ଗିରଫ କରାଯାଇଛି । ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରି ଡାକ୍ତରଖାନାରେ ବର୍ଷବର୍ଷ ଧରି ଆବଶ୍ୟକ ଡାକ୍ତର, ନର୍ସ, ରୋଗ ନିରୂପଣ ଯନ୍ତ୍ରର ଅଭାବ ସ୍ଥାନୀୟ ବୁଦ୍ଧିଜୀବୀ ଜ୍ଞାତସାରରେ ରହିଛି । ଯେଉଁ ଡାକ୍ତରଖାନାରେ ପୂର୍ବରୁ ଯେ କୌଣସି ଅସ୍ତ୍ରୋପଚାର ହୋଇପାରୁଥିଲା ସେଠି ପିନଟିଏ ହାତରେ ଗଲି ଗଲେ ମଧ ଆଉ ଅସ୍ତ୍ରୋପଚାର ବିଶେଷଜ୍ଞ ନିଯୁକ୍ତି ହୋଇପାରୁନଥିବାରୁ ତାହା ସମ୍ଭବ ହୋଇପାରୁନାହିଁ । ଯେଉଁଠି ହାତଗୋଡ ଭାଙ୍ଗିଲେ ଅସ୍ଥିଶଲ୍ୟ ବିଶେଷଜ୍ଞ ଯୋଡି ଦେଉଥିଲେ ସେଠି ଆଉ ସେ ସୁବିଧା ନାହିଁ । ଆଙ୍ଗୁଠି ଭାଙ୍ଗିଲେ ମଧ ଲୋକେ ବଲାଙ୍ଗିର, ବୁର୍ଲା ସ୍ଥାନାନ୍ତରିତ ହେଉଛନ୍ତି । ଏନେଇ ଏଠାରେ ରହିଯାଇଥିବା କିଛି ଡାକ୍ତର ଦାୟି ନୁହଁନ୍ତି । ଏଠାକାର ଶାସକ ହୁଅନ୍ତୁ ବା ବିରୋଧି ଦଳର ରାଜନେତାଙ୍କ ଇଚ୍ଛା ଶକ୍ତି ଦାୟୀ ବୋଲି ଖୋଦ ଏଠାରେ ନିଯୁକ୍ତ ଡାକ୍ତର ପ୍ରକାଶ୍ୟରେ କହୁଛନ୍ତି । ରାଜ୍ୟରେ ଏକ ହଜାରରୁ ନୂଆ ଡାକ୍ତର ନିଯୁକ୍ତି ହୋଇଥିବା ବେଳେ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରି ଡାକ୍ତରଖାନାର ଭାଗକୁ କିଛି ଆସିନାହିଁ । ଏନେଇ କିଛି ସଚେତନ ମହଲଙ୍କ ତୁଳନାରେ ଏଠାରେ ୨୪ ଘଣ୍ଟା ଧରି ଖଟୁଥିବା ଡାକ୍ତର ଅତ୍ୟନ୍ତ ନିରାଶ ହୋଇପଡିଛନ୍ତି । ଏପରିପ୍ରେକ୍ଷୀରେ ରାଜ୍ୟ କ୍ୟାବିନେଟ ମନ୍ତ୍ରୀଙ୍କ ଅଞ୍ଚଳରେ ସାସ୍ଥ୍ୟ ସେବା ଭଗବାନ ଭରସାରେ ବୋଲି ଆଲୋଚନା ହୋଇଛି ।

# ସଞ୍ଜନା ପତି ହେଲେ ଗରିମା ସିଜିନ ୨ ର ରଜ ରାଜକୁମାରୀ



ରାଉରକେଲା(ପିପିଏସ): ଉତ୍କଳ ସାଂସ୍କୃତିକ ପରିଷଦର ଗରିମା ପରିବାର ତରଫରୁ ସିଜିନ ୨ ର ରଜ ରାଜକୁମାରୀ ବିଜେତା ହେଲେ ସଞ୍ଜନା ପତି । ସେହିପରି ପ୍ରଥମ ରନର୍ସ ଭାବେ ସପ୍ନା ରାଜହଂଶ ଓ ଦ୍ୱିତୀୟ ରନର୍ସ ଅପ ଭାବେ ଅମିଶା ମହାନ୍ତି ବିଜୟୀ ହୋଇ ମୁକୁଟ, ମେମୋଣ୍ଟୋ ଓ ଗିଫ୍ଟ ଭାଉଚର ପୁରସ୍କାର ଲାଭ କରିଛନ୍ତି । ଏହାସହ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ ପୋଡପିଠା, ମେହେନ୍ଦୀ , ପାନଭଙ୍ଗା ଓ ପୁଚି ଖେଳରେ ବିଜେତା ଓ ଉପବିଜେତା ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସିଭିକ ସେଣ୍ଟର୍ ଠାରେ ଆୟୋଜିତ ହୋଇଥିବା ଗ୍ରାଣ୍ଡ ଫିନାଲେରେ ମୁଖ୍ୟ ଅତିଥି ଭାବେ ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇ, ଉଦଘାଟକ ଭାବେ ଚ୍ୟାମ୍ବର ଅଫ୍ କମର୍ସର ସଭାପତି ସୁନିଲ୍ କୟାଲ ଓ ସମ୍ମାନିତ ଅତିଥି ଭାବେ ଭଗବାନ ପତି, ଦିଲ୍ଲୀପ ମହାପାତ୍ର, ଆଶା ତନ୍ତୀ, କେ କେ ପୋଦାର, କମଲ ଅଗ୍ରୱାଲ,ଅନିତା ଅଗ୍ରୱାଲ, ଅମିତ ଅଗ୍ରୱାଲ, ବିଜୟ ପ୍ରଧାନ ପ୍ରମୁଖ ଯୋଗଦେଇ ରଜ ମହୋତ୍ସବ ଓ ଅନୁଷ୍ଠାନର ସଂସ୍କୃତି ପ୍ରତି ପ୍ରତିବଦ୍ଧତା ସଂପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ସଂପାଦକ ଶଙ୍କର ଜେନା ଙ୍କ ଆବାହକତ୍ୱ ତଥା ମୋନାଲିସା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଭାବେ ଓଲିଉଡର କଳାକାର ପୁପିନ୍ଦର, ପ୍ରିୟଙ୍କା ମହାପାତ୍ର ଓ ଜ୍ୟୋତିସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହିଅବସରରେ ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିବା ରଶ୍ମିବାଳା ରାଉତରାୟ, ରଶ୍ମିତା ସାହୁ, କେତକୀ ଭଟ୍ଟାଚାର୍ଯ୍ୟ, ରଶ୍ମି ମିଶ୍ର, ନିରୁପମା ପ୍ରଧାନ, ରୁବି ରାୟ,ଡଃ ରେଣୁବାଳା ସାଇଁ ଓ ମମତା ବାଦିକଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଶ୍ରୀଜେନା ଅତିଥିମାନଙ୍କୁ ସାଗତ କରିବା ସହ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଗରିମା ପରିବାରର ମମତା ନାୟକ, ସିଲି ମହାନ୍ତି, ପ୍ରଣତୀ ଜେନା, ଶାନ୍ତିଲତା ବାରିକ, ଶର୍ମିଳା ରାଜଗୁରୁ, ଡଃ ସରିତା ମଲ୍ଲ,ସନ୍ତୋଷୀ ମଲ୍ଲିକ,ରେବତୀ ବାରିକ, ମମତା ଦାସ, ଶଙ୍ଖରିନା ପ୍ରଧାନ,ମୋନାଲିସା ଗୌଡ, ନିହାରିକା ବସ୍ତିଆ, ଦେବସ୍ମିତା ଶତପଥୀ, ମୀନାକ୍ଷୀ ପାଢୀ, ଲୀନା ତ୍ରିପାଠୀ, ମୀନତି ମୋଦି, ରଶ୍ମି ମହାନ୍ତି,ରୀନା ତିୱାରୀ,ସୁନିତା ଶ୍ରୀନିବାସନ ପ୍ରମୁଖ ସହଯୋଗ କରିଥିବା ବେଳେ ଶେଷରେ ଉପଦେଷ୍ଟା ରଶ୍ମିତ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱମ୍ ବିଦ୍ୟାମନ୍ଦିରରେ ଆନ୍ତର୍ଜାତୀୟ ଯୋଗଦିବସ ପାଳିତ

ବଲାଙ୍ଗୀର, (ହି.ସ.) : ବିଶ୍ୱାମ୍ ବିଦ୍ୟାମନ୍ଦିର(ଆନନ୍ଦ ନିକେତନ) ଖୁଜେନପାଲି ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ ବିଶ୍ୱାମ୍ ଚେତନା ପରିଷଦର ଯୁଗ୍ମ ସଂପାଦକ ସାମୀ ସତ୍ୟପ୍ରେମାନନ୍ଦ ସରସତୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯୋଗ ଶାରୀରିକ ଲାଭ ବ୍ୟତୀତ ମାନସିକ ଏବଂ ଭାବନାତ୍ମକ ସୁସ୍ଥତା ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ ବିଶ୍ୱାମ୍ ବିଦ୍ୟାମନ୍ଦିରର ନିର୍ଦ୍ଦେଶିକା ମା’ ଶ୍ରଦ୍ଧାମୂର୍ତ୍ତୀ, ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ, ସଂଯୋଜକ ସଂବିତ କୁମାର, ଠିକାଦାରପଡା ବିଦ୍ୟାମନ୍ଦିର ମୁଖ୍ୟ ଆଚାର୍ଯ୍ୟ କଳାକାହ୍ନୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟା ମନ୍ଦିରର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା ଯୋଗଦେଇ ଯୋଗାଭ୍ୟାସ କରିଥିଲେ । ଶେଷରେ ଉପପ୍ରଧାନ ଆଚାର୍ଯ୍ୟ ନେତ୍ରାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

# ଆନ୍ଦୋଳନ ପରେ ଅସ୍ଥାୟୀ କର୍ମଚାରୀଙ୍କୁ ମିଳିଲା ଦରମା

ସମ୍ବଲପୁର(ହି.ସ) : ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନଙ୍କୁ ୨ ମାସ ହେଲା ଦରମା ମିଳିନଥିଲା । ଦରମା ନମିଳିବାରୁ ପ୍ରାୟ ୭୦ ଜଣ ଅସ୍ଥାୟୀ କର୍ମଚାରୀଙ୍କ ପରିବାର ଆର୍ଥିକ ସଂକଟ ମଧ୍ୟରେ ଗତି କରିଥିଲେ । ଏହାର ପ୍ରତିବାଦରେ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇ ଥିଲା । ବରେଇପାଲିରେ ଥିବା ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଅପରାହ୍ନ ୩ଟାରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ ଦେବ ଆଲୋଚନା ପାଇଁ ଡାକି ଥିଲେ । ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ସହିତ ଆଲୋଚନା ସକରାତ୍ମକ ରହିଥିଲା । ସନ୍ଧ୍ୟାରେ ଦରମା ଦିଆଯିବା ପରେ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଥିଲା । ସଦାଶିବ ବିଶୋଇ, ମନୋଜ ପଟେଲ, ବିଷ୍ଣୁ ବାହାଦୁର, ମହେଶ ବାହାଦୁର, ରଂଜନ ଦୀପ, ରଂଜନ ରାହା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

# ଫୁଲବାଣୀ ସମେତ କନ୍ଧମାଳରେ ରଥଯାତ୍ରା ଆନନ୍ଦ ଉଲ୍ଲାସରେ ପାଳିତ

କନ୍ଧମାଳ (ହି.ସ.) : ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ରାଜ୍ୟ ସମେତ ସମଗ୍ର ବିଶ୍ୱ ରେ ପାଳିତ ହେଉଛି । ଫୁଲବାଣୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଆୟୋଜନ ରେ,ତିନି ଠାକୁରଙ୍କ ରଥ ଯାତ୍ରା ପର୍ବ ଅତି ଜାକଜମକରେ ପାଳିତ ହୋଇଛି । ସକାଳୁ ତିନି ଠାକୁରଙ୍କ ରୀତି ନୀତିରେ ପାଳିତ ହେବା ପରେ,ଗଜପତି ଭାବରେ କନ୍ଧମାଳ ଜିଲ୍ଲାପାଳ ଈଶ୍ୱର ପାଟିଲ ଏବଂ ତାଙ୍କର ଧର୍ମପତ୍ନୀ ଡା.ରୁଚିକା ପାଟିଲ ପହଂଚି ତିନି ଠାକୁରଙ୍କ ପୂଜା ଅର୍ଚ୍ଚନା କରିବା ପରେ ଜିଲ୍ଲାପାଳ ପାରମ୍ପାରିକ ନୀତିରେ ଜିଲ୍ଲାପାଳ ଛେରା ପହଁରା କରିଥିଲେ ।ଏହି ଅବସରରେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଏବଂ ତାଙ୍କର ଧର୍ମପତ୍ନୀ ମଧ ଯୋଗ ଦେଇଥିଲେ । ଅପରାହ୍ନ ୨ ସମୟରେ ରଥ ଟଣା ଆରମ୍ଭ ହୋଇଥିଲା । ମନ୍ଦିର ରୁ ସ୍ଥାନୀୟ ମାଦିକୁନ୍ଦା ଛକ ସ୍ଥିତ ଦଧିବାମନ ମନ୍ଦିର ଅଭିମୁଖେ ରଥ ଯାତ୍ରା ଆରମ୍ଭ କରାଯାଇଥିଲା । ରଥ ଟଣା ପାଇଁ ଫୁଲବାଣୀ ଟିମ୍ ହ୍ୟୁମାନିଟି ର ସଦସ୍ୟ ସଦସ୍ୟା ମାନଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ । ଏହି ଅବସର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ଯାତ୍ରା ବେଳେ ନଟରାଜ କଳା ମନ୍ଦିର ସାଂସ୍କୃତିକ ଅନୁଷ୍ଠାନ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ଏହା ସହିତ ଘଣ୍ଟ ଘଣ୍ଟା, କୀର୍ତ୍ତନ,ଗୋପାଳ ମାନଙ୍କର ବାଡି ଖେଳ ସମେତ ବିଭିନ୍ନ ମନୋରଞ୍ଜନ ନୃତ୍ୟ ପରିବେଷଣ ହୋଇଥିଲା । ଯାତ୍ରାରେ ଫୁଲବାଣୀ ର ମୁଖ୍ୟ ରାସ୍ତା ଜନସମୁଦ୍ରରେ ପରିପୂର୍ଣ୍ଣ ହୋଇଥିଲା । ସେହିପରି ଜିଲ୍ଲାର ଫିରିଙ୍ଗିଆ,ବାଲିଗୁଡା,ଟିକାବାଲି,କ. ନୂଆଗାଁ ସମେତ ଅନ୍ୟାନ୍ୟ ଅଂଚଳରେ ମଧ ରଥ ଯାତ୍ରା ଆନନ୍ଦ ଉଲ୍ଲାସ ରେ ପାଳିତ ହୋଇଯାଇଛି ।

# ଭବାନୀପାଟଣା ସହରରେ ଘରେ ପଶିଲା ମଇଳା ପାଣି : ଲୋକେ ହନ୍ତସନ୍ତ

ଭବାନୀପାଟଣା, (ହି.ସ.) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସହର ରେ ପ୍ରବଳ ଝଡ଼ ତୋଫାନ ବର୍ଷାରେ ସହରର ଅନେକ ସ୍ଥାନ ରେ ମାଇଲା ପାଣି ପଶିବା ଫଳରେ ଲୋକେ ହନ୍ତସନ୍ତ ହୋଇଛନ୍ତି । ଘର ଦ୍ୱାର ରେ ପାଣି ପଶିବାରୁ ବିଶେଷ ଅସୁବିଧାରେ ହୋହାଲା କରିଛନ୍ତି । ଘଟଣାରୁ ପ୍ରକାଶ ଯେ ଅପରାହ୍ନ ରେ ପ୍ରବଳ ଝଡ଼ ତୋଫାନ ବର୍ଷା ହେବାରୁ ଏପରି ଅଭାବନୀୟ ଘଟଣା ଘଟିଛି, ମୁନସିପାଲଟି ଅଧ୍ୟକ୍ଷା ସଂଯୁକ୍ତା ବେହେରା, କାଉନସିଲ ଭୁବନେଶ୍ୱର ବାଗ, ମୁନସିପାଲଟି ଅଧିକାରୀ ସମୀର ଠାକୁର ଇତ୍ୟାଦି ଗତ ବର୍ଷ ଏପରି ପରିସ୍ଥିତି ବେଳେ ଆସି ପ୍ରତିକାର କରିବାର ପ୍ରତିଶୃତି ଦେଇ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଆଶ୍ୱାସନା ଦେଇ ଥିଲେ ମଧ ଏଯାବତ କୌଣସି ସୁବ୍ୟବସ୍ଥା ନକରିବାରୁ ସାଧାରଣରେ ଆସନ୍ତି ପ୍ରକାଶ ପାଉଛି, ବର୍ତମାନ ଜୁନ ମାସ ଚାଲୁଛି ପ୍ରାୟ ଅଧା ଘଂଟାର ବର୍ଷାରେ ଏପରି ପରିସ୍ଥିତି ହେଲେ ଆଗାମୀ ବର୍ଷା ସମୟରେ କଣ ପରିସ୍ଥିତି ସୃଷ୍ଟି ହେବ, ମୁନସିପାଲଟି, ପ୍ରଶାସନ ଆସୁ ପ୍ରତିକାର, ନାଳ ନର୍ଦମାକୁ ଠିକ ନକରନ୍ତି ତା ହେଲେ ବିରାଟ ସମସ୍ୟାକୁ ଦାୟୀ ରହିବେ. ମୁନସିପାଲଟି ବିଭାଗ ନିରବ ଦ୍ରଷ୍ଟା କାହିଁକି, ଲୋକମାନେ କେମିତି ରହିବେ, ବଂଚିବେ, ଜିଲ୍ଲା ପ୍ରଶାସନ ଏ ଦିଗରେ କଡା ନଜର ଦେବାକୁ ସାଧାରଣରେ ଦାବି ହେଉଛି ।

# କୁଡୁମୁଲୁଗୁମ୍ମା ଡିଗ୍ରୀ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ମାଲକାନଗିରି, (ହି. ସ.)-କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ନବମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଦିବସଟିକୁ ଡିଗ୍ରୀ ମହାବିଦ୍ୟାଳୟର ଏନଏସଏସ୍ ୟୁନିଟ ଓ ପତଞ୍ଜଳୀ ଯୋଗ ସମିତି ର ମିଳିତ ଆନୁକୂଲ୍ୟରେ ପାଳନ କରାଯାଇଥିବା ବେଳେ ଏଥିରେ ମହାବିଦ୍ୟାଳୟର ପ୍ରିନ୍ସପାଲ ଅଶୋକ କୁମାର ପ୍ରଧାନ, ଏନଏସଏସ୍ ସମ୍ପଯୋଜିକା ସଂଚିତା ଖୋସଲା ଓ ପତଞ୍ଜଳୀ ସମିତିର ଯୋଗ ଶିକ୍ଷକ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଯୋଗ ଶିକ୍ଷକ ଭଗବାନ ସାହୁ ଛାତ୍ର ଛାତ୍ରୀ ମାନଙ୍କୁ ଶାରିରୀକ କସରତ କରାଇବା ସହ , ସୁର୍ଯ୍ୟ ନମସ୍କାର, ବିଭିନ୍ନ ପ୍ରକାରର ଆସନ ଓ ପ୍ରାଣାୟାମ ଶିଖାଇବା ସହ ,ଏହି ସବୁ ଆସନ ଓ ପ୍ରାଣାୟାମ ଆମର ଉତ୍ତମ ସାସ୍ଥ୍ୟ ପ୍ରାପ୍ତି ନିମନ୍ତେ କି ପ୍ରକାର ସହଯୋଗ କରିଥାଏ ସେ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ସେ ପିଲାମାନଙ୍କୁ ଭସ୍ତ୍ରୀକା, ଅନୁଲୋମ ବିଲୋମ୍, କପାଲଭାତି, ବାହ୍ୟ ପ୍ରାଣାୟାମ, ଅଗ୍ନିସାର, ବ୍ରାହ୍ମରୀ, ଉଦଗ୍ରୀତ ଓ ଉଦଯାଇ ପ୍ରାଣାୟାମ,ସୁଖାସନ, ମର୍କଟାସନ, ଗରଡାସନ, ମଣ୍ଡୁକାସନ, ହଳାସନ,ବଜ୍ରାସନ, ସିଂହାସନ ଓ ହାସ୍ୟାସନ ଭଳି ବିଭିନ୍ନ ଆସନ ଶିଖାଇଥିଲେ । ଚଳିତ ଯୋଗ ଦିବସ ପାଳନରେ ମୁଖ୍ୟ ଥିମ୍ ଥିଲା,ସମଗ୍ର ବିଶ୍ୱ ପରିବାରଙ୍କ ପାଇଁ ଯୋଗର ଆବଶ୍ୟକତା ରହିଥିଲା ବେଳେ, ଯୋଗ ଦ୍ୱାରା କିପରି ଗୋଟିଏ ପୃଥିବୀ ,ଗୋଟିଏ ପରିବାର ଓ ଗୋଟିଏ ଭବିଷ୍ୟତ ର ସପ୍ନ କୁ ସାକାର କରିହେବ ସେ ବିଷୟରେ ମହାବିଦ୍ୟାଳୟର ପ୍ରିନ୍ସପାଲ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଅବଗତ କରାଇଥିଲେ । ଶେଷରେ ଏନଏସଏସ୍ ସମ୍ପଯୋଜିକା ଶ୍ରୀମତି ଖୋସଲା ସମସ୍ତଙ୍କୁ ଧନ୍ୟବାଦ ଦେବା ସହ କାର୍ଯ୍ୟକ୍ରମର ସମାପନ ଘୋଷଣା କରିଥିଲେ ।

# ଶିକ୍ଷକ ପ୍ରଶିକ୍ଷଣ ଏବଂ ବ୍ୟକ୍ତିତ୍ୱ ପରିମାର୍ଜନ ଶିବିର ଉଦ୍ଯାପିତ



ବଲାଙ୍ଗିର, (ପିପିଏସ୍): ବିଶ୍ୱାମ୍ ବିଦ୍ୟା ମନ୍ଦିର, ଆନନ୍ଦ ନିକେତନ, ଖୁଜେନପାଲି, ବଲାଙ୍ଗିର ଠାରେ ଆନ୍ତଃ ବିଦ୍ୟାଳୟ ତ୍ରିଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଏବଂ ବ୍ୟକ୍ତିତ୍ୱ ପରିମାର୍ଜନ ଶିବିର ବିଶ୍ୱାମ୍ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପୂଜ୍ୟପାଦ ସାମୀ ସତ୍ୟପ୍ରଜ୍ଞାନନ୍ଦ ସରସତୀଜୀ ମହାରାଜଙ୍କ ଦିବ୍ୟ ଉପସ୍ଥିତିରେ ଉଦ୍ଯାପିତ ହୋଇଯାଇଛି । । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶ୍ୱାମ୍ ବିଦ୍ୟାମନ୍ଦିର, ବଲାଙ୍ଗୀରର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ତରୁଣ କୁମାର ତ୍ରିପାଠୀ ସାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ବିଶ୍ୱାମ୍ ବିଦ୍ୟାମନ୍ଦିର, ବଲାଙ୍ଗୀରର ଚେୟାରମ୍ୟାନ ଶ୍ରୀ ଗଜେନ୍ଦ୍ର ତ୍ରିଭୂବନଦାସ ଭମ୍ମର, ବିଶ୍ୱାମ୍ ଚେତନା ପରିଷଦର ସାଧାରଣ ସମ୍ପାଦକ ସାମୀ ସତ୍ୟବେଦାନନ୍ଦ ସରସତୀଜୀ, ବିଦ୍ୟାମନ୍ଦିରର ସମ୍ପାଦକ ନବୀନ କୁମାର ବେଦବାକ୍, ନିର୍ଦ୍ଦେଶିକା ମାଁ ଶ୍ରଦ୍ଧାମୂର୍ତ୍ତି , ତଥା ପ୍ରଶିକ୍ଷଣ ଶିବିରର ସଂଯୋଜକ ଚନ୍ଦ୍ର କୁମାର ପୁରୋହିତ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ସବୁଦିନ ସାନ୍ଧ୍ୟ ସତ୍ରରେ ପୂଜ୍ୟପାଦ ସାମୀଜୀ ମହାରାଜ ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ ଶିକ୍ଷାଦାନର ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ବଲାଙ୍ଗୀର, ସାହାଜବାହାଲ, ଡୁଙ୍ଗୁରିପାଲି, ସମ୍ବଲପୁର ବିଶ୍ୱାମ୍ ବିଦ୍ୟାମନ୍ଦିରରରୁ ଆସିଥିବା ଆଚାର୍ଯ୍ୟ-ଆଚାର୍ଯ୍ୟାମାନେ ତିନ ଦିନ ଧରି ବିଭିନ୍ନ ଶୈକ୍ଷିକ ବିଷୟ ସଂଦର୍ଭରେ ସାଧନ କର୍ମୀ ମାନଙ୍କ ଦ୍ୱାରା ବିଭିନ୍ନ ସତ୍ରରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଗଲା ।

# ଆନ୍ତର୍ଜାତିକ ଯୋଗ କାର୍ଯ୍ୟକ୍ରମ

କନ୍ଧମାଳ, (ହି.ସ.) : ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ସ୍ଥାନୀୟ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ଠାରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ଆନ୍ତର୍ଜାତିକ ଯୋଗ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇ ଅଛି । ଅନୁଷ୍ଠିତ କାର୍ଯ୍ୟ କ୍ରମ କୁ ମୁଖ୍ୟ ଅତିଥି ଭାବରେ ସରକାରୀ ଆଇଟିଆଇ ର ଅଧକ୍ଷ ଇଂ.ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଓଲୀ ଓ୍ୱେଡ ଅଭିନେତା ତଥା କଣ୍ଠଶିଳ୍ପୀ ଜଳନ୍ଧର ବେହେରା, ଆଇଟିଇ କଲେଜ ର ଅଧ୍ୟାପକ ସ୍ମୃତିରଞ୍ଜନ ଦାସ, ଗୌରବ ମହାପାତ୍ର, ଦେବାଶିଷ ବ୍ରହ୍ମା, ସିତୁ ସାମନ୍ତ ବାଡ଼ିକ ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଳବେହେରା, ପ୍ରମୁଖ ଯୋଗ ଦେଇଥିଲେ । ଯୋଗ ଶିକ୍ଷକ ଭାବରେ ପ୍ରଶାନ୍ତ ଦାସ ଯୋଗ ଦେଇ ତାଲିମ ପ୍ରଦାନ କରୁଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ଶହେରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା ଛାତ ଛାତ୍ରୀମାନଙ୍କୁ ଅବଗତ କରିଥିଲେ । ବୈଠକ ରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହକର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟଅତିଥି ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ସ୍ୱାଗତ କରିଥିବାବେଳେ ସ୍ୱେଚ୍ଛାସେବୀ ଚନ୍ଦ୍ରମନି ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୨୭ ସିଆର୍‌ପିଏଫ୍ ବାଟାଲିୟନ ତରଫରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ




ବାଲିଗୁଡା,(ପିପିଏସ୍): ‘କର ଯୋଗ, ରୁହ ନିରୋଗ’ । ଯୋଗ, ଶାରିରୀକ, ମାନସିକ ଏବଂ ଆଧାତ୍ମିକ ଅଭ୍ୟାସ । ପ୍ରତିଦିନ ଯୋଗ ଅଭ୍ୟାସ ଦ୍ୱାରା ଆମ ମନ ଶାନ୍ତ ରହିବା ସହ ଶରୀରକୁ ସୁସ୍ଥ ଓ ଶକ୍ତି ମିଳିଥାଏ । ସାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଯୋଗ ଏକ ସୁନ୍ଦର ଉପଚାର । ତେଣୁ ଯୋଗ କରି ନିରୋଗୀ ହେବା ପାଇଁ ଆନ୍ତର୍ଜାତୀୟ ଯୋଗ ଦିବସର ଏକ ବାର୍ତ୍ତା ବୋଲି ବାଲିଗୁଡା ସ୍ଥିତ ୧୨୭ ସିଆରପିଏଫ ବାଟାଲିୟନ ତରଫରୁ ଏକ ଯୋଗ ଶିବିର ରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି କ୍ଷ ଏଥିରେ ଅତିଥି ଭାବେ ୧୨୭ ସିଆରପିଏଫ ର ଦ୍ୱିତୀୟ କମାଣ୍ଡ ଅଧିକାରୀ ସୁବ୍ରତ ନାୟକ, ଡେପୁଟି କମାଣ୍ଡେଣ୍ଟ ବିପିନ କୁମାର ଓ ନିରୀକ୍ଷକ ମାନସ ସୁନ୍ଦରାୟ, ସରସତୀ ଶିଶୁ ବିଦ୍ୟାମନ୍ଦିର ର ଆଚାର୍ଯ୍ୟ କୈଳାସ ଚନ୍ଦ୍ର ମହାରଣା, ଶିଶୁ ମନ୍ଦିରର ଛାତ୍ର ଛାତ୍ରୀ ଏବଂ ଜବାନଙ୍କ ଉପସ୍ଥିତ ରେ ନବମ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ସିଆରପିଏଫ କ୍ୟାମ୍ପ ପରିସରରେ ପାଳିତ ହୋଇଯାଇଛି । ପ୍ରମୁଖ ଅତିଥି ମାନେ ଯୋଗ ଦେଇ ଯୋଗର ପ୍ରକାର ଭେଦ ଉପରେ ଆଲୋକପାତ କରିଥିଲେ । ମାନସିକ ଶାନ୍ତି ଓ ଆଧାତ୍ମିକ ଜାଗରଣ ପାଇଁ ଯୋଗର ଭୂମିକା ସମ୍ବନ୍ଧରେ ବୁଝାଇଥିଲେ । ଯୋଗର ଉତ୍ପତିସ୍ଥଳ ଏହି ଭାରତ ବର୍ଷ । ବିଶ୍ୱସ୍ତରରେ ଏହି ଯୋଗ ଦିବସ ପାଳନ ପାଇଁ ଭାରତରୁ ହିଁ ଉଦ୍ୟମ ଆରମ୍ଭ ହେଇଥିଲା, ବିଶ୍ୱକୁ ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଅବଦାନ ଯୋଗ ବୋଲି ଅତିଥି ମାନେ ମତବ୍ୟକ୍ତ କରି ଛାତ୍ର ଛାତ୍ରୀ ଓ ଜବାନ ମାନଙ୍କୁ ଯୋଗାଭ୍ୟାସ କରାଇଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବାଲିଅନ୍ତାବାସୀ



**ଭୁବନେଶ୍ୱର (ପିପିଏସ୍) :** ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ୍ କୁଆଖାଇ, କୁଶଭଦ୍ରା ଏବଂ ଧନୁଆ ନଦୀ ଅବବାହିକା ଅଞ୍ଚଳରେ ଏବେ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି । ଏନେଇ ଉକ୍ତ ନଦୀମାନଙ୍କରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଲାଗି ସରକାରଙ୍କ ପକ୍ଷରୁ ମଞ୍ଜୁରୀ ମିଳିଛି । କୁଶଭଦ୍ରା ନଦୀ ଓ ଧନୁଆ ନଦୀର ବଇଁଚୁଆ କାଜ ନିକଟରେ ସେତୁ ନିର୍ମାଣ ଲାଗି ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଛି । ଏହା ସହିତ ୨୦୨୨/୨୩ ଆର୍ଥିକ ବର୍ଷରେ ପ୍ରାଚୀ ଡିଭିଜନ ଅଧୀନ କୁଆଖାଇ ନଦୀର ପାଣ୍ଡେରା ନିକଟରେ ଏବଂ କୁଶଭଦ୍ରା ନଦୀର ରାମଚନ୍ଦ୍ରପୁର କାଜ ନିକଟରେ ବର୍ଷା ଓ ବନ୍ୟାଜଳ ସଂରକ୍ଷଣ ନେଇ ୭୦୦ କୋଟି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩୦୦ କୋଟି ଅନୁଦାନ ମଞ୍ଜୁର ହୋଇଛି । ଏବେ ଦୁଇଟିଯାକ ବ୍ୟାରେଜ୍ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଆଗକୁ ହେବାକୁ ଯାଉଥିବା ବିକାଶ କାର୍ଯ୍ୟ ପ୍ରକ୍ରିୟା ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ବାଲିଅନ୍ତା, ବଇଁଚୁଆ, ସରକଣା, ସତ୍ୟଭାମାପୁର ଏବଂ ବେଣୁପୁର ପଞ୍ଚାୟତର କିଛି ଜନପ୍ରତିନିଧି ଓ ଜନସାଧାରଣ ଆଜି ପୂର୍ବାହ୍ନ ୧୨ଟା ସମୟରେ ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି । ସାକ୍ଷାତ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ତାଙ୍କର ଚିରାଚରିତ ଢଙ୍ଗରେ ଆପଣମାନେ ଖୁସି ତ ବୋଲି କହିଥିଲେ । ଉପସ୍ଥିତ ବୁଦ୍ଧିଜୀବୀ ଏବଂ ଜନ ପ୍ରତିନିଧି ଅନୁରୂପ ଢଙ୍ଗରେ ଆମେ ବହୁତ ବହୁତ ଖୁସି କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ୫ଟି ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନ ବ୍ରିଜ୍ ନିର୍ମାଣ କାର୍ଯ୍ୟ କିଭଳି ଠିକ ସମୟରେ ସରିବ ଏବଂ କାମ ଠିକ ଭାବେ ହେବ ବୋଲି କହିଥିଲେ । ସୂଚନାଯୋଗ୍ୟ ବଇଁଚୁଆ ବ୍ରିଜ୍ ସହିତ ବାଲିପାଟଣା ବ୍ଲକ ଚଣାହାଟ ରାଜସ ରାସ୍ତାରେ କୃଷ୍ଣପୁରଠାରେ ମଧ ଆଉ ଗୋଟିଏ ବ୍ରିଜ ଓ ୭ କିମି ବିଶିଷ୍ଟ ରାସ୍ତା ନିର୍ମାଣ ନେଇ ମଞ୍ଜୁରୀ ମିଳିଛି । ଏହି ଅବସରରେ ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ, ସରକଣା ପଞ୍ଚାୟତ ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ଦାସ, ବଇଁଚୁଆ ସରପଞ୍ଚ ରଶ୍ମିତା ସାହୁ, ନବୀନ ଚନ୍ଦ୍ର ସାହୁ, କୃଷି ସମବାୟ ସମିତି ସଭାପତି ବେଣୁଧର ପରିଡ଼ା, ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ, ଆପାର ପୂର୍ବତନ ଅଧ୍ୟକ୍ଷ ବିରଞ୍ଚି ନାରାୟଣ କର, ସୁବଳ ଜେନା, ଶରତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ



**ଭୁବନେଶ୍ୱର (ପିପିଏସ୍) :** ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଖଣ୍ଡଗିରି ଥାନା ଅଞ୍ଚଳରେ ସରକାରୀ ଯାଗାରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି । ଆଇଗିଣିଆ ଛକ, ଏମ୍ସ ରାସ୍ତା, ପାତ୍ରପଡ଼ା ମୁଖ୍ୟ ରାସ୍ତା ଓ ଭଗବାନପୁର ଆଦି ଅଞ୍ଚଳର ସରକାରୀ ଜମିରେ ହୋଇଥିବା ଦୋକାନକୁ ଭାଙ୍ଗି ଦିଆଯାଇଛି । ମୋଟ ବାଉଁଶ ଓ ପଲିଥିନରେ ହୋଇଥିବା ୧୧ଟି ଦୋକାନ, ୪ଟି ଅସ୍ଥାୟୀ ପରିସ୍ରାଗାର, ୩ଟି ଭୂତଳ ପାଣି ଟାଙ୍କିକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି । ସେହିପରି ଗଦା ହୋଇଥିବା ଘର ନିର୍ମାଣ ସାମଗ୍ରୀକୁ ନଷ୍ଟ କରି ଦିଆଯାଇଛି । ଏହି ଉଚ୍ଛେଦରେ ବିଡିଏର ଅଧିକାରୀ, ଗୋଟିଏ ପ୍ଲାଟୁନ ପୁଲିସ ଫୋର୍ସ, ଗୋଟିଏ ସେକ୍ସନ ମହିଳା ପୁଲିସ, ଦୁଇଟି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ନିୟୋଜିତ ହୋଇଥିଲେ । ଛାଡି ଦେଇଥିଲେ, ପୁଣି ଆସି ଭାଙ୍ଗିଲେ ଜବରଦଖଲ ଉଚ୍ଛେଦ ବେଳେ ଛାଡି ଦେଇଥିବା ହୋଟେଲକୁ ଆଜି ପୁଣି ଆସି ଭାଙ୍ଗିଛି ବିଏମ୍ସି । ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ବିଡିଏ ପକ୍ଷରୁ ହୋଟେଲକୁ ଭାଙ୍ଗି ଦିଆଯାଇଛି । ଜାତୀୟ ରାଜପଥ କଡ଼ରେ ଥିବା ହୋଟେଲକୁ ବୁଧବାର ଅପରାହ୍ନରେ ଜେସିବି ମେସିନ ଲଗାଇ ଭାଙ୍ଗି ଦିଆଯାଇଛି । ସୂଚନା ଅନୁସାରେ, ଭାଇଜୀ ରେଷ୍ଟୁରାଣ୍ଟ ନିକଟସ୍ଥ ସରକାରୀ ଜମିକୁ କିଛି ଲୋକ ଜବରଦଖଲ କରି ଉଠା ଦୋକାନ କରିଥିଲେ । ସୋମବାର ବିଏମ୍ସି ଓ ବିଡିଏ ପକ୍ଷରୁ ଗୋଟିଏ ଲସି ଦୋକାନ, ଦୁଇଟି ଫଳ ଦୋକାନ, ୪ଟି ପାନ ଦୋକାନ, ଫର୍ଣ୍ଣିଚର ମରାମତି ଦୋକାନ, ଗୋଟିଏ ହେଲମେଟ ଦୋକାନ, ଗୋଟିଏ ଗଦି ତିଆରି ଦୋକାନ ସମେତ ୧୧ଟି ଦୋକାନକୁ ଜେସିବି ଲଗାଇ ଭାଙ୍ଗି ଦିଆ ଯାଇଥିଲା । ହେଲେ ଏହିସବୁ ଦୋକାନ ମଝିରେ ଥିବା ହୋଟେଲକୁ ନ ଭାଙ୍ଗି ଛାଡି ଦିଆଯାଇଥିଲା । ଏହାକୁ ନେଇ ଉଠା ଦୋକାନୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଫଳରେ ଦୋକାନ ଭଙ୍ଗା ହେବ ବୋଲି ପ୍ରଚାର କରାଯାଇଥିଲା । ପରେ ଜେସିବି ଲଗାଇ ହୋଟେଲକୁ ଭାଙ୍ଗି ଦିଆଯାଇଛି ।

# ଇସ୍କନ ରଥଯାତ୍ରାରେ ଲୁଟ୍; ୩ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଇସ୍କନ ରଥଯାତ୍ରାରୁ ମହିଳାଙ୍କ ଠାରୁ ଲୁଟ୍‌ପାଟ୍ କରୁଥିବା ୨ ଲୁଟେରାଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ । ସେମାନେ ହେଲେ ଖଣ୍ଡଗିରି ଥାନା ଡୁମ୍‌ଡୁମାର ଅଭି ପଣ୍ଡା ଓ ବାୟା(୨୬) ଓ ଶିବପ୍ରସାଦ ପାତ୍ର ଓ ଶିବା(୩୦) । ଇସ୍କନ ରଥଯାତ୍ରା ଲାଗି ପ୍ରବଳ ଗହଳି ହୋଇଥିଲା । ଗତକାଲି ଅପରାହ୍ଣରେ ଇସ୍କନ ରଥ ଯାତ୍ରା ଦେଖିବା ଲାଗି ମହିଳାମାନେ ଆସୁଥିଲେ । ପାସ୍‌ପୋର୍ଟ ଅଫିସ ନିକଟରେ ମହିଳାଙ୍କ ଠାରୁ ୨ ଲୁଟେରା ଆସି ପର୍ସ ଝାମ୍ପି ନେଇଥିଲେ । ସେମାନଙ୍କୁ ମାଉସୀ' ମା ମନ୍ଦିର ନିକଟରୁ କାବୁ କରିଥିଲା ନୂଆପଲ୍ଲୀ ଥାନା ପୁଲିସ । ଧରାପଡ଼ିଥିବା ଦୁଇ ଜଣଙ୍କ ନାମରେ ଏକାଧିକ ମାମଲା ରହିଛି । ସେହିପରି ଆଉ ଏକ ମାମଲାରେ ଲୁଟେରାକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ । ଶ୍ରଦ୍ଧାଳୁଙ୍କ ଠାରୁ ଲୁଟ୍‌ପାଟ୍ କରୁଥିବା ଲୁଟେରାକୁ କାବୁ କରାଯାଇଛି । ଲୁଟେରା ଭରତପୁରର ସନ୍ତୋଷ ଦାସ ।

# କୃତ୍ରିମ ଉପାୟରେ ଅଣ୍ଡାରୁ ବାହାରିଲେ ୨୫ ନାଗ ଛୁଆ



**ଭୁବନେଶ୍ୱର (ପିପିଏସ୍):** କୃତ୍ରିମ ଉପାୟରେ ଫୁଟିଲା ୨୫ଟି ନାଗ ଅଣ୍ଡା । ଏହି ଅଣ୍ଡାଗୁଡ଼ିକରୁ ଛୋଟ ଛୋଟ ନାଗ ଛୁଆ ବାହାରିଥିବା ବେଳେ ଏହି ସାପମାନଙ୍କୁ ପ୍ରାକୃତିକ ଆବସସ୍ଥଳରେ ଛାଡ଼ି ଦିଆଯାଇଛି । ସୂଚନା ଅନୁଯାୟୀ ଚଳିତ ମାସ ୫ ତାରିଖରେ ପୁରୁଣା ଭୁବନେଶ୍ୱରର ରଥ ରୋଡ୍‌ସ୍ଥିତ ଏକ ଗୋଦାମରୁ ଏକ ନାଗ ସାପକୁ ସ୍ନେକ ହେଲ୍ପ ଲାଇନର ସଦସ୍ୟ ଉଦ୍ଧାର କରିଥିଲେ । ଏଠାରୁ ଏକ ୪ ଫୁଟ ଲମ୍ବର ନାଗୁଣୀକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିବା ସହ ସେଠାରୁ ମିଳିଥିବା କିଛି ଅଣ୍ଡାକୁ ସ୍ନେକ ହେଲ୍ପ ଲାଇନ କାର୍ଯ୍ୟାଳୟକୁ ଆଣିଥିଲେ । ସ୍ନେକ୍ ହେଲ୍ପ ଲାଇନ ସାଧାରଣ ସମ୍ପାଦକ ଅଣ୍ଡା ଗୁଡ଼ିକୁ କୃତ୍ରିମ ଉପାୟରେ ଫୁଟେଇବା ପାଇଁ ବ୍ୟବସ୍ଥା କରିଥିଲେ । ଗତକାଲି ୨୦ ତାରିଖରେ ଅଣ୍ଡା ଗୁଡ଼ିକ ଫୁଟିବା ଆରମ୍ଭ କରି ଆଜି ୨୧ ତାରିଖରେ ୨୫ ଟି ଯାକ ଅଣ୍ଡା ଫୁଟିଥିଲା । ଯାହାକୁ ପରେ ପ୍ରାକୃତିକ ଆବାସ ସ୍ଥଳୀରେ ଛାଡିଦିଆଯାଇଥିବା ନେଇ ସ୍ନେକ ହେଲ୍ପଲାଇନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ସୂଚନା ଦେଇଛନ୍ତି । ସାଧାରଣତଃ ସାପଗୁଡ଼ିକ ଏମିତି ସ୍ଥାନ ଦେଖି ଅଣ୍ଡା ଦେଇଥାନ୍ତି ଯେମିତି ଅଣ୍ଡା ଗୁଡିକୁ କେହି ଶିକାରୀ ଦେଖି ପାରିବେ ନାହିଁ, ଏବଂ ସେହି ସ୍ଥାନରେ ଅଣ୍ଡା ଉଷୁମେଇବା ପାଇଁ ଉପଯୁକ୍ତ ତାପମାତ୍ରା ଓ ଆର୍ଦ୍ରତା ମଧ୍ୟ ମିଳିଥାଏ । କାରଣ ସାପ ମାନେ ଅଣ୍ଡାକୁ ଉଷୁମେଇ ନଥାନ୍ତି, ବରଂ ନାଗ ଆଦି ସାପ ମାନେ ଅଣ୍ଡା ଗୁଡ଼ିକ ଫୁଟିବା ପର୍ଯ୍ୟନ୍ତ ଅଣ୍ଡାକୁ ବାହ୍ୟ ଶତ୍ରୁଙ୍କ କବଳରୁ ରକ୍ଷା କରିବା ପାଇଁ ଜଗି ରହିଥାନ୍ତି । ନାଗ ସାପ ଅଣ୍ଡା ଫୁଟିବା ପାଇଁ ପ୍ରାୟ ୪୫ ରୁ ୬୦ ଦିନ ସମୟ ଲାଗିଥାଏ । ଯଦି ସେଇ ସମୟ ଭିତରେ କେହି ସାପ ଅଣ୍ଡାକୁ ଏପଟ ସେପଟ କରି ଦିଏ, ସେଇ ଅଣ୍ଡା ଗୁଡ଼ିକ ଆଉ ଫୁଟି ନଥାଏ । ଅଣ୍ଡାଗୁଡିକୁ ଫୁଟିବା ପାଇଁ ଅଧିକ ଯତ୍ନ ଆବଶ୍ୟକ ହୋଇଥାଏ ବୋଲି ଶୁଭେନ୍ଦୁ କହିଛନ୍ତି । ଏଇ ପରିପ୍ରେକ୍ଷୀରେ ଲୋକେ ନିଜର ବାଡ଼ି ବଗିଚାକୁ ଭଲ ଭାବରେ ସଫା କରି ଦେବା ଉଚିତ୍ । ତା' ନହେଲେ ଯଦି କାହା ବାଡ଼ିରେ ନାଗ, ତମ୍ପ ସାପ ଅଣ୍ଡା ଦେଇଥିବେ, ତେବେ ଅଣ୍ଡାଗୁଡ଼ିକ ଫୁଟି ଯିବା ପରେ ସେଇ ଘର ଏବଂ ତାଙ୍କ ପାଖ ପଡୋଶୀ ମାନଙ୍କ ଘର ପ୍ରତି ନିଶ୍ଚୟ ବିପଦ ଆଶଙ୍କା ବଢ଼ିବାର ଆଶଙ୍କା ରହିଥାଏ ।

# ରାଜଧାନୀରେ ମୌସୁମୀ ବର୍ଷା; ତାତିରୁ ଆଶ୍ୱସ୍ତି



**ଭୁବନେଶ୍ୱର (ପିପିଏସ୍) :** ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳିରୁ ଟୁଇନସିଟିବାସୀଙ୍କୁ ମିଳିଛି ଆଶ୍ୱସ୍ତି । ସକାଳେ କଟକ ଓ ଭୁବନେଶ୍ୱରରେ ପ୍ରଚଣ୍ଡ ତାତି ସହ ଗୁଳୁଗୁଳି ହେତୁ ଛଟପଟ ହେଉଥିଲେ ଲୋକେ । ହେଲେ ମଧ୍ୟାହ୍ନରେ ଆକସ୍ମିକ ଭାବେ ପ୍ରାକ୍ ମୌସୁମୀ ବର୍ଷା ହେବା କାରଣରୁ ଉଭୟ ମହାନଗରର ଲୋକେ ଟିକେ ଥଣ୍ଡା ଅନୁଭବ କରିଛନ୍ତି । ଆଜି କଟକ- ଭୁବନେଶ୍ୱରର ସମେତ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହୋଇଛି । ଏହି ବର୍ଷାର ପ୍ରଭାବରେ କଟକ-ଭୁବନେଶ୍ୱରର ଅନେକ ସ୍ଥାନ ଜଳାର୍ଣ୍ଣବ ହୋଇଥିବା ଜଣାଯାଇଛି । ଏଣେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାର ସୂଚନା ରହିଛି । ଏହାଫଳରେ ସେହି ଅଞ୍ଚଳରେ ବି ତାତିରୁ ଲୋକେ ଆଶ୍ୱସ୍ତ ହୋଇଛନ୍ତି । ସୂଚନାଯୋଗ୍ୟ, ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ?-ମୌସୁମୀ ବର୍ଷା ଆରମ୍ଭ ହୋଇଛି । ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇଛି । ନବରଙ୍ଗପୁର ଜିଲ୍ଲା ଡାବୁଗାଁରେ ୭ ସେମି ବର୍ଷା ହୋଇଥିବା ବେଳେ ଉମରକୋଟ, ଝରିଗାଁରେ ୬ ସେମି, କୋରାପୁଟ ଜିଲ୍ଲାର ପଟାଙ୍ଗୀ, କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ଓ ଜୟପାଟଣାରେ ୫ ସେମି ଲେଖାଏ ବର୍ଷା ରେକର୍ଡ କରାଯାଇଛି । ଏହାବ୍ୟତୀତ ଝାରସୁଗୁଡ଼ା, ମାଲକାନଗିରି, ଫୁଲବାଣୀ, ନୟାଗଡ଼, ଗଜପତି, ଭଦ୍ରକ, ଯାଜପୁର, ଢେଙ୍କାନାଳ, ବାଲେଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଥିଲା । ପ୍ରାକ୍ ? ମେ ?ସୁମୀ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଏଣିକି ବର୍ଷା ପରିମାଣ ବଢ଼ିବ ।

# ଆଧୁନିକ ଚିକିତ୍ସା ବ୍ୟବସ୍ଥାରେ ଯୋଗକୁ ସାମିଲ କରିବା ସମୟର ଆହ୍ୱାନ



**ଭୁବନେଶ୍ୱର (ପିପିଏସ୍) :** ଆରୋଗ୍ୟ ପ୍ରକ୍ରିୟାକୁ ଶୀଘ୍ର ଏବଂ ଉନ୍ନତ କରିବା ନିମନ୍ତେ ଆଧୁନିକ ଚିକିତ୍ସା ବ୍ୟବସ୍ଥାରେ ଯୋଗକୁ ସାମିଲ କରିବା ସମୟର ଆହ୍ୱାନ । ନିଜକୁ ଶାନ୍ତ ରଖିବା ତଥା ମାନସିକ ଚାପ ଓ ଅବସାଦକୁ ନିୟନ୍ତ୍ରଣ କରିବାରେ ଯୋଗ ଏକ ବିଶେଷ ଭୂମିକା ଗ୍ରହଣ କରିଥାଏ । ଅସ୍ତ୍ରୋପଚାର ପରବର୍ତ୍ତୀ ଅବସ୍ଥାରେ ତ୍ୱରିତ ଆରୋଗ୍ୟ ପ୍ରଦାନରେ ମଧ୍ୟ ଯୋଗର ଭୂମିକା ଅନସ୍ୱୀକାର୍ଯ୍ୟ । ଆଜି ନବମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଏପରି ମତବ୍ୟକ୍ତ କରିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ ଆଶୁତୋଷ ବିଶ୍ୱାସ । ଯୋଗ ଦିବସ ଅବସରରେ ଏକ ବାର୍ତ୍ତା ମାଧ୍ୟମରେ ଡ଼ ବିଶ୍ୱାସ ସୂଚନା ଦେଇଛନ୍ତି ଯେ ଚିକିତ୍ସା ପରବର୍ତ୍ତୀ ସମୟରେ ପୁନର୍ବାସ ପ୍ରକ୍ରିୟାକୁ ଉନ୍ନତ କରିବା ପାଇଁ ଯୋଗକୁ ବିଭିନ୍ନ ବିଭାଗ ସହିତ ସାମିଲ ପାଇଁ ଏମ୍ସ ଭୁବନେଶ୍ୱର କାର୍ଯ୍ୟ କରୁଛି । ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ମେଡିକାଲ୍ ଅଙ୍କୋଲୋଜି, ଜେନେରାଲ୍ ସର୍ଜରୀ ଏବଂ କାର୍ଡିଓଲୋଜି ଆଦି ବିଭାଗ ବିଭିନ୍ନ ଚିକିତ୍ସା ପ୍ରକ୍ରିୟାରେ ଯୋଗକୁ ଅର୍ନ୍ତଭୁକ୍ତ କରିବା ସହିତ ସୁଫଳ ପାଇଥିବା ଡ଼ ବିଶ୍ୱାସ ସୂଚନା ଦେଇଛନ୍ତି । ଆଜି ଏମ୍ସ ପରିସରରେ ଆୟୁଷ ବିଭାଗ ପକ୍ଷରୁ ନବମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । 'ବିଶ୍ୱ ଗୋଟିଏ ପରିବାର ପାଇଁ ଯୋଗ' ବିଷୟବସ୍ତୁ ସହିତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିନ୍ ଡ଼ ପି ଆର୍ ମହାପାତ୍ର, ଭାରପ୍ରାପ୍ତ ମେଡିକାଲ୍ ଅଧୀକ୍ଷକ ଡ଼ ପ୍ରଭାସ ରଞ୍ଜନ ତ୍ରିପାଠୀ, ଆୟୁଷ ବିଭାଗ ମୁଖ୍ୟ ତଥା ଏସ୍ଏମଓ ଡ଼ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗୀୟ ମୁଖ୍ୟ, ଅଧ୍ୟାପକ/ଅଧ୍ୟାପିକା, ଡାକ୍ତରୀ/ନର୍ସିଂ/ପାରା-ମେଡିକାଲ୍ ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଜନସାଧାରଣ ଏହି ଯୋଗ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଯୋଗ ପ୍ରଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗାଭ୍ୟାସ କରାଇଥିବାବେଳେ ଡ଼ ଶୁଭାଷିଷ ସରକାର (ହୋମିଓପାଥି) ଧନ୍ୟବାଦ ଅର୍ପଣ କରିଥିଲେ । ସେହିଭଳି ଆୟୁଷ ବିଭାଗର ମିଳିତ ସହଯୋଗରେ କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ (ସିଏମ୍ଏଫ୍ଏମ୍) ପକ୍ଷରୁ ଆଇଆର୍ସି ଭିଲେଜ୍ ସରକାରୀ ଉଚ୍ଚବିଦ୍ୟାଳୟ(ୱାର୍ଡ ନଂ-୨୫)ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା । ଏହି ଅବସରରେ ମାନସିକ ସ୍ୱାସ୍ଥ୍ୟବସ୍ଥାର ଉନ୍ନତି ଆଣିବା ପାଇଁ ଜୀବନରେ ଯୋଗର ମହତ୍ତ୍ୱ ସମ୍ପର୍କରେ ଡ଼ ସ୍ୱୟଂପ୍ରଜ୍ଞା ପରିଡ଼ା, ଡ. ପ୍ରଜ୍ଞା ପାରମିତା ଗିରି ପ୍ରମୁଖ ମତ ରଖିଥିଲେ । ଯୋଗ ପ୍ରଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗାଭ୍ୟାସ କରାଇଥିଲେ ।

# ବନ୍ଧୁକ ଦେଖାଇ ଲୁଟ୍ ଘଟଣାର ଦୃଶ୍ୟ ସିସିଟିଭିରେ କଏଦ

ଭୁବନେଶ୍ୱର,୨୧।୬(ସମିସ): କାଳବୈଶାଖୀର ଅନ୍ଧାର ରାତିରେ ବନ୍ଧୁକ ମୁନରେ ଲୁଟ୍ ମାମଲାରେ ସାମ୍ନାକୁ ଆସିଛି ସିସିଟିଭି ଫୁଟେଜ୍ । ଅଶୋକ ସାଇଁଙ୍କୁ କିଭଳି ବନ୍ଧୁକ ଓ ଧାରୁଆ ଅସ୍ତ୍ର ଦେଖାଇ ଲୁଟ କରୁଛନ୍ତି ସିସିଟିଭିରେ କଏଦ ହୋଇଛି । ୩ ଦିନ ପରେ ଗ୍ୟାଙ୍ଗ ବିଷୟରେ ସୂରାକ ପାଇନି ମୈତ୍ରୀ ବିହାର ଥାନା ପୁଲିସ । ଅଶୋକ ଗେଟ ଖୋଲି ଘରକୁ ଯିବା ବେଳେ ପିଛା କରୁଥିବା ୩ ଜଣ ଲୁଟେରା ବାଇକରେ ଆସୁଛନ୍ତି । ୩ ଜଣ ଲୁଟେରା ମୁହଁରେ ରୁମାଲ ବାନ୍ଧି ଥିଲେ । ଅଶୋକଙ୍କ ସୁନାଚେନ ଓ ବ୍ରେସଲେଟ ଛଡେଇବା ବେଳେ ବିରୋଧ କରିବାରୁ ବନ୍ଧୁକ ଦେଖାଇ ଧାରୁଆ ଛୁରୀରେ ଆକ୍ରମଣ କରି ଲୁଟି ଚମ୍ପଟ ହୋଇଯାଇଛନ୍ତି ।

# ଓଏଚ୍‌ପିସି ପକ୍ଷରୁ ଯୋଗ ଦିବସ ପାଳିତ

**ଭୁବନେଶ୍ୱର (ପିପିଏସ୍) :** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଓଡ଼ିଶା ଜଳ ବିଦ୍ୟୁତ ନିଗମ(ଓଏଚ୍‌ପିସି) ପକ୍ଷରୁ ଯୋଗ ସମ୍ପର୍କିତ ପ୍ରଶିକ୍ଷଣ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ସହଭାଗିତାରେ 'ଯୋଗ ଫର୍ ବସୁଧୈବ କୁଟୁମ୍ବକମ୍' ଶୀର୍ଷକରେ ଏହି କାର୍ଯ୍ୟକ୍ରମ ଓଏଚ୍‌ପିସି କାର୍ଯ୍ୟାଳୟରେ ହୋଇଛି । ପ୍ରାତଃ ସମୟରେ ଯୋଗ ଶିକ୍ଷକ ସ୍ମିତିମୟୀ ପ୍ରଧାନ ଓ ଆୟାଶାକାନ୍ତା ଦାସ ଯୋଗର ବିଭିନ୍ନ ମୁଦ୍ରାର ଅଭ୍ୟାସ କରି ଦେଖାଇଥିଲେ । ଉପସ୍ଥିତି ଅଂଶଗ୍ରହଣକାରୀମାନେ ଦୁଇ ପ୍ରଶିକ୍ଷକଙ୍କଠାରୁ ଯୋଗର ବିଭିନ୍ନ ଆସନ ଓ ପ୍ରାଣାୟମ ଶିଖିଥିଲେ । ସେହିଭଳି କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟରେ ପ୍ରକାଶ ଚନ୍ଦ୍ର ଗଜେନ୍ଦ୍ର ଯୋଗର ଉପକାରିତା ଓ ପ୍ରକାର ଭେଦ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ନିଗମର ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାର ଓ ମାନବ ସମ୍ବଳ ନିର୍ଦ୍ଦେଶକ ପି.କେ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଉପସ୍ଥିତି ଅତିଥିମାନଙ୍କୁ ସମ୍ବୋଧନ କରିଥିଲେ । ଓଏଚପିସିର କର୍ମଚାରୀ ଓ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଖୋଲିଲା ରାଜଧାନୀର ସମସ୍ତ ସ୍କୁଲ



**ଭୁବନେଶ୍ୱର (ପିପିଏସ୍) :** ଦୁଇ ମାସ ବ୍ୟବଧାନରେ ଖୋଲିଲା ସ୍କୁଲ । ସହରର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟ ଖୋଲିଥିଲେ ମଧ ପିଲାଙ୍କ ଉପସ୍ଥାନ ଉତ୍ସାହଜନକ ହୋଇପାରି ନାହିଁ । ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ କ୍ଲାସ ସମୟ ଧାର୍ଯ୍ୟ ହୋଇଥିବାରୁ ସରକାରୀ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଆସି ନ ଥିଲେ । ପ୍ରାଥମିକଠାରୁ ଆରମ୍ଭ କରି ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ସମାନ ସ୍ଥିତି ଉପୁଜିଥିଲା । ପ୍ରଥମ ଦିନରେ ଭୁବନେଶ୍ୱରରେ ଥିବା ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ମାତ୍ର ୪୨% ହୋଇଛି । ଅର୍ଥାତ୍ ୫୮% ପିଲା ସ୍କୁଲ ଆସିନାହାନ୍ତି । ବିଏମ୍ସି ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ୪୬ହଜାର ୧୦୨ଜଣ ଶିକ୍ଷା ଗ୍ରହଣ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଆଜି ୧୯ ହଜାର ୫୪୫ଜଣ ବିଦ୍ୟାଳୟ ଆସିଥିଲେ । ଉପସ୍ଥାନ ହାର ୪୨% ରହିଥିଲା । ପ୍ରାଥମିକ ସ୍ତର(ପ୍ରଥମରୁ ୫ମ ଶ୍ରେଣୀ)ରେ ୧୭ ହଜାର ୬୨୮ଜଣ ଶିକ୍ଷା ଗ୍ରହଣ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଆଜି ମାତ୍ର ୮,୧୮୧ଜଣ ବିଦ୍ୟାଳୟ ଆସିଥିଲେ । ଅର୍ଥାତ୍ ଉପସ୍ଥାନ ହାର ୪୬% ରହିଥିଲା । ଉଚ୍ଚ ପ୍ରାଥମିକ ସ୍ତର(୬ଷ୍ଠରୁ ୮ମ ଶ୍ରେଣୀ)ରେ ୧୬ ହଜାର ୨୫୭ଜଣ ଥିବା ବେଳେ ଉପସ୍ଥାନ ଥିଲା ୬,୭୧୫ । ଅର୍ଥାତ୍ ୪୧% ପିଲା ବିଦ୍ୟାଳୟକୁ ଆସିଥିଲେ । ମାଧ୍ୟମିକ ସ୍ତର(୯ମ ଓ ୧୦ମ ଶ୍ରେଣୀ)ରେ ୧୨ ହଜାର ୨୧୭ଜଣଙ୍କ ମଧ୍ୟରୁ ମାତ୍ର ୪୬୪୦ଜଣ ଆସିଥିଲେ । ଉପସ୍ଥାନ ୩୮% ରହିଥିଲା । କେତେକ ସରକାରୀ ବିଦ୍ୟାଳୟରେ ପିଲାମାନେ ମଧ୍ୟାହ୍ନଭୋଜନ ପରେ ଆଉ ବିଦ୍ୟାଳୟ ଆସି ନ ଥିଲେ । ଗୋଟିଏ ଗୋଟିଏ ବିଦ୍ୟାଳୟରେ ଉପସ୍ଥାନ ଏକ ଅଙ୍କ ଭିତରେ ରହିଥିଲା । ତେବେ ଆଜି ପାଗରେ ପରିବର୍ତ୍ତନ ହୋଇଥିବାରୁ କାଲିଠାରୁ ବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ ବୃଦ୍ଧି ପାଇବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷମାନେ ଆଶାବ୍ୟକ୍ତ କରିଛନ୍ତି ।

# ପିଙ୍କ୍ ହ୍ୱାଟ୍ସଆପ୍ ଡାଉନଲୋଡ୍ କରୁଥିଲେ ସାବଧାନ, ଜାଲ ବିଛାଇଛନ୍ତି ସାଇବର ଠକ



**ଭୁବନେଶ୍ୱର (ପିପିଏସ୍):** ଡିଜିଟାଲ ଦୁନିଆର ନୂଆ ଅପରାଧୀ ସାଇବର ଠକ । ପୁଣି ସାଇବର ଠକେଇ କରିବାର ନୂଆ ତରିକା ଆପଣାଇଛନ୍ତି ଠକ । ମୋବାଇଲ ଉପରେ ସାଇବର ଠକଙ୍କ ନିୟନ୍ତ୍ରଣ ରଖିବା ଲାଗି କରିଛନ୍ତି ଯୋଜନା । ମୁମ୍ବାଇରେ ଏହି ପିଙ୍କ୍ ହ୍ୱାଟ୍ସଆପ୍ ଥରହର କରିବା ପରେ ଓଡ଼ିଶାରେ ଆଗୁଆ ପ୍ରସ୍ତୁତି ହୋଇଛି । ଅପଡେଟେଡ୍ ହ୍ୱାଟ୍ସଆପ୍ ଡାଉନଲୋଡ୍ ଲାଗି ଆସିଥିବା ଲିଙ୍କ୍ ଉପରେ ଥରେ କ୍ଲିକ୍ କରିବା ପରେ ସାଇବର ଠକଙ୍କ ନିକଟକୁ ଫଟୋ, ଭିଡିଓ ଓ ବ୍ୟାଙ୍କ ତଥ୍ୟ ଆଦି ପଳାଇ ଯାଉଛି । ପିଙ୍କ୍ ହ୍ୱାଟ୍ସଆପ୍ ସ୍କାମ ଏବେ ସାରା ଦେଶ ଲାଗି ମୁଣ୍ଡବିନ୍ଧାର କାରଣ ପାଲଟିଛି । ଏନେଇ ଓଡିଶା ପୁଲିସ ପକ୍ଷରୁ ଖୁବ୍‌ଶୀଘ୍ର ପକ୍ଷରୁ ଏକ ପରାମର୍ଶ ଜାରି କରାଯିବ ବୋଲି ବିଶେଷସୂତ୍ରରୁ ସୂଚନା ମିଳିଛି । ମୋବାଇଲ ଫୋନ୍‌କୁ ଅପଡେଟେଡ୍ ହ୍ୱାଟ୍ସଆପ୍ ଡାଉନଲୋଡ୍ କରିବାକୁ କିଛି ଲିଙ୍କ ଆସୁଛି । ଉକ୍ତ ଲିଙ୍କ୍‌କୁ କ୍ଲିକ କରିବା ପରେ ହ୍ୟାକର ପଠାଇଥିବା ପିଙ୍କ୍ ହ୍ୱାଟ୍ସଆପ୍ ଡାଉନ୍‌ଲୋଡ ହୋଇଯିବ । ଏଇ ଭାଇରସ ସଫ୍ଟୱାର ଜରିଆରେ ଫୋନ୍‌ର ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହୋଇଯିବ । ଆପଣଙ୍କ ଯୋଗାଯୋଗରେ ଥିବା ଲୋକଙ୍କୁ ସ୍କାନରକୁ ନେଇଯିବେ ହ୍ୟାକର । ପରେ ଆପଣାଙ୍କ ହ୍ୱାଟ୍ସଆପ୍ ନମ୍ବର ବିଭିନ୍ନ ଗ୍ରୁପ୍‌କୁ ଅଶ୍ଲୀଳ ମେସେଜ୍ ପଠାଇବ । ଏଭଳି ସ୍କାମରେ ମୁମ୍ବଇର ଏକାଧିକ ବ୍ୟକ୍ତି ଫସିବା ପରେ ସେଠିକାର ଜନସାଧାରଣଙ୍କ ଲାଗି ମୁମ୍ବଇ ପୁଲିସ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି । ଏଥିରୁ ବର୍ତ୍ତିବା ଲାଗି ମଧ କିଛି ସୁରକ୍ଷା ପରାମର୍ଶ ଦିଆଯାଇଛି । କେବଳ ଏତିକି ନୁହେଁ, ଭିଏତ୍‌ନାମ ଭଳି ବିଦେଶରେ ମଧ ପିଙ୍କ୍ ହ୍ୱାଟ୍ସଆପ୍ ଚିନ୍ତା ବଢ଼ାଇ ଦେଇଛି ।

ସେହିପରି ୨୦୨୧ ମସିହାରେ ଏହି ଭାଇରାସ ବିଷୟରେ ଜଣାପଡ଼ିଥିଲା । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗମ୍ଭୀରତା ସହ ନେଇଛି ଓଡିଶା ପୁଲିସ । କାରଣ ଅଧିକାଂଶ ନେତା, ମନ୍ତ୍ରୀ, ବ୍ୟୁରୋକ୍ରାଟ୍‌ଙ୍କ ଠାରୁ ଆରମ୍ଭ କରି ପୁଲିସ ପ୍ରଶାସନର ମୁଖ୍ୟଙ୍କୁ ଟାର୍ଗେଟ କରୁଛନ୍ତି ହ୍ୟାକର । ରାଜଧାନୀରେ ଏଭଳି ଅନେକ ବଡବଡିଆଙ୍କ ହ୍ୱାଟ୍ସଆପ୍‌କୁ ହ୍ୟାକ କରି ଟଙ୍କା ଚଳୁ କରିଥିବା କଥା ମଧ ପଦାକୁ ଆସିଛି । ଏନେଇ ସାଇବର ଥାନା ଅଧିକାରିଣୀ ରଶ୍ମିତା ଜେନା କହିଛନ୍ତି, କୌଣସି ଅଜଣା ଆପ୍ ଓ ନମ୍ବରରୁ ଆସୁଥିବା ଲିଙ୍କ୍‌କୁ କ୍ଲିକ ନ କରନ୍ତୁ । ନଚେତ୍ ମୋବାଇଲ ଫୋନ୍‌ରେ ଥିବା ସମସ୍ତ ଗୋପନୀୟ ତଥ୍ୟ ସାଇବର ଠକଙ୍କ ନିକଟରେ ପହଞ୍ଚିଯିବ । ସେହିପରି ପିଙ୍କ୍ ହ୍ୱାଟ୍ସଆପ୍ ବୋଲି କୌଣସି ଆପ୍ ନାହିଁ । କେବଳ ସାଇବର ଠକ ଠକିବା ଲାଗି ଏଭଳି ଅଭିନବ ଉପାୟ ଚିନ୍ତା କରିଥିବା ସେ ସୂଚନା ଦେଇଛନ୍ତି । ଏଥିସହ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିଲେ ତୁରନ୍ତ ସଫ୍ଟୱାରକୁ ଅପଡେଟ୍ କରିବା ସହ ସାଇବର ଥାନାରେ ଅପିଲ କରାଯାଇଛି ।

# ହସ୍ପିଟାଲରୁ ଚୋରି, ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** କ୍ୟାପିଟାଲ ହସ୍ପିଟାଲସ୍ଥିତ ଶିଶୁବିଭାଗ ନିକଟରୁ ବାଇକ୍ ଚୋରି କରି ନେଇଥିବା ଲୁଟେରାକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ଗିରଫ ଲୁଟେରା ଦୁର୍ଯ୍ୟୋଧନ ସ୍ୱାଇଁ । ଗତକାଲି କ୍ୟାପିଟାଲ ହସ୍ପିଟାଲସ୍ଥିତ ଶିଶୁ ବିଭାଗକୁ ରିପୋର୍ଟ୍ ଦେଖାଇବା ପାଇଁ ଶ୍ୟାମସୁନ୍ଦର କଅଁର ଆସିଥିଲେ । ଉକ୍ତ ବିଭାଗ ନିକଟରେ ବାଇକ୍ ରଖି ଭିତରକୁ ଯାଇଥିଲେ । ରିପୋର୍ଟ ନେଇ ଆସି ଦେଖିବାରୁ ସେଠାରେ ବାଇକ ନଥିଲା । ଏନେଇ ଶ୍ୟାମସୁନ୍ଦର ଥାନାରେ ଅଭିଯୋଗ କରିଥିଲେ । ଆଜି ଏଜି ଛକ ନିକଟରେ ବ୍ଲକିଂ ଚାଲିଥିବା ସମୟରେ ଦୁର୍ଯୋଧନ ଟ୍ରାଫିକ ନିୟମ ଭାଙ୍ଗି ପଳାଉଥିଲେ । ସେଠାରେ ଉପସ୍ଥିତ ଥିବା ପୁଲିସ କର୍ମଚାରୀ ଗାଡ଼ିର କାଗଜପତ୍ର ମାଗିବାରୁ ଫସିଯାଇଥିଲା ଦୁର୍ଯ୍ୟୋଧନ । ତାକୁ କାବୁ କରିବା ସହ ବାଇକ ଜବତ କରିଥିଲା କ୍ୟାପିଟାଲ ଥାନା ପୁଲିସ । ସେହିପରି ଇଟା ଫ୍ୟାକ୍ଟ୍ରିର କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଠାରୁ ଲୁଟ୍ କରୁଥିବା ଲୁଟେରାକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ । ଗିରଫ ଲୁଟେରା ଏୟାରପୋର୍ଟ ଥାନା ଅଞ୍ଚଳର ରାଜେଶ ବେଜ । ସେ ଶ୍ରମିକଙ୍କ ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇ ବିକ୍ରି କରି ଦେଇଥିଲା । ପୁଲିସ ଚୋରି ସାମଗ୍ରୀକୁ ଜବତ କରିବା ସହ ରାଜେଶକୁ କାବୁ କରାଯାଇଛି ।

# ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ସଙ୍ଗୀତ ଦିବସ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଶ୍ୱ ସଙ୍ଗୀତ ଦିବସ ବୁଧବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶୀ କଣ୍ଠସଙ୍ଗୀତ ସାଙ୍ଗକୁ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ସୀତାର ବାଦନ, ସମ୍ବଲପୁରୀ ଲୋକ ସଙ୍ଗୀତ ଏବଂ ତାଳବାଦ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିଳ୍ପୀ ସୃଷ୍ଟିସ୍ୱରୂପା ମିଶ୍ର ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ । ତାଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଭାବାଙ୍ଗରେ ବଞ୍ଚିବ ନବୀନା... । ଏହାପରେ ରାଗାଙ୍ଗରେ ଘନ କୁନ୍ତଳ ଆଗୋ.. ପରିବେଷଣ କରିଥିଲେ । ପରେ ପରେ ମଞ୍ଚର ଶୋଭା ବଢ଼ାଇଥିଲେ ଅମିତ କୁମାର ରଥ ଏବଂ ସାଥି । ତାଙ୍କ ପ୍ରସ୍ତୁତିରେ ଥିଲା ରାଗ ଦୁର୍ଗା । ଏହାପରେ ଭୀମସେନ ମହାରଣା ସୀତାର ବାଦନ ପରିବେଷଣ କରିଥିଲେ । ଏହାପରେ ପ୍ରଫେସର ଡ. ଜଗନ୍ନାଥ କୁଅଁର ତାଳବାଦ୍ୟ ପରିବେଷଣ କରିଥିଲେ । ଯେଉଁଥିରେ ସେ ୧୬ ମାତ୍ରାରେ ଆଦିତାଳ ପରିବେଷଣ କରିଥିଲେ । ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଅତିରିକ୍ତ ସଚିବ ମଧୁସୂଦନ ଦାଶ, ଗୁରୁ ରାମହରି ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଉପସଭାପତି ମନ୍ମଥ କୁମାର ଶତପଥୀ ଏବଂ ଏକାଡେମୀ ସଚିବ ପ୍ରବୋଧ ରଥ ଯୋଗଦେଇଥିଲେ ।

# ଶେଷହେଲା ବିଏମ୍ସି ଷ୍ଟାଣ୍ଡିଂ କମିଟି ଅଧକ୍ଷ ନିର୍ବାଚନ: ନିର୍ଦ୍ୱନ୍ଦ୍ୱରେ ଜିତିଲେ ସବୁ ପ୍ରାର୍ଥୀ



**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ବିଭିନ୍ନ ଷ୍ଟାଣ୍ଡିଂ କମିଟି ଅଧକ୍ଷ ପଦ ପାଇଁ ନିର୍ବାଚନ ଶେଷ ହୋଇଛି । ଯେଉଁମାନେ ପୂର୍ବରୁ ଯେଉଁ କମିଟିରେ ଅଧକ୍ଷ ଥିଲେ, ସେଥିରେ କୌଣସି ପରିବର୍ତ୍ତନ ହୋଇ ନଥିବା ବେଳେ ପୁନର୍ବାର ସେହିମାନେ ହିଁ ପୂର୍ବ କମିଟିକୁ ଅଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ମେୟର ସୁଲୋଚନା ଦାସଙ୍କ ଆହ୍ୱାନକ୍ରମେ ବିଭିନ୍ନ କମିଟି ଅଧକ୍ଷ ପଦ ପାଇଁ ବୁଧବାର ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା । ନିର୍ବାଚନ ଅଧିକାରୀ ଭାବେ ଅତିରିକ୍ତ କମିସନର ଲକ୍ଷ୍ମୀକାନ୍ତ ସେଠୀ ନାମାଙ୍କନପତ୍ରଗୁଡ଼ିକୁ ଯାଞ୍ଚ କରିବା ପରେ ସବୁ ପ୍ରାର୍ଥିପତ୍ର କାଏମ ରଖିଥିଲେ । ଯାଞ୍ଚ ପରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଘୋଷଣା କରାଯାଇଥିଲେ ମଧ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ନାମାଙ୍କନ ପତ୍ର ପ୍ରତ୍ୟାହାର କରିନଥିଲେ । ଅନ୍ୟପଟେ କୌଣସି କମିଟି ଅଧକ୍ଷ ପଦ ପାଇଁ ଏକାଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱୀ ନଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଯେଉଁମାନେ ପୂର୍ବରୁ ଅଧ୍ୟକ୍ଷ ଭାବେ ରହିଥିଲେ, ସେହିମାନେ ସମାନ ଉପବିଭାଗଗୁଡିକର ଅଧ୍ୟକ୍ଷ ରହିଛନ୍ତି ବୋଲି ବିଏମସି ପକ୍ଷରୁ କୁହାଯାଇଛି । ଷ୍ଟାଣ୍ଡି କମିଟି ମଧ୍ୟରେ ଟ୍ୟାକସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ପାଇଁ ୱାର୍ଡ଼ ନଂ ୬ର କର୍ପୋରେଟର ପ୍ରିତୀନନ୍ଦା ରାଉତରାୟ, ଜନସ୍ୱାସ୍ଥ୍ୟ, ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ, ଡ୍ରେନେଜ୍ ଓ ପରିବେଶ ଷ୍ଟାଣ୍ଡିଂ କମିଟି ପାଇଁ ୱାଡ଼ ନଂ୫୯ର କର୍ପୋରେଟର ବିରଞ୍ଚତ୍ ନାରାୟଣ ମହାସୁପକାର, ସର୍ବସାଧାରଣ କାର୍ଯ୍ୟ ଷ୍ଟାଣ୍ଡି କମିଟି ପାଇଁ ୱାର୍ଡ଼ ନଂ୪୫ କର୍ପୋରେଟର ଅମରେଶ ଜେନା, ଯୋଜନା ଏବଂ ବିକାଶ ଷ୍ଟାଣ୍ଡିଂ କମିଟି ପାଇଁ ୱାର୍ଡ଼ ନଂ ୩୨ର କର୍ପୋରେଟର ଶ୍ରୀଧର ଜେନା, ଶିକ୍ଷା, ମନୋରଞ୍ଜନ ଏବଂ ସଂସ୍କୃତି ଷ୍ଟାଣ୍ଡି କମିଟି ପାଇଁ ୱାର୍ଡ଼୧ର କର୍ପୋରେଟର ମିହିର ରାଉତ, ଲାଇସେନ୍ସ ଏବଂ ଅପିଲ୍ ଷ୍ଟାଣ୍ଡି କମିଟି ପାଇଁ ୱାର୍ଡ଼୨୦ର ପ୍ରେମାନନ୍ଦ ଜେନା, କର୍ପୋରେସନ୍ ପ୍ରତିଷ୍ଠା ଷ୍ଟାଣ୍ଡି କମିଟି ୱାର୍ଡ଼ ନଂ୩୧ର କର୍ପୋରେଟର କୁମାରେନ୍ଦ୍ର ମହାପାତ୍ର, ଅଭିଯୋଗ ଏବଂ ସାମାଜିକ ନ୍ୟାୟ କମିଟି ପାଇଁ ୱାର୍ଡ଼ ନଂ୫୧ର କର୍ପୋରେଟର ବିନୟିନୀ ଜେନା, ବସ୍ତିବାସିନ୍ଦା ଥଇଥାନ ସମ୍ପର୍କିତ ଅତିରିକ୍ତ କମିଟି ପାଇଁ ୱାର୍ଡ଼ ନଂ୫୩ର କର୍ପୋରେଟର ମହାମାୟା ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ବିଏମ୍ସି ଏକାମ୍ର ହଲରେ ଅନୁଷ୍ଠିତ ଏହି ନିର୍ବାଚନରେ ଡେପୁଟି ମେୟର ମଂଜୁଲତା କଅଁର, ସ୍ୱତନ୍ତ୍ର କର୍ପୋରେସନ ଅଧିକାରୀ ଡେପୁଟି କମିସନର ସପନ କୁମାର ନନ୍ଦ ଏବଂ ଆସିଟାଣ୍ଟ କମିସନର ଏନ. ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



କଟକ(ପିପିଏସ୍): ମନ, ବୁଦ୍ଧି ଓ ଶରୀରର ସମତୁଲ ବିକାଶ ଏବଂ ନିୟନ୍ତ୍ରଣ ପାଇଁ ଯୋଗ ହେଉଛି ସର୍ବଶ୍ରେଷ୍ଠ ମାଧ୍ୟମ। ଚାରିଯୋଗ ମଧ୍ୟରୁ ରାଜଯୋଗ ହେଉଛି ସର୍ବଶ୍ରେଷ୍ଠ । ମାନବିକତା ଆଧାରରେ ସମଗ୍ର ବିଶ୍ୱକୁ ଏକ ପରିବାର ରୂପେ ଦେଖିବା ସହିତ ସମସ୍ତଙ୍କର ସର୍ବବିଧ କଲ୍ୟାଣ ଏବଂ ସୁସ୍ଥ ଶରୀର ପାଇଁ ଯୋଗ ଆମକୁ ଅନୁପ୍ରେରିତ କରିଥାଏ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ପ୍ରତ୍ୟୁଷରେ ରାଜାବଗିଚା ହାଇସ୍କୁଲ ପଡିଆରେ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଅର୍ନ୍ତରାଷ୍ଟ୍ରୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ କଟକର ମେୟର ସୁବାଷ ସିଂହ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ ଏବଂ ଯୋଗ ଭାରତୀୟ ସଂସ୍କୃତିର ଆତ୍ମା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସବ୍‌ଜୋନ୍‌ର ମୁଖ୍ୟ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ କମଲେଶ ଦିଦି ଆର୍ଶୀବଚନ ପ୍ରଦାନ କରିବା ବେଳେ ଉପନିର୍ଦ୍ଦେଶିକା ବ୍ର.କୁ. ସୁଲୋଚନା ରାଜଯୋଗ ସାଧନା ବିଷୟରେ ବୁଝାଇଥିଲେ। ଉତ୍ସବରେ ବିଶିଷ୍ଟ ବ୍ୟକ୍ତି ଅତିଥି ରୂପେ ଯୋଗ ଦେଇଥିଲେ ବିଶିଷ୍ଟ ସାମ୍ବାଦିକ ବ୍ର.କୁ. ଅରୁଣ କୁମାର ପଣ୍ଡା ମାଙ୍କଡ ମନକୁ ସ୍ଥିର କରିବା ସହିତ ଜୀବନରେ କର୍ମ କୁଶଳତା ପାଇଁ ଯୋଗ ମହାନ ମାଧ୍ୟମ ବୋଲି କହିଥିଲେ। ସ୍ଥାନୀୟ କର୍ପୋରେଟର୍ ବନଲତା ପ୍ରଧାନ, ନେତାଜୀ ସ୍ମାରକୀ ମହାବିଦ୍ୟାଳୟର ଅଧକ୍ଷା ଶୁଭଦର୍ଶିନୀ ମହାନ୍ତି, ବ୍ର.କୁ. ନଥମଲ, ରାଜାବଗିଚା ହାଇସ୍କଲର ପ୍ରଧାନଶିକ୍ଷକ ସତ୍ୟନାରାୟଣ ଦାଶ, ଶାରୀରିକ ଶିକ୍ଷା ପରିଦର୍ଶିକା ସୁଶ୍ରୀ ସୌଦାମିନୀ ପ୍ରମୁଖ ଅତିଥି ରୂପେ ଯୋଗ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। କର୍କଟ ଗବେଷଣା କେନ୍ଦ୍ରର ପ୍ରଶାସିକା ବ୍ର.କୁ. ପ୍ରତିଭା ପୃଷ୍ଟି ସାଗତ ଭାଷଣ ଦେଇଥିବା ବେଳେ ବ୍ର.କୁ. ମୋହନ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ର.କୁ. ଦେବସ୍ମିତା ମଂଚ ପରିଚାଳନା କରିଥିଲେ। ଭୋର ୪.୦୦ରୁ ୬.୧୫ ପର୍ଯ୍ୟନ୍ତ ସାମୁହିକ ଧାନ ଏବଂ ମୁରଲୀ ପାଠ କରାଯାଇଥିଲା। ୮ଟାରୁ ୮.୩୦ ପର୍ଯ୍ୟନ୍ତ ଯୋଗାସାନ ଏବଂ ପ୍ରାଣାୟାମର ଅଭ୍ୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦୦ ରୁ ଅଧିକ ଛାତ୍ରଛାତ୍ରୀ ଓ ବ୍ୟକ୍ତି ଯୋଗ ଦେଇଥିଲେ।

## ନନ୍ଦପୁର ନାଥସାହିରେ ସପ୍ତା ପୂଜା

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଚକ ପଞ୍ଚାୟତ ଅଧୀନ ନନ୍ଦପୁର ନାଥସାହି ଗ୍ରାମରେ ସପ୍ତାପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ସପ୍ତା ପୂଜା ଜୁନ୍ ୧୩ ତାରିଖ ଠାରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ସପ୍ତାପୂଜାରେ କଳସବୁଡ଼ା ସହିତ ଜଗନ୍ନାଥଙ୍କ ମୂର୍ତ୍ତି ପୂଜା କରାଯାଇଥିଲା। ପ୍ରଥମ ଦିନରୁ ୭ଦିନ ପର୍ଯ୍ୟନ୍ତ ଭାଗବତ ପାଠ ସମେତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ରାଜକିଶୋର ନାଥ, ଧର୍ମପତ୍ନୀ ମନୋରମା ନାଥ ପୂଜା କାର୍ଯ୍ୟ ସମାପନ କରିଥିବା ବେଳେ ପୂଜକ ଭାବେ ବୈରାଗି ଶତପଥି, ତ୍ରିଲୋଚନ ଦାସ, କମଳଲୋଚନ ପଣ୍ଡା ଓ ସଞ୍ଜୟ କୁମାର ନାଥ ପୂଜା କାର୍ଯ୍ୟ ସହିତ ଭାଗବତ ପାଠ କରିଥିଲେ। ଭାଗବତ ପାଠରେ ଶ୍ରୋତା ଭାବେ ସନାତନ ମଲିକ, ବୁଦ୍ଧିବେହେରା, ସାବିତ୍ରୀ ନାଥ ପ୍ରମୁଖ ଯୋଗ ଦେଇଥିଲେ। କମିଟିର କର୍ମକର୍ତ୍ତା ଅନ୍ତର୍ଯ୍ୟାମୀ ନାଥ, ସୁବାସ ନାଥ, ହୃଦାନନ୍ଦ ନାଥ, ମାନସ ନାଥ, ଦୋଳଗୋବିନ୍ଦ ବେହେରା, ଗଣେଶ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୯ମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ
# ଯୋଗ ଏକ ଶାରୀରିକ, ମାନସିକ ଏବଂ ଆଧାତ୍ମିକ ଅଭ୍ୟାସ

ଭୁବନେଶ୍ୱର,(ପିପିଏସ୍): ୯ମ ଆନ୍ତର୍ଜାତିକ ଯୋଗ ଦିବସ। ଏହି ଅବସରରେ ଗାଁ ଠୁ ସହର ସବୁ କୋଣ ଅନୁକୋଣରେ ଯୋଗ ଦିବସ ପାଳନ କରାଯାଇଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଭୁବନେଶ୍ୱର ସ୍ଥିତ ମୂଳା ପଡିଆଠାରେ ଯୋଗ କରିବା ସହ ସମଗ୍ର ଓଡିଶାବାସୀଙ୍କୁ ଯୋଗ ମାଧ୍ୟମରେ ନିରୋଗ ରହିବା ପାଇଁ ବାର୍ତା ଦେଇଛନ୍ତି। ଯୋଗ ଦ୍ୱାରା ଶରୀର ସୁସ୍ଥ ରହିବା ସହ ବିଭିନ୍ନ ରୋଗ ମଧ୍ୟ ଭଲ ହୋଇଥାଏ। କେବଳ ଯୋଗ ଦିବସରେ ନୁହେଁ ନିୟମିତ ଯୋଗ କରିବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି ଶ୍ରୀ ସାମଲ। ଶ୍ରୀ ସାମଲ କହିଛନ୍ତି ଯେ, ଯୋଗ ଏକ ଶାରୀରିକ, ମାନସିକ ଏବଂ ଆଧାତ୍ମିକ ଅଭ୍ୟାସ । ୬୦୦୦ ବର୍ଷ ପୂର୍ବେ ଭାରତରେ ଯୋଗର ଉତ୍ପତି ହୋଇଥିଲା । ବୈଦିକ ଯୁଗର ପରମ୍ପରା ଅନୁସାରେ ଯୋଗ ହିଁ ସମସ୍ତ ରୋଗର ନିବାରକ ହୋଇପାରିବ ବୋଲି ବେଦ ଓ ଉପନିଷେଦରେ ବର୍ଣ୍ଣିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନକୁ ଆସିବା ପରେ ଯୋଗକୁ ଗୁରୁତ୍ୱ ଦେଇଥିଲେ।

ମୋଦିଜୀଙ୍କ ପ୍ରୟାସ କ୍ରମେ ଆନ୍ତର୍ଜାତୀୟ ସ୍ତରରେ ଯୋଗ ଦିବସକୁ ପାଳନ କରିବା ପାଇଁ ମିଳିତ ଜାତିସଂଘ ଅଧିବେସନ ଦ୍ୱାରା ଡିସେମ୍ବର ୧୧,୨୦୧୪ରେ ସଂକଳ୍ପ ହୋଇଥିଲା । ଭାରତର ଯୋଗାଭ୍ୟାସକୁ ସମଗ୍ର ବିଶ୍ୱ ଆପଣାଇଛି । ଯୋଗ କରିବା ଦ୍ୱାରା ଆମର ଶାରୀରିକ ଏବଂ ମାନସିକସ୍ତରରେ ସକରାତ୍ମକ ବାତାବରଣ ସୃଷ୍ଟି ହେବା ସହ ଆମ ଶୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ପ୍ରତିଦିନ ନିୟମିତ ରୂପରେ ଯୋଗାଭ୍ୟାସ କଲେ ମନୁଷ୍ୟ ଶରୀରରେ ଦେଖାଯାଉଥିବା ବହୁବିଧ ରୋଗ ନିୟନ୍ତ୍ରଣ ହୋଇଥାଏ ବୋଲି ଶ୍ରୀ ସାମଲ କହିଛନ୍ତି ।

ଏହି ଯୋଗ ଦିବସରେ ଶ୍ରୀ ସାମଲଙ୍କ ସହ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତା ଓ ସାଧାରଣ ନାଗରିକ ଉପସ୍ଥିତ ଥିଲେ। ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜ୍ୟର ଅନେକ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଛି।

# ଇଞ୍ଜିନିୟର ସନ୍ନ୍ୟାସୀ ପଣ୍ଡାଙ୍କୁ ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସମ୍ମାନ



ଫୁଲନଖରା,(ପିପିଏସ),କଟକ ଜିଲ୍ଲା ଦେବୀ -କନ୍ଦଳ ଦ୍ୱୀପାଞ୍ଚଳର ପତ୍ରକଣା ସ୍ଥିତ ଆପେକ୍ସ ଆଇଟିଆଇର ଅଧକ୍ଷ ଇଞ୍ଜିନିୟର ସନ୍ନ୍ୟାସୀ ପଣ୍ଡାଙ୍କୁ ପ୍ରତିଷ୍ଠିତ ଅନୁଷ୍ଠାନ ହାପି ଲିଭିଂ ଫାଉଣ୍ଡେସନ, ଭୁବନେଶ୍ୱର ତରଫରୁ ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସମ୍ମାନରେ ସମ୍ମାନିତ କରାଯାଇଛି । ଅନୁଷ୍ଠାନର ୨୬ତମ ପ୍ରତିଷ୍ଠା ଦିବସ ଓ ରଜପର୍ବ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ବ୍ଲାଇଣ୍ଡ ଆସୋସିଏସନ ପ୍ରେକ୍ଷାଳୟ ରେ ଆୟୋଜିତ ଏକ ବିରାଟ ସଭାରେ 'କନକ ନିଉଜ୍ ' ର ନିର୍ଦ୍ଦେଶକ ପୃଥିବୀ ବଲ୍ଲଭ ପଟ୍ଟନାୟକ, ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥୀ, ବେଦ ବିଦ୍ୱାନ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,ଅନୁଷ୍ଠାନର ଅଧକ୍ଷ ଆନ୍ତର୍ଜାତିକ ବାସ୍ତୁବିତ ଡଃ ମନୋଜ କୁମାର ଲେଙ୍କା,ଚଳଚ୍ଚିତ୍ର ଅଭିନେତା ବବି ମିଶ୍ର ପ୍ରମୁଖ ଉପସ୍ଥିତ ରହି ଇଞ୍ଜିନିୟର ଶ୍ରୀସନ୍ନ୍ୟାସୀ ଜୀଙ୍କୁ ଫଳକ, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ । ଲୋକପ୍ରିୟ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧକ୍ଷନେ' ସମ୍ପାଦକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶ୍ରୀସନ୍ନ୍ୟାସୀ ଜୀଙ୍କ ଆଧ୍ୟାତ୍ମିକ ସ୍ତମ୍ଭ ଓଡିଶାର ବହୁ ଗଣମାଧ୍ୟମରେ ପ୍ରକାଶିତ ଏବଂ ପଶଂସିତ ଏବଂ ତାଙ୍କ ଆଧ୍ୟାତ୍ମିକ ବିଚାର ବିଭିନ୍ନ ବୈଦ୍ୟୁତିକ ଚ୍ୟାନେଲରେ ପ୍ରଚାରିତ । ଚଳିତବର୍ଷ ବିଶ୍ୱପ୍ରସିଦ୍ଧ ରଥ ଯାତ୍ରାର ଉଦ୍‌ଘୋଷକ ଭାବେ ବୈଦ୍ୟୁତିକ ଗଣମାଧ୍ୟମ 'କନକ ନିଉଜ୍'ରେ ସେ ଧାରା ବିବରଣୀ ପ୍ରଦାନ କରୁଛନ୍ତି ।

## ୨୭ରେ ଜିଲ୍ଲାର ସଦର ମହକୁମାରେ ଟାଟା ପାୱାର ମୁଖ୍ୟ କାର୍ଯ୍ୟାଳୟ ଘେରିବ କଂଗ୍ରେସ

ଭୁବନେଶ୍ୱର, (ପିପିଏସ୍): ସାରା ରାଜ୍ୟରେ ଘଂଟା ଘଂଟା ଧରି ବିଦ୍ୟୁତ କାଟ୍ ଏବଂ ଅହେତୁକ ବିଦ୍ୟୁତ୍ ଦର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଜୁନ୍ ୨୭ ତାରିଖ (ମଙ୍ଗଳବାର ଦିନ) ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜିଲ୍ଲା ସଦର ମହକୁମାରେ ଥିବା ବିଦ୍ୟୁତ ଅଧିକାରୀଙ୍କ ମୁଖ୍ୟ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ ଘଟିକାରେ ଆରମ୍ଭ କରାଯିବ।

ବିଦ୍ୟୁତ କାଟ୍ ବନ୍ଦ, ଗ୍ରାହକଙ୍କୁ ନିରବିଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ କରା ଯିବା ସହ ବିଦ୍ୟୁତ ଭିତିଭୂମିର ବିକାଶ ପାଇଁ ୨୦୧୦ ମସିହାରୁ ୨୦୨୨ ମସିହା ମଧ୍ୟରେ ଖର୍ଚ୍ଚ ହୋଇଥିବା ୧୫ ହଜାର କୋଟି ଟଙ୍କାର ଶ୍ୱେତପତ୍ର ସରକାର ତୁରନ୍ତ ପ୍ରକାଶ କରନ୍ତୁ ବୋଲି କଂଗ୍ରେସ ଦଳ ପକ୍ଷରୁ ଦାବି କରା ଯାଇଛି । ସେହିପରି ବିଦ୍ୟୁତ ଦେୟ ୟୁନିଟ୍ ପିଛା ୨ ଟଙ୍କା କୁ ହ୍ରାସ କରାଯାଉ ଏବଂ ବିଦ୍ୟୁତ ଦେୟ ପୈଠ ଏକ ନିର୍ଦ୍ଦିଷ୍ଟ ତାରିଖରେ କରାଯାଉ ଓ ପୂର୍ବ ବକେୟା ବିଲ୍ ଉପରେ ସୁଧ ସହ ଆଦାୟ ତୁରନ୍ତ ବନ୍ଦ କରାଯାଉ ବୋଲି ଦଳ ଦାବି କରିଛି । ଯଦି ଟାଟା ପାୱାର କୌଣସି ଜୋର ଜୁଲମ୍ ଗ୍ରାହକଙ୍କ ଉପରେ କରୁଛନ୍ତି ତୁରନ୍ତ ଆମକୁ ଜଣାନ୍ତୁ ବୋଲି ପ୍ରଦେଶ କଂଗ୍ରେସ ସଭାପତି ସ୍ପଷ୍ଟ ଭାବେ କହିଛନ୍ତି ।

# ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ସାମୂହିକ ଅଭ୍ୟାସ




କଟକ(ପିପିଏସ୍): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍‌ର ଦାଉଦ୍‌ପୁର, ନଗସପୁର ଓ ଶିର୍ଲୋ ଗ୍ରାମପଞ୍ଚାୟତରେ ଥିବା ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପ୍ରସ୍ତୁତି ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ କଟକ ଜିଲ୍ଲାର ଡେପୁଟି କଲେକ୍ଟର ଇମର୍‌ଜେନ୍ସି ଶଶାଙ୍କ ଶେଖର ମିଶ୍ର, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ରାଜଲକ୍ଷ୍ମୀ ଓଝା, ନିଶ୍ଚିନ୍ତକୋଇଲି ବ୍ଲକ୍ ଉନ୍ନୟନ ଅଧିକାରୀ ଦିବଜ୍ୟୋତି ସ୍ମୃତିରଂଜନ ଦେଓ, ନଗସପୁର ସରପଞ୍ଚ ଶ୍ରୀମତୀ ପୁଷ୍ପଲତା ମଲ୍ଲିକ, ଦାଉଦପୁର ସରପଞ୍ଚ ଲଳିତେନ୍ଦୁ ବିଶୋଇ, ସମିତି ସଭ୍ୟ ଦେବେନ୍ଦ୍ର ନାଥ ବେହେରା, ଆଶିଷ ମର୍ହି, ସରପଞ୍ଚ ସିପ୍ରା ଭୋଇ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ତ୍ରିପୁରା ମୋହିନୀ ଶତପଥୀ ପ୍ରମୁଖ ଯୋଗଦେଇ ବାତ୍ୟା ଓ ବନ୍ୟା ପରି ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କିପରି ଉଦ୍ଧାର କରାଯାଇପାରିବ ସେ ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ। ଏହି ଅଭ୍ୟାସଟି ବିପର୍ଯ୍ୟୟ ମୁକାବିଲାରେ ଜଡିତ ବିଭିନ୍ନ ହିତାଧିକାରୀ ଏବଂ ଏଜେନ୍ସି ମାନଙ୍କ ମାଧ୍ୟମରେ ସମନ୍ୱୟ ଓ ସହଯୋଗ ରକ୍ଷା କରିବା ସହ ବିପର୍ଯ୍ୟୟ ପରିସ୍ଥିତିରେ ଅଂଶଗ୍ରହଣକାରୀମାନେ ସେମାନଙ୍କର ଭୂମିକା, ଦାୟିତ୍ୱ ଓ ସାମର୍ଥ୍ୟକୁ କିପରି ସଫଳତାର ସହ ପ୍ରତିପାଦନ କରିପାରିବେ ସେ ସବୁକୁ ବିସ୍ତୃତ ଭାବରେ ଉପସ୍ଥାପନା କରିଥିଲେ। ଉକ୍ତ ଅଭ୍ୟାସ କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ଅଗ୍ନିସମ ବିଭାଗ ପକ୍ଷରୁ ଅଗ୍ନିକାଣ୍ଡ, ବାତ୍ୟା ବନ୍ୟା ପୂର୍ବରୁ ଓ ପରେ ଲୋକମାନଙ୍କୁ କିପରି ଉଦ୍ଧାର କରିପାରି ସ୍ଥାନାନ୍ତରଣ କରାଯାଇ ପାରିବ ସେ ଉପରେ ମକ୍‌ଡ୍ରିଲ୍ କରି ଡେମୋ ଦେଖାଇଥିଲେ। କଟକ ଜିଲ୍ଲା ସ୍ୱେଚ୍ଛାସେବୀ ସମନ୍ୱୟ ସମିତିର ଆବାହକ ତଥା ଉତ୍କଳ ସେବକ ସମାଜର ସଂପାଦକ ଅମୀୟ ଭୂଷଣ ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲାବେଳେ ଅନୁଷ୍ଠାନର ପ୍ରତିନିଧି ମଳୟ କୁମାର ଷଡଙ୍ଗୀ ବହୁମୁଖୀ ବିପର୍ଯ୍ୟୟ ଅଶ୍ରୟସ୍ଥଳୀମାନଙ୍କରେ ଉପସ୍ଥିତ ରହି ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନଗସପୁର ବାତ୍ୟା ଆଶ୍ରୟସ୍ଥଳୀର ସଂପାଦକ ଯଯାତୀ କେଶରୀ ମଲ୍ଲିକ, ଦାଉଦପୁର ର ସଂପାଦକ ରବି ନାରାୟଣ ନାୟକ ଓ ଶିର୍ଲୋ ବ୍ରାହ୍ମଣଖଣ୍ଡ ର ସଂପାଦକ ସୁରଥ ଚନ୍ଦ୍ର ବେହେରା ପରିଚାଳନା କରିଥିବାବେଳେ ଅନୀତା ପୃଷ୍ଟି,ସରସତୀ ସାମଲ, ରୋସ୍ନାରା ଖାତୁନ୍ ସହଯୋଗ କରିଥିଲେ।

# ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



ଭଦ୍ରକ, (ପିପିଏସ୍): ଅନ୍ତର୍ଜାତୀୟ ଯୋଗ ଦିବସ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାରେ ପାଳନ କରାଯାଇଥିଲା। ସକାଳ ୬ ଘଟିକା ସମୟରେ ସହରର ବହୁ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ସଂଗଠନ, ଯୁବକ, ଛାତ୍ରଛାତ୍ରୀ, ମହିଳା ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ। ଯୋଗଗୁରୁ ତଥା ପ୍ରଚାରକ ଧରଣୀଧର କର ଯୋଗ ଶିକ୍ଷକ ସଂଜିବ, ସଂଯୋଜକ ବସନ୍ତ ଖିଲାର, ଅଭିଲିପ୍‌ସା ସାହୁ, ମଧୁସ୍ମିତା ନାୟକ, ସ୍ମିତା ଆଇଚ ଯୋଗ ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଭଗବାନ ପଣ୍ଡା, ଦିବ୍ୟାଂଶ ପାଢୀ, ସନ୍ତୋଷ ସାହୁ, ତପନ ମହାନ୍ତି ପ୍ରମୁଖ ସଂଯୋଜନା କରିଥିଲେ। ଭଦ୍ରକ ଜିଲ୍ଲା ଯୋଗ ମହୋତ୍ସବ ସମିତି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ନଗରବାସୀ ସତଃପ୍ରବୃତ୍ତ ଭାବେ ଯୋଗ ଦେଇ ଯୋଗ ଶିକ୍ଷା କରିଥିଲେ। ଯୋଗ ସମ୍ପର୍କୀତ କାର୍ଯ୍ୟକ୍ରମ ସମ୍ପର୍କରେ ଡାକ୍ତର ପ୍ରଦୀପ ନାୟକ, ଶଶାଙ୍କ ମିଶ୍ର, ବଦ୍ରିନାରାୟଣ ଧଳ, ହେମନ୍ତ ପାଢୀ, ଅଭିମନ୍ୟୁ ସେଠୀ, ମାନସ ମହାନ୍ତି, ଦେବାଂଶୁ ରାଉତ, କଳ୍ପନା ଜେନା, ଚୈତାଳୀ ଖିଲାର ପ୍ରମୁଖ ବିଭିନ୍ନ ସୂଚନା ଦେଇଥିବା ବେଳେ ଅମ୍ବିକା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଭର ସ୍ୱେଚ୍ଛାସେବୀଙ୍କ ପୁରୀ ରଥଯାତ୍ରା ଶିବିରରେ ଯୋଗଦାନ



ବାଙ୍କୀ, (ପିପିଏସ୍): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଙ୍କିତ୍ ଅଂଶୁମାନ ଜେନା, ସନ୍ଦୀପ୍ କୁମାର ପଣ୍ଡା, ଆଶିଷ କୁମାର ବେହେରା, ସୋମନାଥ ବେହେରା, ଅଶୋକ କୁମାର ଦାଶ ଓ ଅମୀତ୍ କୁମାର ଛୋଟରାୟ ପ୍ରମୁଖ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଗାଇଡ୍ସ ଆନୁକୂଲ୍ୟରେ ପୁରୀ ରଥଯାତ୍ରା ସେବା ଶିବିରରେ ଯୋଗଦାନ କରି ପ୍ରଶଂସୀତ ହୋଇଛନ୍ତି । ସ୍ୱେଚ୍ଛାସେବୀମାନେ ଜୁନ୍ ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପି ସେବା ଶିବିରରେ ଯୋଗଦାନ କରି ପୁରୀ ରଥ ଦାଣ୍ଡ ସଫେଇ କରିବା ସହ ଭକ୍ତମାନଙ୍କ ଉପରେ ରୌଦ୍ରତାପରୁ ରକ୍ଷା ନିମନ୍ତେ ପାଣି ସିଞ୍ଚନ ଆଦି କାର୍ଯ୍ୟରେ ନିୟୋଜିତ ଥିଲେ। ଏତାଦୃଶ ସଫଳତା ପାଇଁ ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ଓ ବାଙ୍କୀ କଲେଜର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସ୍ୱେଚ୍ଛାସେବୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ପୂର୍ବ ଶତ୍ରୁତାରୁ ପରିବାର ଉପରେ ଆକ୍ରମଣ ଅଭିଯୋଗ
## ଆଇନଶୃଙ୍ଖଳା ପାଇଁ ପୋଲିସ ମୁତୟନ, ଗାଁ ପୁରୁଷ ଶୂନ୍ୟ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ବାରସର ପଞ୍ଚାୟତ ଅଧୀନ କେଳାସାହି ଗ୍ରାମରେ ମଙ୍ଗଳବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୁଦ୍ଧିରାମ ଦାସଙ୍କ ପରିବାର ଉପରେ ସେହି ଗ୍ରାମର କେତେକ ବ୍ୟକ୍ତି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେମାନେ ବୁଦ୍ଧିରାମ ଘର ଭିତରେ ପଶି ସୁନା, ଟଙ୍କା ଲୁଟ୍ କରିବା ସହ ବାଇକ୍, ଟିଭି, ଫ୍ରିଜ୍, ଚେୟାର ଆଦି ବିଭିନ୍ନ ସମାଗ୍ରୀ ଭଙ୍ଗାରୁଜା କରିଥିବା ଦର୍ଶାଯାଇଛି। ଏ ସମ୍ପର୍କରେ ପୁଲିସ କେଶ୍ ନଂ ୧୧୫/୨୩, ଦଫା ୧୪୭, ୧୪୮, ୪୫୨, ୪୨୭, ୩୮୦, ୩୦୭, ୨୯୪, ୫୦୬ ଓ ୧୪୯ରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ବୁଦ୍ଧିରାମଙ୍କ ଅଭିଯୋଗରୁ ପ୍ରକାଶ ଯେ, ପୂର୍ବରୁ ବୁଦ୍ଧିରାମ ଦାସଙ୍କ ପରିବାର ସହିତ ସେହିଗ୍ରାମର କେତେକ ପରିବାରଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ମଙ୍ଗଳବାର ସନ୍ଧ୍ୟାରେ ବୁଦ୍ଧିରାମଙ୍କ ପୁଅ ଗଗନ ତାଙ୍କ ସମ୍ପର୍କୀୟଙ୍କ ସହିତ କଥା ହେଉଥିଲେ। ଏହି ସମୟରେ ଗ୍ରାମର ଶାନ୍ତନୁ ଦାସ, ସୁରେଶ ଦାସ, ରତିକାନ୍ତ ଦାସ, ଧୂମ ଦାସ, ମନମୋହନ ଦାସ, ଉଦୟ ଦାସ, ଯୋଗେନ୍ଦ୍ର ଦାସ, ଅଜୟ ଦାସ ପ୍ରମୁଖଙ୍କ ସହିତ ଅନ୍ୟ କେତେକ ବ୍ୟକ୍ତି ଗଗନକୁ ବିରୋଧ କରିବା ସହିତ ଆକ୍ରମଣ କରିଥିଲେ। ପରେ ସେମାନେ ଗଗନଙ୍କ ଘରକୁ ପଶି ଅନ୍ୟ ସଦସ୍ୟଙ୍କୁ ଆକ୍ରମଣ କରିବା ସଂଗେ ସଂଗେ ଘରର ଆସବାବପତ୍ର ଭଙ୍ଗାରୁଜା କରି ଟଙ୍କା ଓ ସୁନା ଲୁଟ୍ କରିଥିବା ଅଭିଯୋଗରେ ଦର୍ଶା ଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ପୀରହାଟ ଥାନା ଅଧିକାରୀ ଗୟାଧର ବେହେରା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଅନୁଧ୍ୟାନ କରିଥିଲେ। ପରେ ଚାନ୍ଦବାଲି ଏସଡିପିଓ ଦେବୀଶଙ୍କର ପ୍ରତାପ ମଧ ଘଟଣା ସ୍ଥଳକୁ ଯାଇ ପରିସ୍ଥିତି ନିୟନ୍ତ୍ରଣ କରିବା ଉପରେ ପଦକ୍ଷେପ ନେଇ ପୁଲିସ ଫୋର୍ସ ମୁତୟନ କରାଇଥିବା ଜଣାପଡ଼ିଛି। ସେହିପରି ଅପର ପକ୍ଷର ସର୍ବେଶ୍ୱର ଦାସଙ୍କ ଅଭିଯୋଗ ମୂଳେ ପୁଲିସ ୧୧୪/୨୩ ଦଫା ୩୪୧, ୩୨୩, ୩୪ ଆଇପିସି ମୂଳେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ତେବେ ଏହି ଘଟଣା ପରେ କେଳାସାହି ଗାଁ ପୁରୁଷ ଶୂନ୍ୟ ହୋଇ ପଡ଼ିଥିବା ଜଣାପଡ଼ିଛି।

## ସୁରେନ୍ଦ୍ର ମହାନ୍ତିଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, (ପିପିଏସ୍):କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶିଷ୍ଟ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ବିଶିଷ୍ଟ ସାହିତ୍ୟିକ 'କଥାଶିଳ୍ପୀ' ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

# ବାଙ୍କୀରେ ଆର୍ନ୍ତଜାତିକ ଯୋଗଦିବସ ପାଳିତ




ବାଙ୍କୀ, (ପିପିଏସ): ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତସ୍ଥ ସାମନ୍ତରାପୁର ଇନ୍ଦିରାପ୍ରିୟଦର୍ଶିନୀ ହରିଜନ ଆଦିବାସୀ ଉଚ୍ଚବିଦ୍ୟାଳୟ ପରିସରରେ ଆର୍ନ୍ତଜାତିକ ଯୋଗଦିବସ ପାଳିତ ହୋଇଯାଇଛି। ବାଙ୍କୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ଓ କଟକ ନେହେରୁ ଯୁବସଂଗଠନର ମିଳିତ ସହଯୋଗରେ ଏବଂ ନେହରୁ ଯୁବକେନ୍ଦ୍ର ସଂଗଠନର ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ଦାସ ଓ ସହଯୋଗୀ ଗଙ୍ଗାଧର ବେହେରାଙ୍କ ତତ୍ତ୍ୱାବଧାନରେ ଯୋଗଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନ କରି ଯୋଗାଭ୍ୟାସ କରିଥିଲେ। ଯୋଗ ଶିକ୍ଷକ କୁମାର ଅମୀୟ ଓ ଜେଡ୍ ଫାଉଣ୍ଡେସନ୍ ଯୋଗକେନ୍ଦ୍ରର ଛାତ୍ରୀ ତେଜସ୍ୱିନୀ ଲେଙ୍କା ବିଭିନ୍ନ ପ୍ରକାରର ଯୋଗ, ସୂର୍ଯ୍ୟ ନମସ୍କାର, ଆସନ ଓ ପ୍ରାଣାୟମ ଆଦି ଶିଖାଇଥିଲେ। ଆଦର୍ଶ ଯୁବ ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଷଡଙ୍ଗୀ ସଭାପତିତ୍ୱ କରି ଯୋଗଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି କହିଥିଲେ ଯୋଗ କରିବା ଦ୍ୱାରା ମଣିଷ ସୁସ୍ଥ ଓ ନିରୋଗ ହୋଇପାରିବ। ସାରା ବିଶ୍ୱରେ ଭାରତର ଆହ୍ୱାନରେ ସବୁଦେଶରେ ଯୋଗ ଶିବିରମାନ ଆୟୋଜନ ହେବା ସହ ସମସ୍ତେ କିପରି ସୁସ୍ଥ ରହିବେ ତାହାର ବାର୍ତ୍ତା ପ୍ରଦାନ କରାଯାଉଛି ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। ଯୋଗ ହିଁ ଭାରତୀୟ ସଂସ୍କୃତି ତଥା ଭାରତର ଋଷିମୁନୀଙ୍କର ଏକ ଅମ୍ଳାନ କୃତିତ୍ୱ ବୋଲି ମୁଖ୍ୟଅତିଥି ମହାପାତ୍ର କହିଥିଲେ। ସମ୍ମାନୀତ ଅତିଥି ଭାବେ କବି ବଂଶୀଧର ମହାପାତ୍ର ଯୋଗଦାନ କରି ଯୋଗଦ୍ୱାରା ସମସ୍ତେ ଉପକୃତ ହୋଇପାରିବେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଲଲାଟେନ୍ଦୁ ପଣ୍ଡା, ଚିତ୍ତରଞ୍ଜନ ବେହେରା, ମକୁନ୍ଦ ନାୟକ ପ୍ରମୁଖ ଶିବିରରେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଯୋଗ ସଂପର୍କରେ ବିଭିନ୍ନ ଉପାଦେୟ ତଥ୍ୟ କହିଥିଲେ। ଏହି ପରିପ୍ରେକ୍ଷୀରେ ଯୋଗଛାତ୍ରୀ ତେଜସ୍ୱିନୀ ଲେଙ୍କାଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆବାହକ ଅକ୍ଷୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

## ଆର୍ନ୍ତଜାତିକ ଯୋଗ ଦିବସ ପାଳନ

ବାଙ୍କୀ, (ପିପିଏସ୍): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆର୍ନ୍ତଜାତିକ ଯୋଗଦିବସ ପାଳିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଗୁରୁ ଜ୍ୟୋତି ପାଢୀ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନ କୁମାର ସାମନ୍ତରାୟ, ପ୍ରଧାନ ଆର୍ଚ୍ଚର୍ଯ୍ୟ ନରେଶ କୁମାର ମନ୍ତ୍ରୀ ଓ ସମସ୍ତ ଗୁରୁଜୀ ଗୁରୁମା' ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଦପା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବଦଳି ଦାବି
# ସ୍କୁଲ ଆଗରେ ଧାରଣା ଦେଲେ ଅଭିଭାବକ



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କାଁପଡ଼ା ପଞ୍ଚାୟତ ଅଧୀନ ଦପା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ଦାସଙ୍କୁ ବଦଳି କରାଯାଇ ଅନ୍ୟ ଜଣେ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦାବି କରି ବୁଧବାର ସ୍କୁଲ ପରିଚାଳନା କମିଟି ସଭାପତି, ସଭ୍ୟସଭ୍ୟାଙ୍କ ସମେତ ଅଭିଭାବକମାନେ ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ। ପ୍ରକାଶ ଯେ, ଦପା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଗୋପାଳ ଚନ୍ଦ୍ର ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ଶ୍ରୀ ଦାସ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଥିବା ସମୟରେ ସ୍କୁଲରେ ବିଭିନ୍ନ ଅନିୟମିତତା କରିଥିଲେ। ପୁଣି ତାଙ୍କୁ ନିୟମିତ ଭାବେ ପ୍ରଧାନ ଶିକ୍ଷକ ନିଯୁକ୍ତି ଦିଆଯାଇଛି। ଯାହାଫଳରେ ସେ ପ୍ରଧାନ ଶିକ୍ଷକ ରହିଲେ ସେହିପରି ସ୍କୁଲର ଅନିୟମିତତା କରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଦାସଙ୍କୁ ବଦଳି କରାଯିବା ନେଇ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଓ ଅଭିଭାବକମାନେ ଗତ ଏପ୍ରିଲ ୨୪ ତାରିଖରେ ଜିଲ୍ଲାପାଳ, ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। ଏଥିରେ କୌଣସି ସୁଫଳ ନମିଳିବାରୁ ପରିଚାଳନା କମିଟି ସଭାପତି ଦିଲୀପ କୁମାର ଦାସ, ସଦସ୍ୟ ଆଶିଷ କୁମାର ଦାସ, ବାବୁରାମ ବେହେରା, ମାନସ ଦାସ, ପଙ୍କଜିନୀ ଦାସ, ମାନସୀ ଦାସ, ଚନ୍ଦ୍ରାବତୀ ଦାସ, କୁନ୍ତଳା ଦାସ, ଚନ୍ଦ୍ରମଣି ଦାସ, ମିତା ଦାସ, ମଂଜୁଲତା ଦାସ, ସୋମନାଥ ଦାସ, ଗ୍ରାମ କମିଟି ସଭାପତି ଜଳଧର ବେହେରା, ଅଭିଭାବକ କାର୍ତ୍ତିକ ଦାସ, ପଦ୍ମନାଭ ଦାସ, ସନାତନ ଦାସ, ଆର୍ତ୍ତବନ୍ଧୁ ଦାସ, ବନମାଳି ଦାସ, ଗଣେଶ ଦାସ, ଦୟାନିଧି ଦାସ, ସାଧୁ ଚରଣ ଦାସ, ନିର୍ମଳ ଦାସ, ସୀତାରାଣୀ ଦାସ, ନୟନା ଦାସ ପ୍ରମୁଖ ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦାମୋଦର ଜେନା ଧାରଣାକାରୀଙ୍କ ନିକଟରେ ପହଞ୍ଚି ଖୁବ୍ ଶିଘ୍ର ପ୍ରଧାନ ଶିକ୍ଷକ ଶ୍ରୀ ଦାସଙ୍କୁ ବଦଳି କରାଯିବା ଉପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।





# ବିସିସିଆଇ ଚୟନ କମିଟିର ଅଧ୍ୟକ୍ଷ ହେବେ ବିରେନ୍ଦ୍ର ସେହ୍ୱାଗ



ମୁମ୍ବାଇ(ଏଜେନ୍ସୀ) : ବିରେନ୍ଦ୍ର ସେହୱାଗ୍‌ଙ୍କୁ ମିଳିବ ବଡ଼ ଦାୟିତ୍ୱ । ଖୁବଶୀଘ୍ର ବିଧିବଦ୍ଧ ଭାବେ ଘୋଷଣା କରିପାରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) । ହେଲେ ଏନେଇ କୌଣସି ଆଧିକାରିକ ସୂଚନା ମିଳିନାହିଁ ଜାତୀୟ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚାଅନୁସାରେ , ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ତଥା ବିସ୍ଫୋରକ ବ୍ୟାଟସମ୍ୟାନ୍ ବିରେନ୍ଦ୍ର ସେହୱାଗ୍‌ଙ୍କୁ ମୁଖ୍ୟ ଚୟନକର୍ତ୍ତା ଭାବେ ଗୁରୁଦାୟିତ୍ୱ ଦେଇପାରେ ବିସିସିଆଇ । ଚେତନ ଶର୍ମାଙ୍କ ଇସ୍ତଫା ପରେ ପୁରୁଷ ସିନିୟର କ୍ରିକେଟ୍‌ଦଳ ପାଇଁ କୌଣସି ଚୟନକର୍ତ୍ତାଙ୍କୁ ନିଯୁକ୍ତ କରାଯାଇନାହିଁ । ବରଂ ପୂର୍ବରୁ ଚୟନକର୍ତ୍ତାରେ ସାମିଲ ଥିବା ଶିବସୁନ୍ଦର ଦାସଙ୍କୁ ଅସ୍ଥାୟୀ ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଛି । ଏଭଳି ପରିସ୍ଥିତିରେ ଆଗାମୀ କିଛି ମାସ ପରେ କ୍ରିକେଟ୍‌ବିଶ୍ୱକପ୍ ୨୦୨୩ । ଖୁବଶୀଘ୍ର ଦଳ ଚୟନ ଲାଗି ପ୍ରସ୍ତୁତି ଆରମ୍ଭ କରିବେ ସିଲେକ୍ଟର । ତେବେ ବିଶ୍ୱକପ୍ ପୂର୍ବରୁ ଚୟନକର୍ତ୍ତା ବଦଳିବେ କି ବିଶ୍ୱକପ ପରେ ବଦଳିବେ , ଏନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ । ତେବେ ଯଦି ବିସିସିଆଇ ବିଶ୍ୱକପ୍ ପୂର୍ବରୁ ଚୟନକର୍ତ୍ତା ଟିମ୍‌ରେ ପରିବର୍ତ୍ତନ କରେ । ତେବେ ହୁଏତ ବିରେନ୍ଦ୍ର ସେହୱାଗଙ୍କୁ ମିଳିପାରେ ଏହି ଦାୟିତ୍ୱ । ସେହୱାଗଙ୍କ ବ୍ୟତୀତ ଆଉ କେତେ ବରିଷ୍ଠ ଖେଳାଳି ମଧ୍ୟ ଏହି ଦୌଡରେ ସାମିଲ ଅଛନ୍ତି । ଯେପରି ହରଭଜନ ସିଂହ, ଯୁବରାଜ ସିଂହ, ଜାହିର ଖାନ୍ ରହିଛନ୍ତି । ସୂଚନାଯୋଗ୍ୟ ଯେ, ବିରେନ୍ଦ୍ର ସେହୱାଗ୍୧୯୯୯ ମସିହାରେ ଆନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ । ମୋଟ ୧୦୪ଟି ଟେଷ୍ଟ ମ୍ୟାଚ୍‌ଖେଳି ୮୫୮୬ ରନ୍ ସଂଗ୍ରହ କରିଛନ୍ତି । ଏଥିରେ ୨୩ଟି ଶତକ ରହିଥିବା ବେଳେ ୩୨ଟି ଅର୍ଦ୍ଧଶତକ ର ହିଛି । ଟେଷ୍ଟରେ ସର୍ବାଧିକ ସ୍କୋର ୩୧୯ ରହିଛି । ସେହିପରି ୨୫୧ଟି ଦିନିକିଆ ମ୍ୟାଚ୍ ଖେଳି ୮୨୭୩ ରନ୍ ସଂଗ୍ରହ କରିଛନ୍ତି । ଏଥିରେ ୧୫ଟି ଶତକ ରହିଥିବା ବେଳେ ୩୮ଟି ଅର୍ଦ୍ଧଶତକ ରହିଛି । ଦିନିକିଆରେ ସର୍ବାଧିକ ସ୍କୋର ୨୧୯ ରହିଛି ।

# ଆସନ୍ତା ସପ୍ତାହରେ ଘୋଷଣା ହେବ ଦିନିକିଆ ବିଶ୍ୱକପ୍ ଖେଳସୂଚୀ




ମୁମ୍ବାଇ(ଏଜେନ୍ସୀ): ଆଉ କିଛି ମାସର ଅପେକ୍ଷା । ଏହାପରେ ଆରମ୍ଭ ହୋଇଯିବ କ୍ରିକେଟ୍‌ବିଶ୍ୱକପ ୨୦୨୩ । ଏଥିପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ଉଭୟ ବିସିସିଆଇ ଏବଂ ଆଇସିସି ପ୍ରସ୍ତୁତି ଚଳାଇଛନ୍ତି । ଏହିକ୍ରମରେ ୨୦୨୩ କ୍ରିକେଟ୍ ମହାକୁମ୍ଭ ଆସିଛି ନୂଆ ଅପଡଟ୍ । ମିଳିଥିବା ସୂଚନାନୁସାରେ, ଅକ୍ଟୋବର ମାସରେ ଭାରତରେ ହିଁ ଖେଳାଯିବ ଆଗାମୀ ଦିନିକିଆ ବିଶ୍ୱକପ୍ । ଏହି ବିଶ୍ୱକପ୍ ପୂର୍ବରୁ ଆୟୋଜକ ବିସିସିଆଇ ଏବଂ ଆଇସିସି ମୁମ୍ବାଇରେ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯାଉଛନ୍ତି । ଯେଉଁଥିରେ ୨୦୨୩ ବିଶ୍ୱକପ୍‌ର ଖେଳସୂଚୀ ଘୋଷଣା କରାଯିବ । ମୁମ୍ବାଇ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଏହି କାର୍ଯ୍ୟକ୍ରମର ଆୟୋଜନା ହେବାର ସୂଚନା ମିଳିଛି । ହେଲେ ଏବେ ଯାଏଁ ଆଇସିସି ଏବଂ ବିସିସିଆଇ ପକ୍ଷରୁ କୌଣସି ଅଧିକାରୀକ ବୟାନ ଆସିନାହିଁ । ସେହିପରି ପୂର୍ବରୁ ବିସିସିଆଇ ଆଇସିସିକୁ ଏକ ସୂଚୀ ପଠାଇଛି । ଯେଉଁଥିରେ ଦେଶର ୯ଟି ଯାକ ଭେନ୍ୟୁରେ ଲିଗ୍ ମ୍ୟାଚ୍ ଖେଳାଯିବ । ମୁମ୍ବାଇ, ଚେନ୍ନାଇ, ଅହମ୍ମଦାବାଦ, ବେଙ୍ଗାଲୁରୁ, କୋଲକାତା , ଧର୍ମଶାଳା, ଲକ୍ଷ୍ନୌ, ପୁନେ ଆଦି ସ୍ଥାନରେ ମ୍ୟାଚ୍ ଖେଳାଯିବ ନେଇ ଆୟୋଜକ ଦେଶ ସ୍ଥିର କରିଛି । ବିଶ୍ୱକପରେ ଖେଳିବାକୁ ଥିବା ସମସ୍ତ ଦେଶଙ୍କ ଆଲୋଚନା ପରେ ଆଇସିସି ଏଥିରେ ମୋହର ମାରିବ । ହୁଏତ ମୁମ୍ବାଇରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଏହି କ୍ରୀଡାସୂଚୀର ଘୋଷଣା ହୋଇପାରେ । ସୂଚନାଯୋଗ୍ୟ ଯେ, ଭାରତରେ ହିଁ ଖେଳାଯିବ ଦିନିକିଆ ବିଶ୍ୱକପ୍ ୨୦୨୩ । ଅକ୍ଟୋବର ୫ରୁ ବିଶ୍ୱକପ୍ ଆରମ୍ଭ ହେବାକୁ ଥିବା ବେଳେ ୧୯ ନଭେମ୍ବରରେ ଫାଇନାଲ ମ୍ୟାଚ୍ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ଟି ଟିମ୍ ଭାଗ ନେବେ । ବିଶ୍ୱକପ୍ ୨୦୨୩ରେ ମୋଟ ୪୮ଟି ମ୍ୟାଚ୍ ଖେଳାଯିବ।

# ପାକିସ୍ତାନକୁ ୪-୦ରେ ଧୂଳି ଚଟାଇଲା ଭାରତ



ଚେନ୍ନାଇ(ଏଜେନ୍ସୀ): ଅଧିନାୟକ ସୁନୀଲ ଛେତ୍ରୀଙ୍କ ଚମତ୍କାର ହ୍ୟାଟ୍ରିକ୍ ବଳରେ ଭାରତୀୟ ପୁରୁଷ ଫୁଟବଲ ଟିମ୍ ସାଉଥ୍ ଏସିଆନ ଫୁଟବଲ ଫେଡରେସନ ଫୁଟବଲ ଚାମ୍ପିୟନଶିପରେ ନିଜ ଧୂଆଁଧାର ଅଭିଯାନ ଆରମ୍ଭ କରିଛି । ବ୍ଲୁ ଟାଇଗର୍ସ ବୁଧବାର ବେଙ୍ଗାଲୁରୁର ଶ୍ରୀ କାନ୍ତିରବା ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରୁ-ଏରେ ନିଜର ପ୍ରଥମ ମୁକାବିଲାରେ ଚିର-ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୪-୦ରେ ଧୂଳି ଚଟାଇଛି । ଏହି ମୁକାବିଲା ପୂର୍ବରୁ ଭାରତ ଏବଂ ପାକିସ୍ତାନର ଫୁଟବଲ ଟିମ ୨୮ ଥର ପରସ୍ପରକୁ ଭେଟିଥିଲେ । ଯେଉଁଥିରୁ ଭାରତ ୧୫ ଏବଂ ପାକିସ୍ତାନ ୪ ଥର ମୁକାବିଲା ଜିତିଥିଲେ । ଦୁଇ ଟିମ ମଧ୍ୟରେ ୯ଟି ମୁକାବିଲା ଡ୍ର ରହିଛି । ୨୦୧୮ରେ ଶେଷ ମୁକାବିଲାରେ ବ୍ଲୁ ଟାଇଗର୍ସ ପାକିସ୍ତାନକୁ ୩-୧ରେ ପରାସ୍ତ କରିଥିଲା । ଇଣ୍ଟରକଣ୍ଟିନେଣ୍ଟାଲ କପ ଜିତିବାର ତିନି ଦିନ ପରେ ହିଁ ବ୍ଲୁ ଟାଇଗର୍ସ ସାଫ୍ ଫୁଟବଲ ଚାମ୍ପିୟନଶିପ ୨୦୨୩ରେ ଦମଦାର ଆରମ୍ଭ କରିଛି । ୮ ଥରର ଚାମ୍ପିୟନ ଭାରତୀୟ ଟିମ ପାଇଁ ଅଧିନାୟକ ସୁନୀଲ ଛେତ୍ରୀ ମ୍ୟାଚର ୧୬ ମିନିଟ ଭିତରେ ଦୁଇ ଗୋଲ ଦେଇ ଟିମକୁ ୨-୦ରେ ବଡ ଲିଡ୍ ଦେଇଥିଲେ । ଫିଫା ରାଙ୍କିଂରେ ୯୮ତମ ସ୍ଥାନରେ ଥିବା ଭାରତ ପାଇ ଛେତ୍ରୀ ୧୦ ମିନିଟରେ ପ୍ରଥମ ଗୋଲ ଦେଇଥିଲେ । ଏହା ତାଙ୍କ ୮୮ତମ ଅନ୍ତରାଷ୍ଟ୍ରୀୟ ଗୋଲ ଥିଲା । ଏହାର ଛଅ ମିନିଟ ପରେ ଏକ ପେନାଲ୍ଟି କର୍ଣ୍ଣାରକୁ ଛେତ୍ରୀ ପୁଣି ଥରେ ଗୋଲରେ ପରିଣତ କରିଥିଲେ । ଭାରତୀୟ ଟିମ ନିଜର ଏହି ଲିଡକୁ ଆଫ୍ ଟାଇମ ପର୍ଯ୍ୟନ୍ତ ବଜାୟ ରଖିଥିଲା । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଟିମ ଆକଟାଙ୍କି ଖେଳ ପ୍ରଦର୍ଶନ କରିଥିଲା । ପାକିସ୍ତାନର ଡିଫେନ୍ସ କିଛି ସମୟ ଯାଏ ଭାରତୀୟ ଷ୍ଟ୍ରାଇକରଙ୍କୁ ଅଟକାଇ ଥିଲେ । କିନ୍ତୁ ମ୍ୟାଚର ୭୪ତମ ମିନିଟରେ ଅଧିନାୟକ ଛେତ୍ରୀ ପୁଣି ଏକ ଗୋଲ ଦେଇଥିଲେ । ଏହାସହ ଛେତ୍ରୀ ମ୍ୟାଚରେ ନିଜର ହ୍ୟାଟ୍ରିକ ଲଗାଇଥିଲେ । ଏହାପରେ ମ୍ୟାଚର ୮୧ତମ ମିନିଟରେ ଉଦାନ୍ତ ସିଂ ଗୋଲ ଦେଇ ମୁକାବିଲାରେ ଭାରତକୁ ୪-୦ରେ ଆଗୁଆ କରିବା ସହ ବିଜୟ ପକ୍କା କରିଥିଲେ । ମ୍ୟାଚ ଶେଷ ସୁଦ୍ଧା ଭାରତ ଏହି ଗୋଲ ବ୍ୟବଧାନକୁ ବଜାୟ ରଖି ମ୍ୟାଚକୁ ୪-୦ରେ ନିଜ ନାଁରେ କରିଛି

# ବିସିସିଆଇ ସିଲେକ୍ସନ କମିଟିର ଅଧ୍ୟକ୍ଷଙ୍କୁ ବାର୍ଷିକ ୧ କୋଟି ଦରମା ମିଳେ

ମୁମ୍ବାଇ(ଏଜେନ୍ସୀ): ବିସିସିଆଇ ସିଲେକ୍ଟର କମିଟିର ସଦସ୍ୟ ହେବା ସହଜ ନୁହେଁ । ଏଥିପାଇଁ ଅନେକ ନିୟମାବଳୀ ଏବଂ ମାନଦଣ୍ଡ ରହିଛି । କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ବୋର୍ଡ ପକ୍ଷରୁ ଆକର୍ଷଣୀୟ ପାରିଶ୍ରମିକ ଦିଆଯାଏ । ତଥାପି କିଛି ବର୍ଷ ହେଲା ବରିଷ୍ଠ ଖେଳାଳିମାନେ ଏହି ପଦବୀ ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଏହାର ମୁଖ୍ୟ କାରଣ ପାରିଶ୍ରମିକ ବୋଲି କୁହାଯାଉଛି । ତେବେ ଆସନ୍ତୁ ଜାଣିବା କେତେ ଟଙ୍କା ପାଇଥାନ୍ତି ସିଲେକ୍ଟର କମିଟିର ସଦସ୍ୟ ଓ ମୁଖ୍ୟ । ଖବର ଅନୁଯାୟୀ, ଏବେ ବିସିସିଆଇ ସିଲେକ୍ସନ କମିଟିର ଅଧ୍ୟକ୍ଷକଙ୍କୁ ବାର୍ଷିକ ୧ କୋଟି ଦିଆଯାଉଥିବା ବେଳେ ଅନ୍ୟ ସଦସ୍ୟଙ୍କୁ ୯୦ ଲକ୍ଷ ଲେଖାଏଁ ପାରିଶ୍ରମିକ ଦେଉଛି । ଆଗକୁ ବିସିସିଆଇ ଏହି ଅର୍ଥ ରାଶିରେ ବୃଦ୍ଧି କରିପାରେ । ଫଳରେ ପୂର୍ବତନ ଖେଳାଳିମାନେ ଏହି ପଦ ପାଇଁ ଆଗ୍ରହ ପ୍ରକାଶ କରିବେ। ଚେତନ ଶର୍ମା। ଉତ୍ତରାଞ୍ଚଳରୁ କମିଟିରେ ରହିଥିଲେ । କିନ୍ତୁ ଟିଭି ଷ୍ଟିଙ୍ଗ୍ ଅପରେସନ୍‌ରେ ଧରା ପଡ଼ି ବିବାଦୀୟ ହେବା ପରେ ସେ ବିଦା ହୋଇଥିଲେ । ତାଙ୍କ ସ୍ଥାନ ଏବେ ଖାଲି ପଡ଼ିଛି । ଶିବଶୁନ୍ଦର ଦାସଙ୍କ ଅସ୍ଥାୟୀ ଭାବେ ସିଲେକ୍ସନ କମିଟିର ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଛି । ଅନ୍ୟପଟେ ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ଏହି ପଦ ପାଇଁ ରେସ୍‌ରେ ଅଛନ୍ତି । ଯଦି ବିସିସିଆଇ ପାରିଶ୍ରମିକ ବୃଦ୍ଧି କରେ, ତେବେ ସେ ଏ ଦିଗରେ ଆଗ୍ରହ ପ୍ରକାଶ କରିବେ ବୋଲି ସୂଚନା ମିଳିଛି । ଯଦି ସେହୱାଗ୍ ରାଜି ନହୁଅନ୍ତି, ତେବେ ତାଙ୍କ ସ୍ଥାନରେ ଅଜୟ ରାତ୍ରାଙ୍କୁ ସୁଯୋଗ ମିଳିପାରେ। ବିକେକ ରାଜଦାନ ଏହି ପଦ ପାଇଁ ବି ଆଗ୍ରହୀ ଥିବା ଜଣାପଡିଛି । ଏକ ସାକ୍ଷାତକାର ସେ କଥା କହିଛନ୍ତି ।'

# ଧୋନିଙ୍କୁ ବହୁତ ସମ୍ମାନ ଦିଅନ୍ତି ଜାଡେଜା:ଚେନ୍ନାଇ ସୁପରକିଙ୍ଗସ୍ ସିଇଓ



ଚେନ୍ନାଇ(ଏଜେନ୍ସୀ): ମହେନ୍ଦ୍ର ସିଂହ ଧୋନିଙ୍କୁ ବହୁତ ମାନନ୍ତି ରବିନ୍ଦ୍ର ଜାଡେଜା । ଧୋନିଙ୍କ ସହିତ ତାଙ୍କର କୌଣସି ମତପାର୍ଥକ୍ୟ ନଥିଲା କି ନାହିଁ । ବରଂ ଆଇପିଏଲ୍ ୨୦୨୩ ଫାଇନାଲରେ ବିଜୟ ପରେ ଧୋନିଙ୍କୁ ଉତ୍ସର୍ଗୀ କରିଥିଲେ ଜାଡେଜା । ଏହା ଦର୍ଶାଉଥିଲେ ଯେ, ସେ ଧୋନିଙ୍କୁ କେତେ ସମ୍ମାନ ଦିଅନ୍ତି ଜାଡେଜା । ଆଇପିଏଲ୍ ୨୦୨୩ରେ ଧୋନି ଏବଂ ଜାଡେଜାଙ୍କ ମଧ୍ୟରେ କୌଣସି ବିବାଦ ଚାଲିଥିବା ନେଇ ଚର୍ଚ୍ଚା ହୋଇଥିଲା । କିନ୍ତୁ ଏହି କଥାରେ କେତେ ସତ୍ୟତା ରହିଥିଲା , ତାହା ଏବେ ଯାଏଁ ସ୍ପଷ୍ଟ ହୋଇନାହିଁ । ଏପିରିକି ଉଭୟ ଖେଳାଳି ମଧ୍ୟ ଏହି ପ୍ରସଙ୍ଗ ନେଇ କୌଣସି ମୁହଁ ଖୋଲିନଥିଲେ । ଶେଷରେ ଆଇପିଏଲ୍ ୨୦୨୩ ଫାଇନାଲ ଜିତିଲା ଚେନ୍ନାଇ ସୁପର କିଙ୍ଗସ୍ । ଆଉ ଫାଇନାଲ ମ୍ୟାଚ୍‌ର ବିଜୟ ସଟ୍ ପରେ ଜାଡେଜାଙ୍କୁ ଧୋନି ନିଜ କାନ୍ଧରେ ଟେକିଥିଲେ । ଉଭୟ ବେଶ୍‌ଖୁସି ଥିବାର ନଜର ମଧ୍ୟ ଆସିଥିଲେ । ଆଉ ଏବେ ଏହି କଥାରେ ମୋହର ମାରିଛନ୍ତି ଚେନ୍ନାଇ ସୁପର କିଙ୍ଗସର ସିଇଓ । ସେ କହିଛନ୍ତି ଯେ, ଧୋନି ଓ ଜାଡେଜାଙ୍କ ମଧ୍ୟରେ କୌଣସି ବିବାଦ ନାହିଁ । ଧୋନିଙ୍କୁ ବହୁତ ମାନନ୍ତି ଜାଡେଜା । ଏମିତିକି ସିଜିନ୍ ମଝିରେ ଚାଲିଥିବା ଚର୍ଚ୍ଚା ପୁରା ମିଛ । ସେମାନଙ୍କ ମଧ୍ୟରେ କୌଣସି ବିବାଦ ହୋଇନଥିଲା । ମୁଁ ବି କୌଣସି ଖେଳାଳିଙ୍କ ପଡିଆ ମଝିଆରେ ବୁଝାଉଥିବା ନେଇ ଚର୍ଚ୍ଚା ହେଉଥିଲା , ତାହା ମିଛ । ଖେଳ ଶେଷ ପରେ ମୁଁ ସେମାନଙ୍କ ସହ ମ୍ୟାଚ୍ ବିଷୟରେ ଆଲୋଚନା କରୁଥିଲି । ଏହାକୁ ଭୁଲ୍ ଭାବେ ଦର୍ଶାଯାଇଛି । ସେହିପରି ଆପଣମାନେ ଦେଖିଥିବେ ଯେ, ଫାଇନାଲ୍ ବିଜୟର ଶ୍ରେୟ ଧୋନିଙ୍କୁ ଦେଇଥିଲେ ଜାଡେଜା । ଆଉ କହିଥିଲେ କି, ମାହି ଭାଇ ପାଇଁ କିଛି ବି କରିପାରୁ । ମାହି ଭାଇଙ୍କ ନାଁରେ ଏହି ବିଜୟ । ସେ ଆମ ପାଇଁ ଆଦର୍ଶ।

# ଦିନିକିଆ ବିଶ୍ୱକପ: ସଞ୍ଜୁଙ୍କୁ ଟିମ୍ ଇଣ୍ଡିଆରେ ମିଳିପାରେ ସ୍ଥାନ




ନୂଆଦିଲ୍ଲୀ(ଏଜେନ୍ସୀ): ଅନ୍ତର୍ଜାତୀୟ ଦିନିକିଆ (ଓଡିଆଇ) ବିଶ୍ୱକପ ୨୦୨୩ ଭାରତର ଆୟୋଜନରେ ଖେଳାଯିବ । ହେଲେ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଏ ପର୍ଯ୍ୟନ୍ତ ପ୍ରକାଶ କରାଯାଇନାହିଁ, କିନ୍ତୁ ଏହା ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ଖେଳାଯିବ ବୋଲି ଅନୁମାନ କରାଯାଉଛି । ବିଶ୍ୱକପକୁ ଧ୍ୟାନରେ ରଖି ସମସ୍ତ ଦଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହି ସମୟରେ ଭାରତୀୟ ଦଳ ବିଷୟରେ ଏକ ବଡ ଖବର ସାମ୍ନାକୁ ଆସିଛି ଯେଉଁଥିରେ କୁହାଯାଇଛି ଯେ ଉଇକେଟ କିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଏହି ଟୁର୍ନାମେଣ୍ଟରେ ଭାରତୀୟ ଦଳରେ ସ୍ଥାନ ମିଳିପାରେ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସଞ୍ଜୁ ସାମସନ ବିଶ୍ୱକପ ପାଇଁ ୨୦ ଜଣିଆ ଭାରତୀୟ ଦଳର ଏକ ଅଂଶ ହୋଇପାରନ୍ତି, ଅର୍ଥାତ୍ ବିଶ୍ୱକପରେ ଟିମ୍ ଇଣ୍ଡିଆରେ ତାଙ୍କୁ ସୁଯୋଗ ମିଳିବା ପ୍ରାୟ ନିଶ୍ଚିତ । ସାମସନ ଭାରତ ପାଇଁ ୩ ଜାନୁଆରୀ ୨୦୨୩ରେ ଶ୍ରୀଲଙ୍କା ବିପକ୍ଷରେ ଟି -୨୦ ଇଣ୍ଟରନ୍ୟାଶନାଲ ଭାବରେ ଖେଳିଥିଲେ । ସଞ୍ଜୁ ୨୦୧୫ରେ ଅନ୍ତର୍ଜାତୀୟ ସ୍ତରରେ ଡେବ୍ୟୁ କରିଥିଲେ, କିନ୍ତୁ ସେ ଏ ପର୍ଯ୍ୟନ୍ତ କେବଳ ୧୧ଟି ଓଡିଆଇ ଏବଂ ୧୭ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି । ଯଦି ସଞ୍ଜୁ ସାମସନ ୨୦ ସଦସ୍ୟ ବିଶିଷ୍ଟ ଭାରତୀୟ ଦଳରେ ଅନ୍ତର୍ଭୁକ୍ତ ହୁଅନ୍ତି, ତେବେ ସେ ଏଗାର ଜଣିଆ ଖେଳାଳିଙ୍କ ମଧ୍ୟରେ ମଧ୍ୟ ସୁଯୋଗ ପାଇପାରନ୍ତି । ବର୍ତ୍ତମାନ ଦୁର୍ଘଟଣା ପରେ ଭାରତୀୟ ଦଳର ମୁଖ୍ୟ ଉଇକେଟ କିପର ରିଷଭ ପନ୍ତ ବିଶ୍ରାମ ନେଉଛନ୍ତି । ଏଭଳି ପରିସ୍ଥିତିରେ ତାଙ୍କ ବିଶ୍ୱକପରେ ଖେଳିବା ବିଷୟରେ କୌଣସି ସରକାରୀ ସୂଚନା ନାହିଁ । ଏଥି ସହିତ ଆଇପିଏଲ ୨୦୨୩ରେ ଆହତ ହୋଇଥିବା ଉଇକେଟ କିପର ବ୍ୟାଟ୍ସମ୍ୟାନ କେ.ଏଲ ରାହୁଲ ମଧ୍ୟ ସର୍ଜରୀ ପରେ ସୁସ୍ଥ ହେଉଛନ୍ତି ।'

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୮ ଜୁନ୍ -୨୪ ଜୁନ୍ ୨୦୨୩




ଆଇପିଏଲ୍‌ର ମୁକୁଟ

ତାହା ବାସ୍ତବରେ ଏକ ଯାଦୁକରୀ ମୂହୁର୍ତ୍ତ ଥିଲା । ରାତି ଦୁଇଟା ବାଜିବାକୁ କିଛି ସମୟ ବାକୀ ଥିଲା, କିନ୍ତୁ କୋଟି କୋଟି ଆଖି ଅହମ୍ମଦାବାଦର ନରେନ୍ଦ୍ରୀ ମୋଦୀ ଷ୍ଟାଡିୟମଠାରୁ ନେଇ ଦେଶ-ଦୁନିଆର ଲକ୍ଷ ଲକ୍ଷ ଘରେ ଆଖିପତା ପକାଇବାକୁ ଲୋକେ ଭୂଲିଗଲେ । ଗୁଜୁରାଟ ଟାଇଟାନ୍ସର ମୋହିତ ଶର୍ମାଙ୍କ ହାତରେ ବଲ୍ ଥିଲା ଓ ଚେନ୍ନାଇ ସୁପର କିଙ୍ଗସର ରବୀନ୍ଦ୍ର ଜଡେଜାଙ୍କୁ ଶେଷ ଦୁଇ ବଲରେ ୧୦ ରନ କରିବାର ଥିଲା । ଜଡେଜା ଛକା ଓ ଚୌକା ମାରି ପଞ୍ଚମଥର ଲାଗି ଚେନ୍ନାଇ ସୁପର କିଙ୍ଗସକୁ ବିଜେତାର ମୁକୁଟ ପିନ୍ଧାଇପାରିଲେ ଓ ତାହା ସହିତ କ୍ରିକେଟର ସବୁଠାରୁ ରୋମାଞ୍ଚକ ଲିଗର ୧୬ତମ ପର୍ଯ୍ୟାୟ ସମାପ୍ତିରେ ପହଞ୍ଚାଇଦେଲେ । ଏହି ପ୍ରତିଦ୍ୱନ୍ଦ୍ୱିତାରେ କିପରି ଭାରତରେ କ୍ରୀଡା ଭବନାକୁ ଜୀବନ୍ତ କରାଯାଇପାରିଛି, ତାହାର ଏକ ଉଦାହରଣ ଦେଖିବାକୁ ମିଳିଛି । ଚେନ୍ନାଇର ସାଇ ସୁଦର୍ଶନ ୪୭ ବଲ୍‌ରେ ୯୬ ରନ କରି ଚମତ୍କାର ଖେଳ ଖେଳି ଗୁଜୁରାଟ ସ୍ଥିତିକୁ ସୁଦୃଢ଼ କରିଥିଲେ ଏବଂ ଅନ୍ୟପକ୍ଷରେ ଗୁଜୁରାଟର ରବିନ୍ଦ୍ର ଜାଡେଜା ଚେନ୍ନାଇ ବିଜୟର ଗୌରବ ଗାଥା ଲେଖିବାକୁ ସମର୍ଥ ହେଲେ । ପରାଜିତ କ୍ୟାପଟେନ ପାଣ୍ଡ୍ୟା ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରତି ଶ୍ରଦ୍ଧାଶୀଳ ଥିଲେ, ବିଜେତା କ୍ୟାପଟେନ ମହେନ୍ଦ୍ର ସିଂହ ଧୋନୀ ଖେଳାଳୀଙ୍କୁ ନିଜ ସଂକେତ ଦ୍ୱାରା ଦର୍ଶାଉଥିଲେ

**ଜାତୀୟ:** ସୁପ୍ରିୟା, ପ୍ରଫୁଲ୍ଲ ଏନ୍‌ସିପି କାର୍ଯ୍ୟକାରୀ ସଭାପତି ଅଜିତ ପାୱାର ବଞ୍ଚିତ କାହିଁକି ?

**ସ୍ୱତନ୍ତ୍ର ପ୍ରସଙ୍ଗ:** ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପିର ନୂଆ ରଣନୀତି

**ନାରୀ:** ମହିଳାଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରେ ଗହଣା

**କ୍ଷୁଦ୍ରଗଳ୍ପ:** ଫ୍ଲାଟ୍ ଘରର ଦୁଃଖ

**ଚଳଚ୍ଚିତ୍ର:** ବାଂଲାଦେଶରେ ରିଲିଜ୍ ହେବ ସଲମାନଙ୍କ ଫିଲ୍ମ ,ନିର୍ଦ୍ଦେଶକ ନିତିନ ଗୋପୀଙ୍କର ଦେହାନ୍ତ,ଆଲିଆଙ୍କ ଅଜା ନରେନ୍ଦ୍ରନାଥ ରାଜଦାନଙ୍କ ଦେହାନ୍ତ,ପୁଣି ଥରେ ଲାଇମଲାଇଟକୁ ଆସିଲେ ସାମନ୍ଥା,ଖୋଲାଖୋଲି ଭାବେ ନିଜର ପ୍ରେମ ବ୍ୟକ୍ତ କଲେ ସୋନାକ୍ଷୀ,ସିକ୍ରେଟ୍ ନିର୍ବନ୍ଧକୁ ନେଇ ଚର୍ଚ୍ଚାରେ ଇଲିଆନା ଡି'କ୍ରୁଜ ,ପଶ୍ଚିମବଙ୍ଗ ଫିଲ୍ମ ନିର୍ମାତା ପିୟୁଷ ଶାହ ଗିରଫ,ବାପା ହେଲେ ରାଣା ଡଗୁବତୀ !,କଳାକାର ଅମୀର ରଜା ହୁସେନ୍‌ଙ୍କ ଦେହାନ୍ତ

**ଖେଳ:** ୯ବର୍ଷର ପୁଅକୁ ଅଷ୍ଟ୍ରେଲିଆରୁ ଫେରାଇ ଆଣିବେ ଧାୱନ,ଚର୍ଚ୍ଚାରେ ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ଖେଳାଳୀ ଶୁବମନ ଗିଲ,ବାହାନଗାରେ ମୃତ ଯାତ୍ରୀଙ୍କ ପିଲାଙ୍କୁ ମାଗଣାରେ ଶିକ୍ଷା ଦେବେ ବିରେନ୍ଦ୍ର ସେହୱାଗ୍,କ୍ଲବ୍ ଇଣ୍ଟର ମିଆମିରେ ସାମିଲ ହେବେ ଲିଓନେଲ୍ ମେସି,'ମ୍ୟାନ୍ ଭର୍ସେସ୍‌ୱାଇଲ୍ଡ' ଶୋ'ରେ ଆସିବେ ବିରାଟ କୋହଲି,ଆଇପିଏଲ୍ ଫାଇନାଲରେ କାନ୍ଦି ପକାଇଥିଲେ ଧୋନି,ବିବାହ କଲେ ସିଏସ୍‌କେର ଷ୍ଟାର ଓପନର୍ ରୁତୁରାଜ ଗାଏକୱାଡ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ରସାତଳଗାମୀ କମ୍ୟୁନିଷ୍ଟ ଦଳ: ଆଉ ବିଚାର ?."

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ଟି-୨୦ ସିରିଜ୍‌ରେ ଋତୁରାଜ ଗାଇକୱାଡଙ୍କୁ ମିଳିବ ଓପନିଂ ସୁଯୋଗ

ନୂଆଦିଲ୍ଲୀ(ଏଜେନ୍ସୀ): ଭାରତୀୟ ଦଳ ଆସନ୍ତା ମାସ ଜୁଲାଇରେ ୱେଷ୍ଟଇଣ୍ଡିଜ ଗସ୍ତ କରିବ, ଯେଉଁଠାରେ ଦଳ ଟେଷ୍ଟ, ଦିନିକିଆ ଏବଂ ଟି -୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ଏହି ଯାତ୍ରା ପୂର୍ବରୁ ଭାରତୀୟ ଟେଷ୍ଟ ଏବଂ ଟି -୨୦ ଦଳରେ ଅନେକ ବଡ ପରିବର୍ତ୍ତନ ବିଷୟରେ ଆଲୋଚନା ହେଉଛି। ଟେଷ୍ଟ ସହିତ ଟି-୨୦ ସିରିଜରେ ଯୁବ ଖେଳାଳିଙ୍କୁ ମଧ୍ୟ ନେଇ ଆଲୋଚନା କରାଯାଉଛି। ଏହି ସମୟରେ ଟି -୨୦ ସିରିଜରେ ଏକ ବଡ ପରିବର୍ତ୍ତନ ହୋଇପାରେ। ବାସ୍ତବରେ ଟି -୨୦ ଦଳରେ ଶୁବମାନ ଗିଲଙ୍କ ସ୍ଥାନରେ ଋତୁରାଜ ଗାଇକୱାଡଙ୍କୁ ଏକ ସୁଯୋଗ ମିଳିପାରେ ବୋଲି ଆଲୋଚନା ହେଉଛି। ଚେନ୍ନାଇ ସୁପର କିଙ୍ଗ୍ସ ଷ୍ଟାର ଓପନର ଋତୁରାଜ ଗାଇକୱାଡ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତ ପାଇଁ ୯ଟି ଟି -୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଯେଉଁଥିରେ ସେ ୧୩୫ ରନ ସଂଗ୍ରହ କରିଛନ୍ତି। ଆଇପିଏଲ ୨୦୨୩ରେ ଗାଇକୱାଡ ଚେନ୍ନାଇ ପାଇଁ ଖେଳିବା ସମୟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ହାରାହାରି ୪୨.୧୪ର ୧୬ଟି ମ୍ୟାଚର ୧୫ଇନିଂସରେ ୫୯୦ ରନ ଏବଂ ଷ୍ଟ୍ରାଇକ ହାର ୧୪୭.୫୦ ସ୍କୋର କରିଥିଲେ। ଏଭଳି ପରିସ୍ଥିତିରେ ତାଙ୍କୁ ଭାରତୀୟ ଦଳରେ ଆଉ ଏକ ସୁଯୋଗ ଦିଆଯାଇପାରେ। ସେ ତାଙ୍କର ଶେଷ ଟି -୨୦ ଅନ୍ତର୍ଜାତୀୟ ମ୍ୟାଚ ପ୍ରାୟ ଏକ ବର୍ଷ ପୂର୍ବେ ୨୬ଜୁନ ୨୦୨୨ର ଆୟର୍ଲାଣ୍ଡ ବିପକ୍ଷରେ ଖେଳିଥିଲେ।'

# ମ୍ୟାଚ୍ ରେଫରିଙ୍କୁ ଗାଳି କରିବା ମହଙ୍ଗା ପଡ଼ିଲା

ଜେନେଭା(ଏଜେନ୍ସୀ): ୟୁଏଫା ପକ୍ଷରୁ ଫୁଟବଲ ମ୍ୟାନେଜର ଜୋସ ମୋରିନୋଙ୍କୁ ୪ଟି ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ଇଟାଲୀ କ୍ଲବ ରୋମାର ମ୍ୟାନେଜର ରହିଥିବା ମୋରିନୋ ମ୍ୟାଚ୍ ରେଫରି ଆନନ୍ଥାନୀ ଟେଲରଙ୍କୁ ଗାଳି କରିଥିଲେ। ରୋମା ଏହାର ଅନ୍ତିମ ମ୍ୟାଚ୍ ସେଭିଲା ବିପକ୍ଷରେ ଖେଳିଥିଲା। ଆସନ୍ତା ବର୍ଷର ଚାମ୍ପିୟନ୍ସ ଲିଗ୍‌କୁ ଯୋଗ୍ୟତା ଅର୍ଜନ ପାଇଁ ଦଳ ନିକଟରେ ଅନ୍ତିମ ସୁଯୋଗ ରହିଥିଲା। ତେବେ ମ୍ୟାଚ୍ ୧-୧ରେ ଡ୍ର ରହିବା ପରେ ରୋମା ପେନାଲ୍ଟି ଶୁଟଆଉଟରେ ପରାଜିତ ହୋଇଥିଲା। ଏହାପରେ ଏକ ଗ୍ୟାରେଜ୍‌ରେ ଟେଲରଙ୍କୁ ଭେଟିଥିଲେ ମୋରିନୋ। ଗାଳିଗୁଲଜ କରିବା ସହିତ ତାଙ୍କୁ ଫୁଟବଲର କଳଙ୍କ ବୋଲି କହିଥିଲେ। ଏହି ମାମଲାର ବିଚାର କରି ୟୁଏଫା ପକ୍ଷରୁ ତାଙ୍କୁ ୪ ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଛି। ଆସନ୍ତା ସେପଟ୍ମେର ମାସରୁ ଏହି ବାସନ୍ଦାଦେଶ ଲାଗୁ କରାଯିବ। ଏଥିପାଇଁ ରୋମା କ୍ଲବ ଉପରେ ୫୦ ହଜାର ୟୁରୋର ଫାଇନ୍ ଲାଗୁ କରାଯାଇଛି।'

# ୱିମ୍ବଲଡନ୍ ଟେନିସ ପ୍ରତିଯୋଗିତା: ଭେନସ୍, ସ୍ୱିତୋଲିନାଙ୍କୁ ୱାଇଲ୍ଡ କାର୍ଡ

ଲଣ୍ଡନ(ଏଜେନ୍ସୀ): ସାତ ଥରର ଗ୍ରାଣ୍ଡ ସ୍ଲାମ ବିଜୟିନୀ ଭେନସ୍ ୱିଲିୟମ୍ସ ଏବଂ ପୂର୍ବତନ ୩ ନମ୍ବର ଏଲିନା ସ୍ୱିତୋଲିନାଙ୍କୁ ଆସନ୍ତା ମାସ ୩ରୁ ଆରମ୍ଭ ହେବାକୁ ଥିବା ୱିମ୍ବଲଡନ୍ ଟେନିସ ପ୍ରତିଯୋଗିତାରେ ୱାଇଲ୍ଡ କାର୍ଡ ମିଳିଛି। ୫ ମାସ ଆହତ ଯୋଗୁଁ ଟେନିସଠୁ ଦୂରେଇ ରହିଥିବା ୪୩ ବର୍ଷୀୟା ୱିଲିୟମ୍ସ ଚଳିତ ମାସରେ କୋର୍ଟକୁ ଫେରିଛନ୍ତି। ସଂପ୍ରତି ୱିଲିୟମ୍ସଙ୍କ ମାନ୍ୟତା ୬୯୭ ରହିଛି। ୟୁକ୍ରେନର ସ୍ୱିତୋଲିନା ଫ୍ରେଞ୍ଚ ଓପନ୍ କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଥିଲେ। ଏମାନଙ୍କ ସହ ବ୍ରିଟିସ୍‌ର ଏକ ନମ୍ବର କାଟି ବୋଲ୍‌ଟରଙ୍କୁ ମଧ୍ୟ ୱାଇଲ୍ଡ କାର୍ଡ ଦିଆଯାଇଛି ।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583